# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମେ ୩/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, May 3/2024 | Page 18 | ₹ 7.00

୫୦ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 158 | ମୂଲ୍ୟ ₹୭/-









ଦଳିତ ପରିବାରରେ ଭୋଜନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ।

# ଦଳିତ ପରିବାରରେ କେନ୍ଦ୍ରମନ୍ତ୍ରୀଙ୍କ ଭୋଜନ

**ଭବାନୀପାଟଣା, ୨।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଉଦେଶୃଙ୍ଗଠାରେ ବୁଧବାର ଭାଜପାର ମିଶ୍ରଣ ପର୍ବରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ସିଂହ ଯାଦବ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସାରି ସେ ନିକଟସ୍ଥ ଡଙ୍ଗରିଗୁଡା ଗ୍ରାମର ଦଳିତ ଗରିବ ପରିବାରର ଗଗନ ମଙ୍ଗରାଜଙ୍କ ଘରକୁ ଯାଇ ମଧ୍ୟାହ୍ନଭୋଜନ କରିଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଯାଦବଙ୍କ ସହ ରାଜ ପରିବାରର ସଦସ୍ୟ ତଥା ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ, ସ୍ୱାମୀ ତଥା ପୂର୍ବତନ ସାଂସଦ ଅର୍କ କେଶରୀ ଦେଓଙ୍କ ସମେତ ବିଧାୟକ ପ୍ରାର୍ଥୀ ମନୋଜ ମେହେର ପ୍ରମୁଖ ଭୋଜନ କରିଥିଲେ। ଜଣେ ଦଳିତ ପରିବାରରେ କେନ୍ଦ୍ର ମନ୍ତ୍ରୀ ଯାଦବଙ୍କ ଭୋଜନ ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

# କଣ୍ଟାବାଞ୍ଜିରୁ ନାମାଙ୍କନ କଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ଟିଟିଲାଗଡ଼, ୨।୫ (ଶରତ ମିଶ୍ର)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ପରେ ଗୁରୁବାର କଣ୍ଟାବାଞ୍ଜି ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବଲାଙ୍ଗୀର ଏଡିଏମ୍ ତଥା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ପବିତ୍ର ବେହେରାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲବେଳେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମନ୍ତ୍ରୀ ଟୁକୁନୀ ସାହୁ, ଅନଙ୍ଗ ଉଦୟ ସିଂଦେଓ, କଳିକେଶ ସିଂଦେଓ, ସୁରେନ୍ଦ୍ର ସିଂଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଏହି ଆସନରୁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ତୁଷୁରା ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇ ହେଲିକପ୍ଟର ଯୋଗେ ଟିଟିଲାଗଡ଼ ସେକେଣ୍ଡାରି ଟ୍ରେନିଂ ସ୍କୁଲ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପୂର୍ବାହ୍ନ ୧୧ଟା ପହଞ୍ଚିଥିଲେ। ସେଠାରୁ ସେ କାର୍ ଯୋଗେ ଏକ ବିରାଟ ରାଲିରେ ଯାଇ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ୩ କି.ମି. ରାଲିରେ ୩୦ ହଜାର ଦଳୀୟ କର୍ମୀ, ସମର୍ଥକ ଓ ନେତା ସାମିଲ ଥିଲେ। ପ୍ରବଳ ଖରାରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସାଧାରଣ ଛିଡ଼ାହୋଇ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପୋଲିସ ପକ୍ଷରୁ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଆସନ ପାଇଁ କଂଗ୍ରେସରୁ ସନ୍ତୋଷ ସିଂ ସାଲୁଜା ଓ ଭାଜପାରୁ ଲକ୍ଷ୍ମଣ ବାଗ ନିର୍ବାଚନ ଲଢୁଛନ୍ତି। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର କଣ୍ଟାବାଞ୍ଜି ଆସନରୁ ଲଢ଼ିବାକୁ ଯାଉଥିବାରୁ ରାଜନୀତି ସରଗରମ ହୋଇଛି।

# କେଜେଏସ୍ ପ୍ଲାଣ୍ଟରେ ବିସ୍ଫୋରଣ

## ୧୦ ଆହତ

**ବଡ଼ବିଲ/ଯୋଡ଼ା, ୨।୫ (ଦେବପ୍ରିୟ ରଣା/ମାନସ ରଞ୍ଜନ ମହାନ୍ତି)**

କେନ୍ଦୁଝର ରୁଗୁଡ଼ି ଥାନା ବରପଦାସ୍ଥିତ କେଜେଏସ(କମଲ ଜିତ୍ ସିଂ ଆହଲୁୱାଲିଆ) ପ୍ଲାଣ୍ଟ ଇଣ୍ଡକ୍ସନ ଫର୍ନେସରେ ଗୁରୁବାର ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୧୦ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଆହତମାନେ ହେଲେ ସୁନ୍ଦରଗଡ଼ ଜିଲା କେ ବଲାଙ୍ଗ ଅଞ୍ଚଳର ଛବି ରାମ ମୁଣ୍ଡା, ଆସାମ ରାଜ୍ୟର ରାଜୁ ଦାସ, ଆସାମ ରାଜ୍ୟର ଦେବେନ ବକଲାରି, ଦୁର୍ବଘାଟ ଦାସ ଓ ବାବୁଲ୍ ଦାସ, ରୁଗୁଡ଼ି ଥାନା ତୋପାଡ଼ିହି ଅଞ୍ଚଳର ଶଙ୍କର ସୋରେନ, ଚମ୍ପୁଆ ହସ୍ତିନାପୁର ଅଞ୍ଚଳର ଚନ୍ଦନ ହେମ୍ବ୍ରମ, ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ସୁରଜ ଭୂୟାଁ, ବିହାର ରାଜ୍ୟର ବିଜୟ ସିଂହ ଏବଂ ଝାଡ଼ଖଣ୍ଡ କୁଚାଇ ଥାନା ଅଞ୍ଚଳର ଡାମକ୍ରି ବୋଦ୍ରା। ସମସ୍ତଙ୍କୁ ଆଶୁ ଚିକିତ୍ସା ପରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ପ୍ଲାଣ୍ଟର ଇଣ୍ଡକ୍ସନ ଫର୍ନେସରେ



କର୍ମଚାରୀମାନେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଫର୍ନେସରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ୧୦ ଜଣ କର୍ମଚାରୀ ପୋଡ଼ିଯାଇ ଗୁରୁତର ହୋଇଥିଲେ। ପ୍ଲାଣ୍ଟ କର୍ତ୍ତୃପକ୍ଷ ଗୁରୁତରଙ୍କୁ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବିସ୍ଫୋରଣ ଘଟଣାର କାରଣ ଜଣାପଡ଼ି ନାହିଁ। ରୁଗୁଡ଼ି ଥାନା ଅଧିକାରୀ ତରଣି ସେନ ବାଗଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ଘଟିଛି, ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କର୍ତ୍ତୃପକ୍ଷ ଗୁରୁତରଙ୍କୁ ସ୍ଥାନାନ୍ତର କରି ସାରିଥିଲେ। ଏ ନେଇ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ।

**ଆଜିର ସମ୍ପାଦକୀୟ**

ବେଦରେ ସମ୍ପତ୍ତି ବିବାଦ

# ସର୍ଭେ ଆଳରେ ଭୋଟର ପଞ୍ଜୀକରଣ ମନା

**ନୂଆଦିଲ୍ଲୀ, ୨।୫ (ପି.ଟି.)**

ସର୍ଭେ ଆଳରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ସେମାନଙ୍କର ପ୍ରସ୍ତାବିତ ଲାଭଦାୟକ ଯୋଜନା ପାଇଁ ଭୋଟରମାନଙ୍କୁ ପଞ୍ଜୀକୃତ କରାଉଥିବା ଜଣାପଡ଼ିବା ପରେ ନିର୍ବାଚନ କମିଶନ (ଇସି) ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ନିର୍ବାଚନ ଆଇନ ଅନୁଯାୟୀ ଏହା ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ। ଏଭଳି ପଞ୍ଜୀକରଣ ବନ୍ଦ କରିବା ପାଇଁ ଇସି ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

☞ପୃଷ୍ଠା-୪











# କୋଭିଶିଲ୍ଡ ପାର୍ଶ୍ୱ ପ୍ରତିକ୍ରିୟା: ସୁପ୍ରିମକୋର୍ଟରେ କ୍ଷତିପୂରଣ ଦାବି

**ନୂଆଦିଲ୍ଲୀ, ୨।୫**



କରୋନା ପ୍ରତିଶେଧକ ଟିକା କୋଭିଶିଲ୍ଡର ବିରଳ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ଅଷ୍ଟ୍ରାଜେନିକା କମ୍ପାନୀ ସ୍ୱୀକାର କରିବା ପରେ ଏହାର ଯାଞ୍ଚ ପାଇଁ ଜଣେ ଆଇନଜୀବୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ସମ୍ଭାବ୍ୟ ବିପଦ ସମ୍ପର୍କରେ ଅନୁଧ୍ୟାନ ଲାଗି ଏକ ମେଡିକାଲ ବିଶେଷଜ୍ଞ କମିଟି ଗଠନ ନିମନ୍ତେ ନିର୍ଦ୍ଦେଶ ଦେବା ଲାଗି ସେ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଟିକା ନେଇ ଯେଉଁମାନେ ଗମ୍ଭୀର ଭାବେ ଭିନ୍ନକ୍ଷମ ହୋଇଛନ୍ତି, କିମ୍ବା ପ୍ରାଣ ହରାଇଛନ୍ତି, ସେମାନଙ୍କୁ କ୍ଷତିପୂରଣ ଯୋଗାଇଦେବା ନିମନ୍ତେ ଆଇନଜୀବୀ ବିଶାଲ ତିୱାରୀ ଆବେଦନ କରିଛନ୍ତି। ଭାରତରେ ୧୭୫ କୋଟି କୋଭିଶିଲ୍ଡ ଟିକା ଦିଆଯାଇଥିଲା। ଏହାର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ପ୍ଲେଟ୍‌ଲେଟ୍ ହ୍ରାସ ପାଇବା ସହ ରକ୍ତ ଜମାଟ ବାନ୍ଧିବା ଭଳି ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇପାରେ ବୋଲି ଅଷ୍ଟ୍ରାଜେନିକା କମ୍ପାନୀ ସ୍ୱୀକାର କରିସାରିଛି। ପୁଣେର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏହି ଟିକା ପ୍ରସ୍ତୁତ କରୁଥିଲା। କରୋନା ମହାମାରୀ ପରେ ହୃଦ୍‌ଘାତ ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ଏବେ ବ୍ରିଟେନ୍ କୋର୍ଟରେ କମ୍ପାନୀ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ମାନିବା ପରେ ଆମକୁ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ଚିନ୍ତା କରିବାକୁ ହେବ ବୋଲି ଆଇନଜୀବୀ କହିଛନ୍ତି। କୋଭିଶିଲ୍ଡ ଟିକା ସୁରକ୍ଷିତ ବୋଲି ଭାରତ ସରକାର ଅନୁରୋଧ ଓ ପ୍ରତିଶ୍ରୁତି ଦେବା ପରେ ଲୋକେ ଏହାକୁ ନେଇଥିଲେ। ତେଣୁ ଯେଉଁମାନେ ଟିକା ନେଇ ବିକଳାଙ୍ଗ ହୋଇଛନ୍ତି ବା ମୃତ୍ୟୁ ମୁଖରେ ପଡ଼ିଛନ୍ତି, ସେମାନଙ୍କ ପରିବାରକୁ କ୍ଷତିପୂରଣ ମିଳିବା ଆବଶ୍ୟକ। ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଭବିଷ୍ୟତରେ ଯେପରି ବିପଦ ଦେଖା ନ ଦିଏ, ସେଥିପାଇଁ ଭାରତ ସରକାର ଏହି ମାମଲାକୁ ପ୍ରାଥମିକତାର ସହ ନେବା ଆବଶ୍ୟକ ବୋଲି ତିୱାରୀ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ପାର୍ସଲ ବୋମା ବିସ୍ଫୋରଣ: ୨ ମୃତ

ଗାନ୍ଧୀନଗର, ୨।୫

ଗୁଜରାଟର ସାବରକାନ୍ଥା ଜିଲା ବଡ଼ାଲୀସ୍ଥିତ ବେଦ ଗ୍ରାମରେ ଏକ ପାର୍ସଲ ବିସ୍ଫୋରଣ ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ନିବାସୀ ଜିତୁ ବନ୍‌ଜାରା ଅନ୍‌ଲାଇନରେ ଏକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଅର୍ଡର କରିଥିଲେ। ଗୁରୁବାର ଜଣେ ଅଜ୍ଞାତବ୍ୟକ୍ତି ଏକ ଅଟୋରେ ଆସି ଜିତୁଙ୍କୁ ଏହି ପାର୍ସଲ ଦେଇଥିଲେ। ପାର୍ସଲକୁ ଜିତୁ ଓ ତାଙ୍କ ଝିଅ ଭୂମିକା ମିଶି ଖୋଲିବା ସମୟରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ଜିତୁ ଓ ଭୂମିକାଙ୍କର ମୃତ୍ୟୁ ଘଟିଥିବା ବଡ଼ାଲୀ ଥାନା ଏସ୍‌ଆଇ ଜିତେନ୍ଦ୍ର ରାବରୀ ସୂଚନା ଦେଇଛନ୍ତି। ଏହି ବିସ୍ଫୋରଣରେ ଜିତୁଙ୍କ ୨ ସମ୍ପର୍କୀୟ ଗୁରୁତର ଭାବେ ଆହତ ହୋଇଥିବାବେଳେ ସେମାନଙ୍କୁ ବଡ଼ାଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ଡିସିଡବ୍ଲ୍ୟୁର ୨୨୩ କର୍ମଚାରୀଙ୍କୁ ବହିଷ୍କାର କଲେ ଉପରାଜ୍ୟପାଳ

ନୂଆଦିଲ୍ଲୀ,୨।୫(ପି.ଟି.)

ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ଅନୁମୋଦନ କ୍ରମେ ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ)ର ୨୨୩ ଜଣ ଠିକା କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। ଉପଯୁକ୍ତ ପ୍ରକ୍ରିୟା ବିନା ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କୁ ବହିଷ୍କାର କରିବା ପାଇଁ ଦିଲ୍ଲୀ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଦେଇଛି। ଏଭଳି ନିର୍ଦ୍ଦେଶନାମାକୁ ଡିସିଡବ୍ଲ୍ୟୁର ପୂର୍ବତନ ଅଧ୍ୟକ୍ଷା ତଥା ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିୱାଲ ନିନ୍ଦା କରିଛନ୍ତି। ଠିକା କର୍ମଚାରୀମାନଙ୍କୁ ବିଦା କରିବା ପାଇଁ ଉପରାଜ୍ୟପାଳ ତୋଗଲଗୀ ନିର୍ଦ୍ଦେଶନାମା ଜାରି କରିଥିବା ସେ କହିଛନ୍ତି। ଯଦି ସବୁ ଠିକା କର୍ମଚାରୀଙ୍କୁ ବହିଷ୍କାର କରାଯାଏ ତେବେ ମହିଳା କମିଶନରେ ତାଲା ପଡ଼ିଯିବ। କର୍ମଚାରୀଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କୁ ମୂଳରୁ ମାରିଦିଆଯାଉଛି। ମୁଁ ବଞ୍ଚିଥିବାଯାଏ ମହିଳା କମିଶନକୁ ବନ୍ଦ ହେବାକୁ ଦେବିନାହିଁ ବୋଲି ସ୍ୱାତୀ କହିଛନ୍ତି।

## ଇସ୍ରାଏଲ ବିରୋଧରେ ଆନ୍ଦୋଳନ ତେଜୁଛି

# ୟୁସିଏଲ୍‌ଏ କ୍ୟାମ୍ପସ୍‌ରେ ପୋଲିସ ବର୍ବରତା



କାଲିଫର୍ନିଆ ପୋଲିସ ୟୁସିଏଲ୍‌ଏ କ୍ୟାମ୍ପସ୍‌ରେ ପଶି ବିକ୍ଷୋଭରତ ଛାତ୍ରଙ୍କୁ ତଡ଼ିବା ପାଇଁ ଷ୍ଟନ୍ ଗେନେଡ୍ ଫାୟାରିଂ କରୁଛି।

### ଶତାଧିକ ବିକ୍ଷୋଭକାରୀ ଗିରଫ

ଲସ୍ ଏଞ୍ଜେଲସ୍,୨।୫

କାଲିଫର୍ନିଆର ଲସ୍ ଏଞ୍ଜେଲସ୍ଥିତ ବିଶ୍ୱବିଦ୍ୟାଳୟ (ୟୁସିଏଲ୍‌ଏ)ପରିସରରେ ପାଲେଷ୍ଟିନୀୟ ସପକ୍ଷବାଦୀ ଆନ୍ଦୋଳନ ଜାରି ରହିଥିବାବେଳେ ବିଳମ୍ବିତ ରାତିରେ ହେଲମେଟ ପିନ୍ଧିଥିବା ପୋଲିସ କ୍ୟାମ୍ପସ୍‌ରେ ପ୍ରବେଶ କରି ଫ୍ଲାସ୍ ବ୍ୟାଙ୍ଗ ଫାୟାର କରିବା ସହ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରିଛନ୍ତି। ଏଥିସହିତ ସେମାନଙ୍କ କ୍ୟାମ୍ପ୍‌କୁ ପୋଲିସ ଭାଙ୍ଗିଦେଇଛି।

ଗାଜା ଉପରେ ଇସ୍ରାଏଲ୍ ଯୁଦ୍ଧକୁ ବିରୋଧ କରି ଆମେରିକାର ବିଭିନ୍ନ କଲେଜ ଓ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ବିକ୍ଷୋଭ ଏବଂ ସୁରକ୍ଷା ବଳ ସହ ସଂଘର୍ଷ ଯୋଗୁ ଉତ୍ତେଜନା ଲାଗିରହିଥିବାବେଳେ ପୋଲିସର ରାତିଅଧିଆ କାର୍ଯ୍ୟାନୁଷ୍ଠାନ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଇଛି। ପୋଲିସ ବିକ୍ଷୋଭକାରୀ ଛାତ୍ରମାନଙ୍କୁ ଘୋଷାଡ଼ି ନେଉଥିବା ଦେଖିବାକୁ ମିଳିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଛାତ୍ରମାନଙ୍କୁ ବିକ୍ଷୋଭ ସ୍ଥଳ ଛାଡ଼ି ଚାଲିଯିବା ପାଇଁ ମାଇକ ଯୋଗେ ବାରମ୍ବାର ଘୋଷଣା କରାଯାଇଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ ବିକ୍ଷୋଭକାରୀ ସ୍ଥାନ ଛାଡ଼ି ନ ଯିବାରୁ ସଶସ୍ତ୍ର ପୋଲିସ କ୍ୟାମ୍ପସ୍‌ରେ ପ୍ରବେଶ କରିଥିଲା। ବିକ୍ଷୋଭକାରୀ ସେମାନଙ୍କ ଅଗ୍ରଗତିକୁ ବାଧା ଦେବା ସହ ବ୍ୟାରିକେଡ୍ ଭାଙ୍ଗିଥିଲେ। ପୋଲିସ ସେମାନଙ୍କ କ୍ୟାମ୍ପ୍‌କୁ ହଟାଇଦେବା ସହ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲା। ପୋଲିସ୍‌ର ଫ୍ଲାସ୍ ବ୍ୟାଙ୍ଗ ବା ଷ୍ଟନ୍ ଗ୍ରେନେଡ୍ ମାଡ଼ ଯୋଗୁ ୟୁସିଏଲ୍‌ଏ କ୍ୟାମ୍ପସ୍‌ରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। କେତେଜଣ ବିକ୍ଷୋଭକାରୀ ଛାତ୍ର ହାତ ଟେକି ପୋଲିସ ସୁରକ୍ଷାରେ ବାହାରିଯାଇଥିଲେ। ସ୍ଥାନୀୟ ଟେଲିଭିଜନର ଆକଳନ ଅନୁଯାୟୀ କ୍ୟାମ୍ପସ୍ ପରିସରରେ ୩୦୦ରୁ ୫୦୦ ବିକ୍ଷୋଭକାରୀ ରହିଥିଲାବେଳେ ସେମାନଙ୍କ ସମର୍ଥନରେ ୨,୦୦୦ରୁ ଊର୍ଦ୍ଧ୍ୱ ଛାତ୍ର ବ୍ୟାରିକେଡ୍ ବାହାରେ ରହିଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୭ରୁ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଏଥିରେ ୩୪,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ସେଠାରେ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ବାହାରେ ଦୟନୀୟ ସ୍ଥିତିରେ ପଡ଼ିରହିଛନ୍ତି। ଇସ୍ରାଏଲ୍‌କୁ ଆମେରିକା ସାମରିକ ସହାୟତା ଯୋଗାଇ ଆସୁଥିବାବେଳେ ତୁରନ୍ତ ରକ୍ତପାତ ବନ୍ଦ ଲାଗି ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଆହ୍ୱାନ ଦେଇଛନ୍ତି।

### ବ୍ରିଜଭୂଷଣଙ୍କୁ ବାଦ୍‌ଦେଇ ପୁଅଙ୍କୁ ଟିକେଟ ଦେଲା ଭାଜପା



କରନ ଭୂଷଣ ସିଂ

ନୂଆଦିଲ୍ଲୀ,୨।୫

ଯୌନ ନିର୍ଯାତନା ଅଭିଯୋଗରେ ସମ୍ପୃକ୍ତ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପାର ବାହୁବଳୀ ନେତା ବ୍ରିଜ୍‌ଭୂଷଣ ଶରଣ ସିଂ ଏଥର ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ। ତାଙ୍କ ପରିବର୍ତ୍ତେ ତାଙ୍କ ପୁଅ କରନ ଭୂଷଣ ସିଂଙ୍କୁ ଭାଜପା ଉତ୍ତରପ୍ରଦେଶର କୈସରଗଞ୍ଜ ଆସନରୁ ପ୍ରାର୍ଥୀ କରିଛି। ଗୁରୁବାର ଭାଜପା ଏହା ଘୋଷଣା କରିବା ପରେ କୈସରଗଞ୍ଜ ଆସନକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସେହିପରି କଂଗ୍ରେସର ଦୁର୍ଗ ଭାବେ ପରିଚିତ ରାଏବରେଲୀ ଆସନରୁ ଭାଜପା ପ୍ରତାପ ସିଂଙ୍କୁ ପ୍ରାର୍ଥୀ କରିଛି। ବ୍ରିଜ୍‌ଭୂଷଣ କୈସରଗଞ୍ଜରୁ ୬ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ତେବେ ମହିଳା କୁସ୍ତି ଯୋଦ୍ଧାଙ୍କ ପ୍ରତି ଯୌନ ନିର୍ଯାତନା ଅଭିଯୋଗ ନେଇ ଦେଶର କେତେଜଣ ଶୀର୍ଷ ରେସଲର ରାସ୍ତାକୁ ଓହ୍ଲାଇବା ପରେ ସେ ବିବାଦ ଘେରରେ ଫସିଥିଲେ। ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଉତ୍ତରପ୍ରଦେଶରେ ମତଦାନ ସମ୍ଭାବନା ଅଧିକ ପ୍ରଭାବିତ ନ ହେଉ, ସେଥିପାଇଁ ଭାଜପା ତାଙ୍କ ପରିବର୍ତ୍ତେ ପୁଅଙ୍କୁ ଟିକେଟ ଦେଇଛି।

# ପ୍ରଜ୍ୱଳଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ

### ଯୌନ ନିର୍ଯାତନା ମାମଲା

**କୋର୍ଟ ନିର୍ଦ୍ଦେଶ ବିନା ପାସ୍‌ପୋର୍ଟ ରଦ୍ଦ କରାଯାଇପାରିବ ନାହିଁ: କେନ୍ଦ୍ର**

ନୂଆଦିଲ୍ଲୀ,୨।୫

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ତଥା ଜେଡିଏସ୍ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଥିବାବେଳେ ଗୁରୁବାର ତାଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ ଜାରି ହୋଇଛି। ଅଭିଯୋଗର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଆଗରେ ରେଭନ୍ନା ହାଜର ନ ହେଲେ ଗିରଫ ହେବେ ବୋଲି କର୍ନାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି। ବହୁ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ପରେ ଜେଡିଏସ୍ ତାଙ୍କୁ ଦଳରୁ ନିଲମ୍ବନ କରିଛି। ତେବେ କୋର୍ଟ ନିର୍ଦ୍ଦେଶ ବିନା ତାଙ୍କ କୂଟନୈତିକ ପାସ୍‌ପୋର୍ଟକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଏଭଳି କୌଣସି କୋର୍ଟ ନିର୍ଦ୍ଦେଶ ଆମ ପାଖରେ ନ ଥିବା ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଦେଶ ଛାଡ଼ି ପଳାଇଥିବା ପ୍ରଜ୍ୱଳଙ୍କୁ ଫେରାଇ ଆଣି ତଦନ୍ତରେ ସାମିଲ କରାଇବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜରିଆରେ ଆବଶ୍ୟକ ପଦକ୍ଷେପ ନେବାକୁ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରାମାୟା ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଥିଲେ। ରେଭନ୍ନା ତାଙ୍କ କୂଟନୈତିକ ପାସ୍‌ପୋର୍ଟ ବଳରେ ଜର୍ମାନୀ ପଳାଇଥିବା ଚର୍ଚ୍ଚା ହେଉଛି। ତେବେ ଜର୍ମାନୀ ଯିବା ପାଇଁ ପ୍ରଜ୍ୱଳଙ୍କ ପକ୍ଷରୁ ରାଜନୈତିକ ମଞ୍ଜୁରୀ ମଗାଯାଇ ନ ଥିଲା କିମ୍ବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଏଥିପାଇଁ ଅନୁମତି ଦେଇ ନ ଥିବା କହିଛି।



ପ୍ରଜ୍ୱଳ ରେଭନ୍ନା

# ଏନ୍‌ବିଡବ୍ଲ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୨।୫

**ଫେରାର କି ପ୍ରମାଣ ନଷ୍ଟ ଆଶଙ୍କା ନ ଥିଲେ ଜାମିନବିହୀନ ଗିରଫ ପରୱାନା ଜାରି କରାଯିବା ଉଚିତ ନୁହେଁ**

ନିୟମିତ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ବିରୋଧରେ ସୁପ୍ରିମକୋର୍ଟ ସତର୍କ କରାଇଛନ୍ତି। ଯଦି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଫେରାର ହୋଇଯିବା କିମ୍ବା ପ୍ରମାଣ ନଷ୍ଟ କରିବା ଆଶଙ୍କା ନ ଥାଏ, ତେବେ ତାଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଇସ୍ୟୁ କରାଯିବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଏକ ରାୟ ପ୍ରଦାନ ଅବସରରେ ଟିପ୍ପଣୀ ଦେଇଛନ୍ତି। ଏନ୍‌ବିଡବ୍ଲ୍ୟୁ ଜାରି ଲାଗି କୌଣସି ବିସ୍ତୃତ ଗାଇଡ୍‌ଲାଇନ ନାହିଁ। ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ଅନେକ ଥର ଏନ୍‌ବିଡବ୍ଲ୍ୟୁ ଜାରିକୁ ନେଇ ସତର୍କ କରାଇଥିବା ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ କହିଛନ୍ତି। ଜାମିନଯୋଗ୍ୟ ଗିରଫ ପରୱାନା ଜାରି ସତ୍ତ୍ୱେ ଅଭିଯୁକ୍ତ କୋର୍ଟରେ ହାଜର ନ ହେବାରୁ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୨୩, ୫୦୪, ୫୦୬, ୧୨୦ବି ରେ ଚାର୍ଜଶିଟ୍ ହୋଇଥିଲା। ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଇସ୍ୟୁକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଗୁରୁବାର ଗୁଜରାଟର ଭାବନଗରରେ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଉମେଶ ମକୱାନାଙ୍କ ସମର୍ଥନରେ ରୋଡ୍‌ଶୋ' କରୁଛନ୍ତି।

# ପୁରୁଷଙ୍କଠାରେ ଅକାଳ ମୃତ୍ୟୁ ଆଶଙ୍କା ଅଧିକ

### ଲାନ୍‌ସେଟ୍ ଅଧ୍ୟୟନ ରିପୋର୍ଟ

ନୂଆଦିଲ୍ଲୀ, ୨।୫

ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଠାରେ ଅକାଳ ମୃତ୍ୟୁର ଆଶଙ୍କା ଅଧିକ ରହିଥାଏ। ସେହିପରି ପୂରା ଜୀବନ କାଳ ମଧ୍ୟରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ମାତ୍ରାରେ ଅସୁସ୍ଥ ରହିଥାନ୍ତି। ଲାନ୍‌ସେଟ୍ ଜନ ସ୍ୱାସ୍ଥ୍ୟ ପତ୍ରିକାରେ ଏସମ୍ପର୍କିତ ଏକ ନୂତନ ଅଧ୍ୟୟନ ପ୍ରକାଶ ପାଇଛି। 'ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ ଷ୍ଟଡି ୨୦୨୧' ର ତଥ୍ୟକୁ ବ୍ୟବହାରକରି ଏହି ଅଧ୍ୟୟନ କରାଯାଇଛି। ବିଗତ ୩୦ ବର୍ଷ ମଧ୍ୟରେ ୨୦ଟି ପ୍ରମୁଖ ରୋଗରେ ସଂଘର୍ଷ କରୁଥିବା ମହିଳା ଓ ପୁରୁଷମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅନୁଶୀଳନ କରାଯାଇ ଏହି ଅଧ୍ୟୟନ ପ୍ରକାଶିତ ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଲିଙ୍ଗଗତ ଆଭିମୁଖ୍ୟର ଆବଶ୍ୟକତାକୁ ଲାନ୍‌ସେଟର ଏହି ଅଧ୍ୟୟନ ସୂଚିତ କରୁଛି। ମାଂଶପୋଶୀ ଜନିତ ସମସ୍ୟା, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ମୁଣ୍ଡ ବିନ୍ଧା ଆଦି ରୋଗ ମହିଳାଙ୍କଠାରେ ବେଶି ଦେଖିବାକୁ ମିଳୁଥିବା ଏହି ଅଧ୍ୟୟନ କହିଛି। ଯଦିଓ ଏହିସବୁ ରୋଗକୁ ଘାତକ ରୋଗ ଭାବେ ବିବେଚନା କରାଯାଏ ନାହିଁ, ତେବେ ଏହା ବୟସ ବଢ଼ିବା ସହ ମହିଳାମାନଙ୍କର ସ୍ୱାସ୍ଥ୍ୟକୁ ଖରାପ କରି ଚାଲିଥାଏ ବୋଲି ଅଧ୍ୟୟନରେ ପ୍ରକାଶ ପାଇଛି। ପୁରୁଷଙ୍କଠାରୁ ବେଶି ସମୟ ବଞ୍ଚୁଥିବାରୁ ମହିଳାଙ୍କୁ ଅଧିକ ସମୟ ଧରି ଏହିସବୁ ରୋଗ ସହ ବଞ୍ଚିବାକୁ ପଡ଼ିଥାଏ। ସେହିପରି କ୍ୟାନ୍‌ସର, ସଡ଼କ ଦୁର୍ଘଟଣା, ହୃଦ୍‌ରୋଗ, କୋଭିଡ୍ -୧୯ ଆଦି ରୋଗ ମହିଳାଙ୍କ ଅପେକ୍ଷା ପୁରୁଷଙ୍କଠାରେ ବେଶି ଦେଖାଦେଇଥାଏ, ଯାହା ପୁରୁଷମାନଙ୍କର ଅକାଳ ମୃତ୍ୟୁର କାରଣ ହୋଇଥାଏ। ଏହିସବୁ ରୋଗ କମ୍ ବୟସରୁ ହିଁ ପୁରୁଷଙ୍କୁ ଆକ୍ରାନ୍ତ କରିଥାଏ। ୨୦୨୧ର ତଥ୍ୟ ଅନୁଯାୟୀ କୋଭିଡ୍ ମହାମାରୀ ମହିଳାଙ୍କ ତୁଳନାରେ ୪୫ ପ୍ରତିଶତ ଅଧିକ ପୁରୁଷଙ୍କୁ ସଂକ୍ରମଣ କରିଛି। ଏହି ଅଧ୍ୟୟନକୁ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲ୍ୟୁସନ (ଆଇଏଚ୍‌ଏମ୍‌ଇ)ର ବରିଷ୍ଠ ଗବେଷକ ଡ. ଲୁସିଆ ସୋରିଓ ଫ୍ଲୋର ପ୍ରତିକ୍ରିୟା ରଖିଛନ୍ତି। ବିଭିନ୍ନ ମାରାତ୍ମକ ରୋଗ ଓ ଏହାର ପରିଣାମ ଉପରେ ଲିଙ୍ଗଗତ ପାର୍ଥକ୍ୟର ଗଭୀର ପ୍ରଭାବ ରହିଥିବା ଜଣାପଡ଼ିଛି। ସାମ୍ପ୍ରତିକ ସ୍ଥିତିରେ ଏହିସବୁ ରୋଗର ପ୍ରଭାବରେ ହେଉଥିବା ଅକାଳ ମୃତ୍ୟୁକୁ ହ୍ରାସ କରିବା ସବୁଠାରୁ ବଡ଼ ଆହ୍ୱାନ ହୋଇଥିବା ସେ କହିଛନ୍ତି।

## ଫୁରସତ

# ସରକାରଙ୍କ ସହ ଲୋକଙ୍କୁ ଯୋଡ଼େ ଗଣମାଧ୍ୟମ

### ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ




ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପ୍ରତିବର୍ଷ ମେ' ୩ରେ ସମଗ୍ର ବିଶ୍ୱରେ ପାଳନ କରାଯାଏ। ଏହି ଦିନଟି ଭାରତ ତଥା ସମଗ୍ର ବିଶ୍ୱରେ ଗଣମାଧ୍ୟମର ଅବଦାନକୁ ମନେ ରଖିବା ପାଇଁ ଉତ୍ସର୍ଗୀକୃତ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମକୁ ବିବେଚନା କରାଯାଏ। ଏହା ସରକାର ଏବଂ ଲୋକଙ୍କୁ ସଂଯୋଗ କରିବା ପାଇଁ ଉଦ୍ଦିଷ୍ଟ। ଏହି ଦିନ ଆମକୁ ସାମ୍ବାଦିକ ସ୍ୱାଧୀନତାର ମହତ୍ତ୍ୱ ବିଷୟରେ କହିଥାଏ ଏବଂ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବାକୁ ପ୍ରେରଣା ଦେଇଥାଏ। ତେବେ ପ୍ରେସ୍ ସ୍ୱାଧୀନତା ଦିବସର ଇତିହାସ ଏବଂ ଏହାର ଗୁରୁତ୍ୱ ବିଷୟରେ ଜାଣନ୍ତୁ...

୧୯୯୧ରେ ଆଫ୍ରିକୀୟ ସାମ୍ବାଦିକମାନେ ପ୍ରଥମଥର ପାଇଁ ସାମ୍ବାଦିକ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ମେ' ୩ରେ ଏହି ସାମ୍ବାଦିକମାନେ ସାମ୍ବାଦିକ ସ୍ୱାଧୀନତାର ନୀତି ସମ୍ବନ୍ଧରେ ଏକ ବିବୃତ୍ତି ଜାରି କରିଥିଲେ, ଯାହା ୱିଣ୍ଡହୋକ୍ ଘୋଷଣାନାମା ଭାବରେ ମଧ୍ୟ ଜଣାଶୁଣା। ଦୁଇ ବର୍ଷ ପରେ ଅର୍ଥାତ୍ ୧୯୯୩ରେ ମିଳିତ ଜାତିସଂଘର ସାଧାରଣ ସଭା ପ୍ରଥମଥର ପାଇଁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସେବେଠାରୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପ୍ରତିବର୍ଷ ମେ' ୩ରେ ପାଳନ କରାଯାଏ।

ପରିବେଶ ସଙ୍କଟ ସାମ୍ନାରେ ଆଜି ସାମ୍ବାଦିକତା। ପରିବର୍ତ୍ତନଶୀଳ ଜଳବାୟୁ ଏବଂ ଜୈବ ବିବିଧତା ସଙ୍କଟ ଦ୍ୱାରା ଆଜି ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି। ଯେଉଁମାନେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ କାହାଣୀ ଅନ୍ୟମାନଙ୍କୁ ଜଣାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକମାନେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ ଆଗକୁ ଆସି ଆମ ପୃଥିବୀ ଏବଂ ଏହାର ଉତ୍ତମ ଭବିଷ୍ୟତ ପାଇଁ ଲଢ଼ନ୍ତି। ତେଣୁ ତାଙ୍କ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ଏହି ଦିନ ପାଳନ କରାଯାଏ।

ସାମ୍ବାଦିକମାନେ ନିଜକୁ ବିପଦରେ ପକାଇ ଜନସାଧାରଣଙ୍କୁ ଜଣାଇବା ପାଇଁ କାର୍ଯ୍ୟ କରନ୍ତି। ସାମ୍ବାଦିକମାନେ ପ୍ରାୟତଃ ଆକ୍ରମଣର ଶିକାର ହୁଅନ୍ତି ଏବଂ ବେଳେବେଳେ ସେମାନଙ୍କ ହତ୍ୟା ଖବର ମଧ୍ୟ ସାମ୍ନାକୁ ଆସିଥାଏ। ଅନେକ ଥର ସେମାନଙ୍କ ସ୍ୱରକୁ ଦମନ କରିବାକୁ ଚେଷ୍ଟା କରାଯାଏ। ତେଣୁ ଏହି ସମସ୍ତ ଅନ୍ୟାୟ ବିରୋଧରେ ଲଢ଼ିବା, ସାମ୍ବାଦିକ ଏବଂ ସେମାନଙ୍କ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ଏହି ଦିବସ ପାଳନ କରାଯାଇଥାଏ।

# ଜୁନିୟର ଏନ୍‌ଟିଆର୍‌ଙ୍କୁ ପ୍ରଶଂସା କଲେ ଅନୁପମ

**ମୁମ୍ବାଇ:** ଚମତ୍କାର ଅଭିନୟ ଏବଂ ଦୃଢ଼ ଚରିତ୍ର ପାଇଁ ବଲିଉଡ୍‌ର ଭେଟେରାନ ଅଭିନେତା ଅନୁପମ ଖେର୍ ପ୍ରଶଂସକଙ୍କଠାରୁ ଅନେକ ପ୍ରଶଂସା ସାଉଁଟି ପାରିଛନ୍ତି। ସେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ ରୁହନ୍ତି। ସେ ମୁମ୍ବାଇରେ ସାଉଥ ସୁପରଷ୍ଟାର ଜୁନିୟର ଏନ୍‌ଟିଆରଙ୍କୁ ଭେଟିଛନ୍ତି। ଏହି ଭେଟ ନେଇ ଅନୁପମ ନିଜ ଏକ୍ସ' ଆକାଉଣ୍ଟରେ ପ୍ରସିଦ୍ଧ ଆର୍‌ଆର୍‌ଆର ଫିଲ୍ମର ଏହି ଅଭିନେତାଙ୍କ ସହ ଫଟୋ ଶେୟାର କରି ତାଙ୍କୁ ପ୍ରଶଂସା କରିଛନ୍ତି। ଫଟୋରେ ଉଭୟ ଅତି ସୁନ୍ଦର ଭାବେ ପୋଜ୍ ଦେଉଥିବା ନଜର ଆସିଛନ୍ତି। ସୋସିଆଲ ମିଡିଆରେ ଏହି ଫଟୋ ଶେୟାର କରିବା ସହ ଅନୁପମ ଦକ୍ଷିଣ ସୁପରଷ୍ଟାର ଜୁନିୟର ଏନ୍‌ଟିଆର୍‌ଙ୍କୁ ପ୍ରଶଂସା କରିଛନ୍ତି। ଜୁନିୟର ଏନ୍‌ଟିଆର୍ ତାଙ୍କ ପ୍ରିୟ ଅଭିନେତା ହୋଇଥିବାବେଳେ ତାଙ୍କୁ ଭେଟି ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଥିବା ନେଇ ଅନୁପମ ନିଜ ପୋଷ୍ଟରେ ଲେଖିଛନ୍ତି।



ସେ ଆଗାମୀ ଦିନରେ ଅଭିନୟରେ ଆହୁରି ସଫଳତା ପାଆନ୍ତୁ ବୋଲି ଅନୁପମ ଆଶାବାଦୀ ଥିବା କହିଛନ୍ତି। ଅନୁପମଙ୍କ ଏହି ପୋଷ୍ଟକୁ ଜୁନିଅର ଏନ୍‌ଟିଆର୍ ରି-ପୋଷ୍ଟ କରିଛନ୍ତି। ଅନୁପମଙ୍କ ଭଳି ବରିଷ୍ଠ ଅଭିନେତାଙ୍କ କାର୍ଯ୍ୟକୁ ସେ ସର୍ବଦା ପ୍ରଶଂସା କରି ଆସୁଥିବା ଜୁନିୟର ଏନ୍‌ଟିଆର୍ ନିଜ ପୋଷ୍ଟରେ ଲେଖିଛନ୍ତି। ଏହା ସହ ଅନୁପମ ଆଗାମୀ ପିଢ଼ିର ଅଭିନେତାମାନଙ୍କ ପାଇଁ ପ୍ରେରଣା ହୋଇଥିବା ସେ ଦର୍ଶାଇଛନ୍ତି। ତେବେ ଉଭୟ ଅଭିନେତା କେଉଁଥିପାଇଁ ଓ କେଉଁ ଇଭେଣ୍ଟରେ ପରସ୍ପର ସହ ଭେଟିଛନ୍ତି ତାହା ପ୍ରକାଶ କରିନାହାଁନ୍ତି।

ଜୁନିୟର ଏନ୍‌ଟିଆର୍ ବର୍ତ୍ତମାନ ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ୱାର ୨' ଚଳଚ୍ଚିତ୍ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଚଳଚ୍ଚିତ୍ରରେ ସେ ହ୍ରିତିକ ରୋଷନଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଗତ ମାସରୁ ସେ ଏହି ଆକ୍ସନ୍ ଥ୍ରୀଲର ଫିଲ୍ମର କିଛି ଦୃଶ୍ୟ ସୁଟିଂ କରିବାକୁ ମୁମ୍ବାଇ ଆସିଛନ୍ତି। ଅନ୍ୟପକ୍ଷରେ ଅନୁପମ ଖେର ଆଗାମୀ ଦିନରେ ଆକାଶ ରୟଙ୍କ ନିର୍ଦ୍ଦେଶିତ 'ବିଜୟ ୬୯' ଚଳଚ୍ଚିତ୍ରରେ ନଜର ଆସିବେ। ସେହିପରି ଅଭିନେତ୍ରୀ କଙ୍ଗନା ରଣାୱତଙ୍କ ନିର୍ଦ୍ଦେଶିତ 'ଏମର୍ଜେନ୍ସି' ଚଳଚ୍ଚିତ୍ରରେ ମଧ୍ୟ ଅନୁପମ ନଜର ଆସିବେ। ଏହି ଚଳଚ୍ଚିତ୍ର ଆସନ୍ତା ମାସ ୧୪ରେ ରିଲିଜ୍ ହେବ।



କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗୁରୁବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାବେଳେ ଉପସ୍ଥିତ ଅଛନ୍ତି ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାର ସଦସ୍ୟାସଦସ୍ୟ।

# ବଦଳିଲେ ମିଶନଶକ୍ତି ସଚିବ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)



ସୁଜାତା କାର୍ତ୍ତିକେୟନ୍

ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ତଥା ମିଶନଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କୁ ଗୁରୁବାର ବଦଳି କରାଯାଇଛି। ଭାଜପା ଅଭିଯୋଗକ୍ରମେ ଭାରତର ନିର୍ବାଚନ କମିଶନ (ଇସିଆଇ) ଏହି ବଦଳି ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କୁ କେଉଁଠିକୁ ବଦଳି କରାଯାଇଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଭାଜପା ନେତ୍ରୀ ନିର୍ମଳା ସୀତାରାମନଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ରାଜୀବ ଚନ୍ଦ୍ରଶେଖର, ସୁଧାଂଶୁ ତ୍ରିବେଦୀ ଏବଂ ଓମ୍ ପାଠକ ନୂଆଦିଲ୍ଲୀରେ ନିର୍ବାଚନ କମିଶନଙ୍କୁ ଭେଟି ସୁଜାତା କିଭଳି ଖୋଲାଖୋଲି ସରକାରୀ କଳ ଓ କ୍ଷମତାର ଦୁରୁପଯୋଗ କରିବା ସହ ବିଜେଡି ସପକ୍ଷରେ ଭୋଟ୍ କରାଇବା ନିମନ୍ତେ ଅପଚେଷ୍ଟା କରୁଛନ୍ତି, ସେନେଇ ଗୁରୁବାର ଇସିଆଇଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏପରିକି କ୍ଷମତାର ଦୁରୁପଯୋଗ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଧମକଚମକ ଦେଇ ବିଜେଡି ସପକ୍ଷରେ ଭୋଟ କରାଇବା ନିମନ୍ତେ ସୁଜାତା ପ୍ରୟାସ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଥିଲା। ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ ନିର୍ବାଚନ ସରିବା ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟରୁ ନିବୃତ୍ତ ରଖିବାକୁ ଭାଜପାର ସେଣ୍ଟ୍ରାଲ ଟିମ୍ ଦାବି କରିଥିଲା। ସୂଚନା ଅନୁସାରେ, ସୁଜାତା ସ୍ୱାମୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଏଭଳି କାର୍ଯ୍ୟରେ ଜଡ଼ିତ ଅଛନ୍ତି। ଓଡ଼ିଶା ସରକାର ପ୍ରାୟ ୭୦ ହଜାର ମହିଳାଙ୍କୁ ଏହି ଏସ୍‌ଏଚ୍‌ଜିରେ ସାମିଲ କରିଛନ୍ତି। ଆଉ ସେମାନଙ୍କ ମାଧ୍ୟମରେ ସୁଜାତା ଏବେ ଭୋଟରଙ୍କୁ ପ୍ରଭାବିତ କରିବା କାର୍ଯ୍ୟ କରିବାରେ ଲାଗିଛନ୍ତି। ଏପରିକି ବିଜେଡିକୁ ଭୋଟ୍ ନ ଦେଲେ ମିଶନ ଶକ୍ତି ବିଭାଗ ଯୋଗାଉଥିବା ସରକାରୀ ସୁବିଧା ବନ୍ଦ କରିଦିଆଯିବ ବୋଲି ଧମକ ଦେବାକୁ ମଧ୍ୟ ପଛାଉନାହାନ୍ତି। ଏହା ନିର୍ବାଚନ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ସମ୍ପୃକ୍ତ ଟିମ୍ ଇସିଆଇଙ୍କ ନିକଟରେ ଅଭିଯୋଗ କରିଥିଲେ।

# ଚାଇନା ନିର୍ମାଣ ଭାରତକୁ ବିପଦ

ନୂଆଦିଲ୍ଲୀ,୨।୫

ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅଞ୍ଚଳରେ ସେନା ଅନୁପ୍ରବେଶ କରାଇ ଚାଇନା ଉତ୍ତେଜନାପୂର୍ଣ୍ଣ ସ୍ଥିତି ଜାରି ରଖିଥିବାବେଳେ ସିଆଚେନ୍ ନିକଟବର୍ତ୍ତୀ ଶକ୍ସଗାମ୍ ଉପତ୍ୟକାରେ ସାମରିକ ଭିତ୍ତିଭୂମି ନିର୍ମାଣ କରୁଛି। ଏହା ଭାରତ ପାଇଁ ସାମରିକ ବିପଦ ସୃଷ୍ଟି କରିଛି। ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଶକ୍ସଗାମ ଉପତ୍ୟକା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ବହୁବର୍ଷ ହେଲା ଚାଇନା ଏଲ୍‌ଏସିରେ ଅନୁପ୍ରବେଶ ଜରିଆରେ ଭାରତ ଉପରେ ସାମରିକ ଚାପ ଜାରି ରଖିଛି। ଚାଇନାର ଏହି ଅନୁପ୍ରବେଶ ଏକ କୌଶଳଗତ ଯୋଜନା। ଉକ୍ତ ଅଞ୍ଚଳରେ ସ୍ଥାୟୀ ଉପସ୍ଥିତି ଲକ୍ଷ୍ୟରେ ଚାଇନା ଏଭଳି ଯୋଜନା ଜାରି ରଖିଛି। ଚାଇନା ସହ ଭାରତର ୩,୪୮୮ କି.ମି ସୀମା ରହିଥିବାବେଳେ ବେଜିଂ ପକ୍ଷରୁ ଏହାକୁ ଉଲ୍ଲଂଘନ କରିବା ଓ ଅନୁପ୍ରବେଶ କରାଯିବା ଘଟଣା ସମ୍ପର୍କରେ ଅନ୍ତର୍ଜାତୀୟ ସମୁଦାୟ ଅବଗତ। ତେବେ ପିଓକେରେ ଚାଇନା ଅଧିକ ଭୟାବହ ସାମରିକ ଆକ୍ରମଣାତ୍ମକ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିବା ଭାରତ ପାଇଁ ଚିନ୍ତାର ବିଷୟ ହୋଇଛି। ଚାଇନା ୭ ବର୍ଷ ହେଲା ଉକ୍ତ ଅଞ୍ଚଳରେ ନିର୍ମାଣ ଚଳାଇଥିବାବେଳେ ଗୁରୁବାର ଭାରତ ଏହାକୁ ନେଇ ବେଜିଂ ନିକଟରେ ପ୍ରତିବାଦ ଜଣାଇଛି। ଶକ୍ସଗାମ ଉପତ୍ୟକା ଭାରତର ଅଂଶବିଶେଷ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ୧୯୬୩ର ତଥାକଥିତ ଚାଇନା-ପାକିସ୍ତାନୀ ସୀମା ଚୁକ୍ତି ବଳରେ ଇସ୍‌ଲାମାବାଦ ବେଆଇନଭାବେ ଉକ୍ତ ଅଞ୍ଚଳକୁ ବେଜିଂକୁ ଦେଇଥିଲା। ନୂଆଦିଲ୍ଲୀ ଏହାକୁ କଦାପି ଗ୍ରହଣ କରି ନ ଥିବା ଜୟସ୍ୱାଲ କହିଛନ୍ତି।

୧୯୬୩ର ସୀମା ଚୁକ୍ତିନାମାରେ ଶାକ୍ସଗାମ ଉପତ୍ୟକାକୁ ପାକିସ୍ତାନ ଚାଇନାକୁ ସମର୍ପି ଦେଇଥିଲା। ଏବେ ସେଠାରେ ସାମରିକ ଭିତ୍ତିଭୂମି ଏବଂ ରାସ୍ତା ନିର୍ମାଣ ଚଳାଇଛି। ୨୦୧୭ ସେପ୍ଟେମ୍ବର ଓ ଅକ୍ଟୋବରରେ ଗୁଗଲ ଆର୍ଥ ସାଟେଲାଇଟ୍ ଚିତ୍ରରେ ମଧ୍ୟ ଭାରତ-ଭୁଟାନ-ଚାଇନା ଜଙ୍କଶନ ଅଞ୍ଚଳରେ ବେଜିଂ ରାସ୍ତା ନିର୍ମାଣ କରୁଥିବା ଦର୍ଶାଯାଇଥିଲା। ଚାଇନା ସୀମା ପ୍ରତିରକ୍ଷା କର୍ମଚାରୀମାନେ ଶକ୍ସଗାମ ଅଞ୍ଚଳରେ ନବନିର୍ମିତ ରାସ୍ତାରେ ପାଟ୍ରୋଲିଂ କରୁଥିବା ମଧ୍ୟ ଦେଖାଯାଇଛି। ସେଠାରେ ଅନ୍ୟୁନ ଦୁଇଟି ସାମରିକ ଘାଟି ଦୃଶ୍ୟ ହେଉଛି। ଏହା ପୂର୍ବରୁ ୨୦୧୬ ଅକ୍ଟୋବର ୨୪ର ସାଟେଲାଇଟ୍ ଫଟୋରେ ସମଗ୍ର ଶକ୍ସଗାମ ଉପତ୍ୟକା ଅଞ୍ଚଳରେ କୌଣସି ରାସ୍ତା ନ ଥିବା ଦେଖାଯାଇଥିଲା। ୨୦୧୮ର ଅନ୍ୟ ଏକ ଉପଗ୍ରହ ଚିତ୍ରରେ ଶକ୍ସଗାମ ବାହାରେ ଚାଇନାର ଦୁଇଟି ସାମରିକ ଘାଟିକୁ ନୂଆ ରାସ୍ତା ଯୋଡୁଥିବା ଦେଖାଯାଇଥିଲା। ଶକ୍ସଗାମରେ ୭୦ କି.ମି. ରାସ୍ତା ନିର୍ମାଣ କରିଥିବା ୨୦୧୯ରେ ଭାରତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।

ନିକଟରେ ପ୍ରକାଶିତ ଖବର ଅନୁଯାୟୀ ଚାଇନା ଏବଂ ପାକିସ୍ତାନ ଉକ୍ତ ଉପତ୍ୟକାରେ ଆଉ ଏକ ରାସ୍ତା ନିର୍ମାଣ ଯୋଜନା କରୁଛି। ସିଙ୍କିଆଙ୍ଗର ୟାର୍କାଣ୍ଡରୁ ପିଓକେର ମୁଜାଫରବାଦକୁ ଶକ୍ସଗାମ୍ ଉପତ୍ୟକା ଦେଇ ଏହି ରାସ୍ତା ନିର୍ମାଣ ଯୋଜନା ହୋଇଛି। ପାକିସ୍ତାନ ଓ ଚାଇନା ମଧ୍ୟରେ ବର୍ତ୍ତମାନର ରାସ୍ତାଠାରୁ ଏହା ୩୫୦ କିଲୋମିଟର କମ୍ ହେବ। ଏଲ୍‌ଏସିକୁ ଚାଇନା ସୈନ୍ୟ ପରିବହନ ପାଇଁ ଏହା ଏକ ଅତିରିକ୍ତ ରାସ୍ତା ହେବ। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଏହି କାର୍ଯ୍ୟ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରିବ ବୋଲି ବିଚାର କରାଯାଉଛି। ସ୍ଥିତିରେ ପରିବର୍ତ୍ତନ ଲାଗି ଚାଇନାର ବେଆଇନ ଉଦ୍ୟମ ବିରୋଧରେ ଭାରତ ପ୍ରତିବାଦ ଜଣାଇଛି। ଭାରତ ଏହାର ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାର ଅଧିକାର ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।



ଶକ୍ସଗାମ୍‌ରେ ଚାଇନା ପକ୍ଷରୁ ସାମରିକ ଭିତ୍ତିଭୂମି ନିର୍ମାଣ ଚାଲିଛି।

# ସରିଲା ବିଜେଡି ପ୍ରାର୍ଥୀ ଘୋଷଣା



ସନ୍ଧ୍ୟାରାଣୀ ଦାସ



ସାବିତ୍ରୀ ପ୍ରଧାନ

- **କୋରେଇରୁ ସନ୍ଧ୍ୟାରାଣୀ, ଖଣ୍ଡପଡ଼ାରୁ ସାବିତ୍ରୀ**
- **ବଦଳିଲେ ଦେବଗଡ଼ ପ୍ରାର୍ଥୀ**

ଭୁବନେଶ୍ୱର,୨।୫(ଅନିଲ ଦାସ)

ଚଳିତ ନିର୍ବାଚନ ପାଇଁ ବିଜେଡି ୧୪୭ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା ଶେଷ କରିଛି। ପୂର୍ବରୁ ୧୪୪ଟି ଆସନରେ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଗୁରୁବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୩ଟି ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛନ୍ତି। ଏଥିସହିତ ବିଜେଡି ଦେବଗଡ଼ ବିଧାନସଭା ପ୍ରାର୍ଥୀ ବଦଳାଇଛି।

ଘୋଷଣା ଅନୁଯାୟୀ, କୋରେଇରୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମା' ସନ୍ଧ୍ୟାରାଣୀ ଦାସଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ଏବଂ ନୀଳଗିରି ବିଧାନସଭା ଆସନରୁ ସୁକାନ୍ତ କୁମାର ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। କୋରେଇରୁ ଟିକେଟ ପାଇଁ ପ୍ରଣବ ଓ ପ୍ରୀତିରଞ୍ଜନ ଘଡ଼େଇଙ୍କ ମଧ୍ୟରେ ଛକାପଞ୍ଝା ଲାଗିଥିବା ନେଇ ପୂର୍ବରୁ ଚର୍ଚ୍ଚାହୋଇ ଆସୁଥିଲା। କୋରେଇରୁ ବିଧାୟକ ଥିବା ଅଶୋକ ବଳଙ୍କୁ ନିରାଶ ହେବାକୁ ପଡ଼ିଛି। ୨୦୧୪ରେ ବିଜେଡି ଟିକେଟରେ ବିଧାୟକ ହୋଇଥିବା ଆକାଶ ଦାସ ନାୟକ ୨୦୨୪ରେ ବିଜେଡିରୁ ଲଢ଼ିବାକୁ ଆଶାବାନ୍ଧିଥିଲେ। ହେଲେ ଦଳ ତାଙ୍କ ଉପରେ ଭରସା କରୁ ନ ଥିବା ଜାଣି ସେ ଭାଜପାରେ ଯୋଗ ଦେଇଥିଲେ। ଭାଜପା ତାଙ୍କୁ କୋରେଇ ଆସନରୁ ଟିକେଟ ଦେଇଛି। ଏହି ଆସନରେ ଭାଜପା ଓ ବିଜେଡି ମଧ୍ୟରେ ଜୋରଦାର ଲଢ଼େଇ ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ନୀଳଗିରି ଆସନରୁ ଟିକେଟ ପାଇବାକୁ ଆଶା ବାନ୍ଧିଥିବା ସନ୍ତୋଷ ଖଟୁଆଙ୍କୁ ନିରାଶ ହେବାକୁ ପଡ଼ିଛି। ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିବା ସୁକାନ୍ତ ନାୟକଙ୍କ ଉପରେ ଦଳ ଭରସା କରି ତାଙ୍କୁ ନୀଳଗିରିରୁ ଟିକେଟ ଦେଇଛି। ସୁକାନ୍ତ ୨୦୧୪ରେ ନୀଳଗିରିରୁ ବିଜେଡି ଟିକେଟରେ ବିଜୟୀ ହୋଇଥିବା ବେଳେ ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ତାଙ୍କ ସ୍ଥାନରେ ସନ୍ତୋଷ କୁମାର ଖଟୁଆଙ୍କୁ ଟିକେଟ ଦେଇଥିଲା। ସୁକାନ୍ତ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ ଓ ନୀଳଗିରିରୁ ବିଜୟୀ ହୋଇଥିଲେ। ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ସୁକାନ୍ତଙ୍କୁ ୬୯,୫୧୭ ଖଣ୍ଡ ଭୋଟ ମିଳିଥିବା ବେଳେ ସନ୍ତୋଷଙ୍କୁ ୬୭,୯୪୦ ଖଣ୍ଡ ଭୋଟ ମିଳିଥିଲା। ସ୍ୱଳ୍ପ ବ୍ୟବଧାନରେ ବିଜୟୀ ହୋଇଥିବା ସୁକାନ୍ତ ଚଳିତ ଥର ଆଉ ଭାଜପା ଟିକେଟରେ ନ ଲଢ଼ି ବିଜେଡିରେ ଯୋଗ ଦେଇଥିଲେ। ତେବେ ସୁକାନ୍ତଙ୍କ ରାସ୍ତାରେ ସନ୍ତୋଷ କଣ୍ଟା ସାଜିଥିଲେ। ସେ ସୁକାନ୍ତଙ୍କୁ ତୀବ୍ର ବିରୋଧ କରୁଥିଲେ। ଏଥିପାଇଁ ନୀଳଗିରି ଟିକେଟ ଘୋଷଣା ବିଳମ୍ବ ହୋଇଥିଲା। ଶେଷରେ ଦଳ ସୁକାନ୍ତଙ୍କ ଉପରେ ଭରସା କରିଛି।

ଅନ୍ୟପକ୍ଷରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡି ବହିଷ୍କୃତ କରିଥିବାରୁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଟିକେଟ ପାଇବା ନେଇ ଆଶାବାଦୀ ଥିଲେ। କିନ୍ତୁ ଦଳ ତାଙ୍କୁ ଶେଷରେ ନିରାଶ କରିଛି। ଖଣ୍ଡପଡ଼ାରେ ବିଜେଡି ମହିଳା କାର୍ଡ ଖେଳିଛି। ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନଙ୍କୁ ପ୍ରଥମ ଥର ପାଇଁ ଟିକେଟ ଦେଇ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ଅନ୍ୟପକ୍ଷରେ ଟିକେଟ ନ ମିଳିବାରୁ ଅନୁଭବ ପଟ୍ଟନାୟକ ଦଳରୁ ଇସ୍ତଫା ଦେଇଛନ୍ତି। ସେହିପରି ଦେବଗଡ଼ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କୁ ବଦଳାଇଛି। କିଛିଦିନ ପୂର୍ବରୁ ଦଳରେ ମିଶିଥିବା ଅରୁନ୍ଧତୀ ଦେବୀଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ତାଙ୍କୁ ବଦଳାଇ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ରୋମାଞ୍ଚ ୨୦୧୯ରେ ମଧ୍ୟ ଏଠାରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ତେବେ ସେ ଭାଜପା ପ୍ରାର୍ଥୀ ସୁବାସ ପାଣିଗ୍ରାହୀଙ୍କଠାରୁ ହାରି ଯାଇଥିଲେ।

# ୬ ଆସନରେ ପ୍ରାର୍ଥୀ ଘୋଷଣାକଲା ଭାଜପା

ଭୁବନେଶ୍ୱର, ୨।୫ (ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ପାଇଁ ଦେଶରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେଉଥିବା ବେଳେ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟ ହେବ। ତେବେ ଭାଜପା ପକ୍ଷରୁ ପୂର୍ବରୁ ୧୪୦ଟି ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା ହୋଇଥିବାବେଳେ ଗୁରୁବାର ଆଉ ୬ଟି ଆସନ ଲାଗି ଦଳ ପ୍ରାର୍ଥୀ ଘୋଷଣା କରିଛି। କେବଳ ନୀଳଗିରି ଆସନକୁ ଛାଡ଼ି ଦେଲେ ଭାଜପା ବାକି ସମସ୍ତ ୧୪୬ ଆସନରେ ପ୍ରାର୍ଥୀ ଘୋଷଣା ଶେଷ କରିଛି। ତେବେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ହେବାକୁ ଥିବା କେତେକ ଆସନ ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରି ନ ଥିଲା। ସେ ସମସ୍ତ ଆସନ ଲାଗି ଦଳ ପ୍ରାର୍ଥୀ ଘୋଷଣା ସାରିଛି। ଘସିପୁରା,

### ନୀଳଗିରିରେ ପ୍ରାର୍ଥୀ ଦେଇପାରିନି ଦଳ

ବାରବାଟୀ-କଟକ ଏବଂ ବେଗୁନିଆ ବିଧାନସଭା ଆସନରେ ୩ୟ ପର୍ଯ୍ୟାୟରେ ଭୋଟ ହେବ। ତେବେ ଘସିପୁରାରେ ଦଳ ଶମ୍ଭୁନାଥ ରାଉତ, ବେଗୁନିଆରେ ପ୍ରକାଶ ଚନ୍ଦ୍ର ରଣବିଜୁଳି ଏବଂ ବାରବାଟୀ-କଟକରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ସେହିପରି ଭଣ୍ଡାରିପୋଖରୀରେ ଦଳ ସୁଧାଂଶୁ ନାଏକ, ଭୋଗରାଇରେ ଆଶିଷ ପାତ୍ର ଏବଂ ବରୀରେ ଦଳ ଉମେଶ ଚନ୍ଦ୍ର ଜେନାଙ୍କୁ ପ୍ରାର୍ଥୀ କରିଛି। କିଛିଦିନ ତଳେ ପୂର୍ବତନ ବିଧାୟକ ଦେବାଶିଷ ନାୟକ ଭାଜପାରେ ଯୋଗଦେବା ପରେ ଦଳ ତାଙ୍କୁ ବରୀ ପାଇଁ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଦଳ ସେଠାରେ ଦେବାଶିଷଙ୍କୁ ନ ଦେଇ ତାଙ୍କ ସ୍ଥାନରେ ଉମେଶଙ୍କ ଉପରେ ଭରସା କରିଛି।

# ବଲାଙ୍ଗୀରରେ ୪୫ ଡିଗ୍ରୀ, ୬ରୁ ଆଶ୍ୱସ୍ତି

ଭୁବନେଶ୍ୱର,୨।୫ (ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ କାଳବୈଶାଖୀ ପ୍ରଭାବରେ ରାଜ୍ୟର କିଛି ଅଞ୍ଚଳରେ ତାପମାତ୍ରା କମିଛି। ଏହା ଭିତରେ ଗୁରୁବାର ୪୫ ଡିଗ୍ରୀ ସେଲସିୟସ୍ ସହ ବଲାଙ୍ଗୀର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ୨୯ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରହିଥିଲା। ହେଲେ କାଳବୈଶାଖୀ ବର୍ଷା ଯୋଗୁ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ତାତି କମିଥିବାବେଳେ ଟ୍ୱିନ୍‌ସିଟି କଟକ ଓ ଭୁବନେଶ୍ୱରରେ ପାରଦ ୪୦ ଡିଗ୍ରୀ ତଳକୁ ଖସିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ରାଜ୍ୟରେ ଆସନ୍ତା ୩ ଦିନ ଯାଏ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ତେବେ ଏହାପରେ ୩ରୁ ୪ ଡିଗ୍ରୀ ହ୍ରାସ ଘଟିପାରେ। ୨ଦିନ ପରେ ଉପକୂଳ ଓଡ଼ିଶାରୁ ଓ ୬ ତାରିଖ ପରେ ସମଗ୍ର ରାଜ୍ୟରୁ ହିଟ୍‌ୱେଭ୍ କମିବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଉଛି।

ହିଟ୍ ୱେଭ୍ ନେଇ ଆସନ୍ତା ୨ଦିନ ପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ କାଳ ବୈଶାଖୀ ନେଇ କେତେକ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଶୁକ୍ରବାର ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳ ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ବାଘ, ଭାଲୁଙ୍କ ପାଇଁ କୁଲର | ସମ୍ବଲପୁର ପ୍ରାଣୀ ଉଦ୍ୟାନ

ସମ୍ବଲପୁର,୨।୫ (ପ୍ରମୋଦ ବହିଦାର)

ବନ୍ୟପ୍ରାଣୀଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗତ ଏକ ସପ୍ତାହ ଧରି ସମ୍ବଲପୁରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଏହାକୁ ଦୃଷ୍ଟିରେ ରଖି ଏଠାରେ ରହୁଥିବା ଜୀବମାନଙ୍କୁ ଅଂଶୁଘାତ ଓ ନିର୍ଜଳୀୟନ(ଡିହାଇଡ୍ରେସନ)ରୁ ରକ୍ଷା କରିବା ପାଇଁ ସମ୍ବଲପୁର ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଚଳିତବର୍ଷଠାରୁ ଭାଲୁ ଏବଂ ଚିତାବାଘ ରହିଥିବା ଯନ୍ତା ବା କୋଠରିକୁ ଉତ୍ତାପମୁକ୍ତ କରିବା ପାଇଁ ଏଠାରେ ବଡ଼ ବରଫ ଶିଳାଖଣ୍ଡ ଯୋଗାଇ ଦିଆଯାଇ କୁଲରର ବ୍ୟବସ୍ଥା କରାଯାଇଛି। ସେହିପରି ଏଠାରେ ରହୁଥିବା ସମସ୍ତ ୨୮ଟି ବନ୍ୟଜୀବଙ୍କ କୋଠରିକୁ ବାଉଁଶ ଓ ଛପର ଛାଉଣିରେ ଆଚ୍ଛାଦିତ କରାଯାଇଛି। କୋଠରି ମଧ୍ୟକୁ ପବନ ଯାତାୟତ ପାଇଁ ଏହାର ପାଚେରିଗୁଡ଼ିକରେ ଏକାଧିକ ଛିଦ୍ର କରାଯାଇ ଜଳ ସିଞ୍ଚନର ବ୍ୟବସ୍ଥା କରାଯାଇଛି। ବନ୍ୟଜନ୍ତୁଙ୍କୁ ସର୍ବଦା ହାଇଡ୍ରେଟ୍ ରଖିବା ପାଇଁ ପାନୀୟ ଜଳ ସହିତ ଗ୍ଲୁକୋଜ୍, ଓଆରଏସ୍, ମହୁ ଓ ଇଲେକ୍ଟ୍ରୋଲାଇଟ୍ ଭଳି ଗ୍ରୀଷ୍ମକାଳୀନ ଖାଦ୍ୟ ଓ ପାନୀୟ ପ୍ରଦାନ କରାଯାଉଛି। ସାଲାଡ ଆକାରରେ ତରଭୁଜ, ଆଖୁ, କାକୁଡି, ଅମୃତଭଣ୍ଡା, ଅଙ୍ଗୁର, ବିଲାତି ଭଳି ଜଳୀୟ ପରିମାଣ ଅଧିକ ଥିବା ଖାଦ୍ୟ ଦିଆଯାଉଛି। ମୟୂର ଆଦି ବିଭିନ୍ନ ପକ୍ଷୀ ରହୁଥିବା ସ୍ଥାନକୁ ସବୁଜ ଜାଲ ଓ ବାଉଁଶରେ ଆଚ୍ଛାଦିତ କରାଯାଇ ନିୟମିତ ଜଳ ସିଞ୍ଚନ କରାଯାଉଛି।

ସୂଚନାଯୋଗ୍ୟ ଯେ, ଚଳିତ ଗ୍ରୀଷ୍ମରେ ଚୌଶିଙ୍ଗା, କୃଷ୍ଣାଞ୍ଜନ, ହରିଣ, ସମ୍ବର ଆଦି ବନ୍ୟଜନ୍ତୁ ୪ଟି ଶାବକ ଜନ୍ମ ଦେଇଛନ୍ତି। ସେହିପରି ଦୀର୍ଘଦିନ ପରେ ଏଠାରେ ଥିବା ଏକ ଅଜଗର ମଧ୍ୟ ୧୫ଟି ଅଣ୍ଡା ଦେଇଛି। ସେଗୁଡ଼ିକର ସୁରକ୍ଷା ପାଇଁ ମଧ୍ୟ ବନ୍ୟପ୍ରାଣୀ ବିଭାଗ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ଅପରପକ୍ଷରେ ଛୁଟିଦିନମାନଙ୍କରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅନ୍ୟାନ୍ୟ ବ୍ୟବସ୍ଥା ସହିତ ପ୍ରାଣୀ ଉଦ୍ୟାନରେ ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ସହିତ ପ୍ରତି ରବିବାର ଏଠାରେ ଛୋଟ ପିଲାଙ୍କ ମଧ୍ୟରେ ଗପ କହିବା କାର୍ଯ୍ୟକ୍ରମ ଆୟୋଜିତ ହେଉଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।



ବନ୍ୟଜନ୍ତୁଙ୍କୁ ଅଂଶୁଘାତରୁ ରକ୍ଷା ପାଇଁ ଯନ୍ତାରେ କୁଲର୍‌ର ବ୍ୟବସ୍ଥା କରାଯାଇଛି।



**ଆଜିର ମନ୍ତବ୍ୟ**

"ଉତ୍ତରପ୍ରଦେଶରେ ଭାଜପା ପୂର୍ବାପେକ୍ଷା ୫ରୁ ୭ ଆସନ ଅଧିକ ପାଇବ। ଓଡ଼ିଶାରେ ଆମେ ୧୬ ଆସନ ଦଖଲ କରିବୁ।
– ଅମିତ ଶାହା, ଭାଜପା ନେତା

## ଆଜି କ'ଣ କେଉଁଠି

### ଭୁବନେଶ୍ୱର
- କଳିଙ୍ଗ ସେନା ପକ୍ଷରୁ ଲୋକସଭା, ବିଧାୟନସଭା ପ୍ରାର୍ଥୀଙ୍କ ନା ଘୋଷଣା, ସ୍ଥାନ: ଉତ୍କଳ ସାମ୍ବାଦିକ ସଂଘ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓମ୍‌ଫେଡ ବୁଥ୍‌ର ସ୍ଥାନୀୟ ସମାଧାନ ନିମନ୍ତେ ମହାସମାବେଶ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୧ତମ ସମ୍ବାବି ପୁରସ୍କାର ଉତ୍ସବ, ସ୍ଥାନ: ଦି କ୍ରାଉନ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଲାକ୍ଷମି ଏକାଡେମୀ ପାୱାର୍ଡ ବାଏ ଆପଟେକ ଭୁବନେଶ୍ୱର ୨ୟ ବାର୍ଷିକୋତ୍ସବ, ସ୍ଥାନ: ବିଏମ୍‌ସି ଭବାନୀ ମଲ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଭାଜପା ଲିଗାଲ ସେଲର ବନ୍ଧୁମିଳନ, ସ୍ଥାନ: କଟକ ସିଡ଼ିଏ ସେକ୍ଟର–୯ସ୍ଥିତ ସନ୍ତୁକା ପ୍ୟାଲେସ, ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ନିମାପଡ଼ା ଭିଲିଶାସନ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପମା ଦେଇଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭିଲିଶାସନ ସରକାରୀ ପ୍ରାଥମିକ ବିଦ୍ୟାଳୟ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳ ଭାଜପାର ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ରଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ କାମାକ୍ଷା ପ୍ରଧାନଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ଅଭିବ୍ୟକ୍ତି ପକ୍ଷରୁ ୨୮ତମ ବାର୍ଷିକୋତ୍ସବ, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ପୁରୀ, ସମୟ: ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା
- ଶ୍ରୀ ଶିରିଡି ସାଇବାବାଙ୍କ ୧୭ତମ ବାର୍ଷିକ ମହୋତ୍ସବ, ସ୍ଥାନ: ଜଟଣୀ ଟ୍ରାଫିକ କଲୋନୀସ୍ଥିତ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

### ବାଲେଶ୍ୱର
- ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ସମ୍ମାନ ବିଭାଗ ଆନୁକୂଲ୍ୟରେ 'ପରିବେଶ ପ୍ରଦୂଷଣ, ସରକାରୀ ନୀତି ଓ ଏହାର ସମାଧାନ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଏମେରାଲ୍ଡ ହଲ୍, ନୋସି ରେସିଡେନ୍ସି ଛଣପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ୩୦।

### ଭଦ୍ରକ
- ମହିଳା ସମାବେଶ ଓ ମିଶ୍ରଣ ପର୍ବ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଯଶିପୁର, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୩୦।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ରାମନବମୀ ପଡ଼ିଆ, ଏରଡ଼ା, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ନରେନ୍ଦ୍ରପୁର, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ତଳଗୋପବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ବିଜୟନଗର, ଚାନ୍ଦବାଲି ଏନ୍‌ଏସି, ସମୟ: ସନ୍ଧ୍ୟା ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ସାବରଙ୍ଗ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଯମଯୋଡ଼ି, ତିହିଡ଼ି, ସମୟ: ରାତି ୮ଟା।

### କେନ୍ଦୁଝର
- ପାଟଣା ଭାଜପା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରାର୍ଥିପତ୍ର ଦାଖଲ ପାଇଁ ଶୋଭାଯାତ୍ରା, ସ୍ଥାନ: ତୁରୁମୁଙ୍ଗା, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା।
- ସଚେତନତା ବାଇକ ଓ ସ୍କୁଟି ରାଲି, ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ ଟା।

### ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମୟୂରଭଞ୍ଜ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ମଧୁବନ, ବାରିପଦା,ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ,ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ,ସ୍ଥାନ:ଶୁଳିଆପଦା ବ୍ଲକ ଅଧୀନ ଉଫାଲଗଡ଼ିଆ ପଡ଼ିଆ, ସମୟ: ଅପରାହ୍ନ ୪ଟା।

### ଗଞ୍ଜାମ
- ଚବିଶି ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ସ୍ଥାନ: ବୁଗୁଡା ଗୋଲିଆ, ସମୟ: ସକାଳ ୬ଟା।
- ବିଜେଡିର ସାଧାରଣ ସଭା, ସ୍ଥାନ: ବୁଗୁଡା ଶକ୍ତିନଗର ମୀନାବଜାର ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

### କନ୍ଧମାଳ
- ଠାକୁରାଣୀ ଯାତ୍ରାର ଏକାଦଶ ସନ୍ଧ୍ୟାରେ ଘଟ ପରିକ୍ରମା,ସ୍ଥାନ: ଦାରିଙ୍ଗବାଡି ଲକ୍ଷ୍ମୀ ବଜାର, ସମୟ: ସନ୍ଧ୍ୟା ୬ଟା।
- ସାମାଜିକ ନାଟକ 'ମୃତ୍ୟୁ ପରେ ମଣିଷ' , ସ୍ଥାନ: ଦାରିଙ୍ଗବାଡି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୧୦ଟା।

### ଢେଙ୍କାନାଳ
- ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଚାନ୍ଦିଭଣ୍ଡାର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କୁଞ୍ଜକାନ୍ତ ସାଇକୃପା ଯୁକ୍ତ୨ କଲେଜ ନିକଟ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।
- ଇସ୍କନ ପକ୍ଷରୁ ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା୩୦।

### ଅନୁଗୋଳ
- ନିର୍ବାଚନ ପାଇଁ ଅନୁଗୋଳ ଭାଜପା ପ୍ରାର୍ଥୀଙ୍କ ନାମାଙ୍କନପତ୍ର, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ପାଇଁ ଛେଣ୍ଡିପଦା ଭାଜପା ପ୍ରାର୍ଥୀଙ୍କ ନାମାଙ୍କନପତ୍ର, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ : ସକାଳ ୮ ଟା।
- ନିର୍ବାଚନ ପାଇଁ ଛେଣ୍ଡିପଦା ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ପାଇଁ ପାଲଲହଡ଼ା ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ : ସକାଳ ୮ ଟା।
- ନିର୍ବାଚନ ପାଇଁ ଆଠମଲ୍ଲିକ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ : ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।

### ଜଗତ୍‌ସିଂହପୁର
- ଭୋଟର ସଚେତନତା ବୈଠକ, ସ୍ଥାନ: ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ବିଜେଡି ପକ୍ଷରୁ ମହିଳା ସମାବେଶ, ସ୍ଥାନ: ଭୂତମୁଣ୍ଡାଇ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ନିର୍ବାଚନ ଲାଗି ବାଲିକୁଦା ବ୍ଲକରେ ବିଜେଡିର ପ୍ରସ୍ତୁତି ବୈଠକ, ସ୍ଥାନ: କରକେଇ ହାଟ, ନୂଆଗାଁ, ବାଲିକୁଦା, ସମୟ: ଅପରାହ୍ନ ୩ଟା।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ସ୍ୱାଭିମାନ ପଦଯାତ୍ରା, ସ୍ଥାନ: ବୃନ୍ଦାବନ କଲୋନୀ ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ରାଉଳିଆଡ଼ିଆ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।

### ଯାଜପୁର
- ଶ୍ରୀରାମ ଚରିତ ମାନସର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଯାଜପୁରରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

### ନୟାଗଡ଼
- ଖଣ୍ଡପଡା ରାମଲୀଳାର ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡା ଗଡଭିତର ସାହି, ସମୟ: ରାତି ୯ଟା।
- କଣ୍ଟିଲୋ ରାମଲୀଳା ଆରମ୍ଭ, ସ୍ଥାନ:କଣ୍ଟେଶ୍ୱରପାଟଣା ରଘୁନାଥ ଜୀଉ ପୀଠ, ସମୟ: ରାତି ୧୦ଟା।।

### ସମ୍ବଲପୁର
- ବିଜେଡି ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ, ସ୍ଥାନ : ରେଢ଼ାଖୋଲ ଉପଜିଲାପାଳ କାର୍ଯ୍ୟାଳୟ, ସମୟ : ସକାଳ ୯ଟା।
- କଂଗ୍ରେସ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟ, ସମୟ : ସକାଳ ୯ଟା।
- ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: କୁଚିଣ୍ଡା ଉପଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ପ୍ରାର୍ଥି ପତ୍ର ଦାଖଲ କାର୍ଯ୍ୟକ୍ରମ, ସ୍ଥାନ: ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଅରୁନ୍ଧତୀ ଜୁଏଲର୍ସର ଅତ୍ୟାଧୁନିକ ଶୋରୁମ ଉଦଘାଟନ, ସ୍ଥାନ: ବୁଢ଼ାରଜା, ସମୟ : ସନ୍ଧ୍ୟା ୫ଟା।

### ବଲାଙ୍ଗୀର
- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା, ସ୍ଥାନ:ଜଗନ୍ନାଥମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

### ସୁବର୍ଣ୍ଣପୁର
- ଭାଜପାର ନିର୍ବାଚନୀ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ନିର୍ବାଚନୀ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର, ସମୟ : ପୂର୍ବାହ୍ନ ୧୦ଟା୩୦।

### ରାଉରକେଲା
- ରଘୁନାଥପାଲି ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉଦିତନଗର ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ସେକ୍ଟର–୨ କମ୍ୟୁନିଟି ସେଣ୍ଟର, ସମୟ: ସକାଳ ୯ଟା ।
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ,ସ୍ଥାନ: ଉଦିତନଗର ୱାଟକୋ ଅଫିସ, ସ୍ଥାନ: ପୂର୍ବାହ୍ନ୧୦ଟା।
- ମେଗା ରକ୍ତଦାନ ଶିବର,ସ୍ଥାନ:ସେକ୍ଟର–୨ କମ୍ୟୁନିଟି ସେଣ୍ଟର,ସମୟ:ସକାଳ ୯ଟା।
- ବେଦବ୍ୟାସ କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ଗୁରୁକୂଳ ସଂସ୍କୃତ କଲେଜ,ସମୟ:ପୂର୍ବାହ୍ନ ୧୦ଟା।

### ବରଗଡ଼
- ଷୋହଳ ପ୍ରହର ନାମଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ: କାଇଁଶିର, ତେଲିପଡ଼ା, ବରଗଡ଼, ସମୟ: ସକାଳ ୮ଟା।

### କଳାହାଣ୍ଡି
- ଶିବ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ଆମ୍ବେଡକର ଛକ ନିକଟ ଶ୍ୟାମଜୀ ରାଇସମିଲ୍, ସମୟ: ସକାଳ ୬ଟା।
- ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ଼ ଶୋ, ସ୍ଥାନ: ଭବାନୀପାଟଣା ସହର ରିଜର୍ଭ ଛକଠାରୁ ବସ୍ ଟର୍ମିନାଲ, ସମୟ: ଅପରାହ୍ନ ୫ଟା।

### ନୂଆପଡ଼ା
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ଗ୍ରାମ, ସମୟ: ସକାଳ ୮ଟା।
- ଷୋହଳପ୍ରହର ନାମଯଜ୍ଞ, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ସକାଳ ୮ଟା ୪୫।

### ବୌଦ୍ଧ
- ବହିରାରେ ଶ୍ରୀରାମଲୀଳା ଉତ୍ସବ ଉଦ୍‌ଯାପିତ, ସ୍ଥାନ: ବହିରା ରାମଲୀଳାମଣ୍ଡପ , କନ୍ଧମାଳ, ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀ ରାମଲୀଳା ଯାତ୍ରାର ସପ୍ତଦଶ ଦିବସର ନାଟକ ନରାନ୍ତକ ବଧ,ସ୍ଥାନ: ଶ୍ରୀରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।

### ଝାରସୁଗୁଡ଼ା
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ତରାଇକେଲା ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଝାରସୁଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ବିଜେଡି ପ୍ରାର୍ଥୀନୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଝାରସୁଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ୍।

### ରାୟଗଡ଼ା
- ରାୟଗଡା ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀଙ୍କୁ ତାଲିମ, ସ୍ଥାନ: ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ବିଷମ କଟକ ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀଙ୍କୁ ତାଲିମ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ଗୁଣପୁର ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀଙ୍କୁ ତାଲିମ, ସ୍ଥାନ: ଗୁଣୁପୁର କଲେଜ ଗୁଣୁପୁର, ସମୟ: ପୂର୍ବାହ୍ନ ସକାଳ ୧୦ ଟା।
- କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜନସମାବେଶରେ ଉଦ୍‌ବୋଧନ କାର୍ଯ୍ୟକ୍ରମ, ସ୍ଥାନ: ବାରିଖୋଲାସ୍ଥିତ ଜେଏସ୍‌କୋ ପଡିଆ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୧୦ ।

### ନବରଙ୍ଗପୁର
- ପୋଲିଂ ଅଧିକାରୀଙ୍କ ତାଲିମ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ସକାଳ ୭ଟା।

### କୋରାପୁଟ
- ମତଦାନ ନେଇ ଇଭିଏମ୍ ମେଶିନ ପରିଚାଳନା ସମ୍ପର୍କିତ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ,କୋରାପୁଟ, ସମୟ :ପୂର୍ବାହ୍ନ ୧୦ଟା।
- ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: ପଟ୍ଟାଙ୍ଗିସ୍ଥିତ ହୃଷୀ ପାଣିଗ୍ରାହୀ ଫାର୍ମ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାଧାମୋହନ ଗୌଡ଼ୀୟ ମଠର ବାର୍ଷିକଉତ୍ସବ, ଶ୍ରୀମଦ୍ ଜଗନ୍ନାଥ କଥାଯଜ୍ଞ ପଠନ, ସ୍ଥାନ: ସୁନାବେଡ଼ା, ରାଧାମୋହନ ଗୌଡୀୟ ମଠ, ସମୟ : ସନ୍ଧ୍ୟା: ୬ଟା।
- ଶ୍ରୀଅରବିନ୍ଦ ଯୁବଛାତ୍ର ଶିକ୍ଷା ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଦାମନଯୋଡ଼ିସ୍ଥିତ ଶ୍ରୀଅରବିନ୍ଦ ସେଣ୍ଟ୍ରାଲ ଷ୍ଟଡି ସର୍କଲ, ସମୟ: ସନ୍ଧ୍ୟା ୭ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ଏକାଦଶସ୍ଥ ଚନ୍ଦ୍ର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପାରିବାରିକ ଜୀବନକୁ ସୁନ୍ଦର ସାବଲୀଳ କରିବେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ରହିଥିଲେ ମଧ୍ୟ ଉଦ୍ୟମ ନିଷ୍ଫଳ ହେବନାହିଁ। ଶୁକ୍ରଙ୍କ ସୁପ୍ରଭାବରୁ ଅର୍ଥ ସମ୍ପର୍କିତ କ୍ଷେତରେ ଅଗ୍ରଗତି ହେବ। ସନ୍ତାନଙ୍କ ଉନ୍ନତି, ଶିକ୍ଷାରେ ପ୍ରଗତି ଓ ପରୀକ୍ଷାଦିରେ ସଫଳତା ଅବଶ୍ୟମ୍ଭାବି।

**ବୃଷ**
ଅନୁକୂଳ ଗ୍ରହ ସମ୍ପର୍କରୁ ଶାରୀରିକ ସୁସ୍ଥତା ଓ ମାନସିକ ପ୍ରଫୁଲ୍ଲତା ସହ ଆତ୍ମୀୟଙ୍କ ସହଯୋଗିତା ପାଇବେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ମିଥୁନ**
ଏକାଦଶସ୍ଥ ରବି ଓ ଶୁକ୍ରଙ୍କ ଯୋଗରୁ ବଡ଼ଲୋକଙ୍କ ସହାୟତାରେ ଅସମ୍ଭବକୁ ସମ୍ଭବ କରିବାର ମାର୍ଗ ଖୋଲିଯିବ। ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ଋଣ ପରିଶୋଧର ମାର୍ଗ ଉନ୍ମୁକ୍ତ ହୋଇପାରିବ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନିକ ସ୍ତରରେ ଏପରିକି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ଧନ ଚତୁର୍ଥାଧିପ ଏକତ୍ର କର୍ମସ୍ଥ ଯୋଗୁ କର୍ମକ୍ଷେତ୍ରରେ ଗୌରବ ସହ ପ୍ରଶାସନିକ, ରାଜନୈତିକ, ସାମାଜିକ କ୍ଷେତ୍ର ଭଲ ରହିବ। ସହକର୍ମୀଙ୍କ ଶ୍ଳେଷାତ୍ମକ କଥା ଶୁଣି ଆପଣ ବନ୍ଧୁଙ୍କ ନିକଟରୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ତଥା ଗବେଷଣାଦି କାର୍ଯ୍ୟରେ ଅଗ୍ରଗତି ଘଟିବ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ଗୁରୁତର ହୋଇପାରେ।

**ସିଂହ**
ଭାଗ୍ୟସ୍ଥ ରାଶ୍ୟାଧିପ ଯୋଗୁ ସମସ୍ୟା ସୁଧୁରିବାର ଲକ୍ଷ୍ୟ କରିବେ। ମାତ୍ର ବିଭିନ୍ନ ବାଟରେ ଅପବ୍ୟୟର ସୀମା ଟପିଯିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ଅନ୍ୟମାନଙ୍କର ସାହାଯ୍ୟ ନେଇ ଯେତେ ଯାହା କଲେ ମଧ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ରାଶିରେ କେତୁ ହେତୁ ବିଭିନ୍ନ ଦୁଶ୍ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ଦିନସାରା ନିଜ ଘର ଓ ପରିବାର ପାଇଁ ସମୟ ଦେଇ ଅନ୍ୟାନ୍ୟ କାମକୁ ପଛକୁ ରଖିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିପାରନ୍ତି। ଆଇନ ଅଦାଲତର ରାୟ ସପକ୍ଷରେ ଯିବା ସହ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଅନୁକମ୍ପା ଏବଂ ଘରେ ଘରଣୀଙ୍କ ଆନୁଗତ୍ୟ ଜୀବନଚର୍ଯ୍ୟାକୁ ପ୍ରୀତିବନ୍ତ କରାଇବ। ସପ୍ତମକେନ୍ଦ୍ରସ୍ଥ ଲାଭାଧିପ ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ସଫଳତା ଦେବ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରରୁ ସୁନାମ ଅର୍ଜନ କରିବେ। ଅସ୍ତଗତ ଶୁକ୍ରଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**
ଉଚ୍ଚସ୍ଥ ରବିଙ୍କ ଯୋଗୁ ନୂତନ ମୈତ୍ରୀ, ବନ୍ଧୁ ପ୍ରୀତି, ଆର୍ଥିକ ଉନ୍ନତି ଓ କାର୍ଯ୍ୟସିଦ୍ଧିଜନିତ ମାନସିକ ପ୍ରସନ୍ନତା ଅନୁଭବ କରିବେ। ଚନ୍ଦ୍ର ଯୁକ୍ତ ଶନିଙ୍କ କୁପ୍ରଭାବରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଜୀବନର କେତେକ ବ୍ୟତିକ୍ରମ ଓ ଅବଦମିତ ଇଚ୍ଛା ମନରେ ଆଲୋଡ଼ନ ସୃଷ୍ଟି କରିବ। ବନ୍ଧୁମିଳନ ସହ ଭ୍ରମଣ ଇଚ୍ଛା ଜାଗ୍ରତ ହେବ।

**ଧନୁ**
ଦୂରାଗତ ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ ଦେଖା ମିଳିବ ନାହିଁ। ଚତୁର୍ଥସ୍ଥ ପାପଗ୍ରହ ପ୍ରଭାବରୁ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ବନ୍ଧୁଗହଣରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି।

**ମକର**
ଶନି ସହ ଚନ୍ଦ୍ରଙ୍କ ସମ୍ପୃକ୍ତିରୁ ଆଜି ପ୍ରତିକୂଳ ମତମନ୍ତବ୍ୟ ବିବାଦୀୟ ସ୍ଥିତି ଉତ୍ପନ୍ନ କରିପାରେ। ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଥିବାର ଅନୁଭବ କରିବେ। ଆନୁଷ୍ଠାନିକ କାମ, ସଂଗଠନ, ରାଜନୈତିକ ସଭାସମିତି କ୍ଷେତ୍ରରେ ସୁଫଳ ପାଇବେ। ଯାତ୍ରା, ବ୍ୟବସାୟ,ନୂତନ କର୍ମାରମ୍ଭ ପାଇଁ ଦିନଟି ଭଲ ରହିବ।

**କୁମ୍ଭ**
ପାରିବାରିକ ଜୀବନ ଓ ସାମାଜିକ ସ୍ଥିତି ଭଲ ଥିଲେ ମଧ୍ୟ କାଳ୍ପନିକ ଚିନ୍ତାଧାରା ବିବ୍ରତ କରାଇବ। ସ୍ୱାସ୍ଥ୍ୟ ସମସ୍ୟା ନେଇ କୌଣସି କାମରେ ମନ ଲାଗିବ ନାହିଁ। ଶୁକ୍ରଙ୍କ ସୁପ୍ରଭାବରୁ କଳା ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବନ୍ଧୁମାନଙ୍କ ଆତ୍ମୀୟତା ଊଣା ନ ଥିଲେ ମଧ୍ୟ ଅଯଥା ସନ୍ଦେହ ଜାଲରେ ଛନ୍ଦି ହୋଇପାରନ୍ତି।

**ମୀନ**
ଭାଗ୍ୟସ୍ଥାନ ଗୁରୁଦୃଷ୍ଟ ଯୋଗୁ ସାମଗ୍ରିକ ଦିଗରୁ ଦିନଟି ପ୍ରୀତିପ୍ରଦ ରହିବ। କିନ୍ତୁ ପରକଥାକୁ କାନ ଦେଇ ପାରିବାରିକ ଜୀବନରେ ଝଡ ସୃଷ୍ଟି କରିପାରନ୍ତି। ହଜି ଯାଇଥିବା ଜିନିଷର ଖୋଜ ଖବର ପାଇବେ ଏବଂ ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ସତ୍‌ସଙ୍ଗ, ପର୍ଯ୍ୟଟନ, ନୂତନ ସମ୍ପର୍କ ସ୍ଥାପନ ପାଇଁ ସୁଯୋଗ ଲାଭ କରିବେ।

ଆଜି ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ବୈଶାଖ କୃଷ୍ଣ ଦଶମୀ ଶୁକ୍ରବାର। ରାଶି ନକ୍ଷତ୍ର–ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୨୦ ଗତେ ଘ.୦୬।୧୧ ମଧ୍ୟେ, ଘ.୦୭।୦୨ ଗତେ ଘ.୦୮।୩୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୦୭ ଗତେ ଘ.୧୧।୪୩ ମଧ୍ୟେ ରାହୁକାଳ।

## ମେ'ରେ ଅଧିକ ଦିନ ଗ୍ରୀଷ୍ମ ଲହର ହୋଇପାରେ: ଆଇଏମ୍‌ଡି

**ନୂଆଦିଲ୍ଲୀ,୨।୫**

ମେ' ମାସରେ ଦେଶରେ ଅଧିକ ଦିନ ଗ୍ରୀଷ୍ମ ଲହର ଅନୁଭୂତ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଏହି ମାସରେ ଉଭୟ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇବ। ପୂର୍ବ ବର୍ଷଗୁଡ଼ିକର ଏପ୍ରିଲ ମାସର ହାରାହାରି ଗ୍ରୀଷ୍ମଲହର ଦିନ ତୁଳନାରେ ଏଥର ଏପ୍ରିଲରେ ୪୦% ଅଧିକ ଗ୍ରୀଷ୍ମଲହର ଦିବସ ଅନୁଭୂତ ହୋଇଥିଲା। ସାଧାରଣତଃ ମେ'ରେ ବିଭିନ୍ନ ପାଣିପାଗ କେନ୍ଦ୍ର ଅଞ୍ଚଳରେ ପ୍ରାୟତଃ ୩ ଦିନ ଗ୍ରୀଷ୍ମଲହର ଅନୁଭୂତ ହୋଇଥାଏ। ଏଥର ତାହା ୨ରୁ ୮ ଦିନ ଅଧିକ ହୋଇପାରେ ବୋଲି ଆଇଏମ୍‌ଡି କହିଛି। କେନ୍ଦ୍ରୀୟ ଭାରତରେ ଗ୍ରୀଷ୍ମଲହର ୫ରୁ ୮ଦିନ ବଢ଼ିବାକୁ ଥିବାବେଳେ ଓଡ଼ିଶା ସମେତ ପୂର୍ବାଞ୍ଚଳ, ଉତ୍ତରପଶ୍ଚିମ ଏବଂ ଦକ୍ଷିଣାଞ୍ଚଳରେ ସ୍ୱାଭାବିକ ତୁଳନାରେ ୨ରୁ ୪ ଦିନ ଅଧିକ ଗ୍ରୀଷ୍ମଲହର ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ଚାଇନା ଏକ୍ସପ୍ରେସ୍‌ୱେ ଭୁଶୁଡ଼ି ୪୮ ମୃତ

**ବେଜିଂ,୨।୫**

ଚାଇନାର ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ପର୍ବତ ପାର୍ଶ୍ୱ ଏକ ଏକ୍ସପ୍ରେସ୍‌ୱେର କିଛି ଅଂଶ ବୁଧବାର ଭୁଶୁଡ଼ି ପଡ଼ିବାରୁ ୨୦ରୁ ଊର୍ଦ୍ଧ୍ୱ ଗାଡ଼ି ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ୪୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ମିଝୋଉ–ଡାବୁ ଏକ୍ସପ୍ରେସୱେର ଚାୟାଙ୍ଗ ସେକ୍ସନର ୧୭.୯ ମିଟର ଭୁଶୁଡ଼ି ପଡ଼ିଥିଲା। ପାର୍ବତ୍ୟାଞ୍ଚଳରେ ମାସେ ହେଲା ବର୍ଷା ଲାଗିରହିଥିବାରୁ ରାସ୍ତା ଭୁଶୁଡ଼ିଲା ବୋଲି କୁହାଯାଉଛି।

## 'ଭାରତର ଅଭିବୃଦ୍ଧିରେ ଜେନୋଫୋବିଆ ବାଧକ'

**ୱାଶିଂଟନ, ୨।୫**


ଜୋ ବାଇଡେନ୍

'ଜେନୋଫୋବିଆ' ଅର୍ଥାତ୍ ଅନ୍ୟ ଦେଶର ଲୋକଙ୍କୁ ଘୃଣାଦୃଷ୍ଟିରେ ଦେଖିଲେ କୌଣସି ରାଷ୍ଟ୍ରର ଉନ୍ନତି ହୁଏ ନାହିଁ। ଭାରତ, ଚାଇନା, ଜାପାନ ଓ ରୁଷିଆ ଭଳି ଦେଶର ଆର୍ଥିକ ଅଭିବୃଦ୍ଧିରେ 'ଜେନୋଫୋବିଆ' ବାଧକ ସାଜିଛି ବୋଲି ଗୁରୁବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଆସନ୍ତା ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ୱାଶିଂଟନରେ ଆୟୋଜିତ ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇ ବାଇଡେନ୍ କହିଛନ୍ତି, ଅନ୍ୟ ଦେଶଗୁଡ଼ିକରୁ ଆସିଥିବା ପ୍ରବାସୀମାନେ ଆମେରିକାକୁ ସଶକ୍ତ କରିଛନ୍ତି। ତାଙ୍କ ରିପବ୍ଲିକାନ ଚ୍ୟାଲେଞ୍ଜର ଡୋନାଲ୍ଡ ଟ୍ରମ୍ପ ସବୁବେଳେ ପ୍ରବାସୀ ଓ ଶରଣାର୍ଥୀଙ୍କୁ ବିରୋଧ କରିଥାନ୍ତି। ଅନ୍ୟପକ୍ଷେ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ସେ ପୁଣି ନିର୍ବାଚିତ ହେଲେ ବେଆଇନ ପ୍ରବାସକୁ ବନ୍ଦ କରାଯିବା ସହ ଆଇନଗତ ପ୍ରବାସକୁ ସୀମିତ କରାଯିବ। ପ୍ରବାସୀମାନଙ୍କ ଯୋଗୁ ଆମେରିକାରେ ହିଂସା ବଢ଼ିଥିବା ଟ୍ରମ୍ପ ନିଜ ନିର୍ବାଚନୀ ପ୍ରଚାରରେ କୁହନ୍ତି। ଏହାରି ମଧ୍ୟରେ ବାଇଡେନ୍ ପ୍ରବାସୀଙ୍କ ପ୍ରତି ସହାନୁଭୂତି ଦେଖାଇଛନ୍ତି। ଆମେରିକା ପ୍ରବାସୀଙ୍କୁ ସ୍ୱାଗତ କରୁଥିବାରୁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଆଗାମୀ ନିର୍ବାଚନରେ ପ୍ରବାସ ଏକ ଗମ୍ଭୀର ଓ ଧ୍ରୁବୀକରଣ ପ୍ରସଙ୍ଗ ଭାବେ ଉଭାହୋଇଛି।

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

**କୋଲକାତା,୨।୫**


ସି.ଭି. ଆନନ୍ଦ ବୋଷ

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ନାଁରେ ରାଜଭବନର ଜଣେ ମହିଳା କର୍ମଚାରୀ ଗୁରୁବାର ଯୌନ ନିର୍ଯାତନା ଭଳି ସମ୍ବେଦନଶୀଳ ଅଭିଯୋଗ ଆଣିଛନ୍ତି। ମହିଳା ଜଣଙ୍କ ୨୦୧୯ରୁ ରାଜଭବନରେ ଜଣେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟପାଳ ଗତ ସପ୍ତାହରେ ତାଙ୍କୁ ପଦୋନ୍ନତି ସମ୍ପର୍କରେ ଆଲୋଚନା ପାଇଁ ଡାକିଥିଲେ। ସେହି ସମୟରେ ରାଜ୍ୟପାଳ ମହିଳାଙ୍କୁ ଭେଟିବା ବେଳେ ଖରାପ ତରିକାରେ ସ୍ପର୍ଶ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସେ ହାରେ ଷ୍ଟ୍ରିଟ୍ ଥାନାରେ ଅଭିଯୋଗ କରିବା ପୂର୍ବରୁ ରାଜଭବନ ପୋଲିସ ଫାଣ୍ଡିରେ ପ୍ରଥମେ ଜଣାଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ କରିବା ସହିତ ଆଇନ ବିଭାଗର ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରୁଛି। ଅନ୍ୟପକ୍ଷରେ ଅଭିଯୋଗକୁ ରାଜ୍ୟପାଳ ଖଣ୍ଡନ କରିଛନ୍ତି।

## ଶାହାଙ୍କ ଫେକ୍ ଭିଡିଓ ମାମଲା: କଂଗ୍ରେସ ଆଇଟି ସେଲର ୫ ସଦସ୍ୟ ଗିରଫ

**ହାଇଦ୍ରାବାଦ, ୨।୫**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଏଡିଟେଡ୍ ଭିଡିଓ ମାମଲାରେ ଗୁରୁବାର ହାଇଦ୍ରାବାଦ ସାଇବର କ୍ରାଇମ ପୋଲିସ ପକ୍ଷରୁ ତେଲଙ୍ଗାନା କଂଗ୍ରେସ ଆଇଟି ସେଲର ୫ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଏହି ମାମଲାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ଦିଲ୍ଲୀ ପୋଲିସ ସମନ କରିଥିଲା। ତେବେ ମାମଲାରେ ରେବନ୍ତଙ୍କର କୌଣସି ସମ୍ପୃକ୍ତି ନଥିବା ବୁଧବାର ତାଙ୍କ ଓକିଲଙ୍କ ପକ୍ଷରୁ କୁହାଯାଇଥିଲା। ଦିଲ୍ଲୀ ପୋଲିସର ଏକ ଟିମ୍ ମଧ୍ୟ ଏବେ ତେଲଙ୍ଗାନାରେ ଏହି ମାମଲାର ତଦନ୍ତ ଚଳାଇଛି।

## ସଲମାନଙ୍କ ଘରକୁ ଗୁଳିମାଡ଼ରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଆତ୍ମହତ୍ୟା

**ବେଜିଂ,୨।୫**

ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ଘରକୁ ଗୁଳିମାଡ଼ ଘଟଣାରେ ଅସ୍ତ୍ର ଯୋଗାଇଥିବା ଅଭିଯୁକ୍ତ ଅନୁଜ ଥାପନ(୩୨) ବୁଧବାର ମୁମ୍ବାଇ ପୋଲିସ ମୁଖ୍ୟାଳୟ ହାଜତରେ ଆତ୍ମହତ୍ୟା କରିଛନ୍ତି। ରାଜ୍ୟ ସିଆଇଡି ତାଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବ ବୋଲି ଜେସିପି (ଅପରାଧ) ଲକ୍ଷ୍ମୀ ଗୌତମ କହିଛନ୍ତି। ଅନ୍ୟପକ୍ଷରେ ହାଇପ୍ରୋଫାଇଲ ମାମଲାର ତଦନ୍ତ ଶୀଘ୍ର ଶେଷ କରିବାକୁ ଯାଇ ପୋଲିସ ଅନୁଜଙ୍କୁ ହାଜତରେ ମାରିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ କହିବା ଅନୁଯାୟୀ ବୁଧବାର ଅପରାହ୍ନ ୧୨ଟା ୩୦ ମିନିଟରେ ଜଣେ ଅଫିସର ହାଜତ ଯାଞ୍ଚ କରୁଥିବାବେଳେ ଅନୁଜ ପାଇଖାନା ଯାଇ ଫେରି ନ ଥିବା ଜଣେ ଅନ୍ତେବାସୀ କହିଥିଲେ। ଅଫିସର ଜଣକ ଅନୁଜଙ୍କୁ ଝରକା ଗ୍ରିଲ୍‌ରୁ ରଶିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଲମାନଙ୍କ ଘର ନିକଟରେ ଗୁଳି ଫୁଟାଇଥିବା ୨ ଅଭିଯୁକ୍ତଙ୍କୁ ଅନୁଜ ଦେଶୀ ପିସ୍ତଲ ଓ ଗୁଳି ଯୋଗାଇବା ଅଭିଯୋଗରେ ଗତ ୨୪ ତାରିଖରେ ଗିରଫ ହୋଇଥିଲେ।

ପ୍ରଥମ ପୃଷ୍ଠାରୁ...

## ସର୍ଭେ ଆଳରେ...

ଭୋଟରମାନଙ୍କୁ ନିର୍ବାଚନ ପରବର୍ତ୍ତୀ ଲାଭଦାୟକ ଯୋଜନାର ଫାଇଦା ଦେବା ପାଇଁ ପଞ୍ଜୀକରଣ କରାଯାଉଛି। କେତେକ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଏହି କାର୍ଯ୍ୟ ଚଳାଇଛନ୍ତି। ଏହା ପଞ୍ଜୀକରଣର ବୈଧ ସର୍ବେକ୍ଷଣକୁ କଳଙ୍କିତ କରୁଛି। ଏଭଳି କାର୍ଯ୍ୟ ତୁରନ୍ତ ବନ୍ଦ କରିବା ପାଇଁ ଇସି ସମସ୍ତ ଜାତୀୟ ଏବଂ ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ଆଡଭାଇଜରି ଜାରି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ମୂଲ୍ୟବୋଧର ମୁଁ ସ୍ୱାଭାବିକ ଉତ୍ତରାଧିକାରୀ: ପାଣ୍ଡିଆନ

**ଭୁବନେଶ୍ୱର,୨।୫(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଚ୍ଚ ମୂଲ୍ୟବୋଧର ସେ ଜଣେ ସ୍ୱାଭାବିକ ଉତ୍ତରାଧିକାରୀ। ରାଜ୍ୟବାସୀଙ୍କ ସେବା କରିବା ପାଇଁ ସୂର୍ଯ୍ୟଙ୍କ ତଳେ ସେ ତାଙ୍କ ଗୁରୁଙ୍କୁ ସବୁପ୍ରକାର ସହାୟତା କରିବେ ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ବାହାର ରାଜ୍ୟର ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହେଉଥିବା ସମାଲୋଚନାର ଜବାବରେ ପାଣ୍ଡିଆନ ଏହା କହିଛନ୍ତି।

ଭାଜପାକୁ ସମାଲୋଚନା କରି ପାଣ୍ଡିଆନ କହିଛନ୍ତି, କେନ୍ଦ୍ରରେ ଶାସନରେ ଥାଇ ମଧ୍ୟ ଏହି ଦଳ ଓଡ଼ିଆ ଅସ୍ମିତା କିମ୍ବା ଭାଷା, କଳା ଓ ସଂସ୍କୃତି ପାଇଁ କିଛି କରିନାହିଁ। ପିଟିଆଇକୁ ଦେଇଥିବା ସାକ୍ଷାତ୍‌କାରରେ ପାଣ୍ଡିଆନ କହିଛନ୍ତି ଯେ ନବୀନବାବୁ ମୋର ଗୁରୁ ଓ ମୁଁ ତାଙ୍କ ଶିଷ୍ୟ। ସେ କେବଳ ଜଣେ ପଦାତିକ ସୈନିକ ଏବଂ ବିଜେଡିର କୌଣସି ଅଫିସ ପଦ ପଦବୀରେ ନାହାନ୍ତି। କିନ୍ତୁ ସେ ନବୀନଙ୍କ ଜଣେ ବଡ଼ ପ୍ରଶଂସକ। ଓଡ଼ିଶାବାସୀଙ୍କ ସେବା ସହିତ ଓଡ଼ିଶାର ବଡ଼ ବଡ଼ ସ୍ୱପ୍ନ ପୂରଣ ପାଇଁ ତାଙ୍କ ଅଧୀନରେ ରହି ଯଥାସମ୍ଭବ ସମସ୍ତ କାର୍ଯ୍ୟ କରିବି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରେ ଥିବା ସମସ୍ତ ଉଚ୍ଚ ମୂଲ୍ୟବୋଧର ସେ ହେଉଛନ୍ତି ସ୍ୱାଭାବିକ ଉତ୍ତରାଧିକାରୀ। ତାହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାବାସୀଙ୍କ ପ୍ରତି ଥିବା ପ୍ରତିବଦ୍ଧତା, ତାଙ୍କର କଠିନ ପରିଶ୍ରମ, ସମୟାନୁବର୍ତ୍ତିତା ଏବଂ ସେହିପରି ସବୁକିଛି। ଓଡ଼ିଶାର ସମସ୍ତ ଲୋକ କିମ୍ବା ଦେଶ ତାଙ୍କର ମୂଲ୍ୟବୋଧକୁ ଗ୍ରହଣ କରିବାକୁ ଚାହାନ୍ତି। ନବୀନ ବାବୁଙ୍କର ସେହିଭଳି ଉତ୍ତରାଧିକାରୀ ହେବାକୁ ମୁଁ ଚାହେଁ ଓ ସେଥିପାଇଁ ମୁଁ ନିଜକୁ ଗର୍ବିତ ମନେକରେ ବୋଲି ପାଣ୍ଡିଆନ କହିଛନ୍ତି।

ରାଜ୍ୟ ବାହାର ଲୋକ ଅଭିଯୋଗ ସମ୍ପର୍କରେ ପାଣ୍ଡିଆନ କହିଛନ୍ତି ଯେ ଭାଜପା ନିଜର ରାଜନୈତିକ ଫାଇଦା ପାଇଁ ବାହାର ଲୋକ ବୋଲି କହୁଛି, ମାତ୍ର ଓଡ଼ିଶା ଲୋକ ଏପରି କହୁନାହାନ୍ତି। ପାଣ୍ଡିଆନ ତାମିଲନାଡୁରେ ଜନ୍ମଗ୍ରହଣ କରିଛନ୍ତି, ନୂଆଦିଲ୍ଲୀରେ ପାଠ ପଢ଼ିଛନ୍ତି। ପଞ୍ଜାବ କ୍ୟାଡର ଆଇଏଏସ୍ ଅଫିସର ଭାବେ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ବାହାଘର ପରେ ସେ ଓଡ଼ିଶା କ୍ୟାଡରକୁ ପରିବର୍ତ୍ତନ କରିଥିଲେ। ଦୀର୍ଘ ୨୫ ବର୍ଷ ଧରି ସେ ଓଡ଼ିଶାରେ କାମ କରୁଛନ୍ତି। ଓଡ଼ିଶା ଲୋକେ ମୋତେ ସେମାନଙ୍କ ମଧ୍ୟରୁ ଜଣେ ବୋଲି ଭାବୁଛନ୍ତି। ରାଲି ଓ ସଭା ସମିତିରେ ପ୍ରବଳ ଗରମ ସତ୍ତ୍ୱେ ବହୁ ସଂଖ୍ୟାରେ ଲୋକମାନେ


କାର୍ତ୍ତିକ ପାଣ୍ଡିଆନ

ସେମାନଙ୍କ ଅସୁବିଧା ନେଇ ମୋ ନିକଟକୁ ଆସୁଛନ୍ତି। ଓଡ଼ିଆ ସହିତ ସ୍ଥାନୀୟ ଭାଷାରେ ପାଣ୍ଡିଆନ ଲୋକମାନଙ୍କ ସହ କଥା ହେଉଛନ୍ତି ଓ ହାତ ମିଳାଉଛନ୍ତି। ଲୋକମାନେ ସେମାନଙ୍କ ଫୋନରେ ଶେଲ୍‌ଫି ନେଉଛନ୍ତି। ପାଣ୍ଡିଆନ ଲୋକମାନଙ୍କର ଆପତ୍ତି ଅଭିଯୋଗ ଗ୍ରହଣ କରୁଛନ୍ତି। ସେ ତାଙ୍କର ଭାଷଣ 'ଜୟ ଜଗନ୍ନାଥ'ରୁ ଆରମ୍ଭ କରୁଛନ୍ତି ଓ ଶେଷ କରୁଛନ୍ତି। ଏଥିସହିତ ସେ ଦୁଇ ଚାରି ମାସ ପୂର୍ବରୁ ଲୋକଙ୍କଠାରୁ ନେଇଥିବା ଆପତ୍ତି ଅଭିଯୋଗଗୁଡିକ ଉପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜନତାଙ୍କୁ ରିପୋର୍ଟ କାର୍ଡ ଦେଉଛନ୍ତି। ମଞ୍ଚକୁ ଯିବା ପୂର୍ବରୁ ପାଣ୍ଡିଆନ ସର୍ବଦା ନିଜର ଚପଲ ଓହ୍ଲାଇ ଯାଇଥାଆନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ ମୁଁ ଜଣେ ସୁପରଷ୍ଟାର କିମ୍ବା ବଡ଼ କ୍ରିକେଟ ଖେଳାଳି କିମ୍ବା ସେଭଳି କିଛି ଜଣେ ବଡ଼ ବ୍ୟକ୍ତି ନୁହେଁ। ମୁଁ ଜଣେ ସାଧାରଣ କର୍ମୀ । ଲୋକମାନଙ୍କର ମୋ ପ୍ରତି ଭଲ ପାଇବା ରହିଛି। ନବୀନ ବାବୁ ବୃହତ୍ କାମ କରୁଛନ୍ତି। ତାଙ୍କ ଟିମ୍‌ର ସେ ଜଣେ ସଦସ୍ୟ ଭାବେ କାର୍ଯ୍ୟରତ। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଲୁଙ୍ଗି ପିନ୍ଧା ଭିଡିଓକୁ ନେଇ ଭାଜପା ଦ୍ୱାରା କରାଯାଇଥିବା ସମାଲୋଚନା ସମ୍ପର୍କରେ ପାଣ୍ଡିଆନ କହିଛନ୍ତି ଯେ ମୁଁ ସବୁବେଳେ ସେମାନଙ୍କ ଟାର୍ଗେଟରେ ରହିଆସିଛି। ଯେତେବେଳେ ଗଛରେ ଅଧିକ ଫଳ ହୁଏ, ପ୍ରତ୍ୟେକ ବ୍ୟକ୍ତି ଟେକାପଥର ଫୋପାଡ଼ିଥାଆନ୍ତି। ବେଳେବେଳେ କିଛି ଘଟେ ଓ ବେଳେବେଳେ ବିଫଳ ହୁଅନ୍ତି। ଭାଜପା ଜାଣିଛି ଯେ ନବୀନ ବାବୁଙ୍କର ଲୋକଙ୍କ ସହ ବହୁତ ବଡ଼ ସମ୍ପର୍କ ରହିଛି। ମୁଁ କେବଳ ତାଙ୍କୁ ସହାୟତା କରିବାକୁ ଚେଷ୍ଟା କରୁଛି। ସେଥିପାଇଁ ସେମାନେ ମୋତେ ଶାରୀରିକ ଓ ମାନସିକ ସ୍ତରରେ ଆକ୍ରମଣ କରନ୍ତି। ତେବେ ଲୋକମାନଙ୍କର ଭଲପାଇବା ଏବଂ ତାଙ୍କ କାମ ତାଙ୍କୁ ସୁରକ୍ଷା ଦେଉଛି । ମୋର କୌଣସି କ୍ଷତି ହେବ ନାହିଁ। ଏଭଳି ଆକ୍ରମଣ ମୋର କ୍ଷତି କରିବା ପରିବର୍ତ୍ତେ ମୋତେ ଅଧିକ ଶକ୍ତି ଦେଉଛି ବୋଲି ପାଣ୍ଡିଆନ କହିଛନ୍ତି।

# ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ପୋଷ୍ୟପୁତ୍ରଙ୍କୁ ନିଯୁକ୍ତି ମିଳିପାରିବ

**କଟକ,୨।୫ (କାର୍ତ୍ତିକ ସାହୁ)**

ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ଗ୍ରହଣ କରିଥିବା ପୋଷ୍ୟପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ ବୋଲି ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ଏଥିସହ ମୃତ ସରକାରୀ କର୍ମଚାରୀଙ୍କ ସ୍ତ୍ରୀ ପୋଷ୍ୟ ଭାବେ ଗ୍ରହଣ କରିଥିବା ପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ସପକ୍ଷରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସ୍ୟାଟ୍) ୨୦୧୫ ସେପ୍ଟେମ୍ବର ୨୯ରେ ପ୍ରଦାନ କରିଥିବା ନିଷ୍ପତ୍ତିକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ଏହି ମାମଲାରେ ସ୍ୟାଟ୍ ରାୟ ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଏର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସନ୍ତା ୪ ସପ୍ତାହ ମଧ୍ୟରେ ସ୍ୟାଟ୍ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି। ଓସିଏସ୍ (ଆରଏ) ନିୟମାବଳୀ, ୧୯୯୦ ଅନୁସାରେ ପଞ୍ଜୀକୃତ ଦଲିଲ ମାଧ୍ୟମରେ ଆଇନ ଅନୁଯାୟୀ, ପୋଷ୍ୟ ଭାବେ ଗ୍ରହଣ କରାଯାଇଥିବା ପୁତ୍ର ଅନୁକମ୍ପାମୂଳକ ନିଯୁକ୍ତି ପାଇପାରିବେ। ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ପଞ୍ଜୀକୃତ ହୋଇଥିବା ପୋଷ୍ୟ ସନ୍ତାନଙ୍କ ଦଲିଲକୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନବେଳେ ବିଚାରକୁ ନିଆଯିବ। ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ୧୯୯୬ ଅକ୍ଟୋବର ୧୦ର ଆଦେଶପତ୍ର ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ ବୋଲି କୋର୍ଟ କହିବା ସହ ତାହାକୁ ରଦ୍ଦ କରିଦେଇଛନ୍ତି।

# 'ସ୍ମାର୍ଟ'ର ସଫଳ ପରୀକ୍ଷଣ

**ବାଲେଶ୍ୱର,୨।୫(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆର୍‌ଡିଓ ଅଧୀନ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ବୁଧବାର ସକାଳ ପ୍ରାୟ ସାଢ଼େ ୮ଟାରେ ସୁପରସୋନିକ୍ କ୍ଷେପଣାସ୍ତ୍ର ସହାୟକ ଟର୍ପେଡୋ(ସ୍ମାର୍ଟ) ପ୍ରଣାଳୀର ସଫଳ ପରୀକ୍ଷଣ କରାଯାଇଛି। ସ୍ମାର୍ଟ ହେଉଛି ପରବର୍ତ୍ତୀ ପିଢ଼ିର କ୍ଷେପଣାସ୍ତ୍ର ଆଧାରିତ ହାଲୁକା ଓଜନର ଟର୍ପେଡୋ ଡେଲିଭରି ସିଷ୍ଟମ, ଯାହାକି ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଦ୍ୱାରା ଡିଜାଇନ୍ ଏବଂ ବିକଶିତ ହୋଇଛି। ଏହି ପ୍ରଣାଳୀ ଭାରତୀୟ ନୌସେନାର ପାରମ୍ପରିକ ହାଲୁକା ଟର୍ପେଡୋର ପାରମ୍ପରିକ ପରିସରଠାରୁ ବହୁ ଦୂରରେ ବୁଡ଼ାଜାହାଜ ବିଧ୍ୱଂସୀ ଯୁଦ୍ଧ କ୍ଷମତା ବୃଦ୍ଧି



କରିବା ପାଇଁ ଡିଜାଇନ୍ ଏବଂ ବିକଶିତ କରାଯାଇଛି। ଏହି କ୍ଷେପଣାସ୍ତ୍ର ପ୍ରଣାଳୀରେ ଅନେକ ଉନ୍ନତ ଉପ-ପ୍ରଣାଳୀ ରହିଛି। ପର୍ଯ୍ୟାୟ ଆଧାରିତ କଠିନ ପ୍ରୋପଲସନ ସିଷ୍ଟମ, ଇଲେକ୍ଟ୍ରୋ ମେକାନିକାଲ୍ ଆକ୍ୟୁଏଟର ସିଷ୍ଟମ, ପ୍ରିସାଇସନ୍ ଇନର୍ସିଆଲ୍ ନାଭିଗେଶନ୍ ସିଷ୍ଟମ୍ ଇତ୍ୟାଦି। ଏହି ପ୍ରଣାଳୀ ପାରାସୁଟ୍ ଆଧାରିତ ରିଲିଜ୍ ସିଷ୍ଟମ୍ ସହିତ ଏକ ପେଲୋଡ୍ ଭାବେ ଅତ୍ୟାଧୁନିକ ହାଲୁକା ଟର୍ପେଡୋକୁ ବହନ କରିନେଇଥାଏ। ଏହି କ୍ଷେପଣାସ୍ତ୍ରକୁ ଗ୍ରାଉଣ୍ଡ ମୋବାଇଲ ଲଞ୍ଚରରୁ ଉତ୍‌କ୍ଷେପଣ କରାଯାଇଥିଲା। ଏହି ପରୀକ୍ଷଣରେ ସିମେଟ୍ରିକ୍ ଅଲଗା ହେବା, ଇଜେକ୍ସନ ଏବଂ ବେଗ ନିୟନ୍ତ୍ରଣ ଭଳି ଅନେକ ଅତ୍ୟାଧୁନିକ ପ୍ରଣାଳୀକୁ ଯାଞ୍ଚ କରାଯାଇଛି। ସ୍ମାର୍ଟର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ଏବଂ ସହଯୋଗୀମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ବ୍ୟବସ୍ଥାର ବିକାଶ ଦ୍ୱାରା ଆମ ନୌସେନାର ଶକ୍ତି ଆହୁରି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆର୍‌ଡିଓ ଅଧ୍ୟକ୍ଷ ଡ. ସମୀର ଭି କାମତ ସମଗ୍ର ସ୍ମାର୍ଟ ଟିମ୍‌ର ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିବା ସହ ଉତ୍କର୍ଷ କାର୍ଯ୍ୟକୁ ଜାରି ରଖିବାକୁ ଅନୁରୋଧ କରିଥିଲେ।

# କେନ୍ଦ୍ରାପଡା ୨ ସିଆର୍‌ପିଙ୍କୁ କାର୍ଯ୍ୟାନ୍ତର ଆଦେଶ

**କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)**

ଚଳିତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲାର ଦୁଇ କମ୍ୟୁନିଟି ରିସୋର୍ସ ପର୍ସନ (ସିଆର୍‌ପି)ଙ୍କ ପାଇଁ ମହଙ୍ଗା ହୋଇଛି। ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତ ମାଣିପୁର ଗ୍ରାମର ସିଆର୍‌ପି ପୁଷ୍ପାଞ୍ଜଳି ମହାନ୍ତି ଓ ପଞ୍ଚାୟତର ଖମଙ୍ଗାବିନ୍ଧା ଗ୍ରାମର ସିଆର୍‌ପି ନର୍ମଦା ବସନ୍ତିଆଙ୍କୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ପାଇଁ ମଙ୍ଗଳବାର କାର୍ଯ୍ୟାନ୍ତର ଆଦେଶ ଦେଇଛନ୍ତି। ଏହି ଦୁଇ ସିଆର୍‌ପିଙ୍କ ବିରୋଧରେ ଏପ୍ରିଲ ୨୯ ତାରିଖରେ ସ୍ଥାନୀୟ ଅଞ୍ଚଳର ଜୟନ୍ତ କୁମାର ଜେନା ନିର୍ବାଚନ ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ। ଏଥିରେ ସେମାନେ ରାଜନୈତିକ ସଭାରେ ଯୋଗଦେଇ ପୁଷ୍ପ ପକାଇବା ସହ ହୁଳହୁଳି ଓ ଶଙ୍ଖ ବଜାଇ ଥିବା ଉଲ୍ଲେଖ କରିଥିଲେ। ଅଭିଯୋଗକୁ ଭିତ୍ତି କରି ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଅଶୋକ କୁମାର ଦାସ ତଦନ୍ତ କରିଥିଲେ। ଅଭିଯୋଗର ସତ୍ୟତା ଥିବାରୁ ଉଭୟଙ୍କୁ କାର୍ଯ୍ୟାନ୍ତର ଆଦେଶ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୩ ମାସ ପାଇଁ ବନ୍ଦ ରହିବ ଭିତରକନିକା

**ରାଜନଗର, ୨।୫ (ଭାସ୍କର ରାଉତରାୟ)**

ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କର ପ୍ରଜନନ ଋତୁ ପାଖେଇ ଆସୁଛି। ଏହାକୁ ଆଖି ଆଗରେ ରଖି ରାଜନଗର ବନ ବିଭାଗ ପକ୍ଷରୁ ଚଳିତମାସ ୧ ତାରିଖଠାରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ। ଏହି ସମୟ ଭିତରେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ପରିଭ୍ରମଣ ଓ ପ୍ରବେଶକୁ ବନ୍ଦ ରଖାଯିବ। ପ୍ରଜନନ ଋତୁ ସମୟରେ ଉଭୟ ପୁରୁଷ ଓ ମା' କୁମ୍ଭୀର ମିଳନ ପର୍ବରେ ନିମଗ୍ନ ରହିଥାନ୍ତି। ଏହି ସମୟ ଭିତରେ ମା' କୁମ୍ଭୀର ଅଣ୍ଡାଦାନ ପ୍ରକ୍ରିୟା ଶେଷ କରିଥାନ୍ତି। ଉଭୟ ମା' ଏବଂ ପୁରୁଷ କୁମ୍ଭୀର ହେନ୍ତାଳ ଓ

## ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ

ଖରଖରି ପତ୍ରରେ ଅଢେଇରୁ ୩ ଫୁଟ ଉଚ୍ଚର ବସା ବାନ୍ଧିଥାନ୍ତି। ନଦୀ କୂଳଠାରୁ ଜୁଆର ଛୁଇଁ ପାରୁ ନ ଥିବା ନିରାପଦ ସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ବସାରେ ମା' କୁମ୍ଭୀର ଅଣ୍ଡାଦାନ କରିଥାନ୍ତି। ସେମାନଙ୍କର ପ୍ରଜନନ ପ୍ରକ୍ରିୟାଠାରୁ ଆରମ୍ଭ କରି ଅଣ୍ଡାଦାନ ପର୍ଯ୍ୟନ୍ତ କୁମ୍ଭୀର ହିଂସ୍ର ହୋଇଥାନ୍ତି। ସେମାନଙ୍କ ପ୍ରକ୍ରିୟାରେ ବାଧା ଦେଖା ଦେଲେ ସେମାନେ ଆକ୍ରମଣ କରିବାକୁ ପଛାଇ ନ ଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୩ ମାସ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନରେ ପ୍ରବେଶ ଓ ପରିଭ୍ରମଣ ପାଇଁ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରଖାଯିବ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି।



"କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ। କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଉର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ। ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ। –ଶ୍ରୀଅରବିନ୍ଦ

# ବେଦରେ ସମ୍ପତ୍ତି ବିବାଦ



ଦେବଦତ୍ତ ପଟ୍ଟନାୟକ

ବେଦ ହେଉଛି ହିନ୍ଦୁମାନଙ୍କର ୩୦୦୦ ବର୍ଷର ପୁରୁଣା ଶାସ୍ତ୍ର। ଏହାକୁ ମଧ୍ୟ ଜ୍ଞାନର ଗ୍ରନ୍ଥ କୁହାଯାଏ। ଏହା ମୁଖ୍ୟତଃ କାବ୍ୟ(ମନ୍ତ୍ର) ଏବଂ ଗଦ୍ୟ(ବ୍ରାହ୍ମଣ)କୁ ନେଇ ଗଠିତ। ବେଦର ଗଦ୍ୟ ମଧ୍ୟରେ ଅନେକ କାହାଣୀ (ଇତିହାସ) ଅଛି। ଏହି କାହାଣୀଗୁଡ଼ିକରେ ଆମେ ସମ୍ପତ୍ତି କିମ୍ବା ସମ୍ବଳକୁ ନେଇ ବିବାଦସବୁ ଦେଖିବାକୁ ପାଉ। ବିଶେଷକରି ମଣିଷ–ମଣିଷ ମଧ୍ୟରେ, ଦେବତା–ଦେବତା ମଧ୍ୟରେ ଏବଂ ଅନେକ ସମୟରେ ମଣିଷ ଓ ଦେବତାଙ୍କ ମଧ୍ୟରେ ବିବାଦ ବିଷୟରେ ଗଦ୍ୟରେ ବର୍ଣ୍ଣନା କରାଯାଇଛି। ଏଥିରୁ ଆମେ ଅନୁଭବ କରୁ ଯେ ବୈଦିକ ଯୁଗରେ ଲୋକଙ୍କ ମଧ୍ୟରେ ସମକାଳୀନ ସମସ୍ୟାଗୁଡ଼ିକ ଭଳି ସମାନ ସମସ୍ୟା ରହିଥିଲା। ଆମେ ଏବେ ବି ସେହିଭଳି ସମ୍ବଳକୁ ନେଇ ଲଢ଼େଇ କରୁଛୁ। ଉଦାହରଣ ସ୍ୱରୂପ, ଜୈମିନ୍ୟ ବ୍ରାହ୍ମଣ (୧.୧୮୪) ଅନୁଯାୟୀ, ବାଳକ ତ୍ରିତ ବହୁତ ଦକ୍ଷ ଥିଲା। ସେ ତାଙ୍କ ସେବା ପାଇଁ ଅନେକ ଗୋ–ସୁରକ୍ଷିତ କରି ରଖିଥିଲେ। ତ୍ରିତଙ୍କ ଏଭଳି କାର୍ଯ୍ୟରେ ତାଙ୍କର ଦୁଇ ବଡ଼ ଭାଇ ଈର୍ଷାପରାୟଣ ହୋଇପଡ଼ିଲେ, ଯେଉଁମାନେ ତାଙ୍କୁ ଏକ ଶୁଖିଲା କୂଅ ଭିତରକୁ ଠେଲିଦେବା ପରେ ଗାଈମାନଙ୍କୁ ନିଜର ବୋଲି ଦାବି କଲେ। ତ୍ରିତ ଶୁଖିଲା କୂଅରୁ ରକ୍ଷା ପାଇବାକୁ ଦେବତାମାନଙ୍କୁ ପ୍ରାର୍ଥନା କଲେ। ଦେବତାମାନେ ତାଙ୍କ ଡାକ ଶୁଣିଲେ ଓ ବର୍ଷା କରାଇଲେ। ବର୍ଷା ହେତୁ କୂଅର ଜଳ ସ୍ତର ବୃଦ୍ଧି ପାଇଲା ଏବଂ ପିଲାଟି ଉପରକୁ ଭାସି ଉଠିଲା। ଫଳରେ ସେ କୂଅରୁ ଉଦ୍ଧାର ପାଇଗଲେ। ଏହା ପରେ ତ୍ରିତଙ୍କ ଦୁଇ ଭାଇଙ୍କ ମଧ୍ୟରୁ ଜଣେ ଭାଲୁ ଏବଂ ଆଉ ଜଣେ ମାଙ୍କଡ଼ ହେବାର ଅଭିଶାପ ପାଇଲେ। ଏହି ଘଟଣା ପରେ ତ୍ରିତ ଗାଈ ସହିତ ଘରକୁ ଫେରିଲେ।

ଜୈମିନ୍ୟ ବ୍ରାହ୍ମଣ (୧.୧୫୪–୫୫) ଅନୁଯାୟୀ, ଅସୁର, ରାକ୍ଷସ ଏବଂ ପିଶାଚମାନେ ସମ୍ପତ୍ତି ପାଇଁ ଦେବ, ପିତୃପୁରୁଷମାନଙ୍କ ସହ ଲଢେଇ କରୁଥିଲେ। ଏହି ଯୁଦ୍ଧରେ ଗାନ୍ଧର୍ବମାନେ ଭାଗ ନେବାକୁ ମନା କରିଦେଇ ଦୂରେଇ ରହିଲେ। ଯୁଦ୍ଧ ଶେଷରେ ଅସୁରମାନଙ୍କୁ ପୃଥିବୀ ତଳ (ପାତାଳ)କୁ ଜବରଦସ୍ତି ପଠାଇଦିଆଗଲା। ରାକ୍ଷସଙ୍କୁ ନିର୍ଜନ ଜଙ୍ଗଲରେ ଏବଂ ପିଶାଚମାନଙ୍କୁ ଅନ୍ଧକାର ଭିତରକୁ



ପଠାଇ ଦିଆଗଲା। ପିତୃପୁରୁଷମାନେ ତାରାମଣ୍ଡଳର ସାମ୍ରାଜ୍ୟ ଦାବି କରିଥିବା ବେଳେ ଦେବତାମାନେ ଆକାଶ ଦାବି କରିଥିଲେ ଏବଂ ମାନବଗଣ ପୃଥିବୀ ଦାବି କରିଥିଲେ। ତା'ପରେ ଗାନ୍ଧର୍ବମାନେ ସେମାନଙ୍କ ଭାଗ ମାଗିଥିଲେ। ଗାନ୍ଧର୍ବମାନଙ୍କୁ କୁହାଯାଇଥିଲା ଯେ ସେମାନେ କୌଣସି ଭାଗ ପାଇପାରିବେ ନାହିଁ, କାରଣ ସେମାନେ କୌଣସି ଗୋଟିଏ ଯୁଦ୍ଧରେ ବି କାହା ପକ୍ଷରେ ରହି ନ ଥିଲେ। ଏପରି କି ଆଜି ମଧ୍ୟ ଯେତେବେଳେ ଲୋକମାନେ କୌଣସି ବିବାଦ କିମ୍ବା ଯୁଦ୍ଧରେ କାହା ପକ୍ଷରେ ଭାଗ ନିଅନ୍ତି ନାହିଁ, ସେତେବେଳେ ଲୋକମାନେ ସେମାନଙ୍କ ଉପରେ ଅସନ୍ତୋଷ ବା କ୍ରୋଧ ପ୍ରକାଶ କରନ୍ତି ଏବଂ ସେମାନଙ୍କୁ ସୁବିଧାବାଦୀ ଭାବେ ଦେଖନ୍ତି। ବୈଦିକ ସମୟରେ ହୋଇଥିବା ଯୁଦ୍ଧରେ ଗାନ୍ଧର୍ବଙ୍କ ପରି ସେମାନଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରନ୍ତି।

ଜୈମିନ୍ୟ ବ୍ରାହ୍ମଣ(୩.୧୫୯)ରେ ମଧ୍ୟ ବିବାଦ ସମ୍ପର୍କରେ ସୂଚିତ କରାଯାଇଛି। ଏହା ଅନୁଯାୟୀ, ସର୍ଯାତ ଏକ ଯଜ୍ଞ କରିଥିଲେ ଓ ସୋମରସ ଗ୍ରହଣ କରିଥିଲେ। ସେହି ଯଜ୍ଞରେ ସେ ଦେବତା ଓ ସାଧୁମାନଙ୍କୁ ଏକାଠି ପିଇବାକୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ସେଠାରେ ଏକ ବିବାଦ ଦେଖାଦେଇଥିଲା। ଅଶ୍ୱିନମାନଙ୍କୁ ଏଥିରେ ଭାଗ ନେବା ଲାଗି ଚେଭନା ଋଷି ଉତ୍ସାହିତ କରିଥିଲେ, ଯାହା ଇନ୍ଦ୍ରଙ୍କୁ କ୍ରୋଧିତ କରିଥିଲା। ପରେ ଏହାକୁ ନେଇ ଏକ ଝଗଡ଼ା ଆରମ୍ଭ ହୋଇଯାଇଥିଲା। ଇନ୍ଦ୍ର ଏବଂ ମାରୁତମାନେ ସାଧୁମାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ। ସେମାନେ ମାଡା ନାମକ ଏକ ଦାନବ ବା ରାକ୍ଷସ ସୃଷ୍ଟି କରିଥିଲେ, ଯିଏ ଦେବତାମାନଙ୍କୁ ଭୟଭୀତ କରିଥିଲା। ପରେ ବିଦ୍ୱାନମାନଙ୍କ ପ୍ରଶଂସାରେ ଦେବତାମାନେ ପ୍ରସନ୍ନ ହୋଇଥିଲେ। ଦାନବ ପାଇଁ ଯିବା ଲାଗି କୌଣସି ସ୍ଥାନ ନ ଥିଲା। ତେଣୁ ସାଧୁମାନେ ତାଙ୍କୁ ମଦ ଭିତରେ ଲୁଚାଇ ରଖିଲେ ଏବଂ ସେ ମଦ୍ୟର ଦାନବ ହୋଇଗଲେ।

ଐତ୍ରେୟ ବ୍ରାହ୍ମଣରେ (୨.୨୫) ଆଉ ଏକ ରୋଚକ କାହାଣୀ ରହିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ସୋମର ଏକ ଭାଗ ପାଇବା ସକାଶେ ଦେବତାମାନଙ୍କ ମଧ୍ୟରେ ଏକ ଦୌଡ଼ ଆୟୋଜିତ ହୋଇଥିଲା। ଏହି ଦୌଡ଼ରେ ବାୟୁ ବିଜୟୀ ହୋଇଥିଲେ। ଇନ୍ଦ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପରେ ଇନ୍ଦ୍ରଙ୍କ ସହ ସୋମରସ ପିଇବା ଲାଗି ବାୟୁଙ୍କୁ ସେ ଅନୁରୋଧ କରିଥିଲେ ଏବଂ ବହୁ ବୁଝାଶୁଝା ପରେ ସୋମର ଏକଚତୁର୍ଥାଂଶ ନେଇଥିଲେ।

ଐତ୍ରେୟ ବ୍ରାହ୍ମଣରେ (୩.୩୦) ଋଭୁଗଣ (କାରିଗରବର୍ଗ)ଙ୍କୁ ଗୋଟିଏ କପ୍‌କୁ ଚାରିଟି କପ୍‌ରେ ପରିଣତ କରିବାକୁ କୁହାଯାଇଥିଲା। ସାଧାରଣତଃ ଋଭୁମାନେ ଅର୍ଥାତ୍ କାରିଗରମାନେ ଏହି କାର୍ଯ୍ୟ କରିଥାନ୍ତି। ହେଲେ ଏହା ବଦଳରେ ସେମାନେ ସୋମ ପାଇଁ କହିଥିଲେ। କିନ୍ତୁ ଦେବତାମାନେ ସକାଳ ଏବଂ ଅପରାହ୍ନର ରୀତିନୀତିରେ ସେମାନଙ୍କୁ ସୋମରୁ ଭାଗ ଦେବା ଲାଗି ମନାକରି ଦେଇଥିଲେ। ଏହିପରି ଭାବେ ଦେବତା ଓ ଋଭୁଗଣଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। ଶେଷରେ ଏହାକୁ ଲକ୍ଷ୍ୟକରି ପ୍ରଜାପତି ଆସି ସେଠାରେ ପହଞ୍ଚିଥିଲେ ଏବଂ ସେମାନଙ୍କୁ ସନ୍ଧ୍ୟା ରୀତିନୀତିରେ ସୋମର ଏକ ଅଂଶ ପ୍ରଦାନ କରିଥିଲେ। ବାସ୍ତବରେ ଏବକାର ସମୟରେ ସୋମର ଉଚିତ ଅଂଶ ପାଇବାକୁ ନେଇ ଅଧିକାଂଶ ମାନବଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଛି। ଏକ ଅଂଶ ବା ଶେୟାରକୁ ସଂସ୍କୃତରେ 'ଭାଗ' ଏବଂ ଏକ ଖଣ୍ଡକୁ ସଂସ୍କୃତରେ 'ଭାଗ' କୁହାଯାଏ। ଏହି ଶବ୍ଦଗୁଡ଼ିକରୁ ଭଗବାନ କିମ୍ବା ଈଶ୍ୱର ଅବଧାରଣା ଆସିଛି, ଯିଏ ନିଷ୍ପକ୍ଷତା ବା ଉଚିତ ନ୍ୟାୟ ପ୍ରଦାନ କରନ୍ତି। ଏହି ଧାରଣା ବୈଦିକ ସମୟ ପରେ ସାମ୍ନାକୁ ଆସିଥିଲା ଏବଂ ସାଧାରଣତଃ ବିଷ୍ଣୁଙ୍କ ପାଇଁ ପ୍ରୟୋଗ କରାଯାଇଥିଲା। ୫୦୦ ଖ୍ରୀଷ୍ଟାବ୍ଦ ପରେ ରଚନା ହୋଇଥିବା ପୁରାଣରେ ବର୍ଣ୍ଣନା ରହିଛି ଯେ ବିଷ୍ଣୁ ବଳିଙ୍କୁ ତାଙ୍କ ରାଜ୍ୟ ତଥା ଦେବମାନଙ୍କୁ ଅମୃତ ପ୍ରଦାନ କରିଥିଲେ। ଦେବତାମାନେ ସେମାନଙ୍କର ସମ୍ପତ୍ତି ଅସୁରମାନଙ୍କ ସହିତ ବାଣ୍ଟି ନାହାନ୍ତି। ଫଳସ୍ୱରୂପ ସେମାନଙ୍କ ମଧ୍ୟରେ ନିରନ୍ତର ବିବାଦ ଲାଗି ରହଛି।

–devduttofficial@gmail.com

# ଜୀବନର ଲକ୍ଷ୍ୟ



ରାଧାଶ୍ୟାମ ରାଉଳ

ଗୁଜରାଟର ଏକ ଦମ୍ପତି ସେମାନଙ୍କ ଦୁଇଶହ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ରାସ୍ତାରେ ଯାଉଥିବା ସାଧାରଣ ଲୋକଙ୍କୁ ବାଣ୍ଟିଦେଇ ଜୈନଧର୍ମ ଅନୁଯାୟୀ ଅତ୍ୟନ୍ତ କଷ୍ଟସାଧ ସନ୍ୟାସୀ ଜୀବନ ଅତିବାହିତ କରିବାକୁ ନିଷ୍ପତ୍ତି ଗ୍ରହଣ କରିବା ଖବର ଚର୍ଚ୍ଚାର ବିଷୟ ହୋଇଛି। ବିଷୟାସକ୍ତିକୁ ପରିହାର କରି ଏ ଦମ୍ପତି ଜୀବନର ନିର୍ମମ ବାସ୍ତବତାକୁ ଆପଣେଇ ନେବାର ଯେଉଁ ଦୃଢ଼ ନିଷ୍ପତ୍ତି ନେଇଛନ୍ତି,ଏବେକାର ସମାଜ ପାଇଁ ଏକ ଶିକ୍ଷଣୀୟ ଉଦାହରଣ। ସୂଚନାଯୋଗ୍ୟ, ଏ ଦମ୍ପତିଙ୍କର ୧୬ ବର୍ଷର ପୁଅ ଓ ୧୯ ବର୍ଷୀୟା ଝିଅ ଦୁଇବର୍ଷ ପୂର୍ବରୁ ସନ୍ୟାସ ବ୍ରତ ଗ୍ରହଣ କରିସାରିଛନ୍ତି। ଏବେ ଏ ଦମ୍ପତି ପୁଅଝିଅଙ୍କ ମାର୍ଗ ଅନୁସରଣ କରିବାକୁ ଉଚିତ ମନେକଲେ। ବାଃ, ଏ ହେଉଛି ପ୍ରକୃତ ସଂସ୍କାର ଓ ସୁଧାରର କଥା। ସାଧାରଣତଃ ପିଲାମାନେ ଛୋଟ ଅବସ୍ଥାରୁ ପରିବାରର ମା'ବାପା ଓ ଅନ୍ୟାନ୍ୟ ଗୁରୁଜନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥା'ନ୍ତି, ସଂସ୍କାର, ଆଚାର ବିଚାର, ନୀତି, ଶୃଙ୍ଖଳା ଶିଖନ୍ତି, ଜୀବନରେ ଭଲ ମଣିଷ ହେବାକୁ ସଂକଳ୍ପ ନେଇଥାନ୍ତି। ହେଲେ ପୁଅ ଝିଅ ସନ୍ୟାସୀ ହେବାପରେ ମା'ବାପା ସନ୍ୟାସୀ ହେବାକୁ ଯାଉଥିବା ଖବର ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ।

ଆମ ସମାଜର ଅନେକ କ୍ଷେତ୍ରରେ ପୁଅ ଝିଅମାନେ ମା'ବାପାଙ୍କ କଥା ଶୁଣିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି, ଆତ୍ମନିର୍ଭରଶୀଳ ନ ହୋଇ ମଧ୍ୟ ମା' ବାପାଙ୍କୁ ନାନା ମାନସିକ ଯନ୍ତ୍ରଣା ଦେଇଥା'ନ୍ତି। ପୁଅ ଝିଅଙ୍କ ନିର୍ଯ୍ୟାତନାର ଶିକାର ହୋଇ ମା' ବାପାମାନେ ଜରାଶ୍ରମକୁ ନିଜର ଶେଷ ଆଶ୍ରୟ ବୋଲି ଆପଣେଇନେବାକୁ ବାଧ୍ୟହୁଅନ୍ତି। ସେଇ ସଙ୍କଟ ସମୟରେ ଧନସମ୍ପତ୍ତି, ଭୋଗବିଳାସ, ବଳ ବୟସ, ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟକୁ ତେଜି ତରୁଣ ବୟସରେ ସନ୍ୟାସୀ ହୋଇ ମା'ବାପାଙ୍କୁ ସନ୍ୟାସୀ ହେବା ପାଇଁ ସୁଯୋଗ ସୃଷ୍ଟି କରିବା ନିଶ୍ଚିତ ଭାବେ ପରମାର୍ଥୀ ପୁଅ ଝିଅଙ୍କର ଏ ହେଉଛି ସର୍ବୋତ୍ତମ ଲକ୍ଷଣ।

ଆୟ ବହିର୍ଭୂତ ଟଙ୍କାପଇସା, ଧନସମ୍ପତ୍ତି ଠୁଳ କରିବା, ଅନ୍ୟର ସମ୍ପତ୍ତି ଓ ସର୍ବସାଧାରଣ ସମ୍ପତ୍ତିକୁ ହଡ଼ପ କରିବା, ସ୍ୱାର୍ଥସାଧନ ଓ ନିଜର ଗୁରୁତ୍ୱ ବଢ଼ାଇବା ପାଇଁ ଅସାଧୁ ଉପାୟରେ ଅନ୍ୟମାନଙ୍କୁ ପଛରେ ପକେଇ ଆଗକୁ ବଢ଼ିବାର ଅସହିଷ୍ଣୁ ପ୍ରତିଯୋଗିତାରେ ଆମେ ମୋହାନ୍ଧ ହୋଇଯାଇଛୁ । ସହଜରେ ଆମେ ଜାଣିପାରୁନାହୁଁ କି ବୁଝିପାରୁନାହୁଁ; ଏବେ ଆମର ସ୍ଥିତି କେଉଁଠି, ପୁଣି କୁଆଡ଼କୁ ଆମର ଗତି? ଆମ ଭିତରେ ପ୍ରବଳ ଧର୍ମଭାବନା, ଈଶ୍ୱରବିଶ୍ୱାସ ରହିଛି ଅଥଚ ଦୁଃଖୀରଙ୍କି, ନିରନ୍ନ, ନିରାଶ୍ରୟ ବୁଭୁକ୍ଷୁ, ବେସାହାରା ମଣିଷମାନଙ୍କୁ ମୁକ୍ତହସ୍ତରେ କିଛି ଦାନ ଖଇରାତ କରିବାକୁ ଚାହୁଁନାହୁଁ। ଏମାନଙ୍କୁ ଦେଖି ନ ଦେଖିବାର ଅଭିନୟ କରୁ କିମ୍ବା ବାଟ ଭାଙ୍ଗି ଚାଲିଯାଉ। ଆବଶ୍ୟକ ପଡ଼ିଲେ ଏମାନଙ୍କୁ ଗାଳିଗୁଲଜ, ନିନ୍ଦା ତିରସ୍କାର, ଧିକ୍କାର କରୁ। ଅତଏବ ସମ୍ପଦ, ବିଭବ, ପ୍ରାଚୁର୍ଯ୍ୟର ବଳୟରୁ ବାହାରି ଆମ ଅର୍ଜିତ ସମ୍ପତ୍ତିକୁ ସାଧାରଣ ଲୋକଙ୍କ ଭିତରେ ବାଣ୍ଟିଦେଇ ଅତ୍ୟନ୍ତ କଷ୍ଟସାଧ ସନ୍ୟାସ ବ୍ରତ ଅବଲମ୍ବନ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଓ ଅବାସ୍ତବ ପ୍ରତ୍ୟୟ ହେବା ସ୍ୱାଭାବିକ।

ଜୀବନ ଅଛି ତ ମୃତ୍ୟୁ ଅବଶ୍ୟମ୍ଭାବୀ। ତେବେ ଜୀବଦ୍ଦଶାରେ ଆମେ କ'ଣ କରୁଛୁ, କ'ଣ କରିବା ଉଚିତ; ଏ ବାବଦରେ କେବେ କ'ଣ ଭାବୁ କି? ହିଂସା, କ୍ରୋଧ, ଈର୍ଷା, ଦ୍ୱେଷ, ଅସହିଷ୍ଣୁତା, ପରଶ୍ରୀକାତରତା, ଗର୍ବ, ଅହଙ୍କାର, ଆସ୍ପର୍ଦ୍ଧା, ଅର୍ଥ, କ୍ଷମତା, ପ୍ରତିପତ୍ତି,ପଦପଦବୀର ସମ୍ମୋହନରେ ସମ୍ମୋହିତ ହୋଇ ଆମେ ଆମର ଦୂରଦୃଷ୍ଟି ହରେଇବସୁ, ହିତାହିତ ଜ୍ଞାନଶୂନ୍ୟ ହୋଇ ଜୀବନର ଅର୍ଥ, ମହତ୍ତ୍ୱ ଓ ଗୁରୁତ୍ୱକୁ ସହଜରେ ଉପଲବ୍ଧି କରିପାରୁନାହୁଁ। ଯେହେତୁ ଜୀବନକାଳ ସ୍ୱଳ୍ପ ସୀମିତ, ନିର୍ଦ୍ଦିଷ୍ଟ ସୀମା ବାହାରେ ଜୀବନର ପରିକଳ୍ପନା କରିବା ନିରର୍ଥକ, ତେଣୁ ସବୁଦିନ ଜୀବନ ଜିଇବା ଅସମ୍ଭବ। ଆମ ମୃତ୍ୟୁ ପରେ ଅର୍ଜିଥିବା ଧନସମ୍ପତ୍ତିର ମୂଲ୍ୟ କେତେ, ଅସ୍ତିତ୍ୱ ଅବା କ'ଣ? ଏ ଧନସମ୍ପତ୍ତିର ମାଲିକାନା ଆଉ କାହା ହାତକୁ ଚାଲିଯିବ!

ସମସ୍ୟା, ସଙ୍କଟ, ଝାମେଲା, ଝିଂଟ ଭିତରେ ଧନ୍ଦିହୋଇ ଅତିଷ୍ଠ ଲାଗେ ଜୀବନ। ଏ ସବୁ ଭବବନ୍ଧନରୁ ମୁକ୍ତି ପାଇବା ପାଇଁ ମନ ଚାହେଁ ଚିରନ୍ତନ ଆଶ୍ୱସ୍ତି, ହୃଦୟ ଚାହେଁ ପରମ ଶାନ୍ତି। ଭୂପ୍ରେମ, ଶାଶ୍ୱତ ଚେତନାରେ ଉଦ୍‌ବୁଦ୍ଧ ଓ ଅଭିମନ୍ତ୍ରିତ ହୋଇ ଈଶ୍ୱରଙ୍କ ଉପାସନା ପାଇଁ ସନ୍ୟାସ ହେବାଠାରୁ ବୋଧହୁଏ ଏ ସଂସାରରେ ଆଉ ବଡ଼ ବିକଳ୍ପ କିଛି ନାହିଁ । ଏହା ହିଁ ଜୀବନର ଶ୍ରେଷ୍ଠ ପନ୍ଥା ଓ ଜୀବନ ଦର୍ଶନର ଦିବ୍ୟ ଉପଲବ୍ଧି!

ମୋ:୮୯୧୭୪୭୯୬୪୦

## ଏଇ ଭାରତରେ

ସମ୍ପ୍ରତି ଇଲେକ୍‌ଟ୍ରୋନିକ ବର୍ଜ୍ୟ ବା ଇ–ୱେଷ୍ଟ ସମସ୍ୟା ବଢ଼ିବାରେ ଲାଗିଛି। ଏହା ପରିବେଶ ପ୍ରଦୂଷଣ ବୃଦ୍ଧି କରୁଛି। ଏଣୁ ଏଭଳି ଇ–ୱେଷ୍ଟ ସମସ୍ୟା ବିଷୟରେ ଚିନ୍ତା କରିବା ସମୟରେ ଆକାଂଶ ଚତୁର୍ବେଦୀଙ୍କ ଆବିଷ୍କାର ଉପରେ ଭାବିବା ଉଚିତ। ସେ ବାଉଁଶରେ ଏକପ୍ରକାର ହେଡ୍‌ଫୋନ ତିଆରି କରିଛନ୍ତି। ଏହା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ ଓ ୭୦% ବିଘଟନଯୋଗ୍ୟ। ଏଭଳି ଆବିଷ୍କାର ପ୍ରଚ୍ଛଦରେ ଦୁଇଟି କାରଣ ରହିଛି। ଗୋଟିଏ ହେଉଛି ପରିବେଶରେ ଇ–ୱେଷ୍ଟ ବୃଦ୍ଧି ରୋକିବା ଏବଂ ଦ୍ୱିତୀୟରେ ବାଉଁଶ କଳାକୁ ନୂଆ ରୂପ ଦେବା। ଆକାଂଶ କଳାରେ ସ୍ନାତକୋତ୍ତର ଡିଗ୍ରୀ ପରେ ପ୍ରଥମେ ହେଡ୍‌ଫୋନର ଏକ ପ୍ରତିକୃତି ତିଆରି କରିଥିଲେ। ଏହି ହେଡଫୋନ ବହୁତ ହାଲୁକା ଏବଂ ତାହା ସହଜରେ ଜଣଙ୍କ ମୁଣ୍ଡରେ ଫିଟ୍ ହୋଇପାରୁଛି। ଏବେ ଏହାର ଆଦର ବଢୁଛି ଓ ଏହାପାଇଁ ସେ ଅଧିକ ଅର୍ଡର ମଧ୍ୟ ପାଉଛନ୍ତି। ଅଧିକ ଉତ୍ପାଦନ ପାଇଁ ସେ ବାଉଁଶ କଳାକାରଙ୍କ ସାହାଯ୍ୟରେ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ମେ ୧୯୭୫

- ସିକିମକୁ ଭାରତର ଏକ ପୂର୍ଣ୍ଣାଙ୍ଗ ରାଜ୍ୟରେ ପରିଣତ କରିବା ପାଇଁ ୩୮ତମ ସମ୍ବିଧାନ ସଂଶୋଧନ ବିଲ୍ ତାମିଲନାଡୁ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନରେ ସର୍ବସମ୍ମତ କ୍ରମେ ଗୃହୀତ ହୋଇଛି।
- ଉତ୍ତର ପ୍ରଦେଶ ଅନ୍ତର୍ଗତ ଘାଜିପୁର ଜିଲାର ଶେରପୁର ଗ୍ରାମରେ ହରିଜନ ଓ ଭୂମିହରାମାନଙ୍କ ଭିତରେ ସଂଘର୍ଘ ଘଟି ୩୦ ଜଣ ନିହତ।
- ମଇ ଦିବସ ଉପଲକ୍ଷେ ଆୟୋଜିତ ଏକ ସମାବେଶରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ମନ୍‌ସୁର ଅଲ୍ଲି ବକ୍ତୃତା ମଞ୍ଚରେ ଉପସ୍ଥିତ ଥିବାବେଳେ କ୍ରମାନ୍ୱୟରେ ୩ଟି ବିସ୍ଫୋରଣ ଘଟିଛି।

## su | do | ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 1 | | | 9 | | | | |
| 7 | 2 | | | | | 6 | | |
| | | | | | 4 | | | |
| | 9 | 4 | 2 | | | | | |
| | 7 | 2 | 9 | | | | | 5 |
| 8 | | | | | | 3 | | |
| | | | | 2 | 5 | 1 | 3 | |
| | | 8 | | 1 | | | | |
| 9 | | | | | 6 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 9 | 8 | 4 | 5 | 1 | 2 |
| 4 | 1 | 8 | 3 | 5 | 2 | 6 | 7 | 9 |
| 5 | 9 | 2 | 7 | 1 | 6 | 8 | 3 | 4 |
| 2 | 3 | 9 | 6 | 7 | 5 | 1 | 4 | 8 |
| 7 | 5 | 4 | 8 | 3 | 1 | 2 | 9 | 6 |
| 8 | 6 | 1 | 2 | 4 | 9 | 7 | 5 | 3 |
| 6 | 2 | 3 | 5 | 9 | 7 | 4 | 8 | 1 |
| 9 | 4 | 5 | 1 | 6 | 8 | 3 | 2 | 7 |
| 1 | 8 | 7 | 4 | 2 | 3 | 9 | 6 | 5 |

ଗତ ସଂସ୍କରଣର ଉତ୍ତର

# ଦେଶକୁ କୁଆଡ଼େ ନେଉଛ



ଡ. ସନ୍ତୋଷ କୁମାର ମହାପାତ୍ର

ଜଣେ ସ୍ୱାସ୍ଥ୍ୟ ଖରାପ ଯୋଗୁ ଡାକ୍ତର ପାଖକୁ ଗଲେ। ଡାକ୍ତର ରୋଗୀକୁ ଦେଖି କହିଲେ– ଆପଣଙ୍କର ସବୁ ଠିକ୍ ଅଛି କିନ୍ତୁ କିଛି ହୃଦ୍‌ରୋଗଜନିତ ସମସ୍ୟା ଅଛି। ନିୟମିତ ଭାବେ ଔଷଧ ଖାଇଲେ ସୁସ୍ଥ ହୋଇଯିବେ। ସେଠାରେ ଯଦି ରୋଗୀଟି ବୁଝିଲା, ଶୁଝିଲା ଲୋକ ହୋଇଥିବ ତେବେ ସେ ଡାକ୍ତରଙ୍କ କଥା ମାନି ଔଷଧ ଖାଇବ ଓ ଭଲ ହୋଇଯିବ। ଯଦି ବୁଝିଲା, ଶୁଝିଲା ଲୋକ ହୋଇ ନ ଥିବ ତେବେ ଭାବିବ ମୋର କିଛି ହୋଇନି, ସବୁ ଭଲ ଅଛି ଏବଂ ଔଷଧ ଖାଇବ ନାହିଁ। ଔଷଧ ନ ଖାଇଲେ କି ପ୍ରକାର ଭୟଙ୍କର ପରିଣତି ଭୋଗିବାକୁ ପଡିବ ତାହା ସମସ୍ତଙ୍କୁ ଜଣା। ଏହିପରି ଅନେକେ ଔଷଧ ନ ଖାଇ ମୃତ୍ୟୁବରଣ କରୁଛନ୍ତି। ବର୍ତ୍ତମାନ ଭାରତର ଶାସକ ଶ୍ରେଣୀ ବିଭିନ୍ନ ଆର୍ଥିକ, ସାମାଜିକ ତଥା ରାଜନୈତିକ ସମସ୍ୟାକୁ ସ୍ୱୀକାର ନ କରି ନିଜର ଆତ୍ମପ୍ରଚାରରେ ଲିପ୍ତ ରହି ପରିସ୍ଥିତିକୁ ଅଧିକ ସଙ୍ଗିନ କରୁଛନ୍ତି। ଦେଶ ତଳକୁ ତଳ ଯାଉଛି। ବିଭିନ୍ନ ଅନ୍ତର୍ଜାତୀୟ ରିପୋର୍ଟ ବା ସୂଚକାଙ୍କରେ ଯଦି କିଛି ଭଲ ଉଲ୍ଲେଖ ହେଲା, ତାକୁ ଶାସକ ଶ୍ରେଣୀ ଗ୍ରହଣ କରି ପ୍ରଚାର କରୁଛନ୍ତି। କିନ୍ତୁ ଯଦି ବିଫଳତା ଦର୍ଶାଗଲା, ତେବେ ବିରୋଧ କରୁଛନ୍ତି। ଶାସକଶ୍ରେଣୀ ନିଜର ତ୍ରୁଟି, ବିଫଳତା ସ୍ୱୀକାର କରିବାକୁ ଅନିଚ୍ଛୁକ, ଯାହା ଚିନ୍ତାର ବିଷୟ।

ଖାଲି ଜିଡିପି ବୃଦ୍ଧି ବା କିଛି ସାମୂହିକ ସୂଚକାଙ୍କରେ ଉନ୍ନତି ଅର୍ଥ ନୁହେଁ ଲୋକ ଶାନ୍ତି ଓ ସୁଖରେ ଅଛନ୍ତି। ଆଜି ଭାରତ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ୧୯୫ଟି ଦେଶ ମଧ୍ୟରୁ ୧୪୨ଟି ଦେଶ ତଳେ ଥିଲାବେଳେ ମାନବ ଉନ୍ନୟନ ସୂଚକାଙ୍କରେ ୧୯୩ଟି ଦେଶ ମଧ୍ୟରୁ ୧୩୩ଟି ଦେଶ ତଳେ ରହିଛି। ଭାରତକୁ ଏକ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର ଓ ନିର୍ବାଚନୀ ଅଟୋକ୍ରାସି କୁହାଯାଉଛି। ଦୁର୍ନୀତି ଦୃଷ୍ଟିରୁ ୧୮୦ଟି ଦେଶ ମଧ୍ୟରୁ ୯୨ଟି ଦେଶ ତଳେ।

ପ୍ରତି କଥାରେ ବିକାଶ କଥା କୁହାଯାଉଛି। କିନ୍ତୁ ବିକାଶର ପରିଭାଷା କ'ଣ, କାହାର ବିକାଶ ହୋଇଛି ଓ କି ପ୍ରକାର ବିକାଶ ହୋଇଛି କେହି କହୁନାହାନ୍ତି। ଯଦି ବିକାଶ ହୋଇଛି ତେବେ ୮୦କୋଟି ଜନତାଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେବାର ଆବଶ୍ୟକତା ପଡ଼ନ୍ତା ନାହିଁ। ଗରିବୀ ନ ଥାନ୍ତା କି ଗରିବୀ ହଟାଇବା କଥା କେହି କୁହନ୍ତେ ନାହିଁ। ଟିକସଦାତାଙ୍କ ଅର୍ଥରେ ହାତୀ ଦେବୁ, ଘୋଡ଼ା ଦେବୁ କହି ସବୁ ପ୍ରତିଶ୍ରୁତି ଦିଅନ୍ତେ ନାହିଁ। ଅବଶ୍ୟ ଯାହା ବି ଦେବେ ଆମପରି ଟିକସଦାତାଙ୍କ ଅର୍ଥରେ ଦେବେ।

ଆମ ଦେଶର ଜିଡିପି ଅନୁସାରେ କେନ୍ଦ୍ରର ଟିକସ ଅନୁପାତ ମାତ୍ର୧୧.୭% ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ମିଶିଲେ ୧୭% ହେବ କିନ୍ତୁ ଏହା ଅନ୍ୟ କିଛି ଦେଶରେ ୪୦ରୁ ୫୦%। ଓଇସିଡି ଦେଶରେ ୩୫%। ସେହିପରି ଜିଡିପି ଅନୁସାରେ ମୋଟ ବ୍ୟୟବରାଦ ୨୦୨୦–୨୧ରେ ୧୭.୭% ଥିଲା ବେଳେ ୨୦୨୪–୨୫ରେ ୧୩.୭୦% ହେବ ବୋଲି ଧାର୍ଯ୍ୟ କରାଯାଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଏହା ଫ୍ରାନ୍ସରେ ୫୮.୩୪%, ଜାପାନରେ ୪୪.୦୯%, ସ୍ୱିଡେନରେ ୪୭.୩୨%, ଆମେରିକାରେ ୩୬.୨୬%, ବ୍ରିଟେନରେ ୪୪.୩%। ଯଦି ଜିଡିପି ଅନୁସାରେ ଟିକସ ବୃଦ୍ଧି ପାଉନି କି ବ୍ୟୟ ବୃଦ୍ଧି ପାଉନି ତେବେ ବିକାଶ ହୋଇଛି ବୋଲି କାହିଁକି ପ୍ରଚାର କରାଯାଉଛି। ଯଦି କିଛି ଗୋଟିଏ ପଟେ ଦେଇଥିବେ ଅନ୍ୟ କେଉଁ ବ୍ୟୟବରାଦ ହ୍ରାସ କରିଥିବେ। ପୁନଶ୍ଚ ଟିକସର ବୋଝ ଗରିବଙ୍କ ଉପରେ ବେଶି ପଡୁଛି। ଏତେ ନ ଦେଇ କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟ



ମାଗଣା ସମସ୍ତଙ୍କୁ ଯୋଗାଇ ଦେଉନାହାନ୍ତି?

ବେଶି ଚିନ୍ତାର ବିଷୟ ହେଉଛି, ଟିକସଦାତାଙ୍କ ଅର୍ଥରେ ମନ୍ତ୍ରୀ, ସାଂସଦ ତଥା ବିଧାୟକମାନେ ପ୍ରଚାର କରୁଛନ୍ତି। ପୋଲିସ ତଥା ବିଭିନ୍ନ ସୁରକ୍ଷା ବାହିନୀ ସାଧାରଣ ଜନତାଙ୍କୁ ସୁରକ୍ଷା ଓ ନିରାପତ୍ତା ଦେବେ କ'ଣ ନେତା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଦେବାରେ ସବୁ ସମୟ ଯାଉଛି।

ସବୁଠାରୁ ଚିନ୍ତାର ବିଷୟ ହେଉଛି ବେକାରି ବିଶେଷ କରି ଯୁବ ଶିକ୍ଷିତ ବେକାର। ବେକାରି ଯଦି ସେତିକି ଉଗ୍ର ହୋଇ ନ ଥାନ୍ତା, ତେବେ ଅତ୍ୟନ୍ତ ମୁଣ୍ଡଫଟା ଖରାରେ କିଛି ଟଙ୍କା ପାଇଁ ଯୁବକମାନେ ନେତାଙ୍କ ରାଲି, ରୋଡ ଶୋ, ସଭାରେ ଯାଇ ଯୋଗ ଦିଅନ୍ତେ ନାହିଁ। କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ନିଯୁକ୍ତି ସୃଷ୍ଟି କରିବେ ବୋଲି ଭାଜପା କହିଥିଲା। କିନ୍ତୁ କୁଆଡ଼େଗଲା ସେ ପ୍ରତିଶ୍ରୁତି। ପ୍ରାୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ୩୦ ଲକ୍ଷରୁ ଅଧିକ ଖାଲିସ୍ଥାନ ପୂରଣ କରାଯାଇ ନାହିଁ। ଯେଉଁସବୁ ନିଯୁକ୍ତି ସୃଷ୍ଟି ହେଉଛି ତାହା ନିମ୍ନମାନର ବା ଅସଂଗଠିତ କ୍ଷେତ୍ରରେ। ଯିଏ ଯେତେ ଅଧିକ ଶିକ୍ଷିତ, ତାକୁ ରୋଜଗାର ପନ୍ଥା ଖୋଜିବାରେ ସେତେ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କାରଣ ସିଏ ଯେଉଁପରି ନିଯୁକ୍ତି ବା ଚାକିରି ଖୋଜୁଛି ତାହା ପାଉ ନାହିଁ। ଅକ୍ଷର ପଢ଼ି କିମ୍ବା ଲେଖି ପାରୁ ନ ଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୩.୪%। କିନ୍ତୁ ସ୍ନାତକମାନଙ୍କ ବେକାରି ହାର ୨୯.୧% (ମହିଳା ୩୪.୫%, ପୁରୁଷ ୨୬.୪%)। ଅର୍ଥାତ୍ ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ ବେକାରି ହେବାର ଆଶଙ୍କା ପ୍ରାୟ ୯ ଗୁଣା ଅଧିକ।

ମିଳିତ ଜାତିସଂଘର ପାଞ୍ଚଟି ସଂସ୍ଥା ଦ୍ୱାରା ପ୍ରକାଶିତ ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ସମ୍ପର୍କିତ ୨୦୨୩ ରିପୋର୍ଟରେ କୁହାଯାଇଛି ଯେ ୨୦୨୧ରେ ୭୪.୧% ଭାରତୀୟ ବା ୧୦୪.୩ କୋଟି ଲୋକ ଏକ ସୁସ୍ଥ ଖାଦ୍ୟ ପାଇବାକୁ ଅସମର୍ଥ ହୋଇଥିଲେ। ତୁଳନାତ୍ମକ ଭାବରେ ବାଂଲାଦେଶର ପ୍ରାୟ ୬୬% ଲୋକ, ଇରାନରେ ୩୦%, ଚାଇନାରେ୧୧%, ରୁଷିଆ୨.୬ %, ଆମେରିକାରେ ୧.୨ % ଏବଂ ବ୍ରିଟେନରେ ୦.୪ % ସୁସ୍ଥ ଖାଦ୍ୟ ଖାଇବାକୁ ଅସମର୍ଥ ହୋଇଥିଲେ। ୨୦୨୦–୨୨ରେ ୧୬.୬% ଭାରତୀୟ ପୁଷ୍ଟିହୀନତା ବା କୁପୋଷଣରେ ଜର୍ଜରିତ।

ବାସ୍ତବରେ ଭାରତର ବର୍ତ୍ତମାନର ଅସମାନତା ଭୟଙ୍କର। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପଦ ଥିବା ବେଳେ, ଗରିବ ଲୋକମାନେ ଠିକ୍ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳି ନ ଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ୨୦୨୪ର ୱାର୍ଲ୍ଡ ଇନଇକ୍ୱାଲିଟି ଲ୍ୟାବ୍ର ରିପୋର୍ଟ ଅନୁସାରେ ଭାରତର ସର୍ବୋଚ୍ଚ ୧%ଙ୍କ ଆୟ ଜାତୀୟ ଆୟର ଅଂଶରେ ବିଶ୍ୱରେ ସର୍ବୋଚ୍ଚ ସ୍ତରରେ ରହିଛି।

ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟାବେଳେ ଏତେ ଉଗ୍ର, ହିଂସାତ୍ମକ, ଅନୈତିକ ହୋଇଛି ଯେ ଏପରି କେବେ ଦେଖିବାକୁ ମିଳି ନ ଥିଲା। କୌଣସି ରାଜନୈତିକ ଆଦର୍ଶ, ନୀତି ନାହିଁ। ଜଣେ ଟିକେଟ ନ ପାଇବାରୁ ବର୍ଷ ବର୍ଷ ଧରି ସମାଲୋଚନା କରୁଥିବା ଦଳରେ ଯୋଗ ଦେଉଛି ଏବଂ ସଙ୍ଗେ ସଙ୍ଗେ ଟିକେଟ ମଧ୍ୟ ପାଉଛି। ଭୋଟରମାନେ ଭୋଟ ଦେବାପାଇଁ ଆଦର୍ଶ ପ୍ରାର୍ଥୀ ପାଉନାହାନ୍ତି। ଯିଏ ଆଦର୍ଶ ପ୍ରାର୍ଥୀ ହୋଇପାରିବ ତାକୁ ଟିକେଟ ମିଳୁନି କାରଣ ଲୋକ ବଳ ଓ ଆର୍ଥିକ କ୍ଷମତା ନାହିଁ। ସେଲିବ୍ରିଟିଜ୍, ଶିଳ୍ପପତି, ବିତ୍ତଶାଳୀ କ୍ଷମତାଶାଳୀଙ୍କ ପାଇଁ ଏହା ଅର୍ଥ ରୋଜଗାର କରିବା ବା କ୍ଷମତା ବଜାୟ ରଖିବା ପାଇଁ ନିର୍ବାଚନ ଏକ ମାଧ୍ୟମ ସାଜିଛି। ଏହା ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିଛି। ଜଣେ ସଚେତନ ଓ ଚିନ୍ତାଶୀଳ ବ୍ୟକ୍ତି ଏହାକୁ ଗ୍ରହଣ କରିପାରିବ ନାହିଁ।

ମୋ:୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଦଳଡିଆଁ ନେତା ଓ ମାଗଣାଖିଆ ଭୋଟର

ମହାଶୟ,
ନିର୍ବାଚନ ଯେତେ ପାଖେଇ ଆସୁଛି, ଦଳଡିଆଁ ନେତାଙ୍କ ସଂଖ୍ୟା ସେତେ ବଢ଼ିବାରେ ଲାଗିଛି। ନେତାମାନେ ନିଜର ସ୍ୱାର୍ଥ ପାଇଁ ଗୋଟିଏ ଦଳକୁ ପରିତ୍ୟାଗ କରି ଅନ୍ୟ ଦଳକୁ ଡେଇଁ ପଡୁଛନ୍ତି। ସତେ ଯେମିତି ସେ ଜନସେବା କରିବା ପାଇଁ ବ୍ୟାକୁଳ। ଠିକ୍ ସେହିପରି ମାଗଣାଖିଆ ଭୋଟର ମଧ୍ୟ ନିଜର ସ୍ୱାର୍ଥ ପାଇଁ ସେହି ଦଳଡିଆଁ ନେତାଙ୍କୁ ପୂର୍ଣ୍ଣ ଭାବରେ ସମର୍ଥନ କରନ୍ତି। କିଛି ପାଇ ଗଲେ କିମ୍ବା ପାଇବାର ପ୍ରତିଶ୍ରୁତି ମିଳିଗଲେ ବହୁମୂଲ୍ୟ ଭୋଟ ଖଣ୍ଡିକ ଯେ କୌଣସି ନେତାଙ୍କୁ ଦେବା ପାଇଁ କୁଣ୍ଠାବୋଧ କରନ୍ତିନାହିଁ। ଉନ୍ନତ ରାଷ୍ଟ୍ର ନିର୍ମାଣରେ ଭୋଟଦାନର ଭୂମିକାକୁ ଭଲଭାବେ ଉପଲବ୍ଧି କରିପାରନ୍ତି ନାହିଁ ଏହି ମାଗଣାଖିଆ ଭୋଟର। ଏହି ବିଷୟକୁ ଗଭୀରଭାବେ ଅନୁଧ୍ୟାନ କଲେ ଜଣାପଡୁଛି ଯେ ଦଳଡିଆଁ ନେତା ଓ ମାଗଣାଖିଆ ଭୋଟର ଦେଶ ପାଇଁ ଶୁଭଙ୍କର ନୁହନ୍ତି। ଏଣୁ ସଚେତନ ନାଗରିକ ହିସାବରେ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ସଠିକ୍ ପ୍ରାର୍ଥୀଙ୍କୁ ଦେବା ଉପଯୁକ୍ତ ବୋଲି ମନେହୁଏ।

–ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃତକ୍ଷଣେ ବିଶ୍ୱର ଅସୀମ ଅବସାଦ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମହାପ୍ରସାଦକୁ ଅପମାନ: ସୋସିଆଲ ମିଡିଆରେ ଫଟୋ ଭାଇରାଲ**

ପୁରୀ,(ଅଜିତ୍ ମହାନ୍ତି): ମହାପ୍ରସାଦକୁ ଅପମାନ କରାଯାଇଥିବା ଅଭିଯୋଗ ହେଉଛି। କେତେଜଣ ଭକ୍ତ ମହାପ୍ରସାଦ ସହ ଚିଲିକୋବି ଓ ଚାଓମିନ ଖାଉଥିବା ନେଇ ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେଉଛି। ଏକ ଫଟୋରେ ଦେଖିବାକୁ ମିଳିଛି ଯେ, ଗୋଟିଏ ବେଞ୍ଚ ଉପରେ ମହାପ୍ରସାଦ ଏବଂ ତା' ନିକଟରେ ଦୁଇଟି ପାତ୍ରରେ ଚିଲିକୋବି ଓ ଚାଓମିନ୍ ଥୁଆ ହୋଇଛି। କେତେଜଣ ଭକ୍ତ ତଳେ ବସି ଖଲିପତ୍ରରେ ମହାପ୍ରସାଦ ସହ ଚିଲିକୋବି ଓ ଚାଓମିନ୍ ଖାଉଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

# ଟ୍ରାଫିକ ଛକରେ ବିଏମ୍‌ସି ଟାଣିଲା ଗ୍ରୀନ୍ ଶେଡ୍



ଖରାରୁ ଯାତ୍ରୀଙ୍କୁ ସୁରକ୍ଷା ଦେବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନାଲ୍‌କୋ ଟ୍ରାଫିକ ଛକ (କଳିଙ୍ଗ ହସ୍ପିଟାଲ ନିକଟ)ରେ ରାସ୍ତା ଉପରେ ଗ୍ରୀନ୍ ସେଡ୍ ଟଣାଯାଇଛି। (ଫଟୋ– ବିକାଶ ନାୟକ)

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାବେଳେ ରାଜଧାନୀରେ ତାପମାତ୍ରା ୪୫ ଡିଗ୍ରୀ ପାର୍ କରି ସାରିଲାଣି। ରାସ୍ତାରେ ଚାଲିକରି ଯିବା ଦୂରର କଥା ଗାଡ଼ିରେ ଗଲେ ବି ଦେହହାତ ଜଳିପୋଡି ଗଲା ଭଳି ଲାଗୁଛି। ଏଭଳି ସ୍ଥିତିରେ ଯଦି ଟ୍ରାଫିକ୍ ଛକରେ ଅଟକିଗଲେ, ତେବେ କଥା ସରିଲା। ତେଣୁ ଗାଡ଼ି ଚାଳକଙ୍କୁ ଖରା ଦାଉରୁ ସାମୟିକ ସୁରକ୍ଷା ଦେବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନୂଆକରି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ସହରର ଏକାଧିକ ଟ୍ରାଫିକ୍ ଛକରେ ଗ୍ରୀନ୍ ଶେଡ୍ ଟଣାଯାଇଛି। ଫଳରେ ଟ୍ରାଫିକ୍ ଛକରେ ଅଟକୁଥିବା ଯାତ୍ରୀମାନେ କିଛି ମାତ୍ରାରେ ଖରାରୁ ରକ୍ଷା ପାଇପାରିବେ। ବର୍ତ୍ତମାନ ସୁଦ୍ଧା ସହରର ନାଲ୍‌କୋ ଛକ, ସିଟି ଓମେନ୍ସ ଛକ ଆଦି ସ୍ଥାନରେ ଗ୍ରୀନ୍ ଶେଡ୍ ଟଣା ସରିଥିବାବେଳେ ଏଜି ଛକ, ଷ୍ଟୁଡିଓ ଛକ ଏବଂ ଅନ୍ୟାନ୍ୟ କେତେକ ସ୍ଥାନରେ କାମ ଚାଲିଛି। ତେବେ ଏହା ସଫଳ ହେଲେ ସହରର ପ୍ରାୟ ୧୦ରୁ ୧୫ଟି ସ୍ଥାନରେ ଗ୍ରୀନ୍ ଶେଡ୍ ଲଗାଯିବ ବୋଲି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି। ଶେଡ୍ ଟାଣିବା ପାଇଁ ବିଏମ୍‌ସିର ୩ଟି ଜୋନ୍‌ର ଜୋନାଲ ଡେପୁଟି କମିଶନର (ଜେଡ୍‌ଡିସି)ଙ୍କୁ ଦାୟିତ୍ୱ ଦିଆଯାଇଛି। ଅତି ଆବଶ୍ୟକ କରୁଥିବା ଟ୍ରାଫିକ୍ ପୋଷ୍ଟ ଚିହ୍ନଟ କରି ଜେଡ୍‌ଡିସି ସେଠାରେ ଶେଡ୍ ଟାଣିବାର ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରେଲ୍‌ୱେ କର୍ମଚାରୀଙ୍କ ପାଇଁ ପରିବର୍ତ୍ତନାତ୍ମକ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)– ରେଳ କର୍ମଚାରୀଙ୍କ ମାନସିକତାରେ ଉନ୍ନତି ଆଣିବା ପାଇଁ ଏକ ପରିବର୍ତ୍ତନାତ୍ମକ କାର୍ଯ୍ୟକ୍ରମ 'ମାନସିକତା ଓ ସମ୍ଭାବନାର ଚିନ୍ତାଧାରାରୁ ଉନ୍ମୁକ୍ତି' ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏହାର ଶୁଭାରମ୍ଭ କରି ମନ ଓ ଆତ୍ମାର ଗଭୀର ସମ୍ମିଶ୍ରଣରେ ପରିବର୍ତ୍ତନଶୀଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବ୍ରହ୍ମକୁମାରୀ ସଂଗଠନର ବି. କେ. ଶକ୍ତିରାଜ ସିଂ ଯୋଗଦେଇ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ। ପୂର୍ଣ୍ଣ ସାମର୍ଥ୍ୟ ଏବଂ ପୂର୍ଣ୍ଣ ଜୀବନଯାପନ ପାଇଁ ବି.କେ. ଶକ୍ତିରାଜ ସିଂ ତାଙ୍କର ପ୍ରଭାବଶାଳୀ ଭାଷଣ ମାଧ୍ୟମରେ ଆଲୋକପାତ କରିଥିଲେ।

### ଫଟୋ ଜର୍ନାଲିଷ୍ଟ ଡଟ୍ କମ୍ ପକ୍ଷରୁ ଶ୍ରମିକ ଦିବସ

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)– ଭୁବନେଶ୍ୱର ଫଟୋ ଜର୍ନାଲିଷ୍ଟ ଡଟ୍ କମ୍ ପକ୍ଷରୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସୁରତରଙ୍ଗ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲ୍‌ରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ମିଶ୍ର ଯୋଗଦେଇଥିଲେ। ଫଟୋ ସାମ୍ବାଦିକମାନେ କେବଳ ଖବରଜନିତ ଫଟୋରେ ସୀମିତ ନ ରହି ବିଭିନ୍ନ ସାମାଜିକ ଓ କଳାତ୍ମକ କାର୍ଯ୍ୟରେ ନିଜକୁ ସାମିଲ କରୁଛନ୍ତି। ଏହାଦ୍ୱାରା ନିଜ ଭିତରେ ଥିବା ପ୍ରତିଭାକୁ ପରିପ୍ରକାଶ କରିବାର ସୁଯୋଗ ମିଳିଥାଏ ବୋଲି ସବ୍ୟସାଚୀ କହିଥିଲେ। ସୁରତରଙ୍ଗ ସମ୍ପାଦକ ତଥା ଫଟୋ ସାମ୍ବାଦିକ ପୀୟୁଷ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ନାୟକ, ଉପସଭାପତି କଣ୍ଠଶିଳ୍ପୀ ବିଭୁ କିଶୋର ଓ ଉପଦେଷ୍ଟା ଦିଲୀପ ଦାସ, ରାକ୍ଷୀ ଦାଶ, କୃଷ୍ଣଚନ୍ଦ୍ର ସେଠୀ, ଡ. ଶ୍ରୀନିବାସ ଘଟୁଆରୀ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫଟୋ ସାମ୍ବାଦିକ ସ୍ୱଦେଶ ମହାନ୍ତିଙ୍କ ନୂତନ ଓଡ଼ିଆ ଗଜଲ 'ମୋ ଭାବନା' ଉନ୍ମୋଚିତ ହେବା ସହ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କଣ୍ଠଶିଳ୍ପୀ ଟିକେନ ବିଶ୍ୱରଞ୍ଜନ, ମନୋରଞ୍ଜନ ମିଶ୍ର, ଭବାନୀ ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତିଙ୍କ ସହ କୈବଲ୍ୟ ଦାସ, ବସନ୍ତ ପରିଡ଼ା, ବିଶ୍ୱନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ଶ୍ରମିକଶ୍ରେଣୀ ନିଜ ସଂଘର୍ଷକୁ ଶାଣିତ କରନ୍ତୁ

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)– ଆଇସିସିଟିୟୁ ପକ୍ଷରୁ ନଗଭୂଷଣ ଭବନଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଉପସଭାପତି ବଂଶୀଧର ପରିଡା ଲାଲ ପତାକା ଉତ୍ତୋଳନ କରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା ସଭାପତିତ୍ୱ କରି ଶ୍ରମକୋଡ୍‌କୁ ବାତିଲ କରିବା, ସର୍ବନିମ୍ନ ମଜୁରି ମାସିକ ୩୦ହଜାର, ଶ୍ରମିକ ଛାଟେଇ ବନ୍ଦ କରିବା, ଶ୍ରମିକ ମାନଙ୍କୁ ସାମାଜିକ ନ୍ୟାୟ, ମଜୁରି ଓ ପରିବେଶ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ସହ ଶ୍ରମିକମାନଙ୍କର ସୁରକ୍ଷା ପାଇଁ ନୀତି ଆଣିବାକୁ ଦାବି କରିଥିଲେ। ସଭାପତି ତଥା ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଯୋଗଦେଇ, ଶ୍ରମିକମାନଙ୍କ ଉପରେ ବଢି ଚାଲିଥିବା ନିର୍ଯାତନାକୁ ରୋକିବା ଲାଗି ଶ୍ରମିକଶ୍ରେଣୀ ତାଙ୍କର ସଙ୍ଘର୍ଷକୁ ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଶ୍ରମିକମାନଙ୍କୁ ଉପଯୁକ୍ତ ସମ୍ମାନ କାର୍ଯ୍ୟସ୍ଥଳୀ ପ୍ରଦାନ ଓ ସମାନ ମଜୁରି ବ୍ୟବସ୍ଥା କରାଯିବାକୁ ଦାବି କରିଥିଲେ। ଅନ୍ୟତମ ବକ୍ତା ପ୍ରାକ୍ତନ ରେଭେନ୍ସା ମହାବିଦ୍ୟାଳୟର ପୂର୍ବତନ ଛାତ୍ରନେତା ତପନ ମିଶ୍ର ଯୋଗଦେଇ, ଶ୍ରମଜୀବୀ ଜନଗଣଙ୍କ ସାମାଜିକ ସୁରକ୍ଷାକୁ ସରକାର ପ୍ରାଧାନ୍ୟ ଦେବା ଲାଗି ଦାବି କରିଥିଲେ। ରେଲୱେ ସଫେଇ କର୍ମଚାରୀ ସଂଘ, ନିର୍ମାଣ ଶ୍ରମିକ ସଂଘ, ଘରୋଇ ମହିଳା ଶ୍ରମିକ ସଂଘ, ସିପେଟ୍ ସଫେଇ କର୍ମଚାରୀ ସଂଘରୁ ଶ୍ରମିକମାନେ ଯୋଗଦେଇଥିଲେ। ରେଲୱେ ସଫେଇ କର୍ମଚାରୀ ସଂଘର ନେତା ଚିତ୍ରସେନ ସେଠୀ ଧନ୍ୟବାଦ ଦେଇଥିଲେ।

# 'ଥାନାକୁ ନ ଆସି ଅଭିଯୋଗ କର'

## ସଚେତନ କଲେ, ପରାମର୍ଶ ଦେଲେ ଏସିପି ଅଞ୍ଜନା

ଭୁବନେଶ୍ୱର,୨।୫(ସୂର୍ଯ୍ୟକାନ୍ତ ବେହେରା)

ସାଇବର ଅପରାଧୀମାନେ ଅନେକ ସମୟରେ ବିଭିନ୍ନ ଫୋନ୍ କଲ, ଏସ୍‌ଏମ୍‌ଏସ୍, ହ୍ୱାଟ୍‌ସଆପ୍ ମାଧ୍ୟମରେ ଫେକ୍ କଲ ଜରିଆରେ ବ୍ଲାକ୍ ମେଲିଂ କରି ଠକିଥାନ୍ତି। ତେଣୁ ଯଦି ଆପଣ ଜାଣିପାରୁଛନ୍ତି ଯେ, ଉକ୍ତ କଲ ସନ୍ଦେହଜନକ କିମ୍ବା ଠକେଇ କଲ୍, ସେମାନଙ୍କ ବିରୋଧରେ ରିପୋର୍ଟ କରିବାକୁ ଚାହୁଁଛନ୍ତି, ତା'ହେଲେ ଥାନାକୁ ନ ଆସି ଘରେ ବସି ଅଭିଯୋଗ କରନ୍ତୁ। ଏଥିପାଇଁ ଚକ୍ଷୁ ପୋର୍ଟଲକୁ ଯାଇ https://www.san-charsaathi.gov.in/ରେ ଅଭିଯୋଗ କରିବାକୁ ଏସିପି ଅଞ୍ଜନା ଗୁଡୁ ପରାମର୍ଶ ଦେଇଛନ୍ତି। ଗୁରୁବାର କମିଶନରେଟ ପୋଲିସ୍ ମୁଖ୍ୟାଳୟରେ ୟଙ୍ଗ ଇଣ୍ଡିଆନ୍ସ ଫାଉଣ୍ଡେଶନ ସହଭାଗିତାରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିପି ଅଞ୍ଜନା ଗୁଡୁ ସାଇବର ଅପରାଧରୁ ବର୍ତ୍ତିବା ପାଇଁ ସେ ଅନେକ ପରାମର୍ଶ ଦେଇଥିଲେ। ଏହାସହ ଅନ୍‌ଲାଇନ ଠକେଇରୁ ବର୍ତ୍ତିବା ପାଇଁ ସଚେତନ କରିଥିଲେ। ସେହିପରି ସାଇବର ଅପରାଧ ତଥା ଠକେଇର ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏସିପିଙ୍କ ସହ ଅନ୍ୟ ଅଧିକାରୀ ଓ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା।

# ନନ୍ଦନକାନନ-ବାରଙ୍ଗ ରାସ୍ତାରୁ ୨ ଲକ୍ଷ ଜବତ




ଭୁବନେଶ୍ୱର,୨।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ନନ୍ଦନକାନନ- ବାରଙ୍ଗ ରାସ୍ତାର ଆଶୀର୍ବାଦ ଗାର୍ଡେନ ନିକଟରେ ଏକ ଗାଡ଼ି (ଓଡି୦୨ବିଜେଡ୍୮୧୦୦)ରୁ କମିଶନରେଟ୍ ପୋଲିସ ଶୁକ୍ରବାର ୨ ଲକ୍ଷ ୫ ହଜାର ଟଙ୍କା ଜବତ କରିଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ଏସ୍‌ଏସ୍‌ଟିର ୨ ଟିମ୍ ଓ ପୋଲିସ ମିଳିତ ଭାବେ ଆଶୀର୍ବାଦ ଗାର୍ଡେନ ନିକଟରେ ଯାଞ୍ଚ କରୁଥିବା ସମୟରେ ଗାଡ଼ିକୁ ଅଟକାଇଥିଲେ। ପଚରାଉଚରାବେଳେ ସମ୍ପୃକ୍ତ ଗାଡ଼ିର ମାଲିକ ତଥା ଚାଳକ ମନୋଜ କୁମାର ଅଗ୍ରୱାଲ ଟଙ୍କା ସମ୍ପର୍କରେ ଠିକ୍ ତଥ୍ୟ ଦେଇପାରି ନ ଥିଲେ। ଫଳରେ ତାଙ୍କ ନିକଟରୁ ପୋଲିସ ଉକ୍ତ ଟଙ୍କା ଜବତ କରିଥିଲା। ତେବେ ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ ଗ୍ରିଭାନ୍ସ କମିଟି ନିକଟରୁ ତାଙ୍କୁ ଅନୁମତି ପତ୍ର ଆଣିବାକୁ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଚଳଚ୍ଚିତ୍ର 'ଚୁଇଙ୍ଗମ୍'ର ଶୁଭ ମହୁରତ

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)




ଶାଶ୍ୱତ ଫିଲ୍ମ ପ୍ରଡକ୍ସନର ପ୍ରଥମ ଅବଦାନ ଚଳଚ୍ଚିତ୍ର 'ଚୁଇଙ୍ଗମ'ର ଶୁଭ ମହୁରତ ଗୋଠପାଟଣାସ୍ଥିତ ଟିଏସ୍‌ଜି ଗୁରୁକୁଳ ସାଇ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡ. ସାରଦା ପ୍ରସାଦ ମିଶ୍ର ଏବଂ ଶ୍ରୀଲେଖା ମିଶ୍ରଙ୍କ ପ୍ରଯୋଜନାରେ ଏହି ଚଳଚ୍ଚିତ୍ରଟି ନିର୍ମାଣ ହେବାକୁ ଯାଉଛି। ଦୁଇ ମଧ୍ୟବିତ୍ତ ପରିବାରର ଗୋଟିଏ ପୁଅ ଏବଂ ଝିଅକୁ ନେଇ ଚଳଚ୍ଚିତ୍ରର କାହାଣୀ ରଚନା କରାଯାଇଛି। ଦୁହିଁଙ୍କର ବନ୍ଧୁତ୍ୱ ଧୀରେ ଧୀରେ ପ୍ରେମରେ ପରିଣତ ହେବା ପରେ ସମାଜ କିପରି ସେମାନଙ୍କ ପ୍ରେମରେ ବାଧକ ସାଜେ ତାହା ଦେଖିବାକୁ ମିଳିଛି। କାହାଣୀରେ ପ୍ରଥମେ ପ୍ରେମ ନା କ୍ୟାରିୟର ଏପରି ଏକ ପ୍ରଶ୍ନ ସୃଷ୍ଟି ହେଉଛି। ଅନ୍ୟପଟେ ବର୍ତ୍ତମାନର ଯୁବ ସମାଜ କିପରି ମୋବାଇଲ ଓ ସୋସିଆଲ ମିଡିଆର ସଦୁପଯୋଗ କରିବା ସହ ନିଜର ଭବିଷ୍ୟତକୁ ଉନ୍ନତି ପଥରେ ନେବେ ସେନେଇ ଚଳଚ୍ଚିତ୍ରରେ ବାର୍ତ୍ତା ଦିଆଯାଇଛି। ପଥଭ୍ରଷ୍ଟ ହେଉଥିବା ଯୁବପିଢି କିଭଳି ବିଫଳତାରୁ ସଫଳତାର ରାସ୍ତାରେ ଚାଲିବେ ଏହା ହିଁ ହେଉଛି ଚଳଚିତ୍ରର ମୁଖ୍ୟ ଲକ୍ଷ୍ୟ। ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଉଛନ୍ତି କୁମାର ସରୋଜ। ସଂଗୀତ ନିର୍ଦ୍ଦେଶନା ପ୍ରଶାନ୍ତ ପାଢୀ ଦେଉଥିବାବେଳେ ଗୀତିକାର ରହିଛନ୍ତି ଅରୁଣ ମନ୍ତ୍ରୀ, ନିର୍ମଳ ନାୟକ ଓ ଜିତେନ୍ଦ୍ର ବରାଳ। କାହାଣୀଟି ଶ୍ରୀଲେଖା ମିଶ୍ରଙ୍କର ରହିଥିବାବେଳେ ଜିତେନ୍ଦ୍ର କୁମାର ବରାଳ ସଂଳାପ ଲେଖିଛନ୍ତି।

# ଅଂଶୁଘାତ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)



ସଚେତନତା ସୃଷ୍ଟି ପାଇଁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅଂଶୁଘାତ ରୋଗୀର ପ୍ରାଥମିକ ଉପଚାର ଓ ପରିବହନ ଉପରେ ମକ୍‌ଡ୍ରିଲ କରାଯାଉଛି।

କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ବୃଦ୍ଧି ଯୋଗୁ ଓଡ଼ିଶାର ଜନଜୀବନ ପ୍ରଭାବିତ ହେବାରେ ଲାଗିଛି। ଅଂଶୁଘାତଜନିତ ଅକାଳ ମୃତ୍ୟୁକୁ ରୋକିବା ଲାଗି ସେଣ୍ଟଜନ ଆମ୍ବୁଲାନ୍ସର ମହାଲେଖାକାର ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏଜି ଛକଠାରେ ଅଂଶୁଘାତ ଚିକିତ୍ସା କେନ୍ଦ୍ର ଓ ଅଂଶୁଘାତ ରୋଗୀଙ୍କ ପାଇଁ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଓଡ଼ିଶାର ପ୍ରଧାନ ମହାଲେଖାକାର ରାଜକୁମାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ତାନ୍ୟା ଆମ୍ବସ୍ତା, ସଚିନ କ୍ରିଷ୍ଣା କୌଶିକ, ବିକାଶ କୁମାର, କଲ୍ୟାଣ ଅଧିକାରୀ ଶରତ ଚନ୍ଦ୍ର ନାୟକ, ଏଜି ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ ପ୍ରମୁଖ ଯୋଗଦେଇ ସଚେତନତା ଦ୍ୱାରା ଅଂଶୁଘାତ ମୃତ୍ୟୁର ନିରାକରଣ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଚିକିତ୍ସା କେନ୍ଦ୍ରରେ ଅଂଶୁଘାତ ନିରାକରଣ ପାଇଁ ଦହି, ଲେମ୍ବୁ ଓ ଓଆରଏସ ପାନୀୟ ସହ ବରଫ ରଖାଯାଇଛି। ଜରୁରୀ ସମୟରେ ଅଂଶୁଘାତ ରୋଗୀଙ୍କ ପରିବହନ ପାଇଁ ଷ୍ଟ୍ରେଚର, ଆମ୍ବୁଲାନ୍ସ ଓ ଏଜି ଡିଭିଜନର ସ୍ୱେଚ୍ଛାସେବୀମାନେ ନିୟୋଜିତ ଥିବା ସହକାରୀ କମିଶନର ବଳ ପ୍ରକାଶ କରିଥିଲେ। ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ଏଜି ଡିଭିଜନର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅଂଶୁଘାତ ରୋଗୀର ପ୍ରାଥମିକ ଉପଚାର ଓ ପରିବହନ କିପରି କରିବେ ତାହାର ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଏହି ଶିବିର ମୌସୁମୀ ଆସିବା ପ୍ରଯ୍ୟନ୍ତ ପୂର୍ବାହ୍ନ ୧୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। କାର୍ଯ୍ୟକ୍ରମକୁ ଏଜି ବ୍ରିଗେଡ଼ର ରବୀନ୍ଦ୍ର ଦାଶ, ସଞ୍ଜୟ ଯାଦବ, ଅମ୍ରିତ କୁମାର ଗୌଡ଼, ସମୀକ୍ଷା ସୁମନ, ରଶ୍ମିରଞ୍ଜନ ବେହେରା, କୁନ୍ଦନ କୁମାର, ସୌଭାଗ୍ୟ କୁମାର ମହାନ୍ତି, ପ୍ରକାଶ ଗୌଡ଼, ଶିବନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଥାନା ପରିସରରେ ଥିବା ଅଣଦାବିଦାର ଗାଡି ନିଲାମ ହେଲା

ଭୁବନେଶ୍ୱର,୨।୫
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସହରାଞ୍ଚଳ ମଧ୍ୟରେ ଥିବା ବିଭିନ୍ନ ଥାନା ପରିସରରେ ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଦୁଇ/ତିନି/ଚାରି ଚକିଆ ଯାନଗୁଡ଼ିକୁ ନିଲାମ କରିଦିଆଯାଇଛି। ଦାବିଦାର ନ ଥିବା ମୋଟ ୬୯୩ଟି ଗାଡ଼ିଗୁଡ଼ିକର ସରକାରୀ ନିୟମ ଅନୁଯାୟୀ ଏମ୍‌ଏସ୍‌ଟିସି ପୋର୍ଟାଲ ମାଧ୍ୟମରେ ଇ ନିଲାମ କରାଯାଇଛି। ଥାନା ପରିସର ମଧ୍ୟରୁ ଏସବୁ ଗାଡିକୁ କଢାଯାଇ ନିଲାମଧାରୀଙ୍କୁ ହସ୍ତାନ୍ତର କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିମଧ୍ୟରେ ୬୬୬ ଦୁଇଚକିଆ, ୯ ତିନିଚକିଆ ଯାନ ଏବଂ ୧୮ ଚାରି ଚକିଆ ଯାନ ରହିଛି।

# 'ଓଲାଶୁଣୀ' ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ

## ଛତିଶଗଡ଼ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ)



ସାହିତ୍ୟ ପତ୍ରିକା 'ଓଲାଶୁଣୀ'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରାଯାଉଛି।

ଲେଖକମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସେମାନଙ୍କ ଲେଖକୀୟ ଅଙ୍ଗୀକାର ଓ ପ୍ରତିବଦ୍ଧତା ଦ୍ୱାରା ସୃଜନଶୀଳତାର ବିଭିନ୍ନ ବିଭବ ଅଧିକ ଋଦ୍ଧିମନ୍ତ ହୋଇଥାଏ ଓ ତାହା ପାଠକୀୟ ଆଦର ଲାଭ କରିଥାଏ ବୋଲି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ଗୁରୁବାର ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟପାଳଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନଠାରେ ସମ୍ବର୍ଦ୍ଧନା ଅବସରରେ ସେ ଏହା କହିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ତଥା ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଏବଂ ସମାଜସେବୀ ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ସୃଜନଶୀଳ ସାହିତ୍ୟ ପତ୍ରିକା 'ଓଲାଶୁଣୀ'ର ସ୍ୱତନ୍ତ୍ର ସଂଖ୍ୟାକୁ ରାଜ୍ୟପାଳ ଉନ୍ମୋଚନ କରିବା ସହିତ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଟ୍ରଷ୍ଟ ପକ୍ଷରୁ ରାଜ୍ୟର ପ୍ରମୁଖ ଧର୍ମ–ସଂସ୍କୃତି–ପର୍ଯ୍ୟଟନ ପୀଠ ଓଲାଶୁଣୀକୁ ପରିଦର୍ଶନ କରିବାପାଇଁ ରାଜ୍ୟପାଳ ହରିଚନ୍ଦନଙ୍କୁ ନିମନ୍ତ୍ରଣ କରାଯିବା ସହିତ ଓଲାଶୁଣୀର ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ ଦର୍ଶନ ସମ୍ବଳିତ ପୁସ୍ତକ ମଧ୍ୟ ପ୍ରଦାନ କରାଯାଇଥିଲା। ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଅଧିକାରୀ ଭରତ ଚନ୍ଦ୍ର ବେହେରା ଏବଂ ଏଡିସି ସ୍କ୍ୱାର୍ଡ୍ରନ ଲିଡ଼ର ନିଶାନ୍ତ ମଧ୍ୟ ଉପସ୍ଥିତ ଥିଲେ।

# ଆଜିଠାରୁ ସଫେଇ କର୍ମଚାରୀଙ୍କ କାମ ବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)

ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବିଏମ୍‌ସି ସଫେଇ କର୍ମଚାରୀ। ବିଏମ୍‌ସି, ସଫେଇ ଏଜେନ୍ସି ଏବଂ ସଫେଇ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ବାରମ୍ବାର ଏଭଳି ସମସ୍ୟା ଦେଖାଦେଉଛି। ତେବେ ଏଥର ବର୍ଦ୍ଧିତ ଦରମା ମିଳି ନ ଥିବାରୁ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ବିଏମ୍‌ସି ମଜଦୁର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଗତ ମାର୍ଚ୍ଚରେ ସଫେଇ କର୍ମଚାରୀଙ୍କ ଦରମା ୯ହଜାର ଟଙ୍କାରୁ ୧୩ହଜାର ୫ଶହକୁ ବୃଦ୍ଧି ଘୋଷଣା କରାଯାଇଥିଲା। ତେବେ ଏଯାବତ୍ ସେମାନଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ କରାଯାଇନାହିଁ। ଏନେଇ ସଂଘ ପକ୍ଷରୁ ଏଜେନ୍ସିକୁ ପଚରାଯିବାରୁ ବିଏମ୍‌ସି ସେମାନଙ୍କୁ କୌଣସି ଚିଠି ଦେଇ ନ ଥିବା କହିଛନ୍ତି। ଅପରପକ୍ଷେ ଯଥାଶୀଘ୍ର ବର୍ଦ୍ଧିତ ଦରମା ମିଳିବା ନେଇ ବିଏମ୍‌ସି କର୍ତ୍ତୃପକ୍ଷ କହୁଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏବେ ପ୍ରତିଶ୍ରୁତି ନୁହେଁ, ଦରମା ପାଇଲେ କାମରେ ଯୋଗଦେବେ ବୋଲି ସଂଘ ସମ୍ପାଦକ ସହଦେବ ସାହୁ କହିଛନ୍ତି। ସଫେଇ କର୍ମଚାରୀଙ୍କର ବାରମ୍ବାର ଏଭଳି କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ପରୋକ୍ଷ ଭାବେ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତକଡ଼ ସମେତ ମୁଖ୍ୟ ରାସ୍ତାରେ ମଧ୍ୟ ଆବର୍ଜନା ପଡି ରହିବାରୁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପରିବେଶ ଦୂଷିତ ହେଉଛି।


ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀର ବିଜେଡିପ୍ରାର୍ଥୀ ଅରୂପ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।


ପୁରୀ ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ରିଟର୍ନିଂ ଅଫିସର ଉପଜିଲାପାଳ ଗୋପୀନାଥ କହଁରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।


ସତ୍ୟବାଦୀ ବିଧାନସଭା ଆସନ ଲାଗି ସିପିଆଇଏମ୍ଏଲ୍ ପ୍ରାର୍ଥୀ ଅଶୋକ ପ୍ରଧାନ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

## ସଂକ୍ଷେପରେ

### ତୁଷାରଙ୍କ ସପକ୍ଷରେ ଅଣ୍ଟା ଭିଡ଼ିଲେଣି କର୍ମୀ

କାକଟପୁର,୨।୫(ଶୁଭଦର୍ଶନ ମିଶ୍ର):

କାକଟପୁର ନିର୍ବାଚନମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ତାଲିକା ସ୍ପଷ୍ଟ ହେବା ପରେ କାକଟପୁର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା ତାଙ୍କର ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ନିର୍ବାଚନମଣ୍ଡଳୀର ପ୍ରତି ଜୋନ୍‌ରେ କର୍ମୀ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ମୁଦ୍ଦା କରି ଲୋକଙ୍କ ମନ ଜିଣୁଥିବା ଦେଖିବାକୁ ମିଳିଛି। ଭାଜପାର ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ବିଜେଡି କର୍ମୀ ଗାଁ ଗାଁ ବୁଲି ତୁଷାରକାନ୍ତିଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ୩ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ କାକଟପୁର ନିର୍ବାଚନମଣ୍ଡଳୀରେ ସତ୍ତା ହରାଇଥିବାବେଳେ ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକ ମାଟିର ପୁଅ ହୋଇ ନ ଥିବାରୁ ଭୋଟର ତାଙ୍କୁ ସହଜେ ଗ୍ରହଣ କରି ପାରୁନାହାନ୍ତି। ଅଞ୍ଚଳର ରାଜନୈତିକ ବିଶେଷଜ୍ଞଙ୍କ ମତାମତ ଅନୁଯାୟୀ ଚଳିତ ନିର୍ବାଚନରେ କାକଟପୁର ନିର୍ବାଚନମଣ୍ଡଳୀ ଆଉ ଥରେ ବିଜେଡି ହାତକୁ ଯିବ ବୋଲି ବାଟ ସ୍ପଷ୍ଟ ହୋଇଛି। ମଙ୍ଗଳା ମନ୍ଦିରର ରୂପାନ୍ତରକରଣ, ଅଞ୍ଚଳର ବିଭିନ୍ନ ସ୍କୁଲକୁ ୫-ଟିରେ ଅନ୍ତର୍ଭୁକ୍ତ କରିବା, ମହିଳା ସଶକ୍ତୀକରଣ କ୍ଷେତ୍ରରେ ବିଭିନ୍ନ ଯୋଜନାମାନ ପ୍ରଣୟନ କରି ବିଜେଡି ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି।

### 'ନିର୍ବାଚନ ଜିତିଲେ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେବି'



ଚାରିଛକ,୨।୫(ଶିଶିର ସ୍ୱାଇଁ)

ଚାରିଛକ ଥାନା ନିକଟ ତୁଳସୀପୁରସ୍ଥିତ ସାଇକ୍ରିଷ୍ଣା କଲ୍ୟାଣ ମଣ୍ଡପରେ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ସ୍ୱାଧୀନ ପ୍ରାର୍ଥୀ ଶଙ୍କର ଦାଶଙ୍କ ନେତୃତ୍ୱରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଜିତିଲେ ସମ୍ମିଳନୀରେ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀର ସମସ୍ତ ଏରିଆ ସହିତ ଚାରିଛକ, ତୁଳସୀପୁର, ବାହାରଣା, ଭୋଦର, ଛଣୀଜଙ୍ଗ, ତମ୍ପାଳ ପ୍ରମୁଖ ଅଞ୍ଚଳରେ ଥିବା ଜମିହୀନ ଲୋକଙ୍କ ସମସ୍ୟା, ଚାଳ ଘରେ ରହୁଥିବା ଲୋକଙ୍କ ସମସ୍ୟା, ରାସ୍ତା, ପାନୀୟ ଜଳ, ସ୍ୱାସ୍ଥ୍ୟ ଆଦି ସମସ୍ୟା ଉପରେ ଦୃଷ୍ଟି ଦେବେ ବୋଲି ଦାଶ କହିଥିଲେ। ସମ୍ମିଳନୀରେ ରାଜ୍ୟ ସମ୍ପାଦକ ନିରଞ୍ଜନ ରଣ୍ଡୁଟି, ସୁମନ୍ତ ଭୋଇ, ବ୍ରହ୍ମାନନ୍ଦ ଭୋଇ, ଅକ୍ଷୟ ମଲ୍ଲିକ, ପ୍ରଦୀପ ଭୋଇ, ରାଜ୍ୟ ସଭାପତି ଲକ୍ଷ୍ମୀଧର ଭୋଇ, ଅଶୋକ ବେହେରା, ପଦ୍ମଚରଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥୀପତ୍ର ଦାଖଲ କଲେ ଅରୂପ, ଜୟନ୍ତ, ଅଶୋକ, ମିତ୍ରଭାନୁ

ପୁରୀ,୨।୫(ଅଜିତ୍ ମହାନ୍ତି)

ଆସନ୍ତା ମେ' ୨୫ରେ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ୪ଜଣ ପ୍ରାର୍ଥୀ ନିଜ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ଆସନ ନିମନ୍ତେ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ରିଟର୍ନିଂ ଅଫିସର ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ପୁରୀ ସଦର ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ରିଟର୍ନିଂ ଅଫିସର ଉପଜିଲାପାଳ ଗୋପୀନାଥ କହଁରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ବ୍ରହ୍ମଗିରି ବିଧାନସଭା ଆସନ ସକାଶେ କଂଗ୍ରେସ ପ୍ରାର୍ଥୀ ମିତ୍ରଭାନୁ ମହାପାତ୍ର ରିଟର୍ନିଂ ଅଫିସର ତଥା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏବଂ ସତ୍ୟବାଦୀ ବିଧାନସଭା ଆସନ ଲାଗି ସିପିଆଇଏମ୍ଏଲ୍ ପ୍ରାର୍ଥୀ ଅଶୋକ ପ୍ରଧାନ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଅରୂପ ବଡ଼ଦାଣ୍ଡସ୍ଥିତ ବଗଲା ଧର୍ମଶାଳାଠାରୁ ବିରାଟ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲେ। ତାଙ୍କ ପ୍ରାର୍ଥୀପତ୍ର ଦାଖଲ ବେଳେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତି, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା, ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ, ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### 'ପୁରୀବାସୀଙ୍କ ଉନ୍ନତି ମୁଖ୍ୟ ଲକ୍ଷ୍ୟ ହେବ'

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ତେଣୁ ପୁରୀବାସୀ ତାଙ୍କୁ ଜିତାଇବା ସହ ନବୀନଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବେ ବୋଲି ଅରୂପ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅରୂପ କହିଥିଲେ, ସେ ପୁରୀରୁ ନିର୍ବାଚନ ଲଢିବାର ଅନେକ କାରଣ ରହିଛି। ତାଙ୍କ ପ୍ରତି ମହାପ୍ରଭୁଙ୍କ କରୁଣା ରହିଛି। ପୁରୀବାସୀଙ୍କ ସେବା କରିବା ପାଇଁ ମହାପ୍ରଭୁ ତାଙ୍କୁ ଆଶୀର୍ବାଦ ଦିଅନ୍ତୁ। ସେ ଜନସେବା କରିବା ପାଇଁ ରାଜନୀତିକୁ ଆସିଛନ୍ତି। ପୁରୀବାସୀଙ୍କ ଉନ୍ନତି କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିପାରିବ ତାହା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ। ମୁଖ୍ୟମନ୍ତ୍ରୀ ପୁରୀରେ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ତେଣୁ ପୁରୀବାସୀ ତାଙ୍କୁ ବିଜୟୀ କରିବା ସହ ପୁଣିଥରେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବୋଲି ଅରୂପ ଦୃଢୋକ୍ତି ପ୍ରକାଶ କରିଛନ୍ତି।

### 'ପୁରୀକୁ ୧ ନଂ. ଧାମରେ ପରିଣତ କରିବା ଲକ୍ଷ୍ୟ'

ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ସମ୍ୱିତଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ବଡ଼ଦାଣ୍ଡ, ଦୋଳମଣ୍ଡପ ସାହି ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଦ୍ୱିତୀୟ ଥର ଲାଗି ସେ ବିଧାୟକ ପଦ ଲାଗି ନିର୍ବାଚନ ଲଢୁଛନ୍ତି। ଗତ ନିର୍ବାଚନରେ ସେ ବିଜେଡିର ମହେଶ୍ୱର ମହାନ୍ତିଙ୍କଠାରୁ ୪ ହଜାର ୮ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସମ୍ୱିତ କହିଛନ୍ତି, ଏଥର ପୁରୀରେ ଭଲ ଲଢେଇ ହେବ। ପୁରୀକୁ ୧ ନଂ. ଧାମରେ ପରିଣତ କରିବା ତାଙ୍କର ଲକ୍ଷ୍ୟ। ପୁରୀରେ ଉନ୍ନତି ହୋଇଛି ଏବଂ ଆଗକୁ ସେ ବିଜୟୀ ହେଲେ ଆହୁରି ଅଧିକ କାମ ହେବ ଓ ପୁରୀବାସୀଙ୍କ ନିକଟକୁ ଯିବେ। ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇବା ତାଙ୍କର ପ୍ରଥମ ଲକ୍ଷ୍ୟ। ଯାହାସବୁ ସମସ୍ୟା ରହିଛି ତାହାର ସମାଧାନ କରାଯିବ। ଦେଶ ଓ ରାଜ୍ୟରେ ଭାଜପା ସରକାର ଗଠନ କରିବ ବୋଲି ଷଡ଼ଙ୍ଗୀ କହିଛନ୍ତି।

## ନିର୍ବାଚନ ପାଇଁ ପୋଲିସର ଚେକିଂ କଡ଼ାକଡ଼ି

କାକଟପୁର,୨।୫(ଶୁଭଦର୍ଶନ ମିଶ୍ର):

ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ କାକଟପୁର ଥାନା ପୋଲିସ ପକ୍ଷରୁ କାକଟପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଛକ ଜାଗାଗୁଡ଼ିକରେ ଚେକିଂ କଡ଼ାକଡ଼ି କରାଯାଇଛି। କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍ୱାଡ ଏବଂ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ସହଯୋଗରେ ନଦୀ ତଟବର୍ତ୍ତୀ ସୀମାନ୍ତ ଗ୍ରାମ ପାଟସୁନ୍ଦରପୁର, ପଥରପକା, ଅସ୍ତରଙ୍ଗ– କାକଟପୁର ମୁଖ୍ୟରାସ୍ତାର ମଲାମାଛ ଛକ, କୋଣାର୍କ– କାକଟପୁର ରାସ୍ତାର ଆନନ୍ଦ ବଜାର ଛକ, ବଲରା ଛକ ଆଦି ସ୍ଥାନରେ ବ୍ଲକିଂ ଓ ଚେକିଂ କରି ୨ ଓ ୪ ଚକିଆ ଯାନଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରିଥିଲେ। ନିର୍ବାଚନ ସମୟରେ ବେଆଇନ ଟଙ୍କା କାରବାରକୁ ରୋକିବା ଦିଗରେ କାକଟପୁର ପୋଲିସର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ରାତି ୧୦ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ ବ୍ୟବସାୟ ପ୍ରତିଷ୍ଠାନ

ସାକ୍ଷୀଗୋପାଳ,୨।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ପୁରୀ ଜିଲାରେ ଆସନ୍ତା ମେ' ୨୫ରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ନିମନ୍ତେ ସତ୍ୟବାଦୀ ଥାନା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ବଜାରର ବ୍ୟବସାୟୀଙ୍କ ସହ ଅନ୍ୟ ଜନଗହଳି ସ୍ଥାନଗୁଡ଼ିକରେ ପୋଲିସ ମାଇକ୍ ଦ୍ୱାରା ସଚେତନ କରାଇଛି। ସଚେତନତା କରିବାକୁ ସତ୍ୟବାଦୀ ଥାନା ପକ୍ଷରୁ ସବ୍‌ଇନ୍‌ସପେକ୍ଟର ଦୀପ୍ତିରଞ୍ଜନ ସାହୁ ଓ ରମେଶ ନିଶାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ବ୍ୟବସାୟୀମାନେ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ରାତି ୧୦ଟା ୩୦ ଯାଏଁ ନିଜ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରଖିବେ। ତା' ପରେ କୌଣସି ବ୍ୟବସାୟୀ ତାଙ୍କ ଦୋକାନ ଖୋଲା ନ ରଖିବାକୁ ସତ୍ୟବାଦୀ ଥାନା ପକ୍ଷରୁ ବାରଣ କରାଯାଇଛି।

## ଦୁର୍ନୀତିମୁକ୍ତ ବିକଶିତ ନିମାପଡ଼ା ଗଠନ କଂଗ୍ରେସର ସଂକଳ୍ପ

ନିମାପଡ଼ା,୨।୫(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ମାଟି ସ୍ୱାଭିମାନର ମାଟି, ଏକ ଦୁର୍ନୀତିମୁକ୍ତ, ସ୍ୱାଭିମାନ, ବିକଶିତ, ନିମାପଡ଼ା ଗଠନ କରିବା କଂଗ୍ରେସର ମୂଳମନ୍ତ୍ର ଓ ସଂକଳ୍ପ। ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବ୍ଲକ ସଭାପତି ବିଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ନିମାପଡ଼ା ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ନେତୃବୃନ୍ଦମାନେ ଏହା କହିଛନ୍ତି। ନିମାପଡ଼ାର ପରିଚୟ ଏବେ ଓଡ଼ିଶା ପ୍ରସିଦ୍ଧ ଛେନାଝିଲି। ଏହି ନିମାପଡ଼ା ଝିଲିକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ମିଳିବା ଏକାନ୍ତ ଅପରିହାର୍ଯ୍ୟ ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ବିଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର ସେଠୀ, ନିମାପଡ଼ା ବିଧାୟକ ପ୍ରାର୍ଥୀ ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଅଜୟ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ଭଗବାନ ପାତ୍ର, ବିଜୟ ମଲ୍ଲିକ, ସୁବାସ ମଲ୍ଲିକ, ଜିତେନ୍ଦ୍ର ସାହୁ, ଚକ୍ରଧର ପଣ୍ଡା, ବିଶ୍ୱନାଥ ରଥ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଦ୍ୟରେ କଳଙ୍କିତ ଦୁର୍ନୀତିଗ୍ରସ୍ତ ଶାସନକୁ ତୀବ୍ର ସମାଲୋଚନା କରିଥିବାବେଳେ କେବଳ କଂଗ୍ରେସ ହିଁ ଦେଶ ଓ ରାଜ୍ୟରେ ସୁଶାସନ ଦେଇପାରିବ ବୋଲି ନେତୃବୃନ୍ଦମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ଏମ୍‌ପି ପ୍ରାର୍ଥୀ ସେଠୀ, ବିଧାୟକ ପ୍ରାର୍ଥୀ ରାଉତରାୟଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ ଦଳୀୟ କର୍ମୀ ଓ ନେତୃବୃନ୍ଦମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ।

## କର୍ମୀଙ୍କୁ ଶପଥପାଠ କରାଇଲେ ସରପଞ୍ଚ

ଗୋପ,୨।୫(ଭାରତୀ ଭୂଷଣ ଉପାଧ୍ୟାୟ)

ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଓ କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ଦ୍ୱିତୀୟ ଥର ବିଜୟୀ କରାଇବାକୁ ବୁଧବାର ସନ୍ଧ୍ୟାରେ ଗୋପ ବ୍ଲକ ଅଧୀନ ରେଢୁଆସ୍ଥିତ ମହାବୀର ମନ୍ଦିରଠାରେ ସରପଞ୍ଚ ଶୀର୍ଷ ରଞ୍ଜନ ନାୟକଙ୍କ ଦ୍ୱାରା ଏକ ଶପଥ ପାଠ କରାଯାଇଥିଲା। ମହଲପଡ଼ା ପଞ୍ଚାୟତ ବିଜେଡି ସଭାପତି ନରେଶ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଞ୍ଚାୟତସ୍ତରୀୟ କର୍ମୀ ବୈଠକରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଗାଁ ଗାଁରେ ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡିରୁ ପ୍ରାର୍ଥୀ ତୁଷାରକାନ୍ତି ବେହେରା ଆଗରେ ରହିଥିବାବେଳେ ସେ ଏବେ ଘନ ଘନ ବୈଠକ କରିବା ସହିତ ଭୋଟରଙ୍କୁ ଭେଟୁଛନ୍ତି। ମହଲପଡ଼ରେ ପଞ୍ଚାୟତସ୍ତରୀୟ କର୍ମୀ ବୈଠକକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଆସିବା ମାତ୍ରେ ଶତାଧିକ କର୍ମୀ ତାଙ୍କୁ ପାଛୋଟି ନେଇଥିଲେ। ପରେ ମନ୍ତ୍ରୀ କାକଟପୁର ନିର୍ବାଚନମଣ୍ଡଳୀରେ ସରକାରଙ୍କ ପକ୍ଷରୁ ବିକାଶମୂଳକ କାର୍ଯ୍ୟ ଉପରେ ମନ୍ତବ୍ୟ ଦେଇ ଭୋଟ ଦେବାକୁ ପରାମର୍ଶ ଦେଇଥିଲେ। ଶେଷରେ ମହଲପଡ଼ା ସରପଞ୍ଚ ନାୟକ ଚଳିତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ବେହେରାଙ୍କୁ ଅଧିକ ମାତ୍ରାରେ ଭୋଟ ବ୍ୟବଧାନରେ ବିଜୟୀ କରିବ ବୋଲି କହିଥିଲେ।

## ପ୍ରଚାର କଲେ ବିଭୁପ୍ରସାଦ, ବାଇଧର



ଅସ୍ତରଙ୍ଗ/କାକଟପୁର/ଯୋଗେଶ୍ୱରପୁର, ୨।୫(ପ୍ରଦୀପ୍ତ କୁମାର ଦୀକ୍ଷିତ/ ଶୁଭଦର୍ଶନ ମିଶ୍ର/ରଶ୍ମିରଞ୍ଜନ ସାହୁ)

ଆଗକୁ ସାଧାରଣ ନିର୍ବାଚନ ଆସୁଥିବାବେଳେ କାକଟପୁର ନିର୍ବାଚନମଣ୍ଡଳୀ ଭାଜପାର ତାର ଶକ୍ତି ପ୍ରଦର୍ଶନ କରିଛି। ଭାଜପା ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ଓ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କ ନେତୃତ୍ୱରେ ବାଇକ୍‌ଶୋଭାଯାତ୍ରାରେ ହଜାର ହଜାର ଲୋକେ ସାମିଲ ହୋଇଥିଲେ। ନୂଆହାଟ ନିକଟ ଆଲୁଦଣ୍ଡାପାଟଣାଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ନୂଆହାଟ, କାକଟପୁର, ଅସ୍ତରଙ୍ଗ, କୋଣାର୍କ, ବାଙ୍ଗୁରି ଗାଁ, ଜହ୍ନିମାଳିଆ, ପଲି, ଯୋଗେଶ୍ୱରପୁର, ନଗର ନିକଟରେ ଶେଷ ହୋଇଥିଲା। ନିର୍ବାଚନମଣ୍ଡଳୀ ସମସ୍ତ ମଣ୍ଡଳରୁ ହଜାର ହଜାର ସଂଖ୍ୟାରେ କର୍ମକର୍ତ୍ତା ଓ କର୍ମୀମାନେ ଯୋଗଦେଇ ଶୋଭାଯାତ୍ରାକୁ ବିପୁଳ ପରିମାଣରେ ସଫଳ କରିଥିଲେ। ତାଙ୍କ ସହିତ କାକଟପୁର ନିର୍ବାଚନମଣ୍ଡଳୀ ଭାଜପା ବିସ୍ତାରକ ଗୋପୀନାଥ ଗଜପତି ଭୂୟାଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାସ, ଜିଲା ମହିଳା ମୋର୍ଚ୍ଚା ଉପସଭାପତି ବାସନ୍ତୀ ନାୟକ, ନାରୀନେତ୍ରୀ ଲକି ସାହୁ, ନୟାହାଟ ମଣ୍ଡଳ ସଭାପତି ଦୀନକୃଷ୍ଣ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରସାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ଅନେକ ଲୋକଙ୍କ ସହ ମିଶି ତାଙ୍କ ସମସ୍ୟା ପଚାରି ସେମାନଙ୍କ ସମର୍ଥନ ଲୋଡ଼ିଛନ୍ତି।

## ଚନ୍ଦନଯାତ୍ରା ନୀତିକାନ୍ତି, ସମନ୍ୱୟ ଉପରେ ଗୁରୁତ୍ୱ

ପୁରୀ,୨।୫(ଅଜିତ୍ ମହାନ୍ତି):

ଚଳିତ ମାସ ୧୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହିଦିନଠାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ। ୨୧ଦିନ ବ୍ୟାପୀ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହାନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ସୁସଜ୍ଜିତ ନନ୍ଦା, ଭଦ୍ରା ଡଙ୍ଗାରେ ବସି ନରେନ୍ଦ୍ର ସରୋବରରେ ନୌକା ବିହାର କରିବେ। ଏଥିପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏନେଇ ବୁଧବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏସ୍‌ପି ପିନାକ ମିଶ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ସମସ୍ତ ବିଭାଗର ଅଧିକାରୀ ଓ ପରିଚାଳନା କମିଟି ସେବାୟତ ସଦସ୍ୟମାନେ ଉପସ୍ଥିତ ଥିଲେ। ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ବିଭାଗ ମଧ୍ୟରେ ପରସ୍ପର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ପାନୀୟଜଳ ଯୋଗାଣ ଓ ଜଳ ସିଞ୍ଚନ ବ୍ୟବସ୍ଥା ମଧ୍ୟ କରାଯିବ। ଭକ୍ତଙ୍କ ପ୍ରବଳ ସମାଗମ ହେବାକୁ ଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଜିଲାପାଳ କହିଛନ୍ତି। ଯେଉଁସବୁ କାର୍ଯ୍ୟ ରହିଛି ସେ ସବୁକୁ ଅକ୍ଷୟ ତୃତୀୟା ପୂର୍ବରୁ ତଥା ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରାଯିବ ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି।

## ଠିକାସଂସ୍ଥା ଭାଙ୍ଗିଦେଲା ବନ ବିଦ୍ୟାଳୟ ସ୍ମାରକୀ

ସାକ୍ଷୀଗୋପାଳ,୨।୫(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ଐତିହ୍ୟପୂର୍ଣ୍ଣ ସତ୍ୟବାଦୀ ବକୁଳବନ ପରିସରରେ ଥିବା ପଞ୍ଚସଖାଙ୍କ ଯୁଗର ସିମେଣ୍ଟ ବେଞ୍ଚଟି ଗୁରୁବାର ଏଠାରେ କାମ କରୁଥିବା ଠିକା ସଂସ୍ଥାର ଗାଡ଼ି ଧକ୍କାରେ ଭାଙ୍ଗିଯାଇଛି। ୧୯୦୯ ମସିହାରେ ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ବକୁଳ ବନ ପରିସରରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଏହି ବନ ବିଦ୍ୟାଳୟ ପରିସରରେ ନିର୍ମିତ ହୋଇଥିବା ୩ଟି ସିମେଣ୍ଟ ଚୌକି ଓ ଗୋଟିଏ ସିମେଣ୍ଟ ବେଞ୍ଚ ଅଦ୍ୟାବଧି ବନ ବିଦ୍ୟାଳୟର ସ୍ମାରକୀ ଭାବେ ରହିଥିଲା। ଏହି ସ୍ମାରକୀ ଏବେ ବନ ବିଦ୍ୟାଳୟ ଉପରେ ଗବେଷଣା କ୍ଷେତ୍ରରେ ବିଶେଷ ସହାୟକ ହେଉଥିଲା। ବକୁଳ ବନ ଭିତରେ ପର୍ଯ୍ୟଟକଙ୍କୁ ମଧ୍ୟ ଏହି ସ୍ମାରକୀ ଆକୃଷ୍ଟ କରିଥାଏ। ଏହି ପୁରାତନ ସ୍ମାରକୀକୁ ସୁରକ୍ଷିତ ରଖି ବକୁଳବନର ଉନ୍ନୟନ କାର୍ଯ୍ୟ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଉଥିବାବେଳେ ସମ୍ପୃକ୍ତ ଠିକା ସଂସ୍ଥାର କର୍ମଚାରୀମାନେ ଏହାକୁ ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ଅଭିଯୋଗ କରିଆସୁଛନ୍ତି। ସେହିଭଳି ବକୁଳବନ ପରିସରରେ ଦୀର୍ଘ ଦିନ ଧରିଚାଲିଥିବା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଠିକା ସଂସ୍ଥା ପକ୍ଷରୁ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଏହି କାର୍ଯ୍ୟ ପାଇଁ କେତେ ଟଙ୍କା ବ୍ୟୟବରାଦ ରହିଛି ଓ ଏଥିରେ କି କାର୍ଯ୍ୟ କରାଯିବ ସେ ନେଇ ଅଞ୍ଚଳବାସୀଙ୍କୁ କୌଣସି ସୂଚନା ମିଳୁନାହିଁ। ତେଣୁ ସମ୍ପୃକ୍ତ ଠିକା ସଂସ୍ଥାର ମନମୁଖି କାର୍ଯ୍ୟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



### ବିନା ସୂଚନାଫଳକରେ ଚାଲିଛି ବକୁଳବନ କାର୍ଯ୍ୟ

## କେନାଲରେ ଆସିଲା ପାଣି: ଉପକୃତ ହେବେ ଚାଷୀ

ଡେଲାଙ୍ଗ,୨।୫(ରଶ୍ମିରଞ୍ଜନ ପ୍ରଧାନ):

କେନାଲ ପାଣି ପାଇଁ ବହୁ ପ୍ରତୀକ୍ଷା ପରେ ଏବେ ତା'ର ଅନ୍ତ ଘଟିଛି। ମାଛପଡ଼ା ମାଇନରରେ କେନାଲ ପାଣି ଛଡ଼ାଯିବାରୁ ତାହା ଶେଷମୁଣ୍ଡରେ ପହଞ୍ଚିବା ପରେ ସ୍ଥାନୀୟ ବାସିନ୍ଦା ଖୁସିବ୍ୟକ୍ତ କରିଛନ୍ତି। ତେବେ ଏହି କେନାଲ ପାଣି ଦ୍ୱାରା ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ ଉପକୃତ ହେବେ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିବା ଫଳରେ ଗଡ଼ିଆ ପୋଖରୀ ସବୁ ଶୁଖିଲା ପଡ଼ି ରହିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଗାଈ, ଛେଳି, ମେଣ୍ଢା ପର୍ଯ୍ୟନ୍ତ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ଏହି କେନାଲ ପାଣି ନ ଆସିବାରୁ ଅନେକ ଦିନ ହେଲା ଚାଷୀ ଧାନ ଫସଲ କରିବାରେ ବହୁତ ହଇରାଣ ହରକତ ହେଉଥିଲେ। ସୂଚନା ଥାଉକି, ଅରିସଲ ମୁଖ୍ୟ କେନାଲକୁ ସଂଯୋଗ କରୁଥିବା ମାଛପଡ଼ା ମାଇନରରେ ଅନାମନା ଘାସ, ଗଛ ଲତାରେ ପରିପୂର୍ଣ୍ଣ ହେବା ସହିତ ପୋତି ହୋଇ ରହିଥିଲା। ସ୍ଥାନୀୟ ବାସିନ୍ଦା ବିଭାଗୀୟ ଯନ୍ତ୍ରୀଙ୍କ ସହିତ ସ୍ଥାନୀୟ ବିଧାୟକଙ୍କ ଏନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଜଳ ସେଚନ ବିଭାଗ ପକ୍ଷରୁ କେନାଲର ସଫେଇ ଓ ପୁନରୁଦ୍ଧାର ନିମନ୍ତେ ଟେଣ୍ଡର ପ୍ରକ୍ରିୟା କରାଯାଇ ଠିକାଦାର ଚୟନ କରାଯାଇଥିଲା। ଏପ୍ରିଲ ୧ରୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରାଯାଇ ବନ୍ଧର ସଫେଇ ସହିତ କେନାଲବନ୍ଧର ଦୁର୍ବଳ ସ୍ଥାନଗୁଡିକରେ ମାଟି ପକାଇବା, ଘଳିଆଗୁଡ଼ିକ ବନ୍ଦ କରିବା, ଜଳ ଶ୍ରୋତପଥକୁ ଲେବୁଲ କରିବା ଆଦି କାମ ହେଇଥିଲା। ପରେ ୨୮ ତାରିଖରେ କେନାଲରେ ପାଣି ଛଡ଼ା ଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି କେନାଲ ଉପରେ ଖେଳାଉର, ବ୍ରାହ୍ମଣତରବୋଇ, ଓଡତରବୋଇ, ରେଞ୍ଚ, ହୁମର, ପଞ୍ଚୁପଲ୍ଲା, ଗୁଆଳିପଡ଼ା, ମାଛପଡ଼ା ପ୍ରମୁଖ ଗ୍ରାମଗୁଡ଼ିକର ଅନେକ ଚାଷୀ ନିର୍ଭର କରିଥାନ୍ତି। ଅନ୍ୟପଟେ କେନାଲ ପାଣି ଶେଷମୁଣ୍ଡରେ ପହଞ୍ଚିବା ପରେ ଏବେ ଖରାରେ ଶୁଖିଲା ପଡ଼ିଥିବା ଗଡିଆ ପୋଖରୀରେ ପାଣି ପରିପୂର୍ଣ୍ଣ ହୋଇଛି। ଏନେଇ ଅଞ୍ଚଳବାସୀ ସ୍ଥାନୀୟ ବିଧାୟକଙ୍କ ସମେତ ଜଳ ସେଚନ ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ସଂକ୍ଷେପରେ

### ବିଜେଡିର ମିଶ୍ରଣ ପର୍ବ

ମଙ୍ଗୁଳି-ଜଗତପୁର,୨।୫(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ସଫା, କରଞ୍ଜି ଓ ଗରୁଡଗାଁ ପଞ୍ଚାୟତରେ ଟାଙ୍ଗୀ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର କୁମାର ଜେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦ ନମ୍ବର ଜୋନ୍ ଭାଜପା ମଣ୍ଡଳ ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମ୍ବ ଅଧକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧ ଜନ୍ମେଜୟ ଖିଲାର, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ସରପଞ୍ଚ ଭରତ ବେହେରା, ଦୀପ୍ତିମୟୀ ବେହେରା, ସୁବୋଧ ସାମଲଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୧୦ ନମ୍ବର ଜୋନ୍‌ରେ ଭାଜପାର କାର୍ଯ୍ୟକଳାପ ଅତ୍ୟନ୍ତ ନୈରାଶଜନକ। ସେଥିପାଇଁ କର୍ମୀଙ୍କ ସହ ଆଲୋଚନା କରି ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହେଲୁ ବୋଲି ପ୍ରଦୀପ୍ତ ଷଡଙ୍ଗୀ କହିଛନ୍ତି।

### ଟୁଇନ୍ ସିଟି ଡାଇବେଟିକ୍ କ୍ଲବ୍ ଗଠିତ

କଟକ,୨।୫(ଶିଲ୍ପା ପ୍ରିୟଦର୍ଶିନୀ)

ହୋଟେଲ ପ୍ରମୋଦଠାରେ ଟୁଇନ ସିଟି ଡାଇବେଟିକ୍ କ୍ଲବ୍ ଗଠିତ ହୋଇଛି। ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. କାଶୀନାଥ ପଡ଼ିଆରୀ, ଡା. ଭରତ ପାଣିଗ୍ରାହୀ, ପ୍ରଫେସର ଡା. ନମିତା ମହାପାତ୍ର, ପ୍ରଫେସର ଡା. ଜୟଶ୍ରୀ ସ୍ୱାଇଁ, ଡା. ସଞ୍ଜୟ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମଧୁମେହ ରୋଗୀଙ୍କ ଉଚ୍ଚତର ଚିକିତ୍ସା, ଗବେଷଣା, ଚିକିତ୍ସା, ଜୀବନ ଶୈଳୀ ଓ ସମସ୍ତଙ୍କୁ ସଚେତନ କରାଇବା ହିଁ କ୍ଲବ୍ ଗଠନର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ଅରୁଣ ଚୌଧୁରୀ, ପ୍ରଫେସର ଡା. ପ୍ରତିମା ସାହୁ, ପ୍ରଫେସର ଡା. ଗନ୍ଧର୍ବ ରାୟ, ଡା. ଶ୍ରୀକାନ୍ତ ଧର, ଡା. ସନ୍ତୋଷ ସ୍ୱାଇଁ, ଡା. ସୁଧାଂଶୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପିସିଆର୍ ଭ୍ୟାନ୍‌ରେ ଡାକ୍ତରଖାନା ନେଲାନି ପୋଲିସ

## ଥାନା ସମ୍ମୁଖରେ ଦୁର୍ଘଟଣା, ୬ ଆହତ

କଟକ,୨।୫ (ଦିବାକର ସାହୁ)

କଟକ ବିଡ଼ାନାସୀ ଥାନା ସମ୍ମୁଖରେ ବୁଧବାର ଏକ କାର ଧକ୍କାରେ ୬ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିଲା। ହେଲେ ପୋଲିସ ସେଠାରେ ଉପସ୍ଥିତ ଥିଲେ ମଧ୍ୟ ଗୁରୁତରଙ୍କୁ ଭ୍ୟାନ୍‌ରେ ଡାକ୍ତରଖାନା ନେଇ ନ ଥିଲା। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। ପ୍ରାୟ ୪୦ ମିନିଟ୍ ପରେ ଆମ୍ବୁଲାନ୍ସ ଆସିବାରୁ ଗୁରୁତରଙ୍କୁ ଡାକ୍ତରଖାନା ପଠାଯାଇଥିଲା। ପୋଲିସର ଏଭଳି ମନୋଭାବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ମିଳିଥିବା ସୂଚନା ଅନୁସାରେ, ବିଡାନାସୀ ଥାନା ସମ୍ମୁଖରେ ଶ୍ରୀଜନ ଶାଖା ସମିତିର ମାରୱାଡି ମହିଳାମାନେ ବୁଧବାର ମହିଳାମାନେ ଦହିପାଣି ବଣ୍ଟନ କରୁଥିଲେ। ପିଇବା ପାଇଁ ସ୍ଥାନୀୟ ଜନସାଧାରଣ ଓ ପଥଚାରୀଙ୍କ ଭିଡ ଲାଗିଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୩୫ରେ ଜଣେ ମହିଳା କାର୍ ଚଳାଇ ଆସୁଥିବାବେଳେ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇଥିଲେ। ଏଥିରେ ୬ ଜଣ ଆହତ ହୋଇଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳରେ ରହୁଥିବା ପ୍ରଶାନ୍ତ କୁମାର ମହାରଣା ନାମକ ଜଣେ ପୋଲିସ କର୍ମଚାରୀଙ୍କ ଗୋଡ଼ କାର୍ ତଳେ ପଶି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ସେହିପରି ଦେଉଳସାହିର ପ୍ରମୋଦ ସାମନ୍ତରାୟଙ୍କ ଗୋଡ଼ ଖଣ୍ଡିଆ ହୋଇଥିଲା। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବା ସହ ଦୁର୍ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ତୁରନ୍ତ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ଘଟଣା ଘଟାଇଥିବା ମହିଳାଙ୍କୁ ନିଜ ହେପାଜତକୁ ନେବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। କେତେଜଣ ଆହତଙ୍କୁ ଥାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିବାବେଳେ ଗୁରୁତର ବ୍ୟକ୍ତିଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନା ନେବା ପରିବର୍ତ୍ତେ ବସାଇ ରଖିଥିଲା। ପିସିଆର୍ ଭ୍ୟାନ୍‌ରେ ଗୁରୁତରଙ୍କୁ ମେଡିକାଲ ନେବା ପାଇଁ ସ୍ଥାନୀୟ ଲୋକେ ପୋଲିସକୁ ଅନୁରୋଧ କରିଥିଲେ। ହେଲେ ଆମ୍ବୁଲାନ୍ସକୁ ଅପେକ୍ଷା କରିବା ପାଇଁ ପୋଲିସ କହିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ନେଇ ଏସ୍‌ଆଇ ରୋହିତ କୁମାର ବଳ କହିଛନ୍ତି, ପିସିଆର୍ ଭ୍ୟାନ୍‌ରେ ଗୁରୁତରଙ୍କୁ ନେବା ପାଇଁ ସୁବିଧା ହୋଇ ନ ଥାନ୍ତା। ସେଥିପାଇଁ ଆମ୍ବୁଲାନ୍ସକୁ ଅପେକ୍ଷା କରିଥିଲୁ।



ଦୁର୍ଘଟଣାରେ ଗୁରୁତର ହୋଇଥିବା ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଉଛି।

# ଟ୍ରକ୍ ଧକ୍କାରେ ମହିଳା ମୃତ, ଉତ୍ତେଜନା

କଟକ,୨।୫ (ଦିବାକର ସାହୁ)

କଟକ ଚାଉଳିଆଗଞ୍ଜ ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା ଅଧୀନ ଗତିରାଉତପାଟଣା ଅଞ୍ଚଳରେ ଭଡାରେ ରହୁଥିବା ଅନସୂୟା ଦେବୀ। ଦୁର୍ଘଟଣାରେ ତାଙ୍କ ସ୍ୱାମୀ ସଂଗ୍ରାମ କେଶରୀ ପାଣି ଆହତ ହୋଇଛନ୍ତି। ସକାଳ ପ୍ରାୟ ସାଢେ ୮ଟାରେ ସେମାନେ ଏକ ସ୍କୁଟିରେ କୌଣସି କାମରେ ଦରଘାବଜାର ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ମହିଳା ଜଣଙ୍କ ତଳେ ପଡିଯିବାରୁ ଟ୍ରକ୍ ଚକ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଉଳିଆଗଞ୍ଜ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକଙ୍କୁ ଅଟକ ରଖିଛି। ଏ ନେଇ ସଂଗ୍ରାମ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଟ୍ରକଟି ଯାଜପୁର ଅଞ୍ଚଳର ବୋଲି ଜଣାପଡିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ନୀଳାଚଳ ଜେନା ସୂଚନା ଦେଇଛନ୍ତି।

# ପ୍ରାର୍ଥୀପତ୍ର ଦାଖଲ ପାଇଁ ପଦଯାତ୍ରା




ଏସ୍‌ୟୁସିଆଇ(ସି) ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ପଦଯାତ୍ରାରେ ଯାଉଛନ୍ତି।

କଟକ,୨।୫(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଏସ୍‌ୟୁସିଆଇ(ସି) ପ୍ରାର୍ଥୀମାନେ ଗୁରୁବାର କଟକ ଜିଲାପାଳ ଓ କଟକ ସଦର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଟକ ଲୋକ ସଭା ଆସନ ପାଇଁ ରାଜକିଶୋର ମଲ୍ଲିକ, ବାରବାଟୀ-କଟକ ପାଇଁ ଅକ୍ଷୟ କୁମାର ରାଉଳ, ଚୌଦ୍ୱାର-କଟକ ପାଇଁ ଖଗେଶ୍ୱର ସେଠୀ, କଟକ-ସଦର ପାଇଁ ପରମାନନ୍ଦ ସେଠୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନେ ଚୌଧୁରୀ ବଜାରସ୍ଥିତ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରୁ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ପଦଯାତ୍ରାରେ ଏସ୍‌ୟୁସିଆଇ(ସି)ର ସଦସ୍ୟ ଓ ସମର୍ଥକ ଉପସ୍ଥିତ ଥିଲେ।

## ଜଳଛତ୍ର ଉଦ୍‌ଘାଟିତ

ଫୁଲନଖରା,୨।୫(ସତ୍ୟରଞ୍ଜନ ଦାସମହାପାତ୍ର)

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲୋକମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ-ଭୁବନେଶ୍ୱର ଜାତୀୟ ରାଜପଥର ପ୍ରତାପ ନଗରୀଠାରେ ଜାତୀୟ ରାଜପଥ ଟ୍ରାଫିକ୍ ଥାନା ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟ୍ରାଫିକ୍ ଥାନା ଆଇଆଇସି ଦୁର୍ଗାପ୍ରସାଦ ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏସ୍‌ଆଇ ବରୁଣ ନାୟକ, ଏଏସ୍‌ଆଇ ସରୋଜକାନ୍ତ ଦାସ, ପ୍ରତ୍ୟୁଷ ମହାନ୍ତି, ସନ୍ଦୀପ ଜେନା, ଶେଷଦେବ ଶତପଥି, ଶିବ ପ୍ରସାଦ ଦାସ ଓ ବିକ୍ରମ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଠଗଡ଼ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କଲା ନାପ୍




ନାପ୍ କାର୍ଯ୍ୟାଳୟରେ ଡ. ସନ୍ତୋଷ କୁମାର କରଙ୍କୁ ଟିକେଟ ପ୍ରଦାନ କରାଯାଉଛି।

ଫୁଲନଖରା,୨।୫(ସତ୍ୟରଞ୍ଜନ ଦାସମହାପାତ୍ର)

ନ୍ୟାଶନାଲ ଆପ୍‌ନୀ ପାର୍ଟି(ନାପ୍) ପକ୍ଷରୁ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଚୟନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ପାହାଳ ଥାନା ଅନ୍ତର୍ଗତ ବଗୁଆରୀଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ଆଠଗଡ ବିଧାନସଭା ପ୍ରାର୍ଥୀ ଭାବେ ଡ. ସନ୍ତୋଷ କୁମାର କରଙ୍କ ନାମ ଦଳ ଘୋଷଣା କରିଛି। ଏଥିସହ ତାଙ୍କୁ ଦଳ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛି। ଆଠଗଡ଼ ଅଞ୍ଚଳର ଲୋକଙ୍କ ମୌଳିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସୁବିଧା ଆଦି ପ୍ରସଙ୍ଗକୁ ନେଇ ଭୋଟରଙ୍କ ପାଖକୁ ଯିବି ବୋଲି ଡ. କର କହିଛନ୍ତି। ସୂଚନାଯୋଗ୍ୟ, ଏପର୍ଯ୍ୟନ୍ତ ଦଳ ୪୬ ବିଧାନସଭା ଓ ୭ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଆଗାମୀ ଦିନରେ ଅବଶିଷ୍ଟ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନାପ୍‌ର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ କହିଛନ୍ତି।




କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ସାହିତ୍ୟିକ ତଥା ସାମାଜିକ କର୍ମୀ ଅଭୟ ସାମନ୍ତରାୟଙ୍କ ଶ୍ରାଦ୍ଧବାର୍ଷିକୀ ସଭାରେ ଜଷ୍ଟିସ ବିଶ୍ୱନାଥ ରଥ ଉଦ୍‌ବୋଧନ ଦେଉଛନ୍ତି।

# ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଫୁଲନଖରା,୨।୫(ସତ୍ୟରଞ୍ଜନ ଦାସମହାପାତ୍ର)

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି କଟକ ସଦର ପୋଲିସ ପକ୍ଷରୁ କିଛିଦିନ ହେବ ଫ୍ଲାଗ୍‌ମାର୍ଚ୍ଚ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର କଟକ ସଦର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ଧାନଘରପଡା, ଶାସୋଳ, ଆମଣ, ସବଳପୁର, ବିଶ୍ୱାଳପଡା, ଚାଆଁରାପଡା ଆଦି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ନିର୍ଭୟରେ ନିର୍ବାଚନ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଲୋକଙ୍କୁ ପୋଲିସ ପରାମର୍ଶ ଦେଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ସଦର ଥାନା ଏସ୍‌ଆଇ ବିକ୍ରମ ବେହେରା, ଚିତ୍ତରଞ୍ଜନ ସାହୁ, ଧୀରେନ୍ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# 'ସରକାର ଶ୍ରମିକଙ୍କ ଅଧିକାର କ୍ଷୁଣ୍ଣ କରୁଛନ୍ତି'

## ବିଶ୍ୱ ଶ୍ରମିକ ଦିବସ

କଟକ/ଖୁଣ୍ଟୁଣୀ,୨।୫
(ଶିଳ୍ପା ପ୍ରିୟଦର୍ଶିନୀ/ସଚ୍ଚିଦାନନ୍ଦ ପଣ୍ଡା)

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କଟକ ଜିଲା ଶାଖା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ସ୍ଥାନୀୟ ନୂଆପଡାଠାରେ ପାଳିତ ହୋଇଯାଇଛି। ଜିଲା ସଭାପତି ସନ୍ତୋଷ କୁମାର ଭୋଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକମାନଙ୍କ ଅଧିକାର କ୍ଷୁଣ୍ଣ କରୁଛନ୍ତି। ଶ୍ରମିକମାନଙ୍କ କାର୍ଯ୍ୟ ସମୟ ୮ ଘଣ୍ଟାରୁ ୧୨ ଘଣ୍ଟା କରିବା, ୪୪ଟି ଶ୍ରମ ଆଇନ୍ ବିଲୁପ୍ତ କରି ପୁଞ୍ଜିପତିମାନଙ୍କୁ ସୁହାଇଲା ଭଳି ୪ଟି ଶ୍ରମକୋଡ୍‌ରେ ପରିଣତ କରିବା, ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ନ କରିବା କ୍ଷୋଭର ବିଷୟ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ, ରାଜ୍ୟ ମହିଳା ଆଇଏନ୍‌ଟିୟୁସି ସଭାପତି ପ୍ରଣତୀ ମିଶ୍ର, ସାଗର ପରିଡା, କାର୍ଯ୍ୟକାରୀ ସଭାପତି ସୁବାଶିଷ ପଟ୍ଟନାୟକ, ପିସିସି ସାଧାରଣ ସମ୍ପାଦକ ପ୍ରିୟଜିତ୍ ରାୟ, ସୂର୍ଯ୍ୟମଣୀ ମହାନ୍ତି, ରାଜସିଖନ ସ୍ୱାଇଁ, ରୋହିତ ସ୍ୱାଇଁ ଓ ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଆଠଗଡ଼ ଶାଖା ପକ୍ଷରୁ ଖୁଣ୍ଟୁଣୀ ଗୋଲେଇ ଛକସ୍ଥିତ ଭୋଗରା ବଜାରରେ ଥିବା ଶ୍ରମିକ ସଂଘ ଶାଖା କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କଟକ ଜିଲା ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗୌରହରି ମହାନ୍ତି, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସୁରେଶ ପ୍ରଧାନ, ପଣ୍ଡିତ ମଳୟ କରଶର୍ମା ଓ ଢେଙ୍କାନାଳ ଜିଲା ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ସଭାପତି କେଦାର ନାଥ ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ଉତ୍ତମ ସେବା ପାଇଁ ୧୨ଜଣ ଶ୍ରମିକଙ୍କୁ ସମ୍ମାନିତ କରାଯାଇଥିଲା। ଆଠଗଡ଼ ବ୍ଲକ ଶାଖାର ସମ୍ପାଦକ ବିଭୁ ପ୍ରସାଦ ଲେଙ୍କା, ଉଦ୍ଧବ ନାୟକ, ରବୀନ୍ଦ୍ର ବାରିକ, ରସାନନ୍ଦ ସାହୁ, ଲକ୍ଷ୍ମୀଧର ଚମ୍ପେତ୍ରା, ସନ୍ତୋଷ ମଲ୍ଲିକ, ଝୁମୁରି ପ୍ରଧାନ, ରବୀନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



କଟକ ନୁଆପଡାଠାରେ ଶ୍ରମିକ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।




କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବୁଧବାର ବକ୍ସିବଜାରଠାରେ ଶ୍ରମିକ ଦିବସ ପାଳନ କରାଯାଉଛି।

# ପ୍ରାର୍ଥୀପତ୍ର ଦାଖଲକଲେ ପ୍ରକାଶ

କଟକ, ୨।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରରେ ସେ ପୂଜାର୍ଚ୍ଚନା କରିବା ପରେ ବାଇକ ଶୋଭାଯାତ୍ରାରେ ଚୌଧୁରୀବଜାରଠାରେ ପହଞ୍ଚିଥିଲେ। ସେଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପ୍ରସ୍ତାବକ ଭାବେ ସିଏମ୍‌ସି ମେୟର ସୁବାସ ସିଂ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ, କଟକ ନଗର ମହିଳା ବିଜେଡି ସଭାପତି ପୂର୍ଣ୍ଣିମା ସିଂ, ବିଜେଡି ରାଜ୍ୟ ସମ୍ପାଦକ ମହମ୍ମଦ ସକିଲ ଉପସ୍ଥିତ ଥିଲେ। ପ୍ରାର୍ଥୀପତ୍ର ଦାଖଲ ପରେ ପ୍ରକାଶ କହିଛନ୍ତି, ଏବେଠୁ ପ୍ରଚାର ଶାଣିତ ହେବ। ବାରବାଟୀ-କଟକରେ ବିଜେଡି ଗଡ଼ ବନେଇବ। ଏହି ଶୋଭାଯାତ୍ରାରେ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ସମେତ କର୍ପୋରେଟର ଓ କର୍ମୀମାନେ ଯୋଗଦେଇଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

## ୨୦୨୩-୨୪ ଆର୍ଥିକ ବର୍ଷରେ ଆୟ ୧୭,୩୪,୨୮୦ ଟଙ୍କା

କଟକ,୨।୫(କାର୍ତ୍ତିକ ସାହୁ)

ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ପ୍ରାର୍ଥୀପତ୍ର ଦାଖଲବେଳେ ଦେଇଥିବା ସମ୍ପତ୍ତି ତାଲିକାରେ ନିଜର ତଥା ସ୍ତ୍ରୀ ଜୟଶ୍ରୀ ବେହେରାଙ୍କ ଆୟ, ଅଳଙ୍କାର, ଋଣ ସହ ସ୍ଥାବର, ଅସ୍ଥାବର ସମ୍ପତ୍ତି ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଓ ସ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ଯଥାକ୍ରମେ ୭୦, ୯୪, ୫୬୬.୬୯ଟଙ୍କା ଓ ୨୯, ୪୩, ୪୯୭. ୪୬ ଟଙ୍କା ହୋଇଥିବାବେଳେ ଅସ୍ଥାବର ସମ୍ପତ୍ତି ୭ କୋଟି ଓ ୩୫ ଲକ୍ଷ ଟଙ୍କା। ମାତ୍ର ପ୍ରକାଶଙ୍କର ୭୦,୯୪, ୫୬୬.୬୯ ଟଙ୍କାର ଅଳଙ୍କାର ରହିଥିବା ବେଳେ ସ୍ତ୍ରୀଙ୍କର ୨୯,୪୩,୪୯୭.୪୬ ଟଙ୍କାର ଅଳଙ୍କାର ରହିଛି। ପ୍ରକାଶଙ୍କର ବ୍ୟାଙ୍କ ଲୋନ୍ ୬୪ ଲକ୍ଷ ଟଙ୍କା ଓ ସ୍ତ୍ରୀଙ୍କ ବ୍ୟାଙ୍କ ଲୋନ୍ ୧୮ ଲକ୍ଷ ୩୫ ହଜାର ୪୬୯ ଟଙ୍କା। ୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ ସୂତ୍ରରୁ ନିଜ ଆୟ ୧୭,୩୪,୨୮୦ ଟଙ୍କା ହୋଇଥିବା ବେଳେ ସ୍ତ୍ରୀଙ୍କର ୯,୩୨,୨୬୩ ଟଙ୍କା। ପ୍ରକାଶଙ୍କ ନାମରେ ରହିଥିବା ଚାଷଜମିର ବଜାର ଦର ୧ କୋଟି ୬୪ ଲକ୍ଷ ଟଙ୍କା ହୋଇଥିବାବେଳେ ତାଙ୍କ ନାମରେ କୌଣସି ବାସୋପଯୋଗୀ ଜମି ନାହିଁ। ଅପରପକ୍ଷରେ ସ୍ତ୍ରୀଙ୍କ ନାମରେ କୌଣସି ଚାଷଜମି ନଥିବାବେଳେ ବଜାର ଦର ୩୫ ଲକ୍ଷ ଟଙ୍କାର ବାସୋପଯୋଗୀ ଜମି ରହିଛି। ପ୍ରକାଶଙ୍କ ନାମରେ ୧୦ଟି ଆପରାଧିକ ମାମଲା ବିଚାରାଧୀନ ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି।



ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଗୁରୁବାର ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଚିଲିକା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ରଘୁନାଥ ସାହୁ ଗୁରୁବାର ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ସଂକ୍ଷେପରେ

### କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

**ବୋଲଗଡ଼,୨।୫(ଦେବବ୍ରତ ହୋତା):** ବୋଲଗଡ଼ ଥାନା ପୋଲିସ ପକ୍ଷରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ସ୍ଥାନୀୟ ଥାନା ସୀମାନ୍ତ ଅଞ୍ଚଳ ଦିଘିରି ନିକଟ ବିଜିପୁର ଛକଠାରେ ଯାଞ୍ଚ ବେଳେ ଏକ କାର୍ ସହ ୭୧କେଜି ୩୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ପୋଲିସ ପକ୍ଷରୁ ଗାଡି ଯାଞ୍ଚ ଚାଲିଥିବା ବେଳେ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ତେବେ କାର୍‌ଟି ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ପୋଲିସ କର୍ମଚାରୀ ବିଜିପୁର ଛକଠାରେ ଅଟକାଇ ଯାଞ୍ଚ କରିଥିଲେ। ଗାଡିରୁ ଗଞ୍ଜେଇ ଜବତ କରିବା ସହ ଚାଳକ ବାଲିଗୁଡା ଥାନା ଅଞ୍ଚଳର ମହେଶ ଦିଗଲ (୨୧)ଏବଂ ସାଥିରେ କାରରେ ଥିବା ସେହି ବାଲିଗୁଡା ଥାନା ଅଞ୍ଚଳର ସୁଶୀଳ ମଲ୍ଲିକ (୨୧)ଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୦୪/୨୪) ରୁଜୁପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ସ୍ନିଗ୍ଧାମୟୀ ବରାଳ ସୂଚନା ଦେଇଛନ୍ତି।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ



**ନିରାକାରପୁର,୨।୫(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରୀଆ ପଞ୍ଚାୟତ ଅଞ୍ଚଳରେ ଥିବା ଖଣିରୁ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଖଣିରେ ଚଢ଼ାଉ କରିଥିଲେ। ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ (ଓଡି-୦୨ଏଜେ-୪୯୫୨)କୁ ଜବତ କରିଥିଲେ। ଯାଞ୍ଚ ବେଳେ ଚାଳକ ଜଣଙ୍କ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଟାଙ୍ଗୀ ଥାନା ଅନ୍ତର୍ଗତ ବାଲିପାଟପୁର ଗ୍ରାମର ଚାଳକ ସିଦ୍ଧାନ୍ତ ସାହୁଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨୩/୨୪)ରୁଜୁ ପରେ ଚାଳକଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାଉତରାୟ ସୂଚନା ଦେଇଛନ୍ତି।

### ମଦ ଜବତ, ଜଣେ ଗିରଫ

**ବେଗୁନିଆ,୨।୫(ସନ୍ଧ୍ୟାରାଣୀ ମିଶ୍ର):** ବାଘମାରୀ ଥାନା ପୋଲିସ ବୁଧବାର ସନ୍ଧ୍ୟାରେ କୋଟପଲ୍ଲା-କୁରାଡ଼ିଲୋ ରାସ୍ତାରେ ବେଆଇନ ଭାବେ ମଦ ବେପାର କରୁଥିବା ଜଣେ ମହିଳାଙ୍କ ଘରେ ଚଢ଼ାଉ କରିଛି। ୨୪ ଲିଟର ଦେଶୀ ଏବଂ ବିଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଲିପିନା ପଣ୍ଡା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୫/୨୪) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ଭାଜପାରେ ମିଶିଲେ ବହୁ ନେତା, କର୍ମୀ

**ଜଟଣୀ,୨।୫ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ନିର୍ବାଚନମଣ୍ଡଳୀର ବହୁ ବିଜେଡି ଓ କଂଗ୍ରେସ ନେତା ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ବିଜେଡି ନେତା ଅର୍ଜୁନ ପରିଡ଼ା, ମେଣ୍ଢାଶାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁମିତ୍ରା ସାମନ୍ତରାୟ, ମନୋଜ ସାମନ୍ତରାୟ, ସଂଗ୍ରାମ କେଶରୀ ପ୍ରଧାନ ଭାଜପାରେ ଯୋଗଦେଇଛନ୍ତି। ସେହିପରି ଜଟଣୀ ପୌର ପରିଷଦର ୧୧ନଂ. ୱାର୍ଡର ପୂର୍ବତନ କାଉନସିଲର ତଥା ବିଜେଡି ନେତା ବେଣୁଧର ମଙ୍ଗରାଜ, କଂଗ୍ରେସ ନେତା ବିନୋଦ ସାବତ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଏଥିସହିତ ମେଣ୍ଢାଶାଳ, ହଳଦିଆ, ରଣସିଂହପୁର, କନ୍ତିଆ, ଛତାବର, କଣ୍ଟାବାଡ଼, ଅଙ୍ଗାରପଡ଼ା, ତମାଣ୍ଡୋ ପଞ୍ଚାୟତର ଅନେକ ୱାର୍ଡ ମେମ୍ବର ଓ ପୂର୍ବତନ ୱାର୍ଡ ମେମ୍ବରଙ୍କ ସମେତ ଜଟଣୀ ପୌର ପରିଷଦର ଅନେକ ନେତା ଭାଜପାରେ ଯୋଗଦେଇଛନ୍ତି।

# ପ୍ରାର୍ଥୀପତ୍ର ଦାଖଲକଲେ ମନ୍ମଥ, ଅପରାଜିତା, ରାଜେନ୍ଦ୍ର, ରଘୁ

**ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)**

ନାମାଙ୍କନର ଚତୁର୍ଥ ଦିବସରେ ଗୁରୁବାର ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜୁ ଜନତା ଦଳ(ବିଜେଡି)ର ମନ୍ମଥ ରାଉତରାୟ ଏବଂ ଭାରତୀୟ ଜନତା ପାର୍ଟି(ଭାଜପା)ର ଅପରାଜିତା ଷଡ଼ଙ୍ଗୀ ଶୋଭାଯାତ୍ରାରେ ଆସି ରିଟର୍ନିଂ ଅଫିସର ତଥା ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ବିଜେଡିର ରାଜେନ୍ଦ୍ର ସାହୁ ଶୋଭାଯାତ୍ରାରେ ଆସି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ବିଧାନସଭା ଆସନ ପାଇଁ ବିଜେଡିର ରଘୁନାଥ ସାହୁ ଶୋଭାଯାତ୍ରାରେ ଆସି ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।



ନାମାଙ୍କନପତ୍ର ଦାଖଲ ପାଇଁ ବିଜେଡି ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।



ଭାଜପା ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମର୍ଥକ ଓ କର୍ମୀ।

### ଲୋକଙ୍କ ସାଥୀ ଭାବେ କାର୍ଯ୍ୟ କରିବି: ମନ୍ମଥ

ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ୧୬ ନମ୍ବର ରାଜପଥ ପାର୍ଶ୍ୱରେ ଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ସେ ଗୋଡ଼ିପୋଖରୀରୁ ଶଗଡ଼ରେ ଚଢ଼ି ମୁଣ୍ଡରେ ବିଜେଡି ପଗଡ଼ି ବାନ୍ଧି ଶଙ୍ଖ ଫୁଙ୍କି ଶୋଭାଯାତ୍ରାରେ ବାହାରିଥିଲେ। ପାଇକ ଆଖଡ଼ା, ପାରମ୍ପରିକ ଢୋଲବାଦ୍ୟ, ସାମରିକ କଳା ସହ ଗୋଡ଼ିପୋଖରୀରୁ ଟ୍ରାଫିକ ଛକ, ବ୍ୟାଙ୍କ ଛକ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ ସେ ଶଗଡ଼ରେ ସିଧାସଳଖ କାର୍ଯ୍ୟାଳୟ ପରିସରରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ଏହି ଅବସରରେ ମନ୍ମଥ କହିଥିଲେ, ସେ ଖୋର୍ଦ୍ଧା ମାଟିର ପୁଅ। ଅଞ୍ଚଳବାସୀ ଚାହୁଁଛନ୍ତି ଜଣେ ଦକ୍ଷ ଯୁବ ନେତୃତ୍ୱ। ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ରହିବ। ଗତ ୫ବର୍ଷରେ ଯାହା ହୋଇ ନ ଥିଲା, ଆଗାମୀ ଦିନରେ ତା'ଠାରୁ ଅଧିକ ବିକାଶ ସହ ଲୋକଙ୍କ ସାଥୀ ଭାବେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଏହି ଶୋଭାଯାତ୍ରାରେ ମନ୍ମଥଙ୍କ ବାପା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ସାମିଲ ହୋଇଥିଲେ।

### ଏଥର ଜନତା ମୋ ପାଇଁ ଲଢ଼ୁଛନ୍ତି: ଅପରାଜିତା

ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ବରମୁଣ୍ଡାଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବାଟ ଭୂଆସୁଣୀଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ସେ ମୁକୁନ୍ଦପ୍ରସାଦ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ଅପରାଜିତା କହିଥିଲେ, ଶୋଭାଯାତ୍ରାରେ ଲୋକଙ୍କ ଭଲପାଇବା ଦେଖି ଶବ୍ଦହୀନ ହୋଇଯାଇଛି। ଜନତା କେବେ ବି ପରାଜିତ ହୁଏନି, ଜନତା ଅପରାଜେୟ। ଚଳିତ ନିର୍ବାଚନ ସେ ଲଢୁନାହାନ୍ତି, ଏଥର ତାଙ୍କ ପାଇଁ ଜନତା ଲଢୁଛନ୍ତି ବୋଲି ଅପରାଜିତା କହିଛନ୍ତି। ଏହି ଶୋଭାଯାତ୍ରାରେ ଭାଜପା ନେତା ବାବୁ ସିଂ, ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତ୍ରୀ ସୁନୀତି ମୁଣ୍ଡ ଏବଂ ବହୁ କର୍ମୀ ଯୋଗଦେଇଥିଲେ।

### ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ମୋ' ଲକ୍ଷ୍ୟ : ରାଜେନ୍ଦ୍ର

ଖୋର୍ଦ୍ଧା ବିଧାନସଭା ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଶୋଭାଯାତ୍ରାରେ ବାହାରି ନୂଆ ବସ୍‌ଷ୍ଟାଣ୍ଡ, ବିଡିଏ ଛକ, ବ୍ୟାଙ୍କ ଛକ ଦେଇ ଉପଜିଲାପାଳଙ୍କ ନିକଟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ପାଇକ ଆଖଡ଼ା, ପାରମ୍ପରିକ ବାଦ୍ୟରେ କମ୍ପିଥିଲା ପରିବେଶ। ଏହି ଅବସରରେ ରାଜେନ୍ଦ୍ର କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଗତିପଥରେ ଆଗେଇ ଚାଲିଛି। ବିକାଶମୂଳକ ଯୋଜନା ନେଇ ଲୋକଙ୍କ ନିକଟକୁ ଯିବି। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ରହିବ। ପାଇକ ସ୍ମାରକୀ, ଐତିହାସିକ ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ, କ୍ୟାବିନମୁକ୍ତ ସହର ପାଇଁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଚଳିତ ନିର୍ବାଚନରେ ବିପୁଳ ଜନମତ ସହ ବିଜୟୀ ଲାଭ କରିବି। ସମବାୟ ବ୍ୟାଙ୍କ ଚେୟାରମ୍ୟାନ ଅଭିଷେକ ସିଂ ସାମନ୍ତ, ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ବ୍ଲକ ଚେୟାରମ୍ୟାନ ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର, ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ରିସ୍ମା ମାନ୍ଧାତା, ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ଚିଲିକାବାସୀଙ୍କ ସେବା ପାଇଁ ସୁଯୋଗ ପାଇଛି : ରଘୁ

ଚିଲିକା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ବାଣପୁରର ମା'ଭଗବତୀଙ୍କ ଆଶୀର୍ବାଦ ନେଇ ଶୋଭାଯାତ୍ରାରେ ବାଣପୁର, ବାଲୁଗାଁ, ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ରଘୁନାଥ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ଚିଲିକାବାସୀଙ୍କ ପାଇଁ ପୁଣି ଥରେ ସେବା କରିବାର ସୁଯୋଗ ପାଇଛି। ଲୋକଙ୍କ ସୁଖଦୁଃଖର ସାଥୀଭାବେ ସେମାନଙ୍କ ସହ ରହି କାମ କରିବି। ଚିଲିକାକୁ ବିକଶିତ ବିଧାନସଭା କ୍ଷେତ୍ର ଭାବେ ଗଢ଼ି ତୋଳିବା ଲକ୍ଷ୍ୟ ରହିବ। ଚଳିତ ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହେବେ ବୋଲି ଆଶା ରଖିଥିବା ସେ କହିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ନଗରପାଳ ମିଟୁ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ମାନସିଂ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



ନାମାଙ୍କନପତ୍ର ଦାଖଲ ପାଇଁ ଶୋଭାଯାତ୍ରା ଯୋଗୁ ଗୁରୁବାର ଖୋର୍ଦ୍ଧାରେ ଟ୍ରାଫିକ ଜାମ୍।

## ଗୋଦାବରୀଶ ମହାବିଦ୍ୟାଳୟରେ ବୈଠକ

**ବାଣପୁର,୨।୫(ଦିଲୀପ ସ୍ୱାଇଁ)**

ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତାଙ୍କ ଅଧ୍ୟକ୍ଷତାରେ ରାଜନୀତି ବିଜ୍ଞାନ ବିଭାଗରେ ଏକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଲକ୍ଷ୍ମୀପ୍ରସାଦ ମିଶ୍ର, ଅଧ୍ୟାପକ ଆଦିତ୍ୟ ସାରଥୀ ବେଦମତ୍ତା, ଅଧ୍ୟାପକ ଗୋଲକ କୁମାର ବେହେରା, ଅଧ୍ୟାପିକା ପ୍ରତିଭା ମଲ୍ଲିକ ଏବଂ ଅନେକ ଅଭିଭାବକ ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଧନ୍ୟବାଦ ପ୍ରଦାନ ସହ ବୈଠକ ଶେଷ ହୋଇଥିଲା।

## ନାମାଙ୍କନପତ୍ର ଦାଖଲକଲେ ମନୱର

**ଜଟଣୀ,୨।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବିଧାନସଭା ଆସନ ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏମ୍.ଡି. ମନୱର ଅଲ୍ଲୀ ସ୍ଥାନୀୟ ଖୁଦୁପୁର ପଡିଆରୁ ଟ୍ରାକ୍ଟରରେ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଯାଇ ଭୁବନେଶ୍ୱର ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ମନୱର କହିଛନ୍ତି, ଜଟଣୀ ମହାବିଦ୍ୟାଳୟର ନିଜସ୍ୱ ଜମି କରାଇବା, ଧାନର କଟନୀଛଟନୀ ସମ୍ପୂର୍ଣ୍ଣ ଉଚ୍ଛେଦ, ଚାଷଜମିକୁ ଜଳଯୋଗାଣ ସହିତ ନିଶାମୁକ୍ତ ଜଟଣୀ ପ୍ରଥମ ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି।




ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏମ୍.ଡି. ମନୱର ଅଲ୍ଲୀ ନାମାଙ୍କନପତ୍ର ଭରୁଛନ୍ତି।

# ସରିଲା ରାମେଶ୍ୱର ଭାଗବତଦେବ ମେଳଣ

**ନିରାକାରପୁର,୨।୫(ମାନସ ଚନ୍ଦ୍ର ପଟ୍ଟନାୟକ)**

ରାମେଶ୍ୱରସ୍ଥିତ ମଲାଗୁଣୀ ନଦୀପଠାରେ ୩ଦିନ ଧରି ପାରମ୍ପରିକ ରୀତିରେ ଚାଲିଥିବା ରାମେଶ୍ୱର ଭାଗବତଦେବ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ସକାଳେ ଭକ୍ତ ଓ ଭଗବାନଙ୍କର ଅବିର ଖେଳ ସାଙ୍ଗକୁ ହରିବୋଲ, ହୁଳହୁଳି ଓ ଘଣ୍ଟ ଶବ୍ଦରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଥାନପତିଭାବେ ରାମେଶ୍ୱର ଖମାରସାହି ଓ ମଝିସାହିର ଭଗବତଦେବ ମେଳଣ ପଡିଆରୁ ମେଲାଣି ନେଇଥିଲେ। ଅନୁରୂପଭାବେ ଏହି ମେଳଣ ନିମନ୍ତେ ସ୍ଥାନୀୟ ତାଳପଡା, ରମାବିଲି, ମଧୁବନ, ସାମନ୍ତରାପୁର, ଷଠିପଦର, ଯାଜପୁର, ମିରିଗଦୟଣୀ ଆଦି ସ୍ଥାନରୁ ଆମନ୍ତ୍ରିତ ଭଗବତଦେବଗଣଙ୍କୁ ମଧ୍ୟ ମେଲାଣି ଦିଆଯାଇଥିଲା। ମେଳଣ ପଡିଆରେ କ୍ରିୟାକମିଟି ପକ୍ଷରୁ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଶ୍ରୀଜୀଉମାନଙ୍କୁ ମେଲାଣି ଦିଆଯାଇଥିଲା। ବହୁ ଶ୍ରଦ୍ଧାଳୁ ଏହି ମେଳରେ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ଚାଟ, ଗୁପଚୁପ, ଆଇସକ୍ରିମ ଷ୍ଟଲ ଠାରୁ ଆରମ୍ଭକରି ଘରକରଣା ଓ ମନୋହରୀ ଦୋକାନରେ ଲୋକଙ୍କ ଭିଡ଼ ଜମିଥିଲା। ଯାତ୍ରାପାର୍ଟି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜନସମାବେଶକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।



## ବେଗୁନିଆରୁ ଭାଜପା ପ୍ରାର୍ଥୀ ହେଲେ ପ୍ରକାଶ

**ଖୋର୍ଦ୍ଧା,୨।୫ (ପ୍ରଭାତ ପାଣିଗ୍ରାହୀ)**



ଭାରତୀୟ ଜନତା ପାର୍ଟି (ଭାଜପା) ଗୁରୁବାର ୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ପ୍ରକାଶ ଚନ୍ଦ୍ର ରଣବିଜୁଳିଙ୍କୁ ବେଗୁନିଆରୁ ପ୍ରାର୍ଥୀ କରିଛି। ତେବେ ପ୍ରାର୍ଥୀ ଘୋଷଣା ପରେ ପ୍ରକାଶ କହିଛନ୍ତି, ରାଜ୍ୟରେ ଡବଲ ଇଞ୍ଜିନ ସରକାରର ମୂଳଦୁଆ ବେଗୁନିଆରୁ ଆରମ୍ଭ ହେବ। ଦୀର୍ଘ ବର୍ଷ ଧରି ଲୋକଙ୍କ ସହ ଜଡିତ ରହିଛି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି, ବହୁମତରେ ବିଧାନସଭା ଏବଂ ଲୋକ ସଭା ପ୍ରାର୍ଥୀଙ୍କୁ ଜନାଦେଶ ମିଳିବ ବୋଲି ଆଶା ରହିଛି। ପ୍ରଚଣ୍ଡ ଖରାରେ ଲୋକେ ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଜିଲା ପ୍ରଶାସନ ନିକଟରେ ପାଣି ପାଇଁ ନେହୁରା ହେଉଛନ୍ତି। ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ପାନୀୟଜଳ ଯୋଗାଇ ପାରୁନାହିଁ। ବେଗୁନିଆ-ବୋଲଗଡ଼ବାସୀଙ୍କୁ ବିଶୁଦ୍ଧ ପାଣି ଏବଂ ଜମିକୁ ଜଳସେଚନର ବ୍ୟବସ୍ଥା କରାଯିବ। ଏଥିସହିତ ଉପଯୁକ୍ତ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ। କାହାରି ଚାଳଘର ରହିବ ନାହିଁ, ତାହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଓଡ଼ିଶାର ଅସ୍ମିତା ପାଇଁ ଲଢ଼େଇ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହାର ଉତ୍ତରରେ ବେଗୁନିଆ ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁ କହିଛନ୍ତି, ମେଗା ଡ୍ରିଙ୍କିଂ ୱାଟର ଯୋଜନାର ସୁଫଳ ବେଗୁନିଆ ଓ ବୋଲଗଡ଼ବାସୀ ପାଇବେ। ଚାଷୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ଯଥେଷ୍ଟ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ଯୋଜନା ଚାଷୀଙ୍କୁ ସମୃଦ୍ଧ କରିଛି। ଜନତା ଜାଣିଛନ୍ତି, କିଏ ତାଙ୍କ ସାଥିରେ ଅଛି। କାହାର ସରକାର ଗଢା ହେବ, ତାହା ସମୟ କହିବ ବୋଲି ସେ କହିଛନ୍ତି।

# ୬ରେ ପ୍ରଚାର କରିବେ ପ୍ରଧାନମନ୍ତ୍ରୀ

## ୧୧ରେ ପୁଣି ଆସିପାରନ୍ତି ମୋଦି ଓ ଯୋଗୀ

ବ୍ରହ୍ମପୁର/ନବରଙ୍ଗପୁର,୨।୫ (ନରସିଂହ ସାହୁ/ ସଦାଶିବ ପ୍ରହରାଜ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର କରିବାକୁ ଓଡ଼ିଶା ଆସିବେ। ସେ ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କନିଷି ଓ ନବରଙ୍ଗପୁର ଜିଲାର ନବରଙ୍ଗପୁର ଚିକିଲି ପଡ଼ିଆରେ ହେବାକୁ ଥିବା ସଭାରେ ଉଦ୍‌ବୋଧନ ଦେବେ। ପୂର୍ବାହ୍ନ ୧୦ଟାରେ କନିଷିରେ ନିର୍ବାଚନୀ ସଭାରେ ଜନସମାବେଶକୁ ସମ୍ବୋଧିତ କରିବେ। ସମାବେଶରେ ବ୍ରହ୍ମପୁର ଲୋକ ସଭା ଭାଜପା ପ୍ରାର୍ଥୀ ଏବଂ ସମ୍ପୃକ୍ତ ବିଧାନସଭା କ୍ଷେତ୍ରଗୁଡ଼ିକର ବିଧାୟକ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଲୋକଙ୍କୁ ନିବେଦନ କରିବେ। ଆସିକା ଲୋକ ସଭା କ୍ଷେତ୍ରର ପ୍ରାର୍ଥୀମାନେ ମଧ୍ୟ ଯୋଗଦେବେ। ଗୁରୁବାର ବ୍ରହ୍ମପୁରରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କେନ୍ଦ୍ରୀୟ ସୁରକ୍ଷା ବାହିନୀର ପଦାଧିକାରୀମାନ ଏଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବ୍ରହ୍ମପୁର କାର୍ଯ୍ୟକ୍ରମ ସାରି ମୋଦି ମଧ୍ୟାହ୍ନ ୧୨ଟାରେ ନବରଙ୍ଗପୁରର ଚିକିଲି ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବେ ବୋଲି ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ସୂଚନା ଦେଇଛନ୍ତି।

ସେହିପରି ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଚାର ଲାଗି ପୁରୀ ଆସିବା କାର୍ଯ୍ୟକ୍ରମ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ବିଜେଡିର ୩୫, କଂଗ୍ରେସ ୨୦, ଭାଜପା ୧୨ ମହିଳା ପ୍ରାର୍ଥୀ

## ବିଧାନସଭା ନିର୍ବାଚନ

ଭୁବନେଶ୍ୱର,୨।୫(ଅନିଲ ଦାସ)

ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ଗୁରୁବାର ସୁଦ୍ଧା ସମସ୍ତ ୧୪୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ କଂଗ୍ରେସ ଓ ଭାଜପା କେବଳ ନୀଳଗିରି ଆସନରେ ପ୍ରାର୍ଥୀ ଦେଇନାହାନ୍ତି। ବିଜେଡି ୧୪୭ ଆସନରୁ ୩୫ଟିରେ ମହିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ୨୦ ଓ ଭାଜପା ୧୨ଜଣ ମହିଳାଙ୍କୁ ଟିକେଟ ଦେଇଛି। ବିଧାନସଭା ଓ ପାର୍ଲାମେଣ୍ଟରେ ମହିଳାଙ୍କୁ ସଂରକ୍ଷଣ ଦେବାକୁ ବିଜେଡି ଜାତୀୟସ୍ତରରେ ଦାବିକରି ଆସୁଛି। ତେଣୁ ଚଳିତ ବିଧାନସଭା ନିର୍ବାଚନରେ ଅଧିକ ସଂଖ୍ୟକ ମହିଳାଙ୍କୁ ପ୍ରାର୍ଥୀ କରି ଦଳ ଅନ୍ୟ ରାଜନୈତିକ ଦଳଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ତେବେ ମହିଳାପ୍ରାର୍ଥୀଙ୍କ ମଧ୍ୟରେ ୧୨ ଜଣ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ସ୍ତ୍ରୀଙ୍କୁ ଟିକେଟ ମିଳିଛି। ରାୟଗଡ଼ାରୁ ଅନସୂୟା ମାଝିଙ୍କୁ ବିଜେଡି ପ୍ରାର୍ଥୀ କରିଥିବାବେଳେ ବିଜେପୁର ରୀତା ସାହୁ, ଅଠାବିରା ସ୍ନେହାଙ୍ଗିନୀ ଛୁରିଆ, ବିଞ୍ଝାରପୁର ପ୍ରମିଳା ମଲ୍ଲିକ, ଯାଜପୁର ସୁଜାତା ସାହୁ, ଟିଟିଲାଗଡ଼ ଟୁକୁନି ସାହୁ , କବିସୂର୍ଯ୍ୟନଗର ଲତିକା ପ୍ରଧାନ, ଝାରସୁଗୁଡ଼ା ଦୀପାଳି ଦାସ, ବ୍ରଜରାଜନଗର ଅଳକା ମହାନ୍ତି, ଫୁଲବାଣୀ ଜୟଶ୍ରୀ କହଁର, ଆସ୍କା ମଞ୍ଜୁଳା ସ୍ୱାଇଁ, କେନ୍ଦୁଝର ମୀନା ମାଝି, ରାଇରଙ୍ଗପୁର ରାଇସେନ ମୁର୍ମୁ, ଲକ୍ଷ୍ମୀପୁର ପ୍ରଭୁ ଜାନୀ, ନର୍ଲା ମନୋରମା ମହାନ୍ତି, ଚିତ୍ରକୋଣ୍ଡା ଲକ୍ଷ୍ମୀପ୍ରିୟା ନାୟକ, ପଦ୍ମପୁର ବର୍ଷା ସିଂ ବରିହା, କରଞ୍ଜିଆ ବାସନ୍ତୀ ହେମ୍ବ୍ରମ, ସିମୁଳିଆ ସୁଭାଷିନୀ ସାହୁ, ରେମୁଣା ବିଦ୍ୟାସ୍ମିତା ମହାଳିକ, ବଡ଼ଚଣାରୁ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଗୁରୁବାର ଶେଷ ପର୍ଯ୍ୟାୟରେ ଆଉ ୨ ଜଣ ମହିଳାଙ୍କୁ ବିଜେଡି ଟିକେଟ ଦେଇଛି । ସେମାନେ ହେଲେ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ଏବଂ କୋରେଇରୁ ସନ୍ଧ୍ୟାରାଣୀ ଦାସ।

ବାଲେଶ୍ୱର ଜିଲା ବସ୍ତା ବିଧାନସଭା ପାଇଁ ପୂର୍ବତନ ଏମ୍‌ପି ରବି ଜେନାଙ୍କ ସ୍ତ୍ରୀ ସୁବାସିନୀ ଜେନାଙ୍କୁ ବିଜେଡି ଟିକେଟ ଦେଇଥିବାବେଳେ ଜଗତ୍‌ସିଂହପୁର ଜିଲା ପାରାଦୀପରୁ ବର୍ତ୍ତମାନର ବିଧାୟକ ସମ୍ବିତ ରାଉତରାୟଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ସ୍ତ୍ରୀ ସଂଯୁକ୍ତା ସିଂ, ମୟୂରଭଞ୍ଜ ଜିଲା ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିଲତା କାନୁନ୍‌ଗୋ, ବଡ଼ସାହିରୁ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସ୍ତ୍ରୀ ଅନସୂୟା ପାତ୍ର, କୋରାପୁଟ ଜିଲା ଜୟପୁରରୁ ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ ପ୍ରଦାନ କରିଛି। ସେହିପରି ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁ, କଳାହାଣ୍ଡି ଜିଲା ଭବାନୀପାଟଣାରୁ ଦୁଷ୍ମନ୍ତ ନାୟକଙ୍କ ସ୍ତ୍ରୀ ଲତିକା ନାଏକ, ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀଙ୍କ ସ୍ତ୍ରୀ କୌଶଲ୍ୟା ପଧାନୀ, ନବରଙ୍ଗପୁର ଜିଲା ଉମରକୋଟରୁ ସୁବାସ ଗଣ୍ଡଙ୍କ ସ୍ତ୍ରୀ ନବୀନା ନାୟକ ଟିକେଟ ପାଇଛନ୍ତି । ସେହିପରି ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡି ଏବଂ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇଙ୍କ ସ୍ତ୍ରୀ ଅର୍ଚ୍ଚନା ରେଖା ବେହେରାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଟିକେଟ ପାଇଥିବା ଅଳ୍ପ କେତେଜଣଙ୍କୁ ବାଦ୍ ଦେଲେ ଅନେକ ମହିଳା ପ୍ରଥମ ଥର ପାଇଁ ରାଜନୈତିକ ମଇଦାନକୁ ଓହ୍ଲାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଧାୟକ ଭାବରେ ତୃଣମୂଳସ୍ତରରେ ଥିବା ଅସନ୍ତୋଷକୁ ଏଡ଼ାଇବା ସହ ବିରୋଧୀ ଗୋଷ୍ଠୀଙ୍କୁ ମଧ୍ୟ ଦଳ ମ୍ୟାନେଜ କରି ମହିଳା ଭୋଟ ବ୍ୟାଙ୍କ ହାତେଇବା ପାଇଁ ଏଭଳି ରଣନୀତି ଆପଣାଇଥିବା କୁହାଯାଉଛି ।

# ବାଦ୍ ପଡ଼ିଲେ ୩୫ ବିଧାୟକ, ୪୦ ନୂଆ ମୁହଁକୁ ଭରସା

## ବିଜେଡି ବିଧାନସଭା ପ୍ରାର୍ଥୀ

### ୪ ବହିଷ୍କୃତ

ଭୁବନେଶ୍ୱର,୨।୫(ଅନିଲ ଦାସ)

ଚଳିତ ବିଧାନସଭା ନିର୍ବାଚନ ପାଇଁ ବିଜେଡି ୧୪୭ ପ୍ରାର୍ଥୀଙ୍କ ତାଲିକା ୯ଟି ପର୍ଯ୍ୟାୟରେ ଘୋଷଣା କରିଛି। ଦଳ ଗତଥର ଭରସା କରିଥିବା ୧୪୭ ବିଧାୟକଙ୍କ ମଧ୍ୟରୁ ୪ ଜଣଙ୍କୁ ଦଳରୁ ବହିଷ୍କାର କରିଥିବା ବେଳେ ୩୫ ଜଣ ବିଧାୟକଙ୍କ ଟିକେଟ କଟିଛି। ଏଥିସହିତ ବିଜେଡି ବିଭିନ୍ନ ସ୍ଥାନରେ ୪୦ ଜଣ ନୂଆ ପ୍ରାର୍ଥୀ ଦେଇଛି। ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ବିଜେଡି ମୟୂରଭଞ୍ଜ ଓ ସମ୍ବଲପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀ କରିଛି।

୨୦୧୯ରେ ବିଜେଡି ଟିକେଟରେ ନିର୍ବାଚିତ ହୋଇଥିବା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଟିକେଟ କଟାଯାଇଥିବା ବେଳେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ସୋର ବିଧାୟକ ପର୍ଶୁରାମ ଧଡ଼ା ଏବଂ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉପରେ ଦଳ ଭରସା କରିପାରି ନାହିଁ। ସେହିପରି ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ ଟିକେଟ ନ ପାଇ ନିରାଶ ହୋଇଥିବା ବେଳେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, କେନ୍ଦ୍ରାପଡ଼ା ବିଧାୟକ ଶଶୀ ଭୂଷଣ ବେହେରା, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବରି ବିଧାୟିକା ସୁନନ୍ଦା ଦାସ, ଭୋଗରାଇ ବିଧାୟକ ଅନନ୍ତ ଦାସ ଏବଂ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କୁ ଏଥର ଟିକେଟ ମିଳିନାହିଁ।

ସେହିପରି ନର୍ଲାର ବରିଷ୍ଠ ବିଧାୟକ ଭୂପିନ୍ଦର ସିଂହଙ୍କୁ ବିଜେଡି ଚଳିତ ନିର୍ବାଚନରେ ଟିକେଟ ଦେଇ ନ ଥିବା ବେଳେ କୋରେଇ ବିଧାୟକ ଅଶୋକ ବଳ, ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଏବଂ ଚିକିଟି ବିଧାୟିକା ଉଷା ଦେବୀଙ୍କ ଟିକେଟ କଟିଛି। ତେବେ ସେମାନଙ୍କ ମଧ୍ୟରୁ କେତେ ଜଣ ବିଧାୟିକା ଓ ବିଧାୟକଙ୍କ ସ୍ତ୍ରୀ, ଝିଅ, ଭାଇ ଏବଂ ମା'ଙ୍କୁ ଟିକେଟ ଦିଆଯାଇଛି। ଅନ୍ୟପକ୍ଷରେ ବିଜେଡି ୪ ଜଣ ବିଧାୟକଙ୍କୁ ଦଳରୁ ବହିଷ୍କାର କରିଛି। ସେମାନେ ହେଲେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା।

# ମୁଖ୍ୟମନ୍ତ୍ରୀ ସେବାକୁ ଗୁରୁତ୍ୱ ଦିଅନ୍ତି

## ଦଶପଲ୍ଲା ସଭାରେ ପାଣ୍ଡିଆନ

ଦଶପଲ୍ଲା୨।୫(ପ୍ରକାଶ କୁମାର ପାଣି)




ମୁଖ୍ୟମନ୍ତ୍ରୀ ଲୋକଙ୍କ ସେବା କରିବାକୁ ଗୁରୁତ୍ୱ ଦିଅନ୍ତି। ସବୁ ଧର୍ମକୁ ଓ ସମସ୍ତ ଧର୍ମାବଲମ୍ବୀଙ୍କୁ ସମ୍ମାନ କରୁଥିବାରୁ ଆଜି ଓଡ଼ିଶାରେ ଶାନ୍ତି ଅଛି ବୋଲି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଗୁରୁବାର ନୟାଗଡ଼ ଜିଲା ଦଶପଲ୍ଲା ନେତାଜୀ ମଇଦାନଠାରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ପାଣ୍ଡିଆନ କହିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ସମେତ ଦଶପଲ୍ଲାର ବି ବିକାଶ ହୋଇପାରିଛି। ଏହି ନିର୍ବାଚନ ମଣ୍ଡଳୀରେ ୧୭ଶହ କୋଟି ଟଙ୍କାର ଉନ୍ନୟନ କାମ ଚାଲିଛି। ଏଥିସହିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ୧୬୬୦କୋଟି ଟଙ୍କା ପ୍ରଦାନ କରାଯାଇଛି। ୫୫ହଜାର ୩ଶହ ହିତାଧିକାରୀ ବିଏସ୍‌କେୱାଇରେ ସାମିଲ ହୋଇଥିବା ବେଳେ ୩୮ହଜାର ୫ଶହ ହିତାଧିକାରୀ ସାମାଜିକ ସୁରକ୍ଷା ପେନସନ ଯୋଜନାରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଆହୁରି ବିକାଶ ହେବ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନୂତନ ଓଡ଼ିଶା ଗଠନ ପାଇଁ ସେ ଆହ୍ୱାନ କରିବା ସହ ଯୋଡ଼ି ଶଙ୍ଖରେ ମୋହର ମାରି ବିଜେଡିର ଲୋକ ସଭା ଏବଂ ବିଧାନସଭା ପ୍ରାର୍ଥୀ ବିଜୟୀ କରିବାକୁ ସେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

ଦଶପଲ୍ଲା ବିଜେଡି ବିଧାୟକ ପ୍ରାର୍ଥୀ ରମେଶ ବେହେରା ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ଓଡ଼ିଶାର ଉନ୍ନତି ହୋଇପାରିଛି। ମଧୁବାବୁ ପେନସନ ଯୋଜନାଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ହିତ ସାଧନ ହୋଇପାରିଛି। ୫-ଟି ଯୋଜନାରେ ଶିକ୍ଷା, ସ୍ୱାସ୍ଥ୍ୟ ସମେତ ସବୁଥିରେ ଉନ୍ନତି ଆସିଛି। ଭାଜପାର ଡବଲ ଇଞ୍ଜିନ ସ୍ଲୋଗାନକୁ ସେ ସମାଲୋଚନା କରିବା ସହିତ ଆଗାମୀ ନିର୍ବାଚନରେ ବିଜେଡିକୁ ବିପୁଳ ପରିମାଣରେ ଭୋଟ ଦେଇ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଅନୁରୋଧ କରିଥିଲେ। ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ କହିଲେ, ନବୀନ ବାବୁଙ୍କ ଜନହିତକର କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶା ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇପାରିଛି। ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସେ କର୍ମୀ ଓ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

ପାଣ୍ଡିଆନ ନେତାଜୀ ମଇଦାନରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ବିଜେଡି ଜିଲା ସମ୍ପାଦକ ଶ୍ରୀହରି ନାୟକ, ବିଜେଡି ପର୍ଯ୍ୟବେକ୍ଷକ ପବିତ୍ର ମୋହନ ପାଣିଗ୍ରାହୀ, ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା, ଦଶପଲ୍ଲା ଏନ୍‌ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ,ଗଣିଆ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁଙ୍କ ସମେତ ଦଶପଲ୍ଲା,ଗଣିଆ ଏବଂ ନୂଆଗାଁ ବ୍ଲକର ବହୁ ମହିଳା ଏବଂ ପୁରୁଷ ବିଜେଡି କର୍ମୀ ଯୋଗଦାନ କରିଥିଲେ।

# ଛାନୁଆରେ ହତ୍ୟାକାଣ୍ଡ ଟାୱାରରେ କାମ କରୁଥିବା ଯୁବକଙ୍କୁ ମାରି ଫିଙ୍ଗିଦେଲେ

ରୂପସା, ୨।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ଛାନୁଆ ଗ୍ରାମରେ ବୁଧବାର ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୋବାଇଲ ଟାୱାରରେ କାର୍ଯ୍ୟ କରୁଥିବା ପୃଥ୍ୱୀରାଜ ପାତ୍ର ନାମକ ଯୁବକଙ୍କ ମୃତଦେହ ବୁଧବାର ସକାଳେ ରାସ୍ତା ପାର୍ଶ୍ୱରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ଥାନାକୁ ଖବର ଦେଇଥିଲେ। ବସ୍ତା ଥାନା ଆଇଆଇସି ଗୋବିନ୍ଦ ବେହେରା ପୋଲିସ ଟିମ୍ ଏବଂ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୃଥ୍ୱୀରାଜଙ୍କ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିବାରୁ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୃଥ୍ୱୀରାଜଙ୍କ ଘର କଟକ ଜିଲା ଜଗତପୁର ଥାନା ଅଧୀନ ଚାହାପଡା ଗ୍ରାମରେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୮୮/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ କରୁଛି।

# ନାମାଙ୍କନ ଶୋଭାଯାତ୍ରାରେ ସାମିଲ ବାଜାବାଲାଙ୍କ ମୃତ୍ୟୁ

ସମ୍ବଲପୁର,୨।୫(ପ୍ରମୋଦ ବହିଦାର)

ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋଭାଯାତ୍ରାରେ ସାମିଲ ଏକ ବାଜାଦଳର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୃତକ ବାମରା ଥାନା ଗଡ଼ପୋଷ ଅନ୍ତର୍ଗତ ଖିଣ୍ଡାପଥର ଗ୍ରାମର କୁମର ମାଝି(୨୭)। ସୂଚନାରୁ ପ୍ରକାଶ ଯେ, ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଭାଜପା ନେତା ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳ ତଥା ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ବହୁ ବାଜାଦଳ ସାମିଲ ହୋଇଥିଲେ। ସମ୍ବଲପୁରର ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସେମାନଙ୍କ ମଧ୍ୟରୁ ଏକ ବାଜାଦଳର କୁମର ହଠାତ୍ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପୋଲିସ ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ କରିଛି। କୁମରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଆପାର୍ଟମେଣ୍ଟ ଆଇନ: ବିଡିଏ ଦେଲା ପ୍ରଥମ ପଞ୍ଜୀକରଣ ପ୍ରମାଣପତ୍ର

ଭୁବନେଶ୍ୱର, ୫।୨ (ବନ୍ଦନା ସେଠୀ)



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ୍ ୨୦୨୩ ଅଧୀନରେ ପ୍ରଥମ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପାତ୍ରପଡ଼ାସ୍ଥିତ ବିପୁଲ୍ ଗ୍ରୀନ୍ସ ଆସୋସିଏଶନ୍‌କୁ ବିଡିଏ ପକ୍ଷରୁ ଏହି ପଞ୍ଜୀକରଣ ସାର୍ଟିଫିକେଟ୍ ହସ୍ତାନ୍ତର କରାଯାଇଛି। ସଂଘ ସଭାପତି ତଥା ସମ୍ପାଦକ ପ୍ରୀତି ପ୍ରସାଦ ଦେଓ ଓ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ଏହି ସାର୍ଟିଫିକେଟ୍ ଗ୍ରହଣ କରିଥିଲେ। ଅପରପକ୍ଷେ ଏବେସୁଦ୍ଧା ପ୍ରାୟ ୫୦ଟି ସଂଘ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି ଏବଂ ସେମାନଙ୍କୁ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପୂର୍ବରୁ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ କିମ୍ବା ଅନ୍ୟ କୌଣସି ଆଇନ ଅଧୀନରେ ପଞ୍ଜୀକୃତ ସଂଘଗୁଡିକ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ୍ ୨୦୨୩ ଅଧୀନ ନିର୍ଦ୍ଧାରିତ ମଡେଲ୍ ଉପ-ଆଇନର ବ୍ୟବସ୍ଥା ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କ ଉପ-ଆଇନର ସଂଶୋଧନ କରିବା ଆବଶ୍ୟକ। ଏହି ଆଇନ୍‌ରେ ଏକ କୋଠାରେ ଆପାର୍ଟମେଣ୍ଟର ମାଲିକାନା, ଏହାର ସାଧାରଣ ଅଞ୍ଚଳ ଏବଂ ସୁବିଧାର ବ୍ୟବହାର ଇତ୍ୟାଦି ବର୍ଣ୍ଣନା କରାଯାଇଛି। ପ୍ରମୋଟର କୌଣସି ବ୍ୟକ୍ତିଙ୍କୁ ଆପାର୍ଟମେଣ୍ଟର ମାଲିକାନା ହସ୍ତାନ୍ତର କରିବା ସମୟରେ ସମ୍ପତ୍ତି ଭିତରେ ଥିବା ସାଧାରଣ ଅଞ୍ଚଳ ଏବଂ ସୁବିଧାଗୁଡ଼ିକୁ ଆବଣ୍ଟି ସଂଘ ନାମରେ ହସ୍ତାନ୍ତର କରିବା ଉଚିତ, ଯିଏକି ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣର ଯତ୍ନ ନେବେ। ଏହି ଆଇନ୍‌ରେ ପ୍ରମୋଟର ଏବଂ ଆପାର୍ଟମେଣ୍ଟ ମାଲିକଙ୍କ ଦାୟିତ୍ୱ ସ୍ପଷ୍ଟ କରାଯାଇଛି। ଏଥିସହ ଆପାର୍ଟମେଣ୍ଟ ନିର୍ମାଣ ହୋଇଥିବା ଜମିର ବିବରଣୀ, ଅନୁମୋଦିତ ବିଲ୍ଡିଂ ପ୍ଲାନ୍, ବିଲ୍ଡିଂର ବିସ୍ତୃତ ବିବରଣୀ, ସାଧାରଣ ଅଞ୍ଚଳ ଏବଂ ସୁବିଧା ରହିବା ନେଇ ପ୍ରମୋଟରଙ୍କ ଦ୍ୱାରା ଏକ ଘୋଷଣାପତ୍ର ଦାଖଲ କରିବାକୁ କୁହାଯାଇଥିବା ସୂଚନା ଦିଆଯାଇଛି।

No.XXXIII-01

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା-୧୯୦୮ ଅନୁଯାୟୀ

ଭୂମି ଅଧିଗ୍ରହଣ ଅଧିକାରୀ, ତଥା କଲେକ୍ଟର, ଖୋର୍ଦ୍ଧା ................. ଆବେଦନକାରୀ

ବନାମ

ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିରୋଧୀ ପକ୍ଷମାନେ

| | | |
|---|---|---|
| ୧. | ପ୍ରମିଳା ବାଳା ମହାପାତ୍ର, ସ୍ୱା- କାଶୀନାଥ ମହାପାତ୍ର | ଏଲଏ କେସ୍ ନଂ. - ୧୭୪/୧୯ |
| ୨. | ରଂଜନ ମହାପାତ୍ର | ଖାତା ନଂ.- ୫୨୬/୬୭୯ |
| ୩. | ରମଣ ମହାପାତ୍ର, ପିତା- କାଶୀନାଥ ମହାପାତ୍ର, ସା- ପ୍ଲଟ୍ ନଂ. - ୫୪, କେଶୁରା, ବାଙ୍କୁଆଳ, ଭୁବନେଶ୍ୱର-୭୫୧୦୦୨ | ପ୍ଲଟ ନଂ. - ୩୪୦/୨୩୪୩/ ୨୯୯୪ ରକବା ଏ୦.୧୦୮ ଡି ମୌଜା - ମୁକୁନ୍ଦପ୍ରସାଦ |
| ୧. | ସୁଲୋଚନା ବେହେରା, ସ୍ୱା- ଡମ୍ବରୁଧର ବେହେରା | ଏଲଏ କେସ୍ ନଂ.- ୧୦୮/୧୯ ଖାତା ନଂ.- ୫୨୬/୭୭୫ |
| ୨. | ରଜନୀକାନ୍ତ ବେହେରା | ପ୍ଲଟ୍ ନଂ. ୩୪୦/୨୩୪୩/୩୧୦୬ |
| ୩. | ରୀତାରାଣୀ ବେହେରା, ପିତା- ଡମ୍ବରୁଧର ବେହେରା, ସା./ପୋ- ଦଳେଇପୁଟ, ଜିଲ୍ଲା- ଖୋର୍ଦ୍ଧା - ୭୫୨୦୫୬ | ରକବା ଏ୦.୨୦୦ ଡି ମୌଜା - ମୁକୁନ୍ଦପ୍ରସାଦ |

............. ଓ ଅନ୍ୟ ବିରୋଧୀ ପକ୍ଷମାନେ

ଉକ୍ତ ସମସ୍ତ ଭୂମି ଅଧିଗ୍ରହଣ କେସ୍‌ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିରୋଧୀ ପକ୍ଷ ଉପରୋକ୍ତ ସାରଣୀ ମୁତାବକ ଏବଂ ଅଧିଗୃହୀତ ହୋଇଥିବା ଭୂ-ସମ୍ପତ୍ତି ମୌଜା- ମୁକୁନ୍ଦ ପ୍ରସାଦ ଥା/ଜି. ଖୋର୍ଦ୍ଧାଠାରେ ଅବସ୍ଥିତ।

ଏହି ସମସ୍ତ ଭୂମି ଅଧିଗ୍ରହଣ କେସ୍‌ର ୪ ରୁ ୮୯ ବିରୋଧୀ ପକ୍ଷ ନିମ୍ନୋକ୍ତ ମୁତାବକ ସମାନ ଯଥା- ୪. ବିଚି ନାଏକ, ସ୍ୱା- ପ୍ରଭାକର ନାଏକ ୫. ତୋଫାନ ନାଏକ, ୬. ସୁଦର୍ଶନ ନାଏକ, ପିତା- ପ୍ରଭାକର ନାଏକ, ୭. ଟିକେଇ ନାଏକ, ସ୍ୱା- ମନୁ ନାଏକ, ୮. ପ୍ରତିମା ନାଏକ, ୯. ଦ୍ରୌପଦୀ ନାଏକ, ୧୦. ଚନ୍ଦ୍ରକାନ୍ତୀ ନାଏକ, ପିତା- ମନୁ ନାଏକ, ୧୧. ଟିଟୁ ନାଏକ, ୧୨. ଶାନ୍ତି ନାଏକ, ପିତା- କୈଳାଶ ନାଏକ, ୧୩. ଡମ୍ବରୁ ନାଏକ, ୧୪. ବଲହ୍ ନାଏକ, ୧୫. ନିରୁ ନାଏକ, ପିତା- ନାଥ ନାଏକ, ୧୬. ବସନ୍ତ ନାଏକ, ପିତା- ଚରଣ ନାଏକ, ୧୭. ବିନି ନାଏକ, ପିତା- ନବୀନ ନାଏକ, ସ୍ୱା- କାହ୍ନୁ ନାଏକ, ୧୮. ରମ୍ଭା ନାଏକ, ସ୍ୱା- ଉଲ୍ଲାସ ନାଏକ, ୧୯. ରମା ନାଏକ, ସ୍ୱା- ରାଘବ ନାଏକ, ୨୦. ସନ୍ଧ୍ୟାରାଣୀ ନାଏକ, ପିତା- ରାଘବ ନାଏକ, ୨୧. କିଶନ ନାଏକ, ମା- ସାବି ନାଏକ, ୨୨. ଭବେନୀ ନାଏକ, ପିତା- ବାଜ ନାଏକ, ୨୩. ଗୋକୁଳ ନାଏକ, ପିତା- ସନେଇ ନାଏକ, ୨୪. ସୁରେନ୍ଦ୍ର ନାଏକ, ୨୫. ପ୍ରଭାତୀ ନାଏକ, ପିତା- ରାମ ନାଏକ, ୨୬. ଲକ୍ଷ୍ମିଆ ନାଏକ, ୨୭. ପବନି ନାଏକ, ପିତା- ସୁକଦେବ ନାଏକ, ୨୮. ଆନନ୍ଦ ନାଏକ, ପିତା- ବାଙ୍କ ନାଏକ, ୨୯. ଭାନୁ ନାଏକ, ୩୦. ଅନୁ ନାଏକ, ୩୧. ତନୁ ନାଏକ, ୩୨. ନିଲୁ ନାଏକ, ୩୩. ମିନୁ ନାଏକ, ପିତା- ବାଙ୍କ ନାଏକ, ୩୪. ଟୁଲୁ ନାଏକ, ୩୫. ସିଲୁ ନାଏକ, ପିତା- କାହ୍ନୁ ନାଏକ, ୩୬. ମଣି ନାଏକ, ସ୍ୱାମୀ - ବୁଲୁ ନାଏକ, ୩୭. ରୁଦ୍ର ନାଏକ, ପିତା- ବୁଲୁ ନାଏକ, ୩୮. ରବି ନାଏକ, ୩୯. ଦମୟନ୍ତୀ ନାଏକ, ପିତା- ବୃନ୍ଦାବନ ନାଏକ, ୪୦. ସଂଜୁ ନାଏକ, ସ୍ୱାମୀ- ଗେଡୁ ନାଏକ, ୪୧. ଆଲୋକ ନାଏକ, ୪୨. ପୁଷ୍ପା ନାଏକ, ପିତା- ଗେଡୁ ନାଏକ, ୪୩. କାଞ୍ଚନ ନାଏକ, ୪୪. ତଇ ନାଏକ, ପିତା- ବୀର ନାଏକ, ୪୫. ବାବୁଲି ନାଏକ, ୪୬. ସଚୀ ନାଏକ, ୪୭. ବିଚ୍ଛି ନାଏକ, ୪୮. ପ୍ରମିଳା ନାଏକ, ପିତା- ବୁଲା ନାଏକ, ୪୯. ସୁବାସ ନାଏକ, ପି- ନରି ନାଏକ, ୫୦. ନିରଞ୍ଜନ ନାଏକ, ୫୧. ତ୍ରିଲୋଚନ ନାଏକ, ୫୨. ଅଜି ନାଏକ, ୫୩. ସରଜୁ ନାଏକ, ୫୪. ବିଜୁ ନାଏକ, ୫୫. ସଂଜୁ ନାଏକ, ପିତା - ଅପି ନାଏକ, ୫୬. କଣ୍ଡିଆ ନାଏକ, ମା- ମଥୁରା ନାଏକ, ୫୭. ଭ୍ରମର ଦିହୁଡ଼ି, ୫୮. ଶଶି ଦିହୁଡ଼ି, ୫୯. ଅଶି ଦିହୁଡ଼ି, ପିତା- ଗତି ଦିହୁଡ଼ି, ୬୦. ସୁଦାମ ଦିହୁଡ଼ି. ୬୧. କାଳୀ ଦିହୁଡ଼ି, ୬୨. ବଳି ଦିହୁଡ଼ି, ପିତା- ନରି ଦିହୁଡ଼ି, ୬୩. ରମଣୀ ଦିହୁଡ଼ି, ସ୍ୱାମୀ- ଗୌରାଙ୍ଗ ଦିହୁଡ଼ି, ୬୪. କବି ଦିହୁଡ଼ି, ୬୫. ଜୟନ୍ତି ଦିହୁଡ଼ି, ପିତା- ଗୌରାଙ୍ଗ ଦିହୁଡ଼ି, ୬୬. ସରୁଆ ଦିହୁଡ଼ି, ୬୭. ପତି ଦିହୁଡ଼ି, ପିତା- ଗୋପି ଦିହୁଡ଼ି, ୬୮. ତ୍ରିଲୋଚନ ନାଏକ,ସ୍ତ୍ରୀ- ମଣ୍ଡେଇ ଦିହୁଡ଼ି, ୬୯. ପଇଛ ନାହାକ, ପିତା- ଶଙ୍କର ନାହାକ, ୭୦. ବେଙ୍ଗ ନାହାକ, ପିତା - କହର ନାହାକ, ୭୧. ରମେଶ ନାହାକ, ପିତା- ସାଧୁ ନାହାକ, ୭୨. କିଶନ ନାହାକ, ୭୩. ରଞ୍ଜନ ନାହାକ, ପିତା- ରତନୀ ନାହାକ, ୭୪. ଭାବେନୀ ନାହାକ, ସ୍ୱାମୀ- ମହର ନାହାକ, ୭୫. ବିଶ୍ୱନାଥ ନାହାକ, ୭୬. ଶାନ୍ତି ନାହାକ, ୭୭. ମାମି ନାହାକ, ୭୮. ରିଲି ନାହାକ, ପିତା- ମହର ନାହାକ, ୭୯. କୁସୁମ ପ୍ରଧାନ, ପିତା- କୁଞ୍ଜ ପ୍ରଧାନ, ୮୦. ଗୁରୁବାରୀ ପ୍ରଧାନ, ପିତା- ବସନ୍ତ ପ୍ରଧାନ, ୮୧. ବଳିଆ ପ୍ରଧାନ, ୮୨. ଥୁରିଆ ପ୍ରଧାନ, ପିତା- କୋକିଳ ପ୍ରଧାନ, ୮୩. ଧତୁ ନାହାକ, ୮୪. ମାମି ନାହାକ, ପିତା- ରଘୁ ନାହାକ, ୮୫. ବିଚିତ୍ର ନାହାକ, ୮୬. ବିନ ନାହାକ, ପିତା- ଜଗା ନାହାକ, ୮୭. ଡ଼ାଳିମ୍ବ ନାହାକ, ସ୍ୱାମୀ- ଉପେନ୍ଦ୍ର ନାହାକ, ୮୮. ପ୍ରତାପ ନାହାକ, ପିତା- ଉପେନ୍ଦ୍ର ନାହାକ, ୮୯. ଟିକନ ନାହାକ, ପିତା- ଲକ୍ଷ୍ମୀଧର ନାହାକ, ସମସ୍ତଙ୍କର ଗ୍ରାମ- ମୁକୁନ୍ଦପ୍ରସାଦ, ପୋଷ୍ଟ- ପି.ଏନ୍. କଲେଜ, ଥାନା/ଜିଲ୍ଲା- ଖୋର୍ଦ୍ଧା ଅଟେ।

................ ନଂ. ୪ରୁ ନଂ. ୮୯ ବିରୋଧୀ ପକ୍ଷମାନେ

ଏତଦ୍ୱାରା ଜଣାଇଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣ ମକଦ୍ଦମା ଅନୁଯାୟୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଉପରୋକ୍ତ ସାରଣୀରେ ମକଦ୍ଦମା ନମ୍ବର ଅନୁଯାୟୀ ପ୍ରଦତ୍ତ ଅଛି। **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବୀର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୧୪.୦୫.୨୦୨୪ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ। ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା୨୭.୦୨.୨୦୨୪ରିଖ ।

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର

OIPR-24351/14/0002/2425 — ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୦୦ — ବିଜ୍ଞାପନ — ତା:୨୫।୦୪।୨୦୨୪

No. CAD-49: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ବିମଳେନ୍ଦୁ ରାୟ, ପିତା: ୰ନରେନ୍ଦ୍ରନାଥ ରାୟ, ସା/ପୋ: ୭୬, ଏ ଇବ୍ରାହିମପୁର ରୋଡ଼, ଜିଲ୍ଲା: କଲିକତା-୩୨ (ପଶ୍ଚିମବଙ୍ଗ) | ଫ୍ଲାଟ ନଂ.-ବି-୫୦୨, ବ୍ଲକ ନଂ. - ୩, F-B-502, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା | ୧. ମାଳା ରାୟ - ସ୍ତ୍ରୀ<br>୨. ବୁଦ୍ଧାଦିତ୍ୟ ରାୟ - ପୁତ୍ର<br>୩. ବପଦିତ୍ୟ ରାୟ - ପୁତ୍ର |

ସ୍ୱା./- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0080/2425

## ପରାମର୍ଶଦାତା (ଭୂମି ଅଧିଗ୍ରହଣ) ଏବଂ ପରାମର୍ଶଦାତା (ଜଙ୍ଗଲ ଓ ବନ୍ୟପ୍ରାଣୀ ମଞ୍ଜୁରୀ)ଙ୍କ ନିୟୋଜନ

ନଂ.:ଏସ୍‌ଇଆର୍/ସିଓଏନ୍./ଏଚ୍‌କ୍ୟୁ/ଇଏସ୍‌ଟିଟି./୫୦/ରି-ଏନ୍‌ଗେଜମେଣ୍ଟ/ଲ୍ୟାଣ୍ଡ ଆଣ୍ଡ ଫରେଷ୍ଟ — ତାରିଖ: ୦୧।୦୫।୨୦୨୪

ଦକ୍ଷିଣ ପୂର୍ବ ରେଳପଥ, ଭାରତ ସରକାର, ନିର୍ମାଣ ସଂଗଠନ, ରେଳ ମନ୍ତ୍ରଣାଳୟ ନିମ୍ନୋକ୍ତ ଯେକୌଣସି ସ୍ଥାନ ଅର୍ଥାତ୍ ଦକ୍ଷିଣ ପୂର୍ବ ରେଳପଥରେ ନିର୍ମାଣ ସଂଗଠନ ଅଧୀନରେ ନିମ୍ନଲିଖିତ ସ୍ଥାନରେ **(ରାଞ୍ଚି, ଝାରସୁଗୁଡ଼ା, ରାଉରକେଲା, ଆଦ୍ରା, ଖଡ଼ଗପୁର, ବାଲେଶ୍ୱର, ଟାଟାନଗର) ନିମନ୍ତେ ୦୪ (ଚାରି) ଗୋଟି ପରାମର୍ଶଦାତା (ଭୂମି ଅଧିଗ୍ରହଣ) ଏବଂ ୦୩ (ତିନି) ଗୋଟି ପରାମର୍ଶଦାତା (ଜଙ୍ଗଲ ଓ ବନ୍ୟପ୍ରାଣୀ ମଞ୍ଜୁରୀ)** ପଦବୀକୁ ପୂରଣ କରିବା ପାଇଁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଅବସରପ୍ରାପ୍ତ ରାଜ୍ୟ ସରକାରୀ ଅଧିକାରୀମାନଙ୍କଠାରୁ ପୁନଃନିୟୋଜନ ପାଇଁ ଦରଖାସ୍ତ ଆହ୍ୱାନ କରୁଛି, ଯାହା ନିୟମ ଓ ସର୍ତ୍ତାବଳୀର ପୂରଣ, ଚୁକ୍ତିମୂଳକ ପାରିଶ୍ରମିକ ଏବଂ ଯୋଗ୍ୟତା ଉପରେ ନିର୍ଭର କରିବ। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଭୂ-ରାଜସ୍ୱ ବିଭାଗରେ କାର୍ଯ୍ୟ ଅଭିଜ୍ଞତା ସହିତ ଅବସର ଗ୍ରହଣ କରିଥିବା ରାଜ୍ୟ ଅଧିକାରୀମାନେ ସମ୍ପୃକ୍ତ ପଦବୀଗୁଡ଼ିକ ପାଇଁ ଆବେଦନ କରିବେ ଏବଂ ଝାଡ଼ଖଣ୍ଡ ଓ ଓଡ଼ିଶାର ଜଙ୍ଗଲ ବିଭାଗରେ କାର୍ଯ୍ୟ ଅଭିଜ୍ଞତା ସହିତ ଅବସର ଗ୍ରହଣ କରିଥିବା ରାଜ୍ୟ ସରକାରୀ ଅଧିକାରୀମାନେ ସମ୍ପୃକ୍ତ ପଦବୀଗୁଡ଼ିକ ପାଇଁ ଆବେଦନ କରିବେ। ଖାଲିପଦବୀ ସମ୍ବନ୍ଧୀୟ ଅଧିସୂଚନା ସହିତ ନମୁନା ଆବେଦନ ପତ୍ର ତଥା ନିୟମ ଓ ସର୍ତ୍ତାବଳୀ ଓ ଯୋଗ୍ୟତା ଇତ୍ୟାଦି ଦକ୍ଷିଣ ପୂର୍ବ ରେଳପଥର ୱେବ୍‌ସାଇଟ୍‌ରେ ଉପଲବ୍ଧ (www.ser.indianrailways.gov.in - ନ୍ୟୁଜ୍ ଆଣ୍ଡ ଅପ୍‌ଡେଟ୍‌ସ)। ଦରଖାସ୍ତଗୁଡ଼ିକୁ ବରିଷ୍ଠ କାର୍ମିକ ଅଧିକାରୀ (ନିର୍ମାଣ), ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ଠିକଣାରେ ପଠାଯିବା ଆବଶ୍ୟକ। ଦରଖାସ୍ତଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ପ୍ରଶାସନିକ ଆବଶ୍ୟକତା ଏବଂ ପ୍ରଶାସନର ନିଷ୍ପତ୍ତି ଆଧାରରେ ଗ୍ରହଣ କରାଯିବ। ଦରଖାସ୍ତ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି **ତା୨୭।୦୫।୨୦୨୪ରିଖ।** ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗାପତ୍ର ଅଥବା ରଦ୍ଦକରଣ, ଯଦି ଥାଏ, ତାହାକୁ କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଦୟାକରି ନିୟମିତ ଭାବେ ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ।

(PR-107) — ମୁଖ୍ୟ ପ୍ରଶାସନିକ ଅଧିକାରୀ (ସିଓଏନ୍), ଗାର୍ଡେନ୍ ରିଚ୍

ଦକ୍ଷିଣ ପୂର୍ବ ରେଳପଥ

ହର୍ଷର ସହିତ ଆମେ ସେବାରତ

## ୟୁନିଅନ ବୈଙ୍କ Union Bank of India — କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର

### ସଂଶୋଧନ ପତ୍ର

ତା.୨୯.୦୪.୨୦୨୪ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ ଦର୍ଶିତ ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ରାଶି ନିମ୍ନମତେ ସଂଶୋଧନ କରାଗଲା:

| କ୍ର.ନଂ. | ଶାଖା ନାମ | ଋଣଗ୍ରହୀତାଙ୍କ ନାମ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି | ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | କୋର୍ଟପେଟା | ଅଜିତ କୁମାର ପଣ୍ଡା | ଟ.୧୦,୯୮,୦୦୦/- | ଟ.୧,୧୦,୦୦୦/- | ଟ.୧୧,୦୦୦/- |
| ୨. | କୋର୍ଟପେଟା | ମେସର୍ସ ନବଜ୍ୟୋତି ପଲିପାଇପ୍ସ | ଟ.୨୦,୧୦,୦୦୦/- | ଟ.୨,୦୧,୦୦୦/- | ଟ.୨୧,୦୦୦/- |
| ୩. | କୋର୍ଟପେଟା | ଶ୍ରୀ ଅରୁଣ ଗୌଡ | ଟ.୧୦,୫୦,୦୦୦/- | ଟ.୧,୦୫,୦୦୦/- | ଟ.୧୦,୫୦୦/- |
| ୪. | ଛତ୍ରପୁର-୨ | ମେସର୍ସ ଅଜମେର କାସ୍ତ୍ୟୁ ପ୍ରଡକ୍ଟସ୍ | ଟ.୪୧,୭୧,୫୦୦/- | ଟ.୪,୧୭,୨୦୦/- | ଟ.୪୨,୦୦୦/- |
| ୫. | କୋର୍ଟପେଟା | ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ | ଟ.୧୧,୬୨,୦୦୦/- | ଟ.୧,୧୭,୦୦୦/- | ଟ.୧୨,୦୦୦/- |
| ୬. | ଭାବିନିପୁର | ବି ଚନ୍ଦ୍ରେୟା | ଟ.୧୧,୬୨,୦୦୦/- | ଟ.୧,୧୬,୫୦୦/- | ଟ.୧୧,୭୦୦/- |

ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ।

ତା.୦୨.୦୫.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ

# ସଙ୍କୁଚିତ ହେଉଛି ଗଣମାଧ୍ୟମର ସ୍ୱାଧୀନତା

ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ) – ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସବୁ ସମୟରେ ଲୋକଙ୍କ ସ୍ୱରକୁ ସର୍ବ ସମ୍ମୁଖରେ ପହଞ୍ଚାଇବା ପାଇଁ ଗଣମାଧ୍ୟମର ଏକ ଉତ୍ତର ଦାୟିତ୍ୱ ରହିଛି। ଗଣମାଧ୍ୟମ ଯେତେ ମୁକ୍ତ ହେବ ଗଣତନ୍ତ୍ର ସେତେ ସୁରକ୍ଷିତ ରହିବ। ଯଦି ଗଣମାଧ୍ୟମ ସୁରକ୍ଷିତ ନାହିଁ, ତେବେ ଲୋକଙ୍କ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନ ଆସେ। ସାମ୍ପ୍ରତିକ ସ୍ଥିତିରେ ଗଣମାଧ୍ୟମର ସ୍ୱାଧୀନତା ଧୀରେ ଧୀରେ ସଙ୍କୁଚିତ ହେବାକୁ ଲାଗିଛି। ଅନେକ ସମୟରେ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଖବର ବର୍ତ୍ତମାନ ସମୟରେ ସାମ୍ବାଦିକତାର ବାସ୍ତବ ସ୍ଥିତିକୁ ସୂଚାଉଛି। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସେଭଳି କୌଣସି ଦୃଢ଼ ପଦକ୍ଷେପ ମଧ୍ୟ ନାହିଁ। ବିଶେଷ କରି ଆଜିର ସମୟରେ ଏହା ଅପରିହାର୍ଯ୍ୟ ହୋଇପଡ଼ିଛି। ଶୁକ୍ରବାର ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ହେଉଛି। ଏପରିସ୍ଥିତିରେ ଗଣମାଧ୍ୟମର ସୁରକ୍ଷା ଓ ସ୍ୱାଧୀନତା ଆଜିର ସମୟରେ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଛି।




## ପ୍ରଶ୍ନ ପଚାରିବା କମିଯାଉଛି



ଆମେ ଯେବେ ସାମ୍ବାଦିକତା କରୁଥିଲୁ, ମୁକ୍ତ ସାମ୍ବାଦିକତାକୁ ପୂରା ଅନୁଭବ କରୁଥିଲୁ। କୋଭିଡ୍ ପରେ ଏବେ ଏହା ବହୁତ କମିଯାଇଛି ବୋଲି ମୁଁ ଅନୁଭବ କରୁଛି। ବାଇଟ୍ ଆଣି ଷ୍ଟୋରି କରି ହେଉନି। ପ୍ରଶ୍ନ ପଚାରିବା କମିଯାଉଛି। ପ୍ରେସ ବିଜ୍ଞପ୍ତିରେ ଚାଲିଛି ଏବେର ସାମ୍ବାଦିକତା, ଯାହା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ବିପଦ। ଏମିତି ହେଲେ ମନୋପଲି ବଢ଼ିବ। ଏଜେଣ୍ଡା ବେସ୍‌ଡ ଜର୍ନାଲିଜମ୍ ଚାଲିଛି। ରାଜନୈତିକ ଦଳ ସହ ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ତା' ହିସାବରେ ଖବର ଦେଖାଉଛି। ୨୦ ବର୍ଷ ତଳେ କିନ୍ତୁ ଏମିତି ହେଉ ନ ଥିଲା। ଅନ୍ୟପକ୍ଷେ ଦେଖିବାକୁ ଗଲେ ସାମ୍ବାଦିକମାନେ ମଧ୍ୟ ଅନେକ ସମୟରେ ନିଜର ଲିମିଟ୍ କ୍ରସ୍ କରୁଛନ୍ତି। ସାମ୍ବାଦିକ ବୋଲି ଯେ, କିଛି ଗୋଟେ ଅଲଗା ଅଧିକାର ଅଛି ତାହା ଭାବିବା ଭୁଲ୍।

**–ସାରଦା ଲାହାଙ୍ଗୀର, ବରିଷ୍ଠ ସାମ୍ବାଦିକା**

## ସୁରକ୍ଷା, ସମ୍ମାନ ବିନା ସ୍ୱାଧୀନ ଗଣମାଧ୍ୟମ ସମ୍ଭବ ନୁହେଁ



ଗଣମାଧ୍ୟମ ବିନା ଗଣତନ୍ତ୍ର ଅସମ୍ଭବ। ସାମ୍ପ୍ରତିକ ସମୟରେ ସାମ୍ବାଦିକତା ବୃତ୍ତିରେ ଅନେକ ଆହ୍ୱାନ ରହିଛି। କିନ୍ତୁ ବିକାଶ ପ୍ରକ୍ରିୟା ସକ୍ରିୟ, ସଚେତନ ଓ ସମ୍ବେଦନଶୀଳ ସାମ୍ବାଦିକତା ବିନା ଅସମ୍ପୂର୍ଣ୍ଣ। ବଜାର ଉପାଦାନ ନିଶ୍ଚିତ ଭାବେ ସାମ୍ବାଦିକତା ପରିସରକୁ ସଙ୍କୁଚିତ କରିଛି, ତଥାପି ସାମ୍ବାଦିକତା ତା'ର ଗୁରୁତ୍ୱ ବଜାୟ ରଖିଛି। ସାମ୍ବାଦିକର ସୁରକ୍ଷା ଓ ସମ୍ମାନ ବିନା ସ୍ୱାଧୀନ ଗଣମାଧ୍ୟମ ସମ୍ଭବ ନୁହେଁ। ସାମ୍ବାଦିକଙ୍କ ଉପରେ ଆକ୍ରମଣ ଓ ଅତ୍ୟାଚାରର ଖବର ଏବେ ଆଉ ବିରଳ ହୋଇନାହିଁ। ସରକାରଙ୍କୁ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସାମ୍ବାଦିକର ଅବସ୍ଥା ସାମ୍ବାଦିକତାର ସ୍ଥିତିକୁ ଅନେକାଂଶରେ ପ୍ରଭାବିତ କରିଥାଏ।

**–ପ୍ରଫେସର ଦେବୀଲାଲ ମିଶ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

## ସାମ୍ବାଦିକଙ୍କ ସାମାଜିକ ସୁରକ୍ଷାର ଆବଶ୍ୟକତା ରହିଛି



ସାମ୍ବାଦିକତାର ସ୍ଥିତି ଦିନକୁ ଦିନ ପରିବ୍ୟାପ୍ତ ହେଉଛି। ପରିବର୍ତ୍ତନର ସାମ୍ବାଦିକତା ଯେ ପରିପୁଷ୍ଟ ହେବ, ଏପରି ଆଭିମୁଖ୍ୟ ମୋର ରହିଛି। ସୁରକ୍ଷିତ ସାମ୍ବାଦିକଙ୍କ ଭୂମିକା ଅପରିହାର୍ଯ୍ୟ। ସେମାନଙ୍କୁ ସୁରକ୍ଷା ପ୍ରଦାନ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଜରୁରୀ। ତା'ଠୁ ଅଧିକ ଜରୁରୀ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା। ସେହିପରି ବର୍ତ୍ତମାନ ଫେକ୍‌ନ୍ୟୁଜ ଓ ନ୍ୟୁଜ ଭିତରେ ତାରତମ୍ୟ ମଧ୍ୟ ଦେଖାଗଲାଣି। ବଦଳୁଥିବା ପରିସ୍ଥିତିରେ ଗଣମାଧ୍ୟମ ନିଜକୁ ସମୃଦ୍ଧ କରିବାର ଆବଶ୍ୟକତା ରହିଛି।

**–କେଦାର ମହାନ୍ତି, ଗଣମାଧ୍ୟମ ପ୍ରବର୍ତ୍ତା**

# ଝରକାରେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୨।୫(ସୂର୍ଯ୍ୟକାନ୍ତ ବେହେରା): ଝରକାରେ ଗାମୁଛା ଦ୍ୱାରା ଝୁଲୁଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଶହୀଦନଗର ଥାନା ଅନ୍ତର୍ଗତ ବାଦାମବାଡି ଛକ ଭିଏସ୍ଏସ୍ ନଗର ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ ଭଦ୍ରକ ଭଣ୍ଡାରି ପୋଖରୀ ଅଞ୍ଚଳର ସୁଜିତ୍ୟ ମହାଳିକ (୨୪)। ସେ ଆତ୍ମହତ୍ୟା କରିଛନ୍ତି ନା କିଏ ହତ୍ୟା କରି ଝୁଲାଇ ଦେଇଛନ୍ତି ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାନୁସାରେ, ସୁଜିତ୍ୟ ଓ ତାଙ୍କ ସାନ ଭାଇ ଭିଏସ୍ଏସ୍‌ନଗରରେ ରହି ଏକ ଦୋକାନରେ କାମ କରନ୍ତି। ଗୁରୁବାର ସୁଜିତ୍ୟ ଘରେ ଥିବା ବେଳେ ତାଙ୍କ ସାନ ଭାଇ ଦୋକାନ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରି କବାଟ ବନ୍ଦ ଥିବା ଦେଖି କବାଟ ବାଡେଇ ଥିଲେ। ହେଲେ କବାଟ ନ ଖୋଲିବାରୁ ସେ ବଡ଼ଭାଇଙ୍କ ମୋବାଇଲ୍ ଫୋନ୍‌କୁ କଲ୍ କରିଥିଲେ। କିନ୍ତୁ ସେ ରିସିଭ୍ ନ କରିବାରୁ ସନ୍ଦେହ କରି ସ୍ଥାନୀୟ ଲୋକଙ୍କୁ ଡାକି କବାଡ ଭାଙ୍ଗିଥିଲେ। ସୁଜିତ୍ୟ ଝରକାରେ ଝୁଲୁ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# କାରରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨।୫(ସୂର୍ଯ୍ୟକାନ୍ତ ବେହେରା): କାରରେ ଗଞ୍ଜେଇ ରଖି ହାତିଆଣ୍ଡି ପଡ଼ିଆ ନିକଟରେ ଗ୍ରାହକ ଅପେକ୍ଷାରେ ଥିବା ଜଣେ ନିଶା ବେପାରୀଙ୍କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ସାଲିଆ ସାହିରେ ରହୁଥିବା କନ୍ଧମାଳର ନିକୁଞ୍ଜ ଦିଗଲ। ତାଙ୍କଠାରୁ ସାଢେ ୨୦ କେଜି ଗଞ୍ଜେଇ, ନଗଦ ୬ ହଜାର ଟଙ୍କା, ମୋବାଇଲ ଫୋନ୍ ଓ ଅପରାଧରେ ବ୍ୟବହୃତ କାରକୁ ଜବତ କରିଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ନାଟ୍ୟଧାରା ନାଟକ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ତିତିଲି'ର ଏକ ଦୃଶ୍ୟ।

# 'ତିତିଲି'ରେ ମନୁଷ୍ୟର ଲୋଭର କାହାଣୀ

ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ): ମଣିଷର ବଞ୍ଚିବାର ଲୋଭ ଏତେ ବେଶି ଯେ, ଏଥିପାଇଁ ଯାହା ଇଚ୍ଛା ତାହା କରିପାରେ। ଅବସରପ୍ରାପ୍ତ ଡିଏସ୍‌ପି ସୁଜିତାଭ ମହାନ୍ତିଙ୍କୁ କ୍ୟାନ୍‌ସର ହୋଇଛି। ଦୁଇପୁଅ ଆକାଶ ଓ ବିକି ଏବଂ ଝିଅ ତିତିଲି, ବୋହୂ ସୁମିତ୍ରାକୁ ନେଇ ତାଙ୍କର ସଂସାର। କ୍ୟାନ୍‌ସରରୁ ଭଲ ହେବା ପାଇଁ ତାଙ୍କର ଅନେକ ଟଙ୍କା ଦରକାର। ଠିକ ଏହି ସମୟରେ ତାଙ୍କ ପାଖରେ ପହଞ୍ଚି ଯାଇଛନ୍ତି ତାଙ୍କ ଗାଁର ସାଙ୍ଗ ଦେବାର୍ଚ୍ଚନ ରାୟଙ୍କ ପୁଅ ରୋହିତ ରାୟ। ରୋହିତ ଜଣେ କୋଟିପତି ବୋଲି ଜାଣିବା ପରେ ସୁଜିତାଭ୍ ସ୍ୱାର୍ଥପର ହୋଇ ତାଙ୍କୁ ଘରେ ରଖି ତାଙ୍କ ପାଖରୁ ଟଙ୍କା ନେଇ ନିଜେ ଭଲ ହେବା ପାଇଁ ଆଗେଇ ଯାଇଛନ୍ତି। ସେପଟେ ରୋହିତ ସେଠାରେ ରହିଲା ପରେ ସୁଜିତାଭଙ୍କ ପରିବାରର ସମସ୍ତଙ୍କୁ ଟଙ୍କା ଦେଇ କିଣି ନିଏ। ଶେଷରେ ତାଙ୍କ ଏକମାତ୍ର ଝିଅ ତିତିଲି ଉପରେ ଆଖି ପକାଏ, ଆଉ ତାର ଇଜତ ନେବାକୁ ଚେଷ୍ଟା କରେ। ଘରର ସବୁ ସଦସ୍ୟ ଜାଣିବା ପରେ ବି କେହି ରୋହିତଙ୍କୁ ବିରୋଧ କରନ୍ତି ନାହିଁ। ଶେଷରେ ତିତିଲି ପ୍ରତିଶୋଧ ନିଆଁରେ ଜଳି ରୋହିତକୁ ହତ୍ୟା କରେ। ନିଜର ଭୁଲ ବୁଝିପାରି ତିତିଲିକୁ ବଞ୍ଚାଇବା ଲାଗି ସୁଜିତାଭ ଝିଅର ଦୋଷକୁ ନିଜ ମୁଣ୍ଡ ଉପରକୁ ନିଅନ୍ତି ଏବଂ ପୋଲିସ ଆଗରେ ରୋହିତକୁ ନିଜେ ହତ୍ୟା କରିଥିବା କୁହନ୍ତି। ଏଭଳି ଏକ କଥାବସ୍ତୁକୁ ନେଇ ନାଟକ 'ତିତିଲି' ଗୁରୁବାର ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ନାଟ୍ୟଧାରା ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ କଟକର ଅନ୍ନପୂର୍ଣ୍ଣା ଥିଏଟରର ସଭାପତି ଶରତ ମାଝି, ନାଟ୍ୟକାର ରାଜୀବ ପାଣି, ସଂଘର ଉପଦେଷ୍ଟା ମିହିର ମେହେର, ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଶୁଭକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫେରାର ଓଡ଼ଗାଁ ବ୍ଲକ୍ ଭିଏଲ୍‌ଡବ୍ଲ୍ୟୁ ଗିରଫ, ୩ବର୍ଷ ଜେଲ

ଭୁବନେଶ୍ୱର,୨।୫(ସତ୍ୟଜିତ୍ ରାଉତ)

**ରାୟ ପ୍ରକାଶ ବେଳେ କୋର୍ଟରେ ହାଜର ହୋଇ ନ ଥିଲେ**

ଫେରାର ଥିବା ନୟାଗଡ଼ ଜିଲା ଓଡଗାଁ ବ୍ଲକ୍‌ରେ କାର୍ଯ୍ୟରତ ଭିଏଲ୍‌ଡବ୍ଲ୍ୟୁ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର କହଁରଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ନୟାଗଡ଼ ଜିଲା ଭାପୁର ବ୍ଲକ୍‌ର ଏକ ଦୁର୍ନୀତି ମାମଲାରେ ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମଙ୍ଗଳବାର ରାୟ ପ୍ରକାଶ କରିବାବେଳେ କୃଷ୍ଣଚନ୍ଦ୍ର ହାଜର ହୋଇ ନ ଥିଲେ। ତେଣୁ ତାଙ୍କ ବିରୋଧରେ କୋର୍ଟ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ଏହା ବଳରେ ଭିଜିଲାନ୍ସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। କୃଷ୍ଣଚନ୍ଦ୍ରଙ୍କୁ ୩ ବର୍ଷ ଜେଲଦଣ୍ଡ ହେବା ସହ ୨୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଜରିମାନା ଅନାଦାୟେ ସେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଗତ ମଙ୍ଗଳବାର ଏହି ମାମଲାରେ ଅନ୍ୟ ୨ ଅଭିଯୁକ୍ତ ନୟାଗଡ ଜିଲା ଭାପୁର ବ୍ଲକର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ପାଢ଼ୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଥିଲା।
ମାମଲାର ବିବରଣୀ ଅନୁଯାୟୀ, ଭାପୁର ବ୍ଲକ୍‌ରେ ୨୦୦୮ରୁ ୨୦୦୯ ମଧ୍ୟରେ କଂକ୍ରିଟ୍ ରାସ୍ତା ନିର୍ମାଣରେ ମିଥ୍ୟା ବିଲ୍ ଦେଖାଇ ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କାର ସରକାରୀ ଟଙ୍କା ଆତ୍ମସାତ କରିଥିଲେ। ସେହି ସମୟରେ କୃଷ୍ଣଚନ୍ଦ୍ର ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭିଏଲ୍‌ଡବ୍ଲ୍ୟୁ ଥିଲେ। ଅଭିଯୋଗ ଆଧାରରେ ୨୦୧୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ମାମଲା (ନଂ.୧୧/୨୦୨୧୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତେବେ କୃଷ୍ଣଚନ୍ଦ୍ରଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ପକ୍ଷରୁ ଜଣାଇ ଦିଆଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଓକିଲ କାମଦେବ ତ୍ରିପାଠୀ ଏହି ମାମଲା ପରିଚାଳନା କରୁଥିଲେ।

# ୬ ଲକ୍ଷ କ୍ଷତିପୂରଣ ଦେବାକୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨।୫(ସତ୍ୟଜିତ୍ ରାଉତ)

**ଏସ୍‌ସିବି ମେଡିକାଲ୍‌ରେ ରୋଗୀ ମୃତ୍ୟୁ ମାମଲା**

ଏସ୍‌ସିବି ମେଡିକାଲରେ ସୁରକ୍ଷାଜନିତ ତ୍ରୁଟି କାରଣରୁ ଜଣେ ରୋଗୀଙ୍କ ମୃତ୍ୟୁ ମାମଲାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ରାୟ ପ୍ରକାଶ କରିଛନ୍ତି। ମୃତା ଢ଼େଙ୍କାନାଳ ଜିଲା ନୀହାଳପ୍ରସାଦ ଥାନା ଅନ୍ତର୍ଗତ କରାଡବଣୀ ଗ୍ରାମର ଆରତୀ ଜଗଙ୍କ ବାପା କୈଳାସଙ୍କୁ ୬ ଲକ୍ଷ କ୍ଷତିପୂରଣ ରାଶି ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ମାସ ମଧ୍ୟରେ ଏହି ଅର୍ଥରାଶି ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଆରତୀ ନିଜ ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ଭାବେ କାମ କରୁଥିଲେ। କିଡ୍‌ନୀଜନିତ ରୋଗ ପାଇଁ ସେ ଏସ୍‌ସିବି ମେଡିକାଲର ନେଫ୍ରୋଲୋଜି ବିଭାଗରେ ୨୦୧୫ ଜୁନ ୨ରେ ଭର୍ତ୍ତି ହୋଇଥିଲେ। ଜୁନ ୫ ଅପରାହ୍ନ ରାତି ପ୍ରାୟ ୨ଟାରେ ଆରତୀ ପାଇଖାନାକୁ ଯିବା ବେଳେ ଦ୍ୱିତୀୟ ମହଲାରୁ ତଳକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମଙ୍ଗଳାବାଗ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣା ପାଇଁ ଆରତୀଙ୍କ ପରିବାରକୁ କ୍ଷତିପୂରଣ ରାଶି ଦେବାକୁ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର ଦାସ ଏନ୍‌ଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ମୃତାଙ୍କ ବାପା କୈଳାସ ଜଗ ମଧ୍ୟ ଏନେଇ ଏନ୍‌ଏଚ୍ଆର୍‌ସିରେ ଅଭିଯୋଗ କରିଥିଲେ। ପାଇଖାନା ଯିବା ବାଟରେ ଲୁହାବାଡ ନ ଥିବାରୁ ଆରତୀ ତଳକୁ ଖସିପଡ଼ିଥିଲେ ବୋଲି ତଦନ୍ତ ରିପୋର୍ଟରୁ ଜଣାପଡ଼ିଥିଲା।

# ଚନ୍ଦନଯାତ୍ରା ପାଇଁ କପଡ଼ା କାର୍ଯ୍ୟ ଅନୁକୂଳ

ପୁରୀ,୨।୫(ଅଜିତ୍ ମହାନ୍ତି)



ଚଳିତ ମାସ ୧୦ ତାରିଖରେ ଅକ୍ଷୟତୃତୀୟା ପଡୁଥିବାବେଳେ ଉକ୍ତ ଦିନ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହେବା ସହ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଏଥିପାଇଁ ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ତିଥିରେ ଭୋଇ ସେବକମାନଙ୍କ ଦ୍ୱାରା ନରେନ୍ଦ୍ର ପୁଷ୍କରିଣୀରୁ ନନ୍ଦା ଓ ଭଦ୍ରା ଚାପଡଙ୍ଗା ସହ ବୈଜୟନ୍ତୀ ଡଙ୍ଗା କଢ଼ାଯାଇଛି। ସେହିପରି ବାହାର ଚନ୍ଦନ ଯାତ୍ରାରେ ବ୍ୟବହୃତ ହେବାକୁ ଥିବା ଚାପଡଙ୍ଗା ସମେତ ମହାପ୍ରଭୁଙ୍କ ନୀତିରେ ଲାଗୁଥିବା ଆବଶ୍ୟକ ସାମଗ୍ରୀ ନିମନ୍ତେ ଦରଜି ସେବାୟତଙ୍କ ଦ୍ୱାରା ଗୁରୁବାର କନା କାର୍ଯ୍ୟ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ସହ ଶେଜ ଓ ମାଣ୍ଡି ପାଇଁ କନା କାଟି କାର୍ଯ୍ୟ ଅନୁକୂଳ କରିଥିଲେ। ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମହାପ୍ରଭୁଙ୍କ ପାଇଁ ୧୭ଟି ଶେଜ, ୨୧ଟି ମାଣ୍ଡି, ୨ଟି ମୃଦଙ୍ଗ ମାଣ୍ଡି, ଗୋଟିଏ ଧଳା ଛତା, ଗୋଟିଏ କଳା ଛତା, ଗୋଟିଏ ଓଲାର, ଗୋଟିଏ ସୁନା ବିଞ୍ଚଣା, ୩ଟି ରୁପା ଆଲଟ, ୫ଟି ବିଞ୍ଚଣା, ଗୋଟିଏ, ଅଳଙ୍କାର ମୁଣି, ଗୋଟିଏ ରୁପା ଦଶ ଅବତାର ମୁଣି, ୨ଟି ପାଲିଙ୍କି ଚାଳି, ଗୋଟିଏ ତରାସ, ଗୋଟିଏ ନନ୍ଦା ଚାପର ମଣ୍ଡଣି ଏବଂ ଗୋଟିଏ ଭଦ୍ରାଚାପର ମଣ୍ଡଣି, ୮ଟି ବାଙ୍କି, ଖଣ୍ଡା ଓ ଛୁରି, ଚାନ୍ଦୁଆ ପତାକା ଆଦି ନିର୍ମାଣ କରାଯିବ। କନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର କନା, ବିଭିନ୍ନ ପ୍ରକାର ଲେସ୍ ଏବଂ ଚୁମ୍କି ବ୍ୟବହାର କରାଯିବ। ସମସ୍ତ ନିର୍ମାଣ କାର୍ଯ୍ୟ ଦରଜି ସର୍ଦ୍ଦାରଙ୍କ ତତ୍ତ୍ୱାବଧାନରେ ହେବ। ସମସ୍ତ ନିର୍ମାଣ କାର୍ଯ୍ୟ ଅକ୍ଷୟତୃତୀୟା ପୂର୍ବଦିନ ସମାପ୍ତ ହୋଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ଦରଜି ସର୍ଦ୍ଦାର କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭାସ୍କର



@ ସାଗର



@ ଟାର୍ଗିସ




@ ଉମାଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମତଦାନ କେନ୍ଦ୍ରରେ ରହିବେ ଡାକ୍ତରୀ ଟିମ୍

ଭୁବନେଶ୍ୱର, ୨।୫(ଅସମାପିକା ସାହୁ)

**ଭୋଟର, ମତଦାନ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ନିର୍ବାଚନ ତାତି ବଢ଼ିବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହ ସମୟରେ କିପରି ସ୍ୱାସ୍ଥ୍ୟଗତ ପରିସ୍ଥିତିକୁ ହ୍ରାସ କରାଯିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାମାଙ୍କନଠାରୁ ଆରମ୍ଭ କରି ମତଦାନ ପର୍ଯ୍ୟନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଏନେଇ ଡାକ୍ତର, ପାରାମେଡିକାଲ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆବଶ୍ୟକ ଔଷଧ ମହଜୁଦ ରହିବ। ଭୋଟର ଓ ମତଦାନ କର୍ମଚାରୀଙ୍କୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ମତଦାନ କେନ୍ଦ୍ରରେ ଜଣେ ଲେଖାଏ ଡାକ୍ତର, ପାରାମେଡିକାଲ କର୍ମଚାରୀଙ୍କ ସହ ତାଲିମପ୍ରାପ୍ତ ଆଶା କର୍ମୀ ଓ ସ୍ୱାସ୍ଥ୍ୟ ଅଧିକାରୀ ନିୟୋଜିତ ହେବେ। ଏଥିସହ ଆବଶ୍ୟକ ଲଜିଷ୍ଟିକ୍ସ (ଓଆର୍ଏସ୍ ସମେତ ପାନୀୟ ଜଳ ଆଦି) ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜରୁରୀକାଳୀନ କଲ୍ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଏଥିପାଇଁ ବ୍ଲକ୍‌ସ୍ତରରେ ଜଣେ ଆୟୁଷ ଡାକ୍ତର, ଜଣେ ପାରାମେଡିକାଲ କର୍ମଚାରୀଙ୍କ ସମେତ ମୋବାଇଲ ହେଲ୍ଥ ୟୁନିଟ ମଧ୍ୟ କାର୍ଯ୍ୟ କରିବେ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖାଯାଇଛି। ସାଧାରଣ ନିର୍ବାଚନର ସୁଗମ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରାର୍ଥୀପତ୍ର ଦାଖଲକଲେ ମନ୍ମଥ, ଅପରାଜିତା


ଭୁବନେଶ୍ୱର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ନାମାଙ୍କନପତ୍ର ଦାଖଲ ପାଇଁ ଶଗଡ଼ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।


ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମର୍ଥକ ଓ କର୍ମୀ।

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

ନାମାଙ୍କନର ଚତୁର୍ଥ ଦିବସରେ ଗୁରୁବାର ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜୁ ଜନତା ଦଳ(ବିଜେଡି)ର ମନ୍ମଥ ରାଉତରାୟ ଏବଂ ଭାରତୀୟ ଜନତା ପାର୍ଟି(ଭାଜପା)ର ଅପରାଜିତା ଷଡ଼ଙ୍ଗୀ ଶୋଭାଯାତ୍ରାରେ ଆସି ରିଟର୍ନିଂ ଅଫିସର ତଥା ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ଲୋକଙ୍କ ସାଥୀ ଭାବେ କାର୍ଯ୍ୟ କରିବି: ମନ୍ମଥ

ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ୧୬ ନମ୍ବର ରାଜପଥ ପାର୍ଶ୍ୱରେ ଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ସେ ଗୋଡ଼ିପୋଖରୀରୁ ଶଗଡ଼ରେ ଚଢ଼ି ମୁଣ୍ଡରେ ବିଜେଡି ପଗଡ଼ି ବାନ୍ଧି ଶଙ୍ଖ ଫୁଙ୍କି ଶୋଭାଯାତ୍ରାରେ ବାହାରିଥିଲେ। ପାଇକ ଆଖଡ଼ା, ପାରମ୍ପରିକ ଢୋଲବାଦ୍ୟ, ସାମରିକ କଳା ସହ ଗୋଡ଼ିପୋଖରୀରୁ ଟ୍ରାଫିକ ଛକ, ବ୍ୟାଙ୍କ ଛକ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ ସେ ଶଗଡ଼ରେ ସିଧାସଳଖ କାର୍ଯ୍ୟାଳୟ ପରିସରରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ଏହି ଅବସରରେ ମନ୍ମଥ କହିଥିଲେ, ସେ ଖୋର୍ଦ୍ଧା ମାଟିର ପୁଅ। ଅଞ୍ଚଳବାସୀ ଚାହୁଁଛନ୍ତି ଜଣେ ଦକ୍ଷ ଯୁବ ନେତୃତ୍ୱ। ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ରହିବ। ଗତ ୫ବର୍ଷରେ ଯାହା ହୋଇ ନ ଥିଲା, ଆଗାମୀ ଦିନରେ ତା'ଠାରୁ ଅଧିକ ବିକାଶ ସହ ଲୋକଙ୍କ ସାଥୀ ଭାବେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଏହି ଶୋଭାଯାତ୍ରାରେ ମନ୍ମଥଙ୍କ ବାପା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ସାମିଲ ହୋଇଥିଲେ।

### ଏଥର ଜନତା ମୋ ପାଇଁ ଲଢୁଛନ୍ତି: ଅପରାଜିତା

ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ବରମୁଣ୍ଡାଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବାଟ ଭୂଆସୁଣୀଙ୍କ ଆଶୀର୍ବାଦ ନେଇଥିଲେ। ଏହା ପରେ ସେ ମୁକୁନ୍ଦପ୍ରସାଦ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ଅପରାଜିତା କହିଥିଲେ, ଶୋଭାଯାତ୍ରାରେ ଲୋକଙ୍କ ଭଲପାଇବା ଦେଖି ଶବ୍ଦହୀନ ହୋଇଯାଇଛି। ଜନତା କେବେ ବି ପରାଜିତ ହୁଏନି, ଜନତା ଅପରାଜେୟ। ଚଳିତ ନିର୍ବାଚନ ସେ ଲଢୁନାହାନ୍ତି, ଏଥର ତାଙ୍କ ପାଇଁ ଜନତା ଲଢୁଛନ୍ତି ବୋଲି ଅପରାଜିତା କହିଛନ୍ତି। ଏହି ଶୋଭାଯାତ୍ରାରେ ଭାଜପା ନେତା ବାବୁ ସିଂ, ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତ୍ରୀ ସୁନୀତି ମୁଣ୍ଡ ଏବଂ ବହୁ କର୍ମୀ ଯୋଗଦେଇଥିଲେ।

## ବିଜେଡିରେ ମିଶିଲେ ଅମୀୟ



ଭୁବନେଶ୍ୱର,୨।୫(ସୁଭାସ ଚନ୍ଦ୍ର ପ୍ରଧାନ)

ଭାଜପାର ବରିଷ୍ଠ ନେତା ତଥା ସାମାଜିକକର୍ମୀ ଅମୀୟ ଦାସ ଶଙ୍ଖ ଭବନରେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ତାଙ୍କ ସହିତ ଭାଜପାର ପୂର୍ବତନ ମଣ୍ଡଳ ସଭାପତି, ସମ୍ପାଦକ ଏବଂ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ମାନସ ମଙ୍ଗରାଜ, ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସଙ୍କ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶ ଓ ଜନହିତକର ଯୋଜନା, ବିକାଶଧାରାକୁ ସମ୍ମାନ ଜଣାଇ ସେ ବିଜେଡିରେ ଯୋଗଦେଇଛନ୍ତି ବୋଲି ଅମୀୟ କହିଛନ୍ତି।

## କାଳବୈଶାଖୀ ତାଣ୍ଡବରେ ଭାଙ୍ଗିଲା ଗଛ

### ଯାତାୟାତ ଠପ୍

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)

ବାରଙ୍ଗ, ଚନ୍ଦକା ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ତାର ତାଣ୍ଡବ ରଚିଛି। ପ୍ରବଳ କୁଆପଥର ବର୍ଷା ସାଙ୍ଗକୁ ପବନ ଘଡ଼ଘଡ଼ି ମଧ୍ୟ ହୋଇଛି। କୁଆପଥର ବର୍ଷା ସାଙ୍ଗକୁ ପବନ ଯୋଗୁ ବଡ଼ ବଡ଼ ଗଛ ଉପୁଡ଼ି ପଡିବା ସହିତ ତ୍ରିଶୂଳିଆରୁ ବାଙ୍କୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗଛ ପଡ଼ି ଯାତାୟାତ ଠପ ହୋଇଯାଇଥିଲା। ଗୋଡିବାରିଠାରୁ କଣ୍ଟାବାଡ଼ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ବଡ଼ବଡ଼ କୁଆପଥର ପଡ଼ିବାରୁ ଯାତାୟାତ ଠପ୍ ହୋଇଯାଇଥିଲା। ସେହିଭଳି ଭାବେ ବାରଙ୍ଗ ଗୋଡିସାହି ଅଞ୍ଚଳରେ ଥିବା ୨ଟି ବିଦ୍ୟୁତ କାର୍ଯ୍ୟାଳୟ ଅଧୀନରେ ଥିବା କେତେକ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହିତ ବହୁ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ପ୍ରାୟ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ଏହି ସମୟରେ ଗୋଡିସାହି ବଜାର ନିକଟସ୍ଥ ପୁରୀ ମୁଖ୍ୟ କେନାଲରେ ଜଣଙ୍କ ଦଶାହ କାର୍ଯ୍ୟ ଚାଲିଥିବାବେଳେ ହଠାତ କାଳବୈଶାଖୀ ମାଡ଼ି ଆସିବାରୁ ଏହାର ପ୍ରଭାବରେ ଗଛ ଉପୁଡ଼ି ରାସ୍ତା କଡ଼ରେ ଥିବା ଏକ କାର୍ ଉପରେ ପଡିଥିଲା। ଫଳରେ କାର୍‌ରେ ଥିବା ୫ ଜଣ ପିଲା ସହିତ ଜଣେ ମହିଳା ମଧ୍ୟ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଆହତଙ୍କୁ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଘଟଣାସ୍ଥଳରେ ବାରଙ୍ଗ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଗଛ କାଟିବା ପରେ କାର୍ ଉଦ୍ଧାର ହୋଇଥିଲା।

## ଭାରତୀୟ ସଙ୍ଗୀତ ଜ୍ଞାନ ପଦ୍ଧତି ସମ୍ପର୍କିତ ବିଶେଷ ସମ୍ମାନ




ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗ ପକ୍ଷରୁ ଭାରତୀୟ ସଙ୍ଗୀତ ଜ୍ଞାନ ପଦ୍ଧତି ଓ ପୁଷ୍ଟି ମାର୍ଗୀୟ ପଦଗାନ ପରମ୍ପରା ସମ୍ପର୍କିତ ବିଶେଷ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଭାରତୀୟ ସଙ୍ଗୀତର ମହତ୍ତ୍ୱ ଓ ଏହାର ପରମ୍ପରା ଯୋଗୁଁ ଆମ ସଂସ୍କୃତି ଅଧିକ ବିକଶିତ ହେବା ସମ୍ଭବପର ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସମ୍ମାନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିବେକାନନ୍ଦ ମହାବିଦ୍ୟାଳୟର ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗର ମୁଖ୍ୟ ପ୍ରଫେସର ନୀତା ମାଥୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସାମୟିକ ଭାରତୀୟ ସଙ୍ଗୀତରେ ପୁଷ୍ଟି ମାର୍ଗୀ ସଙ୍ଗୀତର ବିଶେଷତ୍ୱ ଓ ଏହାର ଆଧ୍ୟାତ୍ମିକ ପ୍ରଭାବ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏଥିସହ ହିନ୍ଦୁସ୍ଥାନୀ ସଂଗୀତରେ ପୁଷ୍ଟି ଗାୟନ ଶୈଳୀରେ ରହିଥିବା ସ୍ୱର, ରାଗ, ରସ, ଭାବ, ଭାଷା ଓ ଅଳଙ୍କାରକୁ ନିଜସ୍ୱ ଗାୟନ ଶୈଳୀରେ ପରିବେଷଣ କରିଥିଲେ। ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତର ଏହି ବିଶେଷ ସମ୍ମାନକୁ ଡ. ଶ୍ୟାମ ରସ୍ତୋଗୀ ସଂଯୋଜନା କରିଥିବାବେଳେ ଡ. ଇତିଶ୍ରୀ ସାହୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ଧଉଳି ଶାନ୍ତିସ୍ତୂପଠାରେ କଳା ଚର୍ଚ୍ଚା



ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଶାନ୍ତିସ୍ତୂପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ପ୍ରତିମାସରେ ଆୟୋଜିତ କଳା ଓ କଳାକାର ଶୀର୍ଷକ କଳା ଚର୍ଚ୍ଚା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କର କଳା ଶିକ୍ଷାର ଉନ୍ନତି ଓ କଳାକାରଙ୍କ ସହ ସମ୍ପର୍କ ଯୋଡିବା ପାଇଁ ଏହି ପ୍ରୟାସ କରାଯାଉଛି। ମୁମ୍ବାଇର ସୁପ୍ରସିଦ୍ଧ ଚିତ୍ରଶିଳ୍ପୀ ବିଶ୍ୱ ସାହାଣୀ କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗ ଦେଇଥିଲେ। ଭାରତର ବିଭିନ୍ନ ରାଜ୍ୟରୁ ସୁନାମଧନ୍ୟ ଶିଳ୍ପୀମାନେ ପ୍ରତିମାସ ଏହି କଳା ଚର୍ଚ୍ଚାରେ ନିମନ୍ତ୍ରିତ ଶିଳ୍ପୀ ଭାବେ ଯୋଗ ଦେଇଥାନ୍ତି। ଏହି ଅବସରରେ ଏମାସର ଅତିଥି ଚିତ୍ରଶିଳ୍ପୀ ବିଶ୍ୱ ସାହାଣୀ ଲାଇଫ ତୈଳଚିତ୍ର ଅଙ୍କନ କରିବାସହ ତାଙ୍କ ଚିତ୍ରଗୁଡ଼ିକର ଏକ ସ୍ଲାଇଡ ଶୋ ପ୍ରଦର୍ଶନ କରିଥିଲେ। ଏଥିସହ ପିଲାମାନଙ୍କ ସହ ସାମ୍ପ୍ରତିକ କଳା ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ ଅତିଥିଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିବା ସହିତ ଶିଳ୍ପୀଙ୍କ ଚିତ୍ରର ସମୀକ୍ଷା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ରାମଶଙ୍କର ସାହୁ, ଭୂପତି ଭୂଷଣ ପଣ୍ଡା, ଅଧ୍ୟାପିକା ୟନିତା ପ୍ରିୟଦର୍ଶିନୀ, ସୋଫିଆ ୟସ୍ମିନ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଗତିବାଦୀର ସାହିତ୍ୟ ଉତ୍ସବ 'ସୃଜନୀ'

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)

ରାଜନୀତି ତା' ବାଟରେ ଯାଉ, ଏବଂ କବି-ଲେଖକ-ସାମ୍ବାଦିକ ସେମାନଙ୍କ କଲମ ଚଳାଇ ରଖନ୍ତୁ ବୋଲି ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ବୁଧବାର 'ପ୍ରଗତିବାଦୀ'ର ପ୍ରତିଷ୍ଠା ଦିବସ ଉପଲକ୍ଷେ ସାହିତ୍ୟ ଉତ୍ସବ 'ସୃଜନୀ' ଅନୁଷ୍ଠିତ ହୋଇଥିଲା। ଏହାକୁ ଛତିଶଗଡ ରାଜ୍ୟପାଳ ହରିଚନ୍ଦନ ଉଦ୍‌ଘାଟନ କରି ସମାଜରେ ଜାଗରଣ ସୃଷ୍ଟି ଲାଗି ସାହିତ୍ୟିକମାନେ ଲେଖନୀ ଚାଳନା କରିବାକୁ ଆହ୍ୱାନ ଦେଇଥିଲେ। 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ଡ. ମୋନାଲିସା ବଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥଲେ। ସୃଜନୀ ସାହିତ୍ୟର କବି ତଥା ସମାଲୋଚକ ପ୍ରଫେସର ଜିତେନ୍ଦ୍ର ଶ୍ରୀବାସ୍ତବ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରାବନ୍ଧିକ ତଥା ପ୍ରାଧ୍ୟାପକ ଧନେଶ୍ୱର ସାହୁ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସମାଜକୁ ବାଟ ଦେଖାଇବାରେ କବି-ଲେଖକ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ୫ଜଣ ସ୍ୱତନ୍ତ୍ର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ପଦ୍ମଶ୍ରୀ ବିନୋଦ ମହାରଣାଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ହରିଚନ୍ଦନ 'ପ୍ରଗତିବାଦୀ' ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ଜୀବନାଦର୍ଶ ଉପରେ ଆଧାରିତ ଏକ ଫଟୋଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ।

## ଅଂଶୁଘାତରେ ଚେତା ହରାଇଲେ ଖବରଦାତା

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

ନାମାଙ୍କନ ଦାଖଲ ସମୟରେ ପ୍ରାର୍ଥୀଙ୍କ ଶୋଭାଯାତ୍ରା ସମୟରେ ପର୍ଯ୍ୟାପ୍ତ ମାତ୍ରାରେ ପାନୀୟଜଳ ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ମୁଖ୍ୟଶାସନ ସଚିବ ନିକଟରେ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗୁରୁବାର ଉପଜିଲାପାଳ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପାନୀୟଜଳ ସୁବିଧା କିମ୍ବା ଟେଣ୍ଟ ପାଇଁ ବ୍ୟବସ୍ଥା ନ ଥିଲା। ଫଳରେ ଶୋଭାଯାତ୍ରା ଏବଂ ନାମାଙ୍କନ ଦାଖଲ ସମୟରେ ବାହାରେ ଅପେକ୍ଷାରତ କର୍ମୀମାନେ ଖରାରେ ପାଣି ଟୋପାଏ ପାଇଁ ତହଲବିକଳ ହେଉଥିବା ବେଳେ କେତେଜଣ ଚେତାଶୂନ୍ୟ ହୋଇପଡିଥିବା ଦେଖିବାକୁ ମିଳିଥିଲା। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ସମୟରେ 'ଧରିତ୍ରୀ' ଖବରଦାତା ପ୍ରଭାତ ପାଣିଗ୍ରାହୀ ଅଂଶୁଘାତର ଶିକାର ହୋଇ ହଠାତ୍ ତଳେ ପଡିଯିବା ସହ ଚେତାଶୂନ୍ୟ ହୋଇପଡିଥିଲେ। ଅନ୍ୟ ଖବରଦାତାମାନେ ତାଙ୍କୁ ଉଠାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଶୀତତାପ ନିୟନ୍ତ୍ରଣ କକ୍ଷକୁ ନେଇଥିଲେ। ଖବରପାଇ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ଆଇନଜୀବୀ, ଅନ୍ୟ ଖବରଦାତାମାନେ ମଧ୍ୟ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନାମାଙ୍କନ ସମୟରେ ପର୍ଯ୍ୟାପ୍ତ ପାନୀୟଜଳ ସହ ଟେଣ୍ଟ ବ୍ୟବସ୍ଥା ପାଇଁ ଦାବି ହୋଇଛି।

## ତିଳୋତ୍ତମା ସାହିତ୍ୟ ସଂସଦର ବିଷୁବ ମିଳନ

ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ତିଳୋତ୍ତମା ସାହିତ୍ୟ ସଂସଦ ଓ ଆଶ୍ୱାସ କଲ୍‌ଚରାଲ ଏକାଡେମୀ ପକ୍ଷରୁ ବିଷୁବ ମିଳନ ଗୁରୁବାର ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ଶକୁନ୍ତଳା ବଳିୟାରସିଂହ, ସମ୍ମାନିତ ଅତିଥି ଭାବେ ଡ. ସୁଷମା ମିଶ୍ର, ଗୋଲାପ ମଞ୍ଜରୀ କରଙ୍କ ସହ ସଭାପତି ଡ. ସୁଚେତା ରାଉତ, ସମ୍ପାଦିକା ମନ୍ଦାକିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ତ୍ରୈମାସିକ ସାହିତ୍ୟ ପତ୍ରିକା 'ତିଳୋତ୍ତମା'ର ବିଷୁବ ସଂଖ୍ୟା ୨୦୨୪ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କାନନବାଳା ପଟ୍ଟନାୟକଙ୍କୁ 'ତିଳୋତ୍ତମା ସମ୍ମାନ', ବୀଣାପାଣୀ ସାହୁଙ୍କୁ 'ବିଷୁବ ମିଳନ ସମ୍ମାନ', ଡ. ଅଞ୍ଜଳି ତ୍ରିପାଠୀ, ତନୟା ଦାଶ ଗୋସ୍ୱାମୀ, ଅନିମା ପଟ୍ଟନାୟକ, ନିବେଦିତା ଭଞ୍ଜ, ରଞ୍ଜିତା ତ୍ରିପାଠୀ ଓ ଶରତ କୁମାରୀ ମିଶ୍ରଙ୍କୁ 'ଅନନ୍ୟ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଓଡ଼ିଶା ପ୍ରତିଭା ବିକାଶର ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଣୁବାଳା ଦଳାଇ, ସନ୍ଧ୍ୟା ପୃଷ୍ଟି, ବିଜୟ ଲକ୍ଷ୍ମୀ ସାହୁ, ଡ. ପ୍ରତିମାରାଣୀ ମିଶ୍ର ସହଯୋଗ କରିଥିଲେ। ଡ. ପ୍ରତିଭା ରାଣୀ ମିଶ୍ର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।




## ସାହିତ୍ୟିକ ସୁରେନ୍ଦ୍ର ଦାଶଙ୍କ ପରଲୋକ

ବାଲିପାଟଣା,୨।୫(ଅଭିମନ୍ୟୁ ନାୟକ)

ନାଟ୍ୟକାର, କବି, ପ୍ରାବନ୍ଧିକ ସୁରେନ୍ଦ୍ର ନାଥ ଦାଶଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ବୟସହୋଇଥିଲା। ଆଲିଭାସ୍ମୃତି, ଜୀବନ ଅପରାହ୍ନ, ସାଉଟା ସ୍ମୃତି, କୃଷ୍ଣ ସୁଦାମା ଆଦି ପୁସ୍ତକର ସେ ରଚୟିତା ଥିଲେ। ସରାଟ ଶାସନସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ଡା. ଜଗନ୍ନାଥ ଦାସ ମାନବିକତାର ପ୍ରତୀକ ଥିଲେ

ଭୁବନେଶ୍ୱର, ୫।୨ (ବନ୍ଦନା ସେଠୀ)

ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଡାକ୍ତର ତଥା ପୂର୍ବତନ ବିଧାୟକ ଜଗନ୍ନାଥ ଦାସଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ରାଜ୍ୟସ୍ତରୀୟ ସ୍ମାରକୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଉପସଭାପତି ବିବେକାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୋଆ ବିଶ୍ୱବିଦ୍ୟାଳୟ ତଥା ସମ୍ ହସ୍ପିଟାଲର ଉପଦେଷ୍ଟା ପ୍ରଫେସର ଡା. ଅଶୋକ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡା. ବିଜୟ ନନ୍ଦ ଯୋଗଦେଇ ଡା. ଦାସ ମାନବିକତାର ପ୍ରତୀକ ଥିଲେ ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ସୋମା ଚାନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥଙ୍କ ପ୍ରେରଣାଦାୟକ ଜୀବନ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ ସ୍ୱର୍ଗତ ଦାସଙ୍କୁ ଜଣେ ଆଦର୍ଶ ଜନନେତା ଭାବେ ପ୍ରଶଂସା କରିଥିଲେ। ଏହି ଅବସରରେ ଚିକିତ୍ସକ ତଥା ଚଳଚ୍ଚିତ୍ର ଅଭିନେତା ଡା. ଚିତ୍ତରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ସ୍ୱାଗତ ଅଭିଭାଷଣ ଓ ପ୍ରଫେସର ଡ. ରୁଦ୍ରପ୍ରତାପ ଦାସ(ବିଶାଖାପାଟଣା) ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଟ୍ରଷ୍ଟ ସଭାପତି ପ୍ରଦୋଷ ପଟ୍ଟନାୟକ ଓ ଟ୍ରଷ୍ଟି ରାଜୁ କେଆଲଙ୍କ ବାର୍ତ୍ତା ପାଠ କରାଯାଇଥିଲା। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଳମ୍ବିତ ରାତିରେ ବୃଦ୍ଧାଙ୍କୁ ଆକ୍ରମଣ

ଭୁବନେଶ୍ୱର,୨।୫(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜୟଦେବ ବାଟିକା ରାସ୍ତାରେ ଜଣେ ବୃଦ୍ଧାଙ୍କୁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ବୃଦ୍ଧାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ଯୁବକମାନେ ତାଙ୍କୁ କାହିଁକି ଆକ୍ରମଣ କଲେ ତା'ର କାରଣ ସ୍ପଷ୍ଟଭାବେ ଜଣାପଡ଼ି ନାହିଁ। ତେବେ ନିଶା ବେପାରକୁ ନେଇ ଆକ୍ରମଣ କରାଯାଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି।

ସୂଚନା ଅନୁସାରେ ରାତି ପ୍ରାୟ ୧୨ ଟାରେ ଜଣେ ବୃଦ୍ଧା ଜୟଦେବ ବାଟିକା ରାସ୍ତାରେ ଆସୁଥିଲେ। ଏହି ସମୟରେ ଶରଧାପଲ୍ଲୀ ବସ୍ତିର କେତେଜଣ ନିଶାସକ୍ତ ଯୁବକ ବୃଦ୍ଧଙ୍କୁ ଅଟକାଇ ଗାଳି ଗୁଲଜ କରିଥିଲେ। ବୃଦ୍ଧା ଜଣକ ବିରୋଧ କରିବାରୁ କାଠ ଫାଳିଆରେ ତାଙ୍କୁ ଯୁବକମାନେ ନିସ୍ତୁକ ପିଟିଥିଲେ। କିଛି ସ୍ଥାନୀୟ ଲୋକ ପାଟି ଶୁଣି ଆସିଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଖଣ୍ଡଗିରି ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ତେବେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

## ଗାୟତ୍ରୀ ଡ୍ୟାନ୍ସ ଏକାଡେମୀର 'ନୃତ୍ୟ ବୈଶାଖୀ'




ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଗାୟତ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ 'ନୃତ୍ୟ ବୈଶାଖୀ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରବାରି ରାମ ମନ୍ଦିର ନିକଟ ନବଜ୍ୟୋତି କ୍ଲବ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଓଡିଶୀ-ଗୋଟିପୁଅ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ ଏବଂ ଚଣ୍ଡିଗଡ ପ୍ରାଚୀନ କଳାକେନ୍ଦ୍ରର ଓଡିଶା ବ୍ୟାପାର ବ୍ୟୋମୋକେଶ ଜେନା ଉଦ୍‌ଘାଟନ କରିଥିଲେ। ଏକାଡେମୀ ଛାତ୍ରୀ ମଙ୍ଗଳାଚରଣ, ମଥୁରା ପାଠ, ମାତୃବନ୍ଦନା ଓ ରାଧାରାଣୀ ସାଙ୍ଗେ ନାଚେରେ ଅଭିନୟ କରିଥିଲେ। ଗୋପିନାଥ ଉପାଧ୍ୟାୟ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଗୁରୁ ଗାୟତ୍ରୀ ଖୁଣ୍ଟିଆ ଏବଂ ସହ ପ୍ରତିଷ୍ଠାତା ରାଜେନ୍ଦ୍ର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବନ୍ଦନା ପଣ୍ଡା, ଅଙ୍କିତା ପଣ୍ଡା, ଅମ୍ରିତା ପଣ୍ଡା, ଅନ୍ୱେଷା ପଣ୍ଡା, ଆୟୁଷି କର, ସସ୍ମିତା ଲେଙ୍କା, ଶୁଭସ୍ମିତା ପ୍ରିୟଦର୍ଶିନୀ, ସିପ୍ରା ରାୟ, ସୋନାକ୍ଷୀ ସେଠି, ଅଳକା ଅଳକୃତା, ଦେବାଶି ସାହୁ ପ୍ରମୁଖ ଅଭିନୟ କରିଥିଲେ।

## ୨ ଦୋକାନରୁ ଚୋରି

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମ ପୁରୀ ମୁଖ୍ୟ କେନାଲ ବନ୍ଧ ନିକଟରେ ବୁଧବାର ବିଳମ୍ବିତ ରାତିରେ ୨ଟି ଦୋକାନରୁ ଚୋରି ହୋଇଛି ହେଲେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ତେବେ ଅରବିନ୍ଦ ରାଉତଙ୍କ ପାନ ଦୋକାନରୁ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ଟଙ୍କା, ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ। ସେହିପରି କିଛି ଦୂରରେ ଥିବା ନୟାପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ଶ୍ରବଣ ଜେନାଙ୍କ ଦୋତାରୁ ମଧ୍ୟ ସେହି ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ଭିତରେ ପଶି ପ୍ରାୟ ୫ ହଜାର ଟଙ୍କା ଓ ବହୁ ଦାମୀ ସାମଗ୍ରୀ ଲୁଟି ନେଇଛନ୍ତି।

## ସୌମ୍ୟାସୁଚରିତା ପାଲଙ୍କୁ 'ଶ୍ରେୟନନ୍ଦନା ପ୍ରତିଭା ସମ୍ମାନ'




ଭୁବନେଶ୍ୱର,୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାନୁଷ୍ଠାନ 'ଶ୍ରେୟନନ୍ଦନା'ର ଦ୍ୱିତୀୟ ବାର୍ଷିକ ଉତ୍ସବ 'ନୃତ୍ୟରଙ୍ଗମ' ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନୃତ୍ୟଶିଳ୍ପୀ ସୌମ୍ୟାସୁଚରିତା ପାଲଙ୍କୁ 'ଶ୍ରେୟନନ୍ଦନା ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ସ୍ମୃତି ଫଳକ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଡିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ, ଓଡିଶୀ ସଙ୍ଗୀତଗୁରୁ ପ୍ରଦୀପ କୁମାର ଦାସ, ଅଭିନେତ୍ରୀ ପୁଷ୍ପାପଣ୍ଡା, ଗୁରୁନାନକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ମଧୁମିତା ସାହୁ, ଟାଟା ଷ୍ଟିଲର କାର୍ଯ୍ୟକାରୀ ଅଧିକାରୀ ଅଶ୍ୱିନୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ପ୍ରସ୍ତୁତିରେ ନୃତ୍ୟଶିଳ୍ପୀ ସୌମ୍ୟାସୁଚରିତା ନିଜ ନୃତ୍ୟରେ ଯାଦୁ ଦେଖାଇଥିଲେ। ପ୍ରଥମ ଅର୍ଦ୍ଧରେ ବାଢିଥିଲେ ବୃନ୍ଦା, ଯାହାର ନୃତ୍ୟ ସଂଯୋଜନା ଓ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ବିଜନ ପଲାଇ। ଏହାପରେ ନୃତ୍ୟଶିଳ୍ପୀ ରାଜଶ୍ରୀ ଦାସ, କୈବଲ୍ୟ ମିଶ୍ର ଆହେ ନୀଳଶୈଳ, ଅମୂଲ୍ୟ ରାଉତରାୟ ଓ ବଷ୍ଟି ମଣ୍ଡଳ ମଞ୍ଜରୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଶିଳ୍ପୀଙ୍କ ଅନ୍ତିମ ପ୍ରସ୍ତୁତିରେ ସମ୍ବଲପୁରୀ ନୃତ୍ୟ ରହିଥିଲା। ଅନୁଷ୍ଠାନର ସମ୍ପାଦକ ସୁରେଶ ଘଡ଼ାଇ ଓ ଚିନ୍ମୟୀ ଜେନା ମଞ୍ଚ ପରିଚାଳନା କରିଥିଲେ।

**ଚୋରା ବନ୍ଧୁକ ଜବତ : ଜଣେ ଗିରଫ**

ତିଗିରିଆ,(ଜାଫର ଖାଁ): ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମରେ ଚୋରା ବନ୍ଧୁକ ଧରି ବୁଲିବା ଅଭିଯୋଗରେ ତିଗିରିଆ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିନ୍ଧାଣିମା ଗ୍ରାମର ଅଜାତି ରାଉତ। ଗୁରୁବାର ସକାଳେ ଏକ ଚୋରା ବନ୍ଧୁକ ଧରି ଗ୍ରାମ ପାଖରେ ବୁଲୁଥିବା ଖବରପାଇ ତିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଜବତ କରିଛି। ଏ ନେଇ ତିଗିରିଆ ଥାନା ମାମଲା ନଂ. ୧୧୬/୨୪ ରୁଜୁ କରାଯାଇଛି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଶ୍ରମିକ ମୃତ : ୩ ଆହତ



ସାଲେପୁର,୨।୫(ଅରବିନ୍ଦ ଭୂୟାଁ)

ଇଟା ବୋଝେଇ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଡ୍ରାଇଭର ସମେତ ୪ଜଣ ଆହତ ହୋଇଛନ୍ତି। ଗୁରୁବାର ସକାଳ ପ୍ରାୟ ୭ଟା ସମୟରେ ସାଲେପୁର ଥାନା ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତ ଭୋରା ଗ୍ରାମ ନିକଟରେ ଏକ ଇଟା ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା କେନାଲକୁ ଓଲଟିଯାଇଥିଲା। ଫଳରେ ଟ୍ରାକ୍ଟରରେ ଥିବା ଶ୍ରମିକ ଜାଗୁଲାଇପଡ଼ା ଗ୍ରାମର ଆଶିଷ କୁମାର କାଣ୍ଡି(୧୭) ଗାଡ଼ି ତଳେ ଚାପି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଏଥିସହ ଟ୍ରାକ୍ଟରରେ ଥିବା ଅନ୍ୟ ୩ଜଣ ଶ୍ରମିକ ସମେତ ଡ୍ରାଇଭର ଗୁରୁତର ହୋଇଛନ୍ତି। ଖବର ପାଇ ସାଲେପୁର ପୋଲିସ ଥାନାରେ ମାମଲା (ନଂ. ୧୮୮/୨୪) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି।

### ନଦୀରେ ବୁଡ଼ି ଛାତ୍ର ମୃତ

ସାଲେପୁର,୨।୫(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ସାଙ୍ଗମାନଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିବା ଜଣେ କଲେଜ ଛାତ୍ର ଗୁରୁବାର ପାଣିରେ ବୁଡ଼ିଯାଇଛନ୍ତି। ଫଳରେ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ମୁର୍କୁଣ୍ଡି ଗ୍ରାମର ଅମୂଲ୍ୟ ବେହେରାଙ୍କ ପୁଅ ପ୍ରୀତିରଞ୍ଜନ ବେହେରା (୧୭)। ସେ ସାଲେପୁର କଲେଜର ଯୁକ୍ତ ଦୁଇ କଳା ବିଭାଗର ପ୍ରଥମ ବର୍ଷ ଛାତ୍ର। ଗୁରୁବାର ମଧ୍ୟାହ୍ନ ସମୟରେ ଚିତ୍ରୋତ୍ପଳା ନଦୀକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିବାବେଳେ ହଠାତ୍ ଗଣ୍ଡରେ ପଡିଯିବାରୁ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ବହୁ ସମୟ ଧରି ନଦୀରେ ପ୍ରୀତିରଞ୍ଜନକୁ ଖୋଜାଖୋଜି କରିଗୁରୁତର ଅବସ୍ଥାରେ ପାଣିରୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ କିଶନନଗର ପୋଲିସ ମାମଲା (ନଂ.୫/୨୪)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି।

# ଏସ୍‌ସିବି ନନ୍ ଟ୍ରମା କାଜୁଆଲ୍‌ଟିରେ ଏସି ଅଚଳ

**ରୋଗୀ, ସମ୍ପର୍କୀୟ ହନ୍ତସନ୍ତ**

କଟକ, ୨।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ନନ୍ ଟ୍ରମା କାଜୁଆଲ୍‌ଟିରେ ଏସି ଅଚଳ ହୋଇପଡିଛି। ଫଳରେ ଅସହ୍ୟ ଗରମରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ନନ୍ ଟ୍ରମା କାଜୁଆଲ୍‌ଟି ପରିସରରେ ୧୭ଟି ସ୍ପ୍ଲିଟ୍ ଓ ୬ଟି ଟାୱାର ଏସି ରହିଛି। ଗ୍ରୀଷ୍ମଋତୁ ଆରମ୍ଭରୁ ମେଡିକାଲ ପକ୍ଷରୁ ସମସ୍ତ ଏସି ମରାମତି କରାଯାଇଥିଲା। ହେଲେ ଏବେ ଏସି ଅଚଳ ହୋଇପଡିଛି। ଅପରପକ୍ଷରେ ନନ୍ ଟ୍ରମା କାଜୁଆଲ୍‌ଟିର ଡାକ୍ତର ଓ କର୍ମଚାରୀଙ୍କ କକ୍ଷରେ ଏସି ଚାଲୁଛି। ନନ୍ ଟ୍ରମା କାଜୁଆଲ୍‌ଟି ପରିସରରେ ଏସି ଅଚଳ ଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବାଧହୋଇ ଗରମରେ ରହୁଛନ୍ତି। ଏନେଇ ଢେଙ୍କାନାଳରୁ ଆସିଥିବା ଜଣେ ରୋଗୀ ସମ୍ପର୍କୀୟ କହିଛନ୍ତି, ମୋ ସ୍ୱାମୀ ମସ୍ତିଷ୍କାଘାତର ଆକ୍ରାନ୍ତ ହୋଇଥିବାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ମେଡିକାଲରେ ପହଞ୍ଚିବା ପରେ ଚିକିତ୍ସାରେ ବିଳମ୍ବ ଘଟିଛି। ହେଲେ ଏଠାରେ ଏସି ଅଚଳ ଯୋଗୁ ହନ୍ତସନ୍ତ ହେବାକୁ ପଡିଛି। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ଥିବା ସମସ୍ତ ଏସି, ଫ୍ୟାନ୍ ମରାମତି କରାଯାଇଛି। ନନ୍ ଟ୍ରମା କାଜୁଆଲ୍‌ଟିରେ ଏସି ଅଚଳ ହେବା ଖବର ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଜାଣିବା ପରେ ଟାଟା ପାୱାର ଓ ଜିଇଡି ବିଭାଗର ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ପରେ ଏସି ମରାମତି କରାଯାଇଛି। ଗୁରୁବାର ଲୋ ଭୋଲ୍‌ଟେଜ ଯୋଗୁ ଏଭଳି ସମସ୍ୟା ଉପୁଜିଥିଲା। ଭୋଲଟେଜ୍ ଆସିବା ପରେ ଏସିଗୁଡିକ ଠିକ୍ ଭାବେ ଚାଲୁଥିବା ସେ କହିଛନ୍ତି।



ଏସ୍‌ସିବି ନନ୍ ଟ୍ରମା କାଜୁଆଲ୍‌ଟିରେ ଏସି ଅଚଳ **ଯୋଗୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି।**



ଆଠଗଡସହରସ୍ଥିତ ଶ୍ରୀରଘୁନାଥ ପୀଠରେ ଆୟୋଜିତ ରାମଲୀଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା କଳାକାର ଓ ଅନ୍ୟମାନେ ।

### କଂଗ୍ରେସ କର୍ମୀଙ୍କ ବିୟୋଗରେ ଶୋକ

ମାହାଙ୍ଗା, ୨।୫(ଯଯାତି ସିଂହ)

ମାହାଙ୍ଗା ପଞ୍ଚାୟତ ସମିତି ଅଧୀନ ନାହାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଚକରପୁର ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ, ବରିଷ୍ଠ ସଙ୍ଗଠକ ସାମାଜିକ କର୍ମୀ ଶଙ୍କର୍ଷଣ ମହାନ୍ତି(୭୮)ଙ୍କ ପରଲୋକ ଘଟିଛି । ସେ ଜଣେ ପରୋପକାରୀ,ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ବେଶ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବରପାଇ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ୍ ଅଲିଙ୍କ ପୁତ୍ର ସେକ ମସୁଦ ଅଲି, ଡ.କାର୍ତ୍ତିକ ଚନ୍ଦ୍ର ବରାଳ, ଆଇନଜୀବୀ ଦୀପକ କୁମାର ମହାନ୍ତି, ପଣ୍ଡିତ ପ୍ରଭାତ କର, ନଳିନୀକାନ୍ତ ନାୟକ, ସଂଗ୍ରାମ ସାମଲ, ଶ୍ୟାମସୁନ୍ଦର ସ୍ୱାଇଁ, ରବି ନାରାୟଣ ସାହୁ, କ୍ଷୀରୋଦ ସାହୁ, ସୁକାନ୍ତ ନନ୍ଦ, ଯୁବନେତା ସୌକତ ଅଲି, ମନ୍ମଥ ଖଟୁଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଶୈକ୍ଷିକ, ବୌଦ୍ଧିକ ବିକାଶରେ ଶିକ୍ଷକ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଙ୍କୀ,୨।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

**କଳାପଥର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ**

ବାଙ୍କୀ ବ୍ଲକ କଳାପଥର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ତ୍ରୟୋଦେଶ ବାର୍ଷିକ ଉତ୍ସବ ବିଦ୍ୟାଳୟ ପକ୍ଷରୁ ଚନ୍ଦ୍ରଶେଖର କ୍ଲବ ପରିସରରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ଉପଦେଷ୍ଟା ଶିକ୍ଷାବିତ୍ ବିଶ୍ୱଜିତ୍ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ତଥା କଳାପଥର ଧଳାପଥର ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଧର୍ମଧର ଜୁଝାର ସିଂହ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ଉପଦେଷ୍ଟା ଭାଗଗ୍ରାହୀ ମହାପାତ୍ର ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷା ପୁଷ୍ପଲତା ମହାପାତ୍ର ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଶିକ୍ଷକ ଓ ଅଭିଭାବକ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ ବ୍ଲକ ବାଲିପାହାଡ ସାଧବ ସମାଜ ନିକେତନର ପୂର୍ବତନ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରବିନାରାୟଣ ମଙ୍ଗରାଜ, କଳାପଥର ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ସଂଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



ବାର୍ଷିକୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ନନ୍ଦନକାନନ-ବାରଙ୍ଗ ରାସ୍ତାରୁ ୨ ଲକ୍ଷ ଜବତ




ଭୁବନେଶ୍ୱର,୨।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ନନ୍ଦନକାନନ- ବାରଙ୍ଗ ରାସ୍ତାର ଆଶୀର୍ବାଦ ଗାର୍ଡେନ ନିକଟରେ ଏକ ଗାଡ଼ି (ଓଡି୦୨ବିଜେଡ୍୮୧୦୦)ରୁ କମିଶନରେଟ୍ ପୋଲିସ ଶୁକ୍ରବାର ୨ ଲକ୍ଷ ୫ ହଜାର ଟଙ୍କା ଜବତ କରିଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ଏସ୍ଏସ୍‌ଟିର ୨ ଟିମ୍ ଓ ପୋଲିସ ମିଳିତ ଭାବେ ଆଶୀର୍ବାଦ ଗାର୍ଡେନ ନିକଟରେ ଯାଞ୍ଚ କରୁଥିବା ସମୟରେ ଗାଡ଼ିକୁ ଅଟକାଇଥିଲେ। ପଚରାଉଚରାବେଳେ ସମ୍ପୃକ୍ତ ଗାଡ଼ିର ମାଲିକ ତଥା ଚାଳକ ମନୋଜ କୁମାର ଅଗ୍ରୱାଲ ଟଙ୍କା ସମ୍ପର୍କରେ ଠିକ୍ ତଥ୍ୟ ଦେଇପାରି ନ ଥିଲେ। ଫଳରେ ତାଙ୍କ ନିକଟରୁ ପୋଲିସ ଉକ୍ତ ଟଙ୍କା ଜବତ କରିଥିଲା। ତେବେ ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ ଗ୍ରିଭାନ୍ସ କମିଟି ନିକଟରୁ ତାଙ୍କୁ ଅନୁମତି ପତ୍ର ଆଣିବାକୁ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କାଳବୈଶାଖୀ: ଭାଙ୍ଗିଲା ଗଛ, ଯାତାୟାତ ବାଧାପ୍ରାପ୍ତ

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)

ବାରଙ୍ଗ, ଚନ୍ଦକା ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ତାର ତାଣ୍ଡବ ରଚିଛି। ପ୍ରବଳ କୁଆପଥର ବର୍ଷା ସାଙ୍ଗକୁ ପବନ ଘଡ଼ଘଡ଼ି ମଧ୍ୟ ହୋଇଛି। କୁଆପଥର ବର୍ଷା ସାଙ୍ଗକୁ ପବନ ଯୋଗୁ ବଡ଼ ବଡ଼ ଗଛ ଉପୁଡ଼ି ପଡିବା ସହିତ ତ୍ରିଶୂଳିଆରୁ ବାଙ୍କୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗଛ ପଡ଼ି ଯାତାୟାତ ଠପ ହୋଇଯାଇଥିଲା। ଗୋଡିବାରିଠାରୁ କଣ୍ଠାବାଡ଼ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ବଡ଼ବଡ଼ କୁଆପଥର ପଡ଼ିବାରୁ ଯାତାୟାତ ଠପ୍ ହୋଇଯାଇଥିଲା। ସେହିଭଳି ଭାବେ ବାରଙ୍ଗ ଗୋଡିସାହି ଅଞ୍ଚଳରେ ଥିବା ୨ଟି ବିଦ୍ୟୁତ କାର୍ଯ୍ୟାଳୟ ଅଧୀନରେ ଥିବା କେତେକ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହିତ ବହୁ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ପ୍ରାୟ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ଏହି ସମୟରେ ଗୋଡିସାହି ବଜାର ନିକଟସ୍ଥ ପୁରୀ ମୁଖ୍ୟ କେନାଲରେ ଜଣଙ୍କ ଦଶାହ କାର୍ଯ୍ୟ ଚାଲିଥିବାବେଳେ ହଠାତ କାଳବୈଶାଖୀ ମାଡ଼ି ଆସିବାରୁ ଏହାର ପ୍ରଭାବରେ ଗଛ ଉପୁଡ଼ି ରାସ୍ତା କଡ଼ରେ ଥିବା ଏକ କାର୍ ଉପରେ ପଡିଥିଲା। ଫଳରେ କାର୍‌ରେ ଥିବା ୫ ଜଣ ପିଲା ସହିତ ଜଣେ ମହିଳା ମଧ୍ୟ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଆହତଙ୍କୁ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଘଟଣାସ୍ଥଳରେ ବାରଙ୍ଗ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଗଛ କାଟିବା ପରେ କାର୍ ଉଦ୍ଧାର ହୋଇଥିଲା।

# ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ଆଣିଲେ କଂଗ୍ରେସ ପ୍ରାର୍ଥୀ




ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ଓ ଅନ୍ୟମାନେ।

ବାଙ୍କୀ,୨।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ଗ୍ରାମାଞ୍ଚଳରେ ଥିବା କଣ୍ଟ୍ରୋଲ ଡିଲରମାନଙ୍କୁ ବିଭିନ୍ନ ଉପାୟରେ ପ୍ରଭାବିତ କରି ଶଙ୍ଖ ଚିହ୍ନକୁ ଭୋଟ ଦେବାକୁ ଶାସକ ଦଳର ପୂର୍ବତନ ବିଧାୟକ ଓ ବର୍ତ୍ତମାନର ବିଜେଡି ବିଧାୟକ ପ୍ରାର୍ଥୀ ମନ୍ଦିରରେ ସଭା କରି ଚାପ ପକାଇ ଭୟଭୀତ କରୁଛନ୍ତି। ଏହା ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲ୍ଲଘଂନ କରୁଛି ବୋଲି ବାଙ୍କୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି କହିଛନ୍ତି।

ସେ କହିଛନ୍ତି, ବିଜେଡିର ଜଣେ ପୂର୍ବତନ ବିଧାୟକ ବୁଧବାର ବରପୁଟ ଗ୍ରାମ ପଞ୍ଚାୟତରେ ପଶ୍ଚିମ ବାଙ୍କୀର ଡିଲରମାନଙ୍କୁ ଡାକି ପ୍ରଭାବିତ କରିଛନ୍ତି। ସେହିପରି ବାଉଁଶପୁଟ ପଞ୍ଚାୟତର ପ୍ରାୟ ୯୫ଜଣ ରାଶନକାର୍ଡ ଧାରୀ ମୃତବ୍ୟକ୍ତିଙ୍କ ରାଶନ କାର୍ଡ ଜରିଆରେ ସାମଗ୍ରୀ ଉଠାଇଛନ୍ତି । ଏପରିକି ଏଥିରେ କେତେଜଣ ବିଜେଡି ସମର୍ଥିତ ଡିଲରଙ୍କ ସମ୍ପୃକ୍ତି ରହିଛି ବୋଲି ଦେବାଶିଷ ଅଭିଯୋଗରେ ଦର୍ଶାଇଛନ୍ତି। ଏହାଛଡ଼ା ଜାତମୁଣ୍ଡିଆ ଛକଠାରେ ସରକାରୀ ଜାଗାରେ ଶଙ୍ଖ ଚିହ୍ନ ଥିବା ଦଳୀୟ କାର୍ଯ୍ୟାଳୟ ଖୋଲାଯାଇ ବିଜେଡି ପକ୍ଷରୁ ଆଚରଣବିଧି ଉଲ୍ଲଂଘନ କରାଯାଇଛି । ତୁରନ୍ତ ଏହାକୁ ଭାଙ୍ଗିବା ପାଇଁ ଦେବାଶିଷ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନ ଓ କଟକ ଜିଲାପାଳ, ବାଙ୍କୀ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି ବୋଲି ଦେବାଶିଷ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ଶ୍ରମିକମାନେ ଏକତ୍ରିତ ହୋଇ କାମ କରନ୍ତୁ

ନିଶ୍ଚିନ୍ତକୋଇଲି/ ବାଙ୍କୀ/ ମାହାଙ୍ଗା/ ତିଗିରିଆ,୨।୫(ଅଶୋକ କୁମାର ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଯଯାତି ସିଂହ/ ଜାଫର ଖାଁ )



ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତ ଦେବରିଓସ୍ଥିତ ଭୀମଭୋଇ ଗୋମାନବ ସେବାଶ୍ରମରେ ଶ୍ରମିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଦାମୋଦରପୁରଠାରେ ଅଟଳ ସେନା, ଓଡ଼ିଶା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ଅଟଳ ଶ୍ରମିକ ସଂଘ ମଣ୍ଡଳ ସଭାପତି ବୀରବର ସେଠୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରମିକ ଏକତା ଆଜିର ଆବଶ୍ୟକତା ଶୀର୍ଷକ ଏକ ଆଲୋଚନାଚକ୍ରକୁ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଟଳ ସେନାର ଉପଦେଷ୍ଟା ଶିକ୍ଷାବିତ ବିପିନ ବିହାରୀ କର ଯୋଗଦେଇ ଶ୍ରମିକ ଦିବସ ପାଳନ ସମ୍ପର୍କରେ କହିଥିଲେ। ସେନାର ସଙ୍ଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ଶ୍ରମିକମାନଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଟଳ ଛାତ୍ର ସଂଘ ରାଜ୍ୟ ସମ୍ପାଦକ ପ୍ରଦୀପ୍ତ କୁମାର ବେହେରା, ଶ୍ରମିକ ସଂଘ ସମ୍ପାଦକ ପ୍ରଶାନ୍ତ ସେଠୀ ପ୍ରଭୃତି ଶ୍ରମିକ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରମାକାନ୍ତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଷ୍ଣୁ ଚରଣ ସେଠୀ ଧନ୍ୟବାଦ ଦେଇଥିଲେ। ସେହିପରି ନିର୍ମାଣ ଶ୍ରମିକ ସଂଘ ଓ ବିକେଏମ୍‌ୟୁ ଶ୍ରମିକ ସଂଘ ନିଶ୍ଚିନ୍ତକୋଇଲି ବ୍ଲକ କମିଟି ପକ୍ଷରୁ ସ୍ଥାନୀୟ ରାମକୃଷ୍ଣପୁର କଦମ୍ବ ବିହାରୀ ପୀଠ ସ୍ଥଳରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କମ୍ରେଡ କସ୍ତୁରୀ ଚରଣ ପାତ୍ର, ସିପିଆଇ ଜୋନ ସମ୍ପାଦକ ଶହୀଦ ବେଦିରେ ମାଲ୍ୟାର୍ପଣ କରିଥିଲେ। ଶ୍ରମିକ ନେତା ତ୍ରୈଲୋକ୍ୟ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଶିକ୍ଷାବିତ ଶ୍ୟାମସୁନ୍ଦର ଲେଙ୍କା, ମୁଖ୍ୟବକ୍ତା ଭାବେ ବିକେଏମ୍‌ୟୁ ଜିଲା ସଭାପତି ଅରବିନ୍ଦ ପଣ୍ଡା, କୃଷକ ନେତା ହିମାଂଶୁ ଶେଖର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।

**ବିଭିନ୍ନ ସ୍ଥାନରେ ବିଶ୍ୱ ଶ୍ରମିକ ଦିବସ**

ସେହିପରି ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅଧୀନ ଗାନ୍ଧୀ ସ୍ମୃତି ପଡିଆଠାରେ ବିଶ୍ୱ ଶ୍ରମିକ ଦିବସ ହିନ୍ଦି ମଜଦୂର ସଭା ତିଗିରିଆ ଶାଖା ପକ୍ଷରୁ ଶ୍ରମିକ ସମାବେଶ କରାଯାଇଥିଲା। ଏଥିରେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ ଗଣତନ୍ତ୍ର ତଥା ସମ୍ବିଧାନର ସମ୍ମାନ ବଜାୟ ରଖିବାକୁ ଶ୍ରମିକମାନଙ୍କୁ ଏକତ୍ରୀତ ହୋଇ କାମ କରିବାକୁ ନିବେଦନ କରିଥିଲେ। ଶ୍ରମିକମାନେ ଏକ ବିଶାଳ ଶୋଭାଯାତ୍ରାରେ ତିଗିରିଆ ଗାନ୍ଧି ସ୍ମୃତି ପଡିଆକୁ ଆସିବା ପରେ ମୁଖ୍ୟ ଅତିଥି ସେଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତିଗିରିଆ ବ୍ଲକ ହିନ୍ଦ୍ ମଜଦୁର ସଭାର ସଭାପତି ସନ୍ତୋଷ କୁମାର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମନ୍ତ୍ରୀ ସ୍ୱାଇଁ, ମୁଖ୍ୟବକ୍ତା ରୁପେ ସମବାୟବିତ୍ ଲଳିତେନ୍ଦୁ ସେନାପତି, ସମ୍ମାନୀତ ଅତିଥି ରୁପେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରର ଶ୍ରମିକମାରଣ ନୀତି ବିରୋଧରେ ହିନ୍ଦ ମଜଦୁର ସଭା କଠୋର କାର୍ଯ୍ୟାନୁଷ୍ଠାନ ନେବ ବୋଲି ମତାମତ ଦେଇଥିଲେ।

ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦା ଗ୍ରାମରେ ବାଙ୍କୀ ତାଲୁକ ଆଇନସେବା କମିଟି ପକ୍ଷରୁ ଆଦର୍ଶ ଯୁବ ପରିଷଦ ପରିଚଳନାରେ ସ୍ଥାନୀୟ ଯୁବ ବନ୍ଧୁ ଭବନ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବାଙ୍କୀ କୋର୍ଟର ସିନିୟର୍ ଡିଭିଜନ ସିଭିଲଜଜ୍ ନବନୀତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶ୍ରମିକମାନଙ୍କର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଇନଗତ ତଥ୍ୟ ପ୍ରଦାନ କରିଥିଲେ। ଯୁବବନ୍ଧୁ ପରିସରର ଆବାହକ ଅକ୍ଷୟ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ରମେଶ ଚନ୍ଦ୍ର ରାଉତ, ସାମାଜିକ କର୍ମୀ ପ୍ରସନ୍ନ ପ୍ରଧାନ, ଶଶିଭୂଷଣ ତ୍ରିପାଠୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ କୋର୍ଟର ନାଜର ପ୍ରଶାନ୍ତ କୁମାର ବେହେରା , ବରିଷ୍ଠ କର୍ମଚାରୀ ହରେକୃଷ୍ଣ ମୁର୍ମୁ, ଦୀପ୍ତିମୟୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତ ଦେବରିଓସ୍ଥିତ ଭୀମଭୋଇ ଗୋମାନବ ସେବାଶ୍ରମ ପରିସରରେ ଶ୍ରମିକ ସମ୍ବର୍ଦ୍ଧନା ସମାରୋହ ଶିକ୍ଷାବିତ୍ ଅକ୍ଷୟ କୁମାର ଖଟୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ରୁଦ୍ର ନାରାୟଣ ସିଂହ, ମୁଖ୍ୟବକ୍ତା ଭାବେ ଅଧାପକ ପୀତାମ୍ବର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭାବଗ୍ରାହୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ରାମାଭିଷେକ ନୀତି ସହ ସରିଲା ସାହିଯାତ

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନକ୍ଷତ୍ର ବନ୍ଦାପନା

**ପୁରୀ,୨।୫(ଅଜିତ୍ ମହାନ୍ତି):**





ବୈଶାଖ ମାସ କୃଷ୍ଣପକ୍ଷ ସପ୍ତମୀ ତିଥିରେ ବୁଧବାର ରାମାଭିଷେକ ନୀତି ସମ୍ପନ୍ନ ହୋଇଛି। ସାହିଯାତ କ୍ରମରେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ରାମାଭିଷେକ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ଏହି ନୀତି ସମ୍ପନ୍ନ କରାଯାଇଥିଲା। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ନକ୍ଷତ୍ର ବନ୍ଦାପନା ଅନୁଷ୍ଠିତ ହୋଇଥିଲା।

ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ପରେ ଦକ୍ଷିଣୀଘରୁ ମହାଜନ ସେବକଙ୍କ ହାତରେ ଶ୍ରୀମଦନମୋହନ ଭିତରକୁ ବିଜେ କରିଥିଲେ। ପରେ ନକ୍ଷତ୍ର ବନ୍ଦାବନା ହୋଇଥିଲା। ବଡ଼ବାଡ଼ରେ ମୁଦିରସ୍ତ, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ପୂଜାପଣ୍ଡା ସାମନ୍ତ ନକ୍ଷତ୍ର ବନ୍ଦାପନା ନୀତି ସମ୍ପାଦନ କରିଥିଲେ। ବଡ଼ଠାକୁରଙ୍କ ନକ୍ଷତ୍ର ଓ ରାଶିରେ ନକ୍ଷତ୍ର ବନ୍ଦାପନା ପଡ଼ିଥିବାରୁ ପ୍ରଭୁ ବଳଭଦ୍ରଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ ମୁକ୍ତିମଣ୍ଡପ ନିକଟ ପାଲିଙ୍କିକୁ ବିଜେ କରିଥିଲେ। ସେବାୟତଙ୍କ ଗହଣରେ ନକ୍ଷତ୍ର ବେଢ଼ା ଅନୁଷ୍ଠିତ ହୋଇଥିଲା। ଶ୍ରୀମଦନମୋହନଙ୍କୁ ଜୟବିଜୟ ଦ୍ୱାର ନିକଟକୁ ବିଜେ କରାଯିବା ସହିତ ପ୍ରତିହାରୀ ସେବକମାନେ ଜୟବିଜୟ ଦ୍ୱାର ବନ୍ଦ କରିଥିଲେ। ଦ୍ୱାର ନିକଟରେ ଶ୍ରୀମଦନ ମୋହନଙ୍କୁ ଶୀତଳଭୋଗ ମଣୋହି ପରେ ଦ୍ୱାର ଫିଟାଯାଇଥିଲା। ମହାଜନ ସେବକମାନେ ଠାକୁରଙ୍କୁ ଦକ୍ଷିଣୀଘରକୁ ବାହୁଡ଼ା ବିଜେ କରାଇଥିଲେ। ପରେ ଅନ୍ୟାନ୍ୟ ନୀତି ବଢ଼ି ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ମଠ ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ପ୍ରସ୍ତାବ ଆଗତ ହୋଇଥିଲା। ଭରତ, ଶତ୍ରୁଘ୍ନ, ହନୁମାନ ଓ ବଶିଷ୍ଠ ଭୂମିକାରେ ୪ଜଣ ଯୁବକ ରହିଥିଲେ। ଭରତ ଓ ଶତ୍ରୁଘ୍ନ ଶ୍ରୀମନ୍ଦିରକୁ ଯାଇ ଶ୍ରୀରାମଚନ୍ଦ୍ରଙ୍କ ପାଦୁକା ନେଇ ଘଣ୍ଟ, ଛତା, କାହାଳୀ ପଟୁଆରରେ ନନ୍ଦଗ୍ରାମ ଭାବେ ସଜାଯାଇଥିବା ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ମଠ ନିକଟରେ ବିଭିନ୍ନ ନୀତି ସମ୍ପନ୍ନ ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଲକ୍ଷ୍ମୀ ମନ୍ଦିରର ଜଗମହନ ଥିବା ଖଟଶେଯ ଉପରେ ବିଜେ କରିଥିଲେ। ଠାକୁରମାନଙ୍କ ମହାସ୍ନାନ ଓ ମାଳଫୁଲ ଲାଗି କରାଯାଇ ବେଶ ଅନୁଷ୍ଠିତ ହୋଇଥିଲା। ପରେ ପାଣି ପଡ଼ି ଅଭିଷେକ ଭୋଗ ଡକାଯାଇଥିଲା। ପୂଜାପଣ୍ଡା ପଞ୍ଚ ଉପଚାରରେ ଭୋଗ ମଣୋହି କରିବା ପରେ ରାଜ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ମହାଜନ ସେବକମାନେ ଠାକୁରମାନଙ୍କୁ ଦକ୍ଷିଣୀଘରକୁ ବାହୁଡ଼ା ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ି ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ଅପରପକ୍ଷରେ ଗୌଡ଼ବାଡ଼ ସାହି ପକ୍ଷରୁ ଯାତ ବାହାରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୫।୨୦୨୪

| | |
|---|---|
| ୩.୪୫,୭୬୨ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୧୭.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଶତ୍ରୁଜିତ୍ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ

**କୋଣାର୍କ,୨।୫(ଜ୍ୟୋତିରାଜ ମହାନ୍ତି):** ଏନ୍‌ଏସି ଅଧୀନ ୪ନଂ. ୱାର୍ଡ କରମଙ୍ଗା ଗ୍ରାମର ଯୁବ ସାମାଜିକ କର୍ମୀ ତଥା ସଙ୍ଗଠକ ଶତ୍ରୁଜିତ୍ ନାୟକଙ୍କୁ ରାଜ୍ୟ ବିଜେଡିର ରାଜ୍ୟ ସଭାପତି ବ୍ୟୋମକେଶ ରାୟ ପୁରୀ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। କୋଣାର୍କ ବିଜେଡି କାର୍ଯ୍ୟାଳୟଠାରେ ଯୁବନେତା ସୁଶାନ୍ତ ବେଉରା, କୋଣାର୍କ ଯୁବ ବିଜେଡି ସଭାପତି ରଞ୍ଜିତ ସାମନ୍ତ ମଲ୍ଲଙ୍କ ସମେତ ବହୁ ଯୁବ କର୍ମୀ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ନିଯୁକ୍ତ ପାଇବା ପରେ ଶତ୍ରୁଜିତ୍ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ରାଜ୍ୟ ଯୁବ ବିଜେଡି ସଭାପତି ରାୟ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଶ୍ରମିକ ଦିବସ ପାଳିତ

**ପୁରୀ,୨।୫(ଅଜିତ୍ ମହାନ୍ତି)** କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସିଆଇଟିୟୁ ଏବଂ ଏଆଇଟିୟୁସି ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି। ସକାଳେ ଶ୍ରମିକ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରାଯାଇଥିଲା। ସନ୍ଧ୍ୟାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ମୁକ୍ତାକାଶ ରଙ୍ଗମଞ୍ଚଠାରୁ ବାହାରି ମାର୍କେଟଛକ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଶ୍ରମିକ ନେତା ଜଗନ୍ନାଥ ଦେଓ ଏବଂ ଅଜୟ ମିଶ୍ରଙ୍କ ମିଳିତ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରମିକ ନେତା ବ୍ରଜବନ୍ଧୁ ପ୍ରଧାନ, ଶରତ ରାୟଗୁରୁ, ପ୍ରଦୀପ ମହାନ୍ତି, ଭୀମସେନ୍ ସ୍ୱାଇଁ, ଟୁନା ନାୟକ, ପୀତବାସ ବେହେରା, ହରିହର ସେନାପତି, ପ୍ରଫୁଲ୍ଲ ମହାପାତ୍ର, ବନବାସିନି ମହାପାତ୍ର ଓ ପ୍ରଫେସର ସୁରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପାଲେଷ୍ଟାଇନ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିଥିଲେ। ଶ୍ରମ ଆଇନ ସଂଶୋଧନ ଓ କୃଷକ ବିରୋଧୀ କୃଷି ଆଇନର ବିରୋଧ କରିଥିଲେ। ସେହିପରି ଦେଶରେ ବେରୋଜଗାରୀ, ଦର ବୃଦ୍ଧି ବଢୁଛି ସେ ନେଇ ମତ ପ୍ରକାଶ କରିଥିଲେ। ଗ୍ୟାରେଣ୍ଟି କାର୍ଡ ନାଁରେ ଲୋକଙ୍କୁ ଭୁଆଇବା ପାଇଁ ସରକାର ଚେଷ୍ଟା କରୁଥିବାରୁ ଶ୍ରମିକ ଶ୍ରେଣୀ ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମନୋରଂଜନ ମହାରଣା, ଜ୍ୟୋତି ପ୍ରକାଶ ନାୟକ, ଦେବବ୍ରତ ସାହୁ ଓ ବନମାଳୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ସିଆଇଟିୟୁ, ଏଆଇଟିୟୁସି ପକ୍ଷରୁ ପୁରୀ ବଡଦାଣ୍ଡରେ ଶ୍ରମିକ ଦିବସ ପାଳନ ଅବସରରେ ଆୟୋଜିତ ଶୋଭାଯାତ୍ରା ।

# ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ ଜଣାଇପାରିବେ ଭୋଟର

**ପୁରୀ,୨।୫(ଅଜିତ୍ ମହାନ୍ତି):**

ପୁରୀ ଜିଲା ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚପର୍ଯ୍ୟବେକ୍ଷକ ଭାବେ ମଦନ ପାଲସିଂ ଆସି ପୁରୀରେ ପହଞ୍ଚିଛନ୍ତି। ସେ ପୁରୀ ସର୍କିଟ ହାଉସରେ ଅବସ୍ଥାନ କରୁଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ର ପର୍ଯ୍ୟବେକ୍ଷକଙ୍କୁ ଭେଟି ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ପର୍ଯ୍ୟବେକ୍ଷକ ସିଂ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଖର୍ଚ୍ଚ ତଦାରଖ କରିବେ। ଭାରତର ନିର୍ବାଚନ କମିଶନର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ବିଧାନସଭା ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସର୍ବାଧିକ ୪୦ ଲକ୍ଷ ଟଙ୍କା ରହିଛି। ଏହାର ଖର୍ଚ୍ଚ ତଦାରଖ ସହ କେଉଁଠାରେ ଯଦି ଉଲ୍ଲଙ୍ଘନ ହେଉଛି ବା କୌଣସି ପ୍ରାର୍ଥୀ, ରାଜନୈତିକ ଦଳ, ବ୍ୟକ୍ତି ବିଶେଷଙ୍କର ଏ ସମ୍ପର୍କରେ କୌଣସି ଅଭିଯୋଗ ରହୁଛି ତେବେ ସେମାନେ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇ ପାରିବେ। ସିଂଙ୍କ ମୋବାଇଲ ନମ୍ବର ୮୪୮୦୮୬୯୩୧୫। ଯଦି କୌଣସି ରାଜନୈତିକ ଦଳ, ଦଳର ପ୍ରତିନିଧି, ପ୍ରାର୍ଥୀ, ପ୍ରାର୍ଥୀଙ୍କ ପ୍ରତିନିଧି ବା ସାଧାରଣ ବ୍ୟକ୍ତି ନିର୍ବାଚନ ସମ୍ପର୍କିତ ଖର୍ଚ୍ଚ ସଂକ୍ରାନ୍ତରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ କରିବାକୁ ଚାହିଁବେ, ସେମାନେ ଉପରୋକ୍ତ ନମ୍ବର ବା ଲିଖିତ ଭାବେ ଦେଇପାରିବେ ବୋଲି ଡେପୁଟି କଲେକ୍ଟର (ନିର୍ବାଚନ) ରାକେଶ କୁମାର ପଣ୍ଡା କହିଛନ୍ତି।

# ମହାପ୍ରସାଦକୁ ଅପମାନ: ସୋସିଆଲ ମିଡିଆରେ ଫଟୋ ଭାଇରାଲ

**ପୁରୀ,୨।୫(ଅଜିତ୍ ମହାନ୍ତି)**

ମହାପ୍ରସାଦକୁ ଅପମାନ କରାଯାଇଥିବା ନେଇ ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବାରେ ଲାଗିଛି। କେତେଜଣ ଇସ୍କନ ଭକ୍ତ ମହାପ୍ରସାଦ ସହ ଚିଲିକୋବି ଓ ଚାଓମିନ ଖାଉଥିବା ନେଇ ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେଉଛି। ଏକ ଫଟୋରେ ଦେଖିବାକୁ ମିଳିଛି ଯେ, ଗୋଟିଏ ବେଞ୍ଚ ଉପରେ ମହାପ୍ରସାଦ ଏବଂ ତା' ନିକଟରେ ଦୁଇଟି ପାତ୍ରରେ ଚିଲିକୋବି ଓ ଚାଓମିନ୍ ଥୁଆ ହୋଇଛି। କେତେଜଣ ଇସ୍କନ ଭକ୍ତ ତଳେ ବସି ଖଲିପତ୍ରରେ ମହାପ୍ରସାଦ ସହ ଚିଲିକୋବି ଓ ଚାଓମିନ୍ ଖାଉଛନ୍ତି। ତେବେ ୪୦ ଜଣ ଇସ୍କନ ଭକ୍ତ ମହାପ୍ରସାଦ ସହ ଚିଲିକୋବି ଓ ଚାଓମିନ୍ ଖାଇଥିବା ନେଇ ଅଭିଯୋଗ ହୋଇଛି। ଏ ଦୃଶ୍ୟ ପୁରୀର ଏକ ଫାଉଣ୍ଡେଶନରେ ଘଟିଥିବା ନେଇ ଚର୍ଚ୍ଚା ହେଉଛି। ଉକ୍ତ ଫାଉଣ୍ଡେସନ ଖାଦ୍ୟ ବିତରଣ ନିମନ୍ତେ ଖ୍ୟାତି ଅର୍ଜନ କରିଛି। ଏପରି ଘଟଣା ସାମ୍ନାକୁ ଆସିବା ପରେ ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଲାଗିଛି। ମହାପ୍ରଭୁଙ୍କ ମହାପ୍ରସାଦକୁ ଏପରି ଅପମାନ କରିବା ଘଟଣାରେ ସାମିଲ ଥିବା ବ୍ୟକ୍ତିବିଶେଷମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

# ବିଶ୍ୱ ଶ୍ରମ ଦିବସରେ କୃଷି ଶ୍ରମଜୀବୀଙ୍କ ସମାବେଶ

**କାକଟପୁର,୨।୫(ଶୁଭଦର୍ଶନ ମିଶ୍ର):**

ବିଶ୍ୱ ଶ୍ରମ ଦିବସ ଅବସରରେ ପ୍ରାଚୀ ମଣ୍ଡଳ ନାବାର୍ଡ କୃଷକ କ୍ଲବ ମହାସଂଘ ଦ୍ୱାରା ପ୍ରାଚୀ ତୀର୍ଥ କୁତାମ ଚଣ୍ଡୀ ପୀଠରେ ଏକ କୃଷି ଶ୍ରମଜୀବୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ରାଧାଶ୍ୟାମ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶ ପ୍ରାରମ୍ଭରେ ସାମୂହିକ ଗୀତ ଗୋବିନ୍ଦ ଗାନ କରାଯାଇଥିଲା। ବୈଠକରେ କୃଷକ କ୍ଲବ ଉପଦେଷ୍ଟା ତଥା କୃଷି ବିଜ୍ଞାନୀ ଓ ପ୍ରକୃତି ବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର ଚାଷୀଙ୍କ ବହୁବିଧ ସମସ୍ୟାର ସମାଧାନ କରିଥିଲେ। ଚାଷୀଙ୍କ ଦ୍ୱାରା ଦେଶରେ କୃଷି ସେବା ପହଞ୍ଚାଇବାକୁ, କୃଷି ଶ୍ରମିକଙ୍କ ଦକ୍ଷତା ବିକାଶ ପାଇଁ ସେମାନଙ୍କ କୃଷି ଆୟକୁ ଦ୍ୱିଗୁଣିତ କରିବାକୁ ତଥା ଲାଭପ୍ରଦ ଜୈବିକ କୃଷିର ପରିଚାଳନା ପାଇଁ ୨୦୦୫ ମସିହାରେ ନାବାର୍ଡ ଅଧ୍ୟକ୍ଷଙ୍କୁ ସେ ପ୍ରଭାବିତ କରି ସମଗ୍ର ଦେଶରେ କୃଷକ କ୍ଲବ ଯୋଜନା ଆରମ୍ଭ କରାଇଥିଲେ। ଏଥିପାଇଁ ବହୁବାର ପଣ୍ଡିତ ମିଶ୍ର ପ୍ରଶଂସିତ ହେବା ସହ ରାଜ୍ୟ ଓ କେନ୍ଦ୍ର ସରକାର ଏ କାର୍ଯ୍ୟକୁ ଆପଣାଇ ନେଇଥିଲେ। ମାତ୍ର ସମ୍ପୃକ୍ତ ଅଧିକାରୀଙ୍କ ଅନିଚ୍ଛା ହେତୁ, ବ୍ୟାଙ୍କର ଅସହଯୋଗରୁ ଚାଷୀ ଦ୍ୱାରା ଦେଶରେ କୃଷି ସେବା ପହଞ୍ଚି ପାରୁନାହିଁ। ଚାଷୀ ଠିକ୍ ସମୟରେ ନା ଋଣ ପାଇ ପାରୁଛି, ନା ବିହନ ପାଇ ପାରୁଛି, ନା ପାଣି ପାଉଛି, ନା ପ୍ରଶିକ୍ଷଣ ନା କ୍ଷୟକ୍ଷତି ରାଶି ପାଉଛି, ଏଭଳି ସ୍ଥିତି ଆଦୌ କୃଷି ଓ କୃଷକଙ୍କ ପାଇଁ ଶୁଭଙ୍କର ନୁହେଁ ବୋଲି ସଭାପତି ପ୍ରଧାନ କହିଥିଲେ। ଏଥିସହ କୃଷକ ଓ କୃଷି ଶ୍ରମିକଙ୍କ ସମସ୍ୟା ସମୂହକୁ ନାବାର୍ଡ ଅଧ୍ୟକ୍ଷଙ୍କ ଦୃଷ୍ଟିକୁ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଖାଡ଼ାବାନ୍ତି ସ୍ଥିତି ଅନୁଧ୍ୟାନକଲେ ଅଧିକାରୀ

**ପୁରୀ,୨।୫(ଅଜିତ୍ ମହାନ୍ତି):**

ରାଜ୍ୟ ସମନ୍ୱିତ ରୋଗ ସର୍ବେକ୍ଷଣ କାର୍ଯ୍ୟକ୍ରମ ତରଫରୁ ୩ଜଣ ଅଧିକାରୀ ଗୁରୁବାର ପୁରୀ ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ-୯ ଏବଂ ୧୦ ଅଞ୍ଚଳ ବୁଲି ଖାଡ଼ାବାନ୍ତି ସ୍ଥିତି ପରଖିଛନ୍ତି। ଅଧିକାରୀମାନେ ଶ୍ୱେତଗଙ୍ଗା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ଉକ୍ତ ଅଞ୍ଚଳରେ ଖାଡ଼ାବାନ୍ତିରୁ ସୁସ୍ଥ ହୋଇଥିବା କେତେଜଣ ରୋଗୀଙ୍କୁ ଭେଟିଥିଲେ। ଉକ୍ତ ଅଞ୍ଚଳରେ ଖାଡ଼ାବାନ୍ତି ଏବେ ନିୟନ୍ତ୍ରଣାଧୀନ ରହିଛି । ତେଣୁ ଲୋକେଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଅଧିକାରୀମାନେ କହିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ସନ୍ଧ୍ୟାରେ ଉପଜିଲାପାଳ ଗୋପୀନାଥ କୁଅଁର ଏବଂ ପୁରୀ ତହସିଲଦାର ଅଭିଷେକ ଦାସ ବାଲିସାହିରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ପୁରୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ସହିତ ଅନ୍ୟ ସମ୍ବେଦନଶୀଳ ଅଞ୍ଚଳ ଆସନ୍ତା ଦିନରେ ସର୍ଭେ କରାଯିବା ପାଇଁ ଯୋଜନା କରାଯାଇଛି ବୋଲି ଡା. ବିରଜା ଶଙ୍କର ରଥ ସୂଚନା ଦେଇଛନ୍ତି।

# ଗଡ଼ବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

**କଣାସ,୨।୫(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ଅଧୀନ ଗଡ଼ବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଓ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ବିଦ୍ୟାଳୟ ତଥା ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିନରେ ବୁଧବାର ରୌପ୍ୟ ଜୟନ୍ତୀ ମଶାଲ ଶୋଭାଯାତ୍ରା କଣାସ ବ୍ଲକ ପରିକ୍ରମା କରି ଉତ୍ସବ ସ୍ଥଳରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଶ୍ରୀଚନ୍ଦନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ବିଶିଷ୍ଟ ଜଗନ୍ନାଥ ତତ୍ତ୍ୱ ପ୍ରଚାରକ ଡ. ଚନ୍ଦ୍ରଶେଖର ଦାଶ, ଚଉଦମୌଜା ବିଦ୍ୟୁତ୍‌ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟ, ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଶିକ୍ଷାବିତ୍ ତଥା ଶିକ୍ଷକ ନେତା କୃପାସିନ୍ଧୁ ବିଶ୍ୱାଳ, ମହେନ୍ଦ୍ର ରଣସିଂ, ପ୍ରତାପକେଶରୀ ଛୋଟରାୟ, ସିଆର୍‌ସିସି ଭୂପତିଭୂଷଣ ତ୍ରିପାଠୀ, ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଖୋର୍ଦ୍ଧା ପଠାଣି ଆଗ୍ରାସିଂହ, ବିଦ୍ୟାଳୟ ଆଲୁମ୍‌ନି ପ୍ରତିନିଧି ସଂଗ୍ରାମ ପାଲଟାସିଂ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରାଟ ବଳିୟାରସିଂ ପ୍ରମୁଖ ଯୋଗଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କ ୩୮ ବର୍ଷର କାର୍ଯ୍ୟକାଳର ବିଭିନ୍ନ ଦିଗର ପ୍ରଶଂସା କରିବା ସହ ତାଙ୍କର ଅବଶିଷ୍ଟ ଜୀବନର ମଙ୍ଗଳକାମନା କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପୁରାତନ ଛାତ୍ର ସଂସଦ, ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ପରେ ବିଦ୍ୟାଳୟ, ବାରଦା ବାଦଲପୁର ସାଧନକେନ୍ଦ୍ର, ବିଭିନ୍ନ ଶିକ୍ଷକ ସଂଘ ତଥା ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ସହ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ମରଣିକା 'ପ୍ରଣମ୍ୟ ପ୍ରତିଭା' ଅତିଥିମାନେ ଉନ୍ମୋଚନ କରିଥିଲେ। ଶ୍ରୀଚନ୍ଦନ ଛାତ୍ରୀଛାତ୍ରଙ୍କୁ ଭଲମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଗୁରୁବାର ଦ୍ୱିତୀୟ ଦିବସରେ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶତାଧିକ କୃତୀ ପ୍ରତିଭାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ଓ ଗଡ଼ବଡପୁଟ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।



# ଗୋଦାସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଡେଲାଙ୍ଗ,୨।୫(ରଶ୍ମୀରଞ୍ଜନ ପ୍ରଧାନ):**

ଡେଲାଙ୍ଗ ବ୍ଲକ ଅଧୀନ ଗୋଦାସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ଶିକ୍ଷୟିତ୍ରୀଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରାଥମିକ ଶିକ୍ଷକ ସଂଘ ନେତା ଦୁର୍ଯ୍ୟୋଧନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ରାଜ୍ୟ ସୂଚନା ଆୟୋଗ ଅଧ୍ୟକ୍ଷ ଜଗଦାନନ୍ଦ, ସନ୍ଥ ସଦାନନ୍ଦ ଦାସ ମହାରାଜ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ, ଶିକ୍ଷାବିତ୍ ନଗେନ ସୁନ୍ଦରାୟ, ମଙ୍ଗୁଳି ପରିଡ଼ା, ରମେଶ ରାଉତ, ଅଧ୍ୟାପିକା ଆରତି ସେନାପତି ପ୍ରମୁଖ ଯୋଗଦେଇଥିଲେ। ଶିଶୁଟିକୁ ସଠିକ୍ ମାର୍ଗକୁ ଆଣିବାକୁ ହେଲେ ମାର୍ଗଦର୍ଶକଙ୍କ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ରହିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମହାପାତ୍ର ବାର୍ଷିକ ବୀବରଣୀ ପାଠ କରିଥିଲେ। ଶିକ୍ଷକ ମଙ୍ଗୁଳି ପରିଡ଼ା ସଭା ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରୁ ଅବସରଗ୍ରହଣ କରିଥିବା ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ କର୍ମଚାରୀ ଓ ଅତିଥିମାନେ ଶିକ୍ଷୟିତ୍ରୀ ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ନରେନ୍ଦ୍ର ଜେନା, ନିରଞ୍ଜନ ସାହୁ, ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟଚରଣ ସାହୁ, ଅଭିମନ୍ୟୁ ସିଂହ, କୁନ୍ତୁଳୁ ଧବଳେଶ୍ୱର, ସୁରେନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ୪୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଶୋକ ପ୍ରଧାନ, ରାମଚନ୍ଦ୍ର ସୁନ୍ଦରାୟ, କେଶବ ଜେନା, ସନ୍ତୋଷ ବେହେରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ଡେଲାଙ୍ଗ,୨।୫(ରଶ୍ମୀରଞ୍ଜନ ପ୍ରଧାନ):**

ଡେଲାଙ୍ଗ ବ୍ଲକ ଜୋକନଡୁଆସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ଅକ୍ଷୟ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ସମାବେଶରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ବିକାଶ ପରିଷଦ ଭୁବନେଶ୍ୱର ସଭାପତି ମଙ୍ଗୁଳି ଚରଣ ମହାନ୍ତି ଯୋଗଦେଇ ପ୍ରାଥମିକସ୍ତରରୁ ଶିଶୁର ନୈତିକ ଶିକ୍ଷା ଓ ଅଧ୍ୟାତ୍ମିକ ଶିକ୍ଷା ଉପରେ ଶିକ୍ଷକମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ମାତାପିତାଙ୍କ ଶିଶୁ ପ୍ରତି ଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ବିକାଶ ପରିଷଦ ସମ୍ପାଦକ ସୁରେନ୍ଦ୍ର ନାଥ ଖୁଣ୍ଟିଆ, ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଡେଲାଙ୍ଗ ଶାଖା ପରିଚାଳକ ନିରଞ୍ଜନ ପଣ୍ଡିତ, ଗାଦିବ୍ରହ୍ମ ସ୍ୱାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପକ ଲକ୍ଷ୍ମୀଧର ପାଇକରାୟ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ସଭାପତି ତ୍ରିଲୋଚନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ପରିଡ଼ା ମଞ୍ଚ ପରିଚାଳନା ଓ ସଭା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଅନୁସୟା ପାଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମେଧାବୃତ୍ତି, ଏନ୍‌ଆର୍‌ଟିଏସ୍, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଲ୍‌କେଜି ଶ୍ରେଣୀର ଛାତ୍ରୀ ଆରାଧ୍ୟା ପ୍ରଧାନ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସ, ଇଣ୍ଟର ନାଶନାଲ ସୁପର ଟ୍ୟାଲେଣ୍ଟ କିଡ୍ ପୁରସ୍କାର ଓ ଡ. ଅବଦୁଲ କାଲାମସ୍ ସାଇଣ୍ଟିଫିକ ୱାର୍ଲ୍ଡ ରେକର୍ଡ୍ସର ଅଧିକାରିଣୀ ହୋଇଥିବାରୁ ତାଙ୍କୁ ଅତିଥିମାନେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

**ସାକ୍ଷୀଗୋପାଳ,୨।୫(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ):**



ବିଭିନ୍ନ ଦାବି ନେଇ ଓଡ଼ିଆ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ସେମାନେ ବିଶ୍ୱବିଦ୍ୟାଳୟ ଫାଟକ ସାମ୍ନାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଗୁରୁବାର ମଧ୍ୟ ଧାରଣାରେ ବସିଥିଲେ। ରେଜିଷ୍ଟ୍ରାର ରଶ୍ମିରେଖା ଦାସ ଘଟଣାସ୍ଥଳକୁ ଆସି ବୁଝାଶୁଝା କରିବା ପରେ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ। ଅନ୍ୟପଟେ ୨୪ ଘଣ୍ଟା ମଧ୍ୟରେ ଯଦି ଦାବି ପୂରଣ ନ ହୁଏ ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ରାଜଭବନ ଆଗରେ ଧାରଣା ଦେବେ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଧିବଦ୍ଧ ଭାବେ ୨୦୨୩ ସେପ୍ଟେମ୍ବର ୫ରୁ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ପ୍ରଥମକରି ଏହି ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ଅନେକ ଛାତ୍ରୀଛାତ୍ର ସେହି ସମୟରେ ଇଣ୍ଟିଗ୍ରେଟେଡ୍ ଏମ୍‌ଏ ପିଏଚ୍‌ଡି କୋର୍ସ ପାଇଁ ପ୍ରବେଶିକା ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ତେବେ ଏଯାବତ ସେହି ଢାଞ୍ଚାରେ ପାଠ୍ୟକ୍ରମ ପ୍ରସ୍ତୁତ ହୋଇ ନ ଥିବାରୁ ବୁଧବାର ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରି ବିଶ୍ୱବିଦ୍ୟାଳୟ ଫାଟକ ସାମ୍ନାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଏହି ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିବା ଅଭିଯୋଗ କରିଛନ୍ତି। ଉପରୋକ୍ତ କୋର୍ସ ପାଇଁ ୫ବର୍ଷ ସ୍ଥାନରେ ମାତ୍ର ୨ବର୍ଷର ପରିଚୟପତ୍ର ଦିଆଯାଇଛି। ନାମଲେଖା ସମୟରେ ଦିଆଯାଇଥିବା କାଗଜପତ୍ରରେ ଇଣ୍ଟିଗ୍ରେଟେଡ୍ କୋର୍ସ ସମ୍ପର୍କରେ ଦର୍ଶାଯାଇଥିଲା। ସରକାର ଏହି ବିଶ୍ୱବିଦ୍ୟାଳୟରେ ୨୧ ଜଣ ଅଧ୍ୟାପିକା ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ପ୍ରଥମେ ନିଷ୍ପତ୍ତି ନେଇଥିଲେ। ତେବେ ୧୨ ଜଣ ଅଧ୍ୟାପିକା ଅଧ୍ୟାପକଙ୍କୁ ଡେପୁଟେଶନରେ ଅନ୍ୟ କଲେଜରୁ ଆଣି ନିଯୁକ୍ତି ଦେଇଥିଲେ। ଏମାନଙ୍କ ମଧ୍ୟରୁ ନିକଟରେ କେତେଜଣ ଅଧ୍ୟାପିକା ଅଧ୍ୟାପକ ବଦଳି ହୋଇଯାଇଛନ୍ତି। ଏବେ ମାତ୍ର ୮ଜଣ ଅଧ୍ୟାପିକା ଅଧ୍ୟାପକ ୩ଟି ବିଭାଗରେ ନିର୍ଦ୍ଧାରିତ ପାଠ୍ୟଖସଡ଼ାକୁ ଯେନତେନ ପ୍ରକାରେ ପଢ଼ାଇ ସାରିବାକୁ ଲାଗିପଡ଼ିଥିବାବେଳେ ଭାଷାବିଜ୍ଞାନ ବିଭାଗ ମୁଖ୍ୟ ତଥା ପିଜି କାଉନସିଲ୍ ଚେୟାରମ୍ୟାନ୍ ଡ. ଅନନ୍ତ କିଶୋର ଜେନାଙ୍କୁ ବଦଳି କରାଯାଇଛି। କମ୍ ଦିନ ପରୀକ୍ଷା ଥିବାରୁ ବିଭାଗୀୟ ମୁଖ୍ୟ ପ୍ରଫେସରଙ୍କ ବଦଳି ବାତିଲ କରାଯାଇ ପୁନଃ ଅବସ୍ଥାପିତ କରାଯିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଯେଉଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷାର ଅସ୍ମିତା ପାଇଁ ପ୍ରତିଷ୍ଠିତ ହୋଇଛି ବୋଲି ସରକାର କହୁଛନ୍ତି, ସେଠାରେ ଛାତ୍ରୀଛାତ୍ରଙ୍କ କ୍ୟାରିୟର ସହିତ ଏଭଳି ଖେଳାଯିବାକୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ନାପସନ୍ଦ କରିଛନ୍ତି।

## ସଂକ୍ଷେପରେ

### ଫଟୋ ଜର୍ନାଲିଷ୍ଟ ଡଟ୍ କମ୍ ପକ୍ଷରୁ ଶ୍ରମିକ ଦିବସ

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)

ଭୁବନେଶ୍ୱର ଫଟୋ ଜର୍ନାଲିଷ୍ଟ ଡଟ୍ କମ୍ ପକ୍ଷରୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସୁରତରଙ୍ଗ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲ୍‌ରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ମିଶ୍ର ଯୋଗଦେଇଥିଲେ। ଫଟୋ ସାମ୍ବାଦିକମାନେ କେବଳ ଖବରଜନିତ ଫଟୋରେ ସୀମିତ ନ ରହି ବିଭିନ୍ନ ସାମାଜିକ ଓ କଳାତ୍ମକ କାର୍ଯ୍ୟରେ ନିଜକୁ ସାମିଲ କରୁଛନ୍ତି। ଏହାଦ୍ୱାରା ନିଜ ଭିତରେ ଥିବା ପ୍ରତିଭାକୁ ପରିପ୍ରକାଶ କରିବାର ସୁଯୋଗ ମିଳିଥାଏ ବୋଲି ସବ୍ୟସାଚୀ କହିଥିଲେ। ସୁରତରଙ୍ଗ ସମ୍ପାଦକ ତଥା ଫଟୋ ସାମ୍ବାଦିକ ପୀୟୁଷ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ନାୟକ, ଉପସଭାପତି କଣ୍ଠଶିଳ୍ପୀ ବିଭୁ କିଶୋର ଓ ଉପଦେଷ୍ଟା ଦିଲୀପ ଦାସ, ରାକ୍ଷୀ ଦାଶ, କୃଷ୍ଣଚନ୍ଦ୍ର ସେଠୀ, ଡ. ଶ୍ରୀନିବାସ ଘଟୁଆରୀ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫଟୋ ସାମ୍ବାଦିକ ସ୍ୱଦେଶ ମହାନ୍ତିଙ୍କ ନୂତନ ଓଡ଼ିଆ ଗଜଲ 'ମୋ ଭାବନା' ଉନ୍ମୋଚିତ ହେବା ସହ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କଣ୍ଠଶିଳ୍ପୀ ଟିକନ ବିଶ୍ୱରଞ୍ଜନ, ମନୋରଞ୍ଜନ ମିଶ୍ର, ଭବାନୀ ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତିଙ୍କ ସହ କୈବଲ୍ୟ ଦାସ, ବସନ୍ତ ପରିଡ଼ା, ବିଶ୍ୱନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ସୌମ୍ୟାସୁଚରିତା ପାଲଙ୍କୁ 'ଶ୍ରେୟନନ୍ଦନା ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାନୁଷ୍ଠାନ 'ଶ୍ରେୟନନ୍ଦନା'ର ଦ୍ୱିତୀୟ ବାର୍ଷିକ ଉତ୍ସବ 'ନୃତ୍ୟରଙ୍ଗମ' ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନୃତ୍ୟଶିଳ୍ପୀ ସୌମ୍ୟାସୁଚରିତା ପାଲଙ୍କୁ 'ଶ୍ରେୟନନ୍ଦନା ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ସ୍ମୃତି ଫଳକ ଓ ଉତ୍ତରୀୟ ପ୍ରଦାନ କାରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଡିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ, ଓଡିଶୀ ସଙ୍ଗୀତଗୁରୁ ପ୍ରଦୀପ କୁମାର ଦାସ, ଅଭିନେତ୍ରୀ ପୁଷ୍ପାପଣ୍ଡା, ଗୁରୁନାନକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ମଧୁମିତା ସାହୁ, ଟାଟା ଷ୍ଟିଲର କାର୍ଯ୍ୟକାରୀ ଅଧିକାରୀ ଅଶ୍ୱିନୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ପ୍ରସ୍ତୁତିରେ ନୃତ୍ୟଶିଳ୍ପୀ ସୌମ୍ୟାସୁଚରିତା ନିଜ ନୃତ୍ୟରେ ଯାଦୁ ଦେଖାଇଥିଲେ। ପ୍ରଥମ ଅର୍ଦ୍ଧରେ ବାଜିଥିଲେ ବୃନ୍ଦା, ଯାହାର ନୃତ୍ୟ ସଂଯୋଜନା ଓ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ବିଜନ ପଲାଇ। ଏହାପରେ ନୃତ୍ୟଶିଳ୍ପୀ ରାଜଶ୍ରୀ ଦାସ, କୈବଲ୍ୟ ମିଶ୍ର ଆହେ ନୀଳଶୈଳ, ଅମୁଲ୍ୟ ରାଉତରାୟ ଓ ବର୍ଷି ମଣ୍ଡଳ ମଞ୍ଜରୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଶିଳ୍ପୀଙ୍କ ଅନ୍ତିମ ପ୍ରସ୍ତୁତିରେ ସମ୍ବଲପୁରୀ ନୃତ୍ୟ ରହିଥିଲା। ଅନୁଷ୍ଠାନର ସମ୍ପାଦକ ସୁରେଶ ଘଡ଼ାଇ ଓ ଚିନ୍ମୟୀ ଜେନା ମଞ୍ଚ ପରିଚାଳନା କରିଥିଲେ।

# ଉଡ଼ିଲା ଆଜବେଷ୍ଟସ: ଭାଙ୍ଗିଲା ଗଛ, ବିଦ୍ୟୁତ୍ ଖୁଣ୍ଟ


କାଳବୈଶାଖୀ ପ୍ରଭାବରେ ଘରର ଆବେଷ୍ଟସ ଉଡ଼ିଯାଇଛି।


ଭାଙ୍ଗିପଡ଼ିଥିବା ଗଛ।


କ୍ଷତିଗ୍ରସ୍ତ ଡଙ୍ଗା।

କୃଷ୍ଣପ୍ରସାଦ/ବେଗୁନିଆ,୨।୫
(କୈଳାସ ଚନ୍ଦ୍ର ପଟ୍ଟନାୟକ/ସନ୍ଧ୍ୟାରାଣୀ ମିଶ୍ର)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତର କୁମାରପୁରରେ କାଳବୈଶାଖୀ ପ୍ରଭାବରେ ଆଜ୍‌ବେଷ୍ଟସ ଉଡ଼ି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା। ଆଜ୍‌ବେଷ୍ଟସ ପଡ଼ି କୁମାରପୁର ଗ୍ରାମର ବୃନ୍ଦାବନୀ ବେହେରା ଆହତ ହୋଇଛନ୍ତି। ସେହିପରି ଗ୍ରାମର ସୁଧାଂଶୁ ବେହେରା, ବନମାଳୀ ବେହେରା, କିଶୋର ବେହେରା, ସୀତାରାଣୀ ବେହେରା, ସରସ୍ୱତୀ ବେହେରା, ଶାନ୍ତିଲତା ଦାସଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। କୁକୁଡ଼ା ଫାର୍ମ, ଗୁହାଳ ନଷ୍ଟ ହେବା ସହ ବହୁ କୁକୁଡ଼ାଙ୍କ ମୃତ୍ୟୁ ଘଟିଛି। ପ୍ରବଳ ପବନ ହେବାରୁ ଚିଲିକାରୁ ଶତାଧିକ ଡଙ୍ଗା କ୍ଷତିଗ୍ରସ୍ତ ହେବା ସହ ଜାଲକୁ କେଉଁଆଡ଼େ ଉଡ଼ାଇ ନେଇଛି। ଏନେଇ ଗ୍ରାମବାସୀ ପ୍ରଶାସନକୁ ଘଟଣା ସମ୍ପର୍କରେ

**କାଳବୈଶାଖୀ ତାଣ୍ଡବ**

ଜଣାଇଛନ୍ତି। ଖବରପାଇ ବାଲୁଗାଁ ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠ କୁମାରପୁର ଗ୍ରାମରେ ପହଞ୍ଚିଥିଲେ। ସଗାରମିତ୍ର ନୀତିଶ, ପ୍ରୀତମ, ଦୀପକ ଏବଂ ମହେନ୍ଦ୍ରଙ୍କ ନେତୃତ୍ୱରେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏନେଇ ମତ୍ସ୍ୟ ନିର୍ଦ୍ଦେଶକଙ୍କୁ ଅବଗତ କରାଯିବ ବୋଲି ସହକାରୀ ମତ୍ସ୍ୟ ଅଧିକାରୀ ସେଠ କହିଛନ୍ତି। କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ପରିବାରକୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

ସେହିପରି ଗତ ବୁଧବାର କାଳବୈଶାଖୀ ପ୍ରଭାବରେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ବହୁ ଘର, ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ବିଦ୍ୟୁତ୍ ସରବରାହ ବନ୍ଦ ରହିବାରୁ ଅସହ୍ୟ ଗୁଳୁଗୁଳି ଯୋଗୁ ଲୋକେ ହଇରାଣ ହୋଇଥିଲେ। ରାଉତପଡ଼ା ଗ୍ରାମର ସେକ୍ ଜଲିଲଙ୍କ ଦୁଇ ବଖରା ଓ ଜଲାଲଉଦ୍ଦିନ ଖାଁଙ୍କ ଦୋକାନ ଘର ସମେତ ବହୁ ଲୋକଙ୍କ ଘର ଭାଙ୍ଗିଯାଇଛି। ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ଗେଡିଆପଲ୍ଲୀ ବଜାର ସହିତ ଅନ୍ୟ କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିଲା ତେବେ କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### 'ଥାନାକୁ ନ ଆସି ଅଭିଯୋଗ କର'

ଭୁବନେଶ୍ୱର, ୨।୫(ସୂର୍ଯ୍ୟକାନ୍ତ ବେହେରା)

ସାଇବର ଅପରାଧୀମାନେ ଅନେକ ସମୟରେ ବିଭିନ୍ନ ଫୋନ୍ କଲ, ଏସ୍‌ଏମ୍‌ଏସ୍, ହ୍ୱାଟ୍‌ସଆପ୍ ମାଧ୍ୟମରେ ଫେକ୍ କଲ ଜରିଆରେ ବ୍ଲାକ୍ ମେଲିଂ କରି ଠକିଥାନ୍ତି। ତେଣୁ ଯଦି ଆପଣ ଜାଣିପାରୁଛନ୍ତି ଯେ, ଉକ୍ତ କଲ ସନ୍ଦେହଜନକ କିମ୍ବା ଠକେଇ କଲ୍, ସେମାନଙ୍କ ବିରୋଧରେ ରିପୋର୍ଟ କରିବାକୁ ଚାହୁଁଛନ୍ତି, ତା'ହେଲେ ଥାନାକୁ ନ ଆସି ଘରେ ବସି ଅଭିଯୋଗ କରନ୍ତୁ। ଏଥିପାଇଁ ଚକ୍ଷୁ ପୋର୍ଟାଲକୁ ଯାଇ https://www.sancharsaathi.gov.in/ରେ ଅଭିଯୋଗ କରିବାକୁ ଏସିପି ଅଞ୍ଜନା ଗୁଡୁ ପରାମର୍ଶ ଦେଇଛନ୍ତି। ଗୁରୁବାର କମିଶନରେଟ ପୋଲିସ୍ ମୁଖ୍ୟାଳୟରେ ୟଙ୍ଗ ଇଣ୍ଡିଆନ୍ସ ଫାଉଣ୍ଡେଶନ ସହଭାଗିତାରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିପି ଅଞ୍ଜନା ଗୁଡୁ ସାଇବର ଅପରାଧରୁ ବର୍ତ୍ତିବା ପାଇଁ ସେ ଅନେକ ପରାମର୍ଶ ଦେଇଥିଲେ। ଏହାସହ ଅନ୍‌ଲାଇନ ଠକେଇରୁ ବର୍ତ୍ତିବା ପାଇଁ ସଚେତନ କରିଥିଲେ। ସେହିପରି ସାଇବର ଅପରାଧ ତଥା ଠକେଇର ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏସିପିଙ୍କ ସହ ଅନ୍ୟ ଅଧିକାରୀ ମତ ରଖିଥିଲେ।

# ଭୋଟରଙ୍କ ଆତ୍ମବିଶ୍ୱାସ ବଢ଼ାଇବ ଫ୍ଲାଗ୍‌ମାର୍ଚ୍ଚ

ବୋଲଗଡ଼,୨।୫(ଦେବବ୍ରତ ହୋତା)

ଆଗାମୀ ସାଧାରଣ ନିର୍ବାଚନରେ ମତଦାତାଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଭୟମୁକ୍ତ ନିର୍ବାଚନ ବାତାବରଣ ସୃଷ୍ଟି ପାଇଁ ବୋଲଗଡ଼ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ଦିଲ୍ଲୀପ ଦାସଙ୍କ ତତ୍ତ୍ୱାବଧାନରେ ବୋଲଗଡ଼ ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ୩ ପ୍ଲାଟୁନ ସିଆରପିଅଫ ଯବାନ ଓ ପୋଲିସ କର୍ମଚାରୀମାନେ ମିଳିତ ଭାବେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ବୋଲଗଡ଼ ବଜାର, ଫସିଓଦା, ମାଣିକଗୋଡା, ଗୋଡ଼ଭଙ୍ଗା, ପାଟପୁରଶାସନ ଓ ରାଜସୁନାଖଳା ବଜାରରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଉକ୍ତ ଫ୍ଲାଗମାର୍ଚ୍ଚରେ ସିଆରପିଅଫ ଯବାନଙ୍କ ସହିତ ବୋଲଗଡ଼ ଥାନା, ବାଙ୍କୋଇ ଓ ଗୋବର୍ଦ୍ଧନପୁର ଫାଣ୍ଡିର ପୋଲିସ କର୍ମଚାରୀମାନେ ଭାଗ ନେଇଥିଲେ।


ବୋଲଗଡ଼ ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

### ୨ ଦୋକାନରୁ ଚୋରି

ବାରଙ୍ଗ, ୨।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମ ପୁରୀ ମୁଖ୍ୟ କେନାଲ ବନ୍ଧ ନିକଟରେ ବୁଧବାର ବିଳମ୍ବିତ ରାତିରେ ୨ଟି ଦୋକାନରୁ ଚୋରି ହୋଇଛି ହେଲେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ତେବେ ଅରବିନ୍ଦ ରାଉତଙ୍କ ପାନ ଦୋକାନରୁ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ଟଙ୍କା, ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ। ସେହିପରି କିଛି ଦୂରରେ ଥିବା ନୟାପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ଶ୍ରବଣ ଜେନାଙ୍କ ଦୋତାରୁ ମଧ୍ୟ ସେହି ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ଭିତରେ ପଶି ପ୍ରାୟ ୫ ହଜାର ଟଙ୍କା ଓ ବହୁ ଦାମୀ ସାମଗ୍ରୀ ଲୁଟି ନେଇଛନ୍ତି।

### ଅଂଶୁଘାତରେ ଚେତା ହରାଇଲେ ଖବରଦାତା

ଖୋର୍ଦ୍ଧା, ୨।୫(ପ୍ରଭାତ ପାଣିଗ୍ରାହୀ)

ନାମାଙ୍କନ ଦାଖଲ ସମୟରେ ପ୍ରାର୍ଥୀଙ୍କ ଶୋଭାଯାତ୍ରା ସମୟରେ ପର୍ଯ୍ୟାପ୍ତ ମାତ୍ରାରେ ପାନୀୟଜଳ ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ମୁଖ୍ୟଶାସନ ସଚିବ ନିକଟରେ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗୁରୁବାର ଉପଜିଲାପାଳ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପାନୀୟଜଳ ସୁବିଧା କିମ୍ବା ଟେଣ୍ଟ ପାଇଁ ବ୍ୟବସ୍ଥା ନ ଥିଲା। ଫଳରେ ଶୋଭାଯାତ୍ରା ଏବଂ ନାମାଙ୍କନ ଦାଖଲ ସମୟରେ ବାହାରେ ଅପେକ୍ଷାରତ କର୍ମୀମାନେ ଖରାରେ ପାଣି ଟୋପାଏ ପାଇଁ ଡହଳବିକଳ ହେଉଥିବା ବେଳେ କେତେଜଣ ଚେତାଶୂନ୍ୟ ହୋଇପଡିଥିବା ଦେଖିବାକୁ ମିଳିଥିଲା। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ସମୟରେ 'ଧରିତ୍ରୀ' ଖବରଦାତା ପ୍ରଭାତ ପାଣିଗ୍ରାହୀ ଅଂଶୁଘାତର ଶିକାର ହୋଇ ହଠାତ୍ ତଳେ ପଡିଯିବା ସହ ଚେତାଶୂନ୍ୟ ହୋଇପଡିଥିଲେ। ଅନ୍ୟ ଖବରଦାତାମାନେ ତାଙ୍କୁ ଉଠାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଶୀତତାପ ନିୟନ୍ତ୍ରଣ କକ୍ଷକୁ ନେଇଥିଲେ। ଖବରପାଇ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ଆଇନଜୀବୀ, ଅନ୍ୟ ଖବରଦାତାମାନେ ମଧ୍ୟ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନାମାଙ୍କନ ସମୟରେ ପର୍ଯ୍ୟାପ୍ତ ପାନୀୟଜଳ ସହ ଟେଣ୍ଟ ବ୍ୟବସ୍ଥା ପାଇଁ ଦାବି ହୋଇଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନିରାକାରପୁର,୨।୫
(ମାନସ ଚନ୍ଦ୍ର ପଟ୍ଟନାୟକ)

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତର ଲେଣ୍ଡୋ ଗୋପୀନାଥ ସାହିରୁ ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ଏହି ଗ୍ରାମର ରତ୍ନାକର ବାରିକଙ୍କ ସ୍ତ୍ରୀ ମାମି ବାରିକ(୩୦)। ତାଙ୍କ ଝିଅକୁ ସ୍ୱାଇଁ ଓ ଦିଅର ମାରି ଝୁଲାଇ ଦେଇଛନ୍ତି ବୋଲି ମୃତାଙ୍କ ମା' ବାଲୁଗାଁ ଥାନା ଅଧୀନ ସରଳାପଦର ଗ୍ରାମର ସତ୍ୟଭାମା ଦେଇ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୨୨/୨୪) ରୁଜୁ ହୋଇଛି। ଅନ୍ୟପଟେ ମାନସିକ ଭାରସାମ୍ୟ ହରାଇ ମାମି ବେକରେ ଲୁଗା ବାନ୍ଧି ଘରେ ଆତ୍ମହତ୍ୟା କରିଛି ବୋଲି ସ୍ୱାମୀ ରତ୍ନାକର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ମୁତାବକ, ସରଳାପଦର ଗ୍ରାମର ମାମି ଗୋପୀନାଥପୁର ଗ୍ରାମର ରତ୍ନାକରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ରତ୍ନାକର ବିଦେଶରେ ଶ୍ରମିକଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଦୁଇଟି ଝିଅ ଅଛନ୍ତି। ରତ୍ନାକରଙ୍କ ମା'ବାପାଙ୍କ ଦୀର୍ଘ ବର୍ଷ ହେବ ମୃତ୍ୟୁ ଘଟିଥିବା ବେଳେ ଘରେ ସ୍ତ୍ରୀ ମାମି ଓ ଦୁଇଟି ଝିଅଙ୍କ ସମେତ ତାଙ୍କର ସାନଭାଇ ଘରେ ରୁହନ୍ତି। ତେବେ ହଠାତ୍ ମାମିଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଘଟଣାର ତଦନ୍ତ ଚାଲିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଦୀପାଳିଶା ନାୟକ କହିଛନ୍ତି।

### ଗାଡ଼ିରୁ ୨ ଲକ୍ଷ ଜବତ

ଭୁବନେଶ୍ୱର, ୨।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ନନ୍ଦନକାନନ- ବାରଙ୍ଗ ରାସ୍ତାର ଆଶୀର୍ବାଦ ଗାର୍ଡେନ ନିକଟରେ ଏକ ଗାଡ଼ି (ଓଡି୦୨ବିଜେଡ୍‌୯୧୦୦)ରୁ କମିଶନରେଟ୍ ପୋଲିସ ଶୁକ୍ରବାର ୨ ଲକ୍ଷ ୫ ହଜାର ଟଙ୍କା ଜବତ କରିଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ଏସ୍‌ଏସ୍‌ଟିର ୨ ଟିମ୍ ଓ ପୋଲିସ ମିଳିତ ଭାବେ ଆଶୀର୍ବାଦ ଗାର୍ଡେନ ନିକଟରେ ଯାଞ୍ଚ କରୁଥିବା ସମୟରେ ଗାଡ଼ିକୁ ଅଟକାଇଥିଲେ। ପଚରାଉଚରାବେଳେ ସମ୍ପୃକ୍ତ ଗାଡ଼ିର ମାଲିକ ତଥା ଚାଳକ ମନୋଜ କୁମାର ଅଗ୍ରୱାଲ ଟଙ୍କା ସମ୍ପର୍କରେ ଠିକ୍ ତଥ୍ୟ ଦେଇପାରି ନ ଥିଲେ। ଫଳରେ ତାଙ୍କ ନିକଟରୁ ପୋଲିସ ଉକ୍ତ ଟଙ୍କା ଜବତ କରିଥିଲା। ତେବେ ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ ଗ୍ରିଭାନ୍ସ କମିଟି ନିକଟରୁ ତାଙ୍କୁ ଅନୁମତି ପତ୍ର ଆଣିବାକୁ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### କଂଗ୍ରେସର ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ଉଦ୍‌ଘାଟିତ


କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ କଂଗ୍ରେସ ନେତା ଓ କର୍ମୀ।

ଜଟଣୀ, ୨।୫(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମୁଖ୍ୟ ରାସ୍ତା ରାମଚନ୍ଦ୍ରପୁରସ୍ଥିତ ମ୍ୟୁନିସିପାଲିଟି ଛକଠାରେ କଂଗ୍ରେସର ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଡ. ସନ୍ତୋଷ ଜେନା, ଖୋର୍ଦ୍ଧା ଜଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଜଟଣୀର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ କାଉନସିଲର ନୌସର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଉମା ମିଶ୍ର, ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଆଗାମୀ ଦିନରେ ଜଟଣୀର ବିକାଶ ହୋଇପାରିବ ବୋଲି କଂଗ୍ରେସ ପ୍ରାର୍ଥୀ ଜେନା କହିଛନ୍ତି।

# ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ

ବେଗୁନିଆ,୨।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିର୍ବାଚନମଣ୍ଡଳୀର ୨୭ ନମ୍ବର ଜୋନ ପିତୁକୁଳିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ ବ୍ଲକ ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ, ସ୍ଥାନୀୟ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସୁବାସ ଚନ୍ଦ୍ର ରାୟଗୁରୁ, ସୁନନ୍ଦିତା ସାହୁ ଓ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରି ସମସ୍ତେ ଏକଜୁଟ ହୋଇ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଆହ୍ୱାନ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ରାଜ୍ୟର ବିକାଶରେ ସାମିଲ ହେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପ୍ରାର୍ଥୀମାନେ ନିବେଦନ କରିଥିଲେ।


ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

# 'ଶ୍ରମିକଙ୍କ ବିନା ପ୍ରଗତି ଅସମ୍ଭବ'

ବାଲୁଗାଁ,୨।୫ (ସଂଗ୍ରାମ ପାଇକରାୟ)

ଚିଲିକା ନିର୍ବାଚନ ମଣ୍ଡଳୀର ବିଜେଡି ମୁଖପାତ୍ର ଅଭିମନ୍ୟୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବାଲୁଗାଁରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବାଲୁଗାଁ ଗାନ୍ଧୀ ଛକଠାରେ ବହୁ କର୍ମକର୍ତ୍ତା ସାମିଲ ହୋଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସେଠାରେ ଉପସ୍ଥିତ ଥିବା ସମସ୍ତ ଶ୍ରମିକଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ବିଜେଡି ଜିଲା ସମ୍ପାଦକ ପ୍ରକାଶ କୁମାର ପ୍ରଧାନ, ସନ୍ତୋଷ ଜାଲି, ବାଲୁଗାଁ ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ଅକ୍ଷୟ ରଣସିଂହ, ଗୋପାଳ ମହାପାତ୍ର, ପ୍ରଦୀପ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବେଗୁନିଆ, ୨।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗାମଣ୍ଡପ ପରିସରରେ ଓଡ଼ିଶା ସିନେ ୱାର୍କସ ଆସୋସିଏଶନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଅଭିନେତା ବବି ମିଶ୍ରଙ୍କ ଅଧ୍ୟକ୍ଷତାରେ ଚଳଚ୍ଚିତ୍ର ନିର୍ଦ୍ଦେଶକ କୁନାଲ ପଟ୍ଟନାୟକ ମୁଖ୍ୟ ଅତିଥି, ସାମ୍ବାଦିକ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଓ ସମାଜସେବୀ ବିଭୂତି ଭୂଷଣ ଦଳାଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନଗୁଡିକ ଶ୍ରମିକଙ୍କ ସମସ୍ୟାକୁ ଅବଗତ କରିବା ସହ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ସର୍ବଦା ଚେଷ୍ଟା କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ପରିଚାଳକ ଓମ୍ ପ୍ରକାଶ ମହାଦେବ ଅତିଥି ପରିଚୟ ଓ ଆରତି ବେହେରା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଲୋକନାଥ ସାହୁ, ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପରେ ସାମ୍ବାଦିକ, କଳାକାର, କଣ୍ଠଶିଳ୍ପୀ, କବି ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନିରାକାରପୁର,୨।୫
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁରଠାରେ ବିଶ୍ୱ ଶ୍ରମିକ ଦିବସ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଅମର କୁମାର ଜୟସିଂହ, ଦୁଃଶାସନ ସେଠୀ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ଭୂମିକା ଓ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଶ୍ରମିକଙ୍କ ପାଇଁ ଏହି ଦିବସରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଜରୁରୀ ବୋଲି ପ୍ରସ୍ତାବ ଦିଆଯାଇଥିଲ। ଖବରଦାତା ସଂଗ୍ରାମ କେଶରୀ ପଟ୍ଟନାୟକ, ସୁକାନ୍ତଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳର କେତେଜଣ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଜଟଣୀ, ୨।୫(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳଠାରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଙ୍ଗଠନର ସାଧାରଣ ସମ୍ପାଦକ ରମେଶ ସାହୁଙ୍କ ନିର୍ଦ୍ଦେଶରେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜଙ୍କ ନେତୃତ୍ୱରେ ଆୟୋଜିତ ଏହି ଦିବସରେ ତିନି ବ୍ରାଞ୍ଚର ବହୁ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ପିନ୍ଧାଯାଇଥିଲା। ଏହି ଅବସରରେ ପଥପ୍ରାନ୍ତ ସଭାକରି ଶ୍ରମିକମାନଙ୍କୁ ସଂଘଠିତ ହୋଇ ରହିବା ପାଇଁ ଶାଖା ସମ୍ପାଦକ ଏଲ୍.ଡି.ମହାନ୍ତି ଆହ୍ୱାନ ଦେଇଥିଲେ।


ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ଶୁକ୍ରବାର ରାହୁଲ, ଶନିବାର ନବୀନଙ୍କ ପ୍ରଚାର

**ରାୟଗଡ଼ା, ୨।୫(ଆଶିଷ ରଞ୍ଜନ ପଣ୍ଡା)**

**କଂଗ୍ରେସ, ବିଜେଡି ଟାର୍ଗେଟରେ କୋରାପୁଟ ଲୋକ ସଭା, ୫ ବିଧାନସଭା ଆସନ**

କଂଗ୍ରେସ ନିଜ ଗଡ଼କୁ ଫେରିପାଇବା ପାଇଁ ଲାଗିଥିବାବେଳେ ବିଜେଡି ଗଡ଼ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛି। ତେବେ ୨୦୧୯ ସାଧାରଣ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହେବା ପରେ ଏକ ପ୍ରକାର ବିଜେଡି ଉପରେ ଭାରି ପଡ଼ିଛନ୍ତି ଏମ୍‌ପି ସପ୍ତଗିରି ଉଲାକା। ବର୍ତ୍ତମାନ କୋରାପୁଟ ଲୋକ ସଭା ଆସନ ଓ ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ରକ୍ଷା କରିବାରେ ଲାଗି ପଡିଛନ୍ତି ଉଭୟ କଂଗ୍ରେସ ଓ ବିଜେଡି। ଉଭୟ ଦଳର ଷ୍ଟାର ପ୍ରଚାରକ ରାୟଗଡ଼ା ଗସ୍ତରେ ଆସୁଛନ୍ତି। ଶୁକ୍ରବାର ରାୟଗଡ଼ାରେ ଜନସମାବେଶରେ ଯୋଗଦେଇ ପ୍ରଚାର କରିବେ କଂଗ୍ରେସର ଷ୍ଟାର ପ୍ରଚାରକ ରାହୁଲ ଗାନ୍ଧୀ। ଏଥିପାଇଁ ଜିଲାରେ ଚଳଚଞ୍ଚଳ କଂଗ୍ରେସ ପରିବାର। ତେବେ ଶନିବାର ବିଜେଡି ପାଇଁ ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାୟଗଡ଼ା ଜିଲାର ୩ଟି ଆସନ ସମେତ ପଡ଼ୋଶୀ କୋରାପୁଟ ଜିଲାର ଲକ୍ଷ୍ମୀପୁର ଓ କଳାହାଣ୍ଡି ଜିଲାର ନର୍ଲା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ନବୀନ।

କୋରାପୁଟ ସଂସଦୀୟ କ୍ଷେତ୍ରର ୫ଟି ଆସନ ଅନୁସୂଚିତ ଜନଜାତି, ଗୋଟିଏ ଆସନ ଅନୁସୂଚିତ ଜାତି ଓ ଗୋଟିଏ ଆସନ ଅଣସଂରକ୍ଷିତ ରହିଛି। ଅର୍ଥାତ୍ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ଆସନରେ ଆଦିବାସୀ ଭୋଟର ସଂଖ୍ୟା ଅଧିକ ରହିଛି। ଆଦିବାସୀ ଭୋଟ ହାତେଇବା ପାଇଁ ଷ୍ଟାର କ୍ୟାମ୍ପେନରମାନେ ଆସୁଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ରାଜ୍ୟରେ କେବଳ କୋରାପୁଟ ସଂସଦୀୟ କ୍ଷେତ୍ର କଂଗ୍ରେସ ହାତେଇଥିବାବେଳେ ୫ ବିଧାନସଭା ଆସନ ବିଜେଡି ଖାତାକୁ ଯାଇଥିଲା। ହେଲେ ଏବେ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଭରପୂର ଉଦ୍ୟମ ଚାଲିଛି। ଏଥିସହ ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡି ଜିଲାର ଝୋଡ଼ିଆ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି। କାରଣ ଝୋଡ଼ିଆଙ୍କ ଭୋଟ ବିଭିନ୍ନ ସମୟରେ ନିର୍ଣ୍ଣାୟକ ହୋଇଥାଏ। ଗୋଟିଏ ପଟେ ଆଦିବାସୀ ଓ ଅନ୍ୟପଟେ ଝୋଡ଼ିଆଙ୍କ ଭୋଟ ହାତେଇବାକୁ ଉଭୟ ଦଳ ଉଦ୍ୟମ ଚଳାଇଥିବା ଚର୍ଚ୍ଚା ହେଉଛି।

# ପ୍ରାର୍ଥୀପତ୍ର ଦାଖଲକଲେ ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର, ୨।୫ (ଭବାନୀ ଶଙ୍କର ଭୋଇ)**

ରାଜ୍ୟର ଅନ୍ୟତମ ଚର୍ଚ୍ଚିତ ସମ୍ବଲପୁର ଲୋକ ସଭା ଆସନରେ ଗୁରୁବାର ଭାଜପା ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଆଶୀର୍ବାଦ ନେବା ପରେ ସେ ସାଂସ୍କୃତିକ ଶୋଭାଯାତ୍ରା କରି ନାମାଙ୍କନ ପତ୍ର ଦାଖଲ ପାଇଁ ବାହାରିଥିଲେ। ବାଟରେ ରାମଜୀ ଗୁଡ଼ି, ବାଲିବନ୍ଧା ସୋମନାଥ, ହୋତାପଡ଼ା ଜଗନ୍ନାଥ ମନ୍ଦିର, ଝାଡୁଆପଡ଼ା ଲୋକନାଥ, ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର, ଦଲେଇପଡା ଲିଆଖାଇ, ମ୍ୟୁନିସିପାଲିଟି ଛକ ସ୍ଥିତ ପଞ୍ଚମୁଖୀ ହନୁମାନଙ୍କୁ ଦର୍ଶନ କରି ଲୋକବାଦ୍ୟ ସହ ସମର୍ଥକଙ୍କ ଗହଣରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନ ୭ ବିଧାନସଭାର ଭାଜପା ବିଧାୟକ ପ୍ରାର୍ଥୀ ଯଥା ସମ୍ବଲପୁରର ଜୟନାରାଣ ମିଶ୍ର, ରେଙ୍ଗାଲିର ନାଉରୀ ନାଏକ, ରେଢ଼ାଖୋଲର ଦେବେନ୍ଦ୍ର ମହାପାତ୍ର, ଛେଣ୍ଡିପଦାର ଅଗସ୍ତି ବେହେରା, ଆଠମଲ୍ଲିକର ସଞ୍ଜୀବ ସାହୁ, କୁଚିଣ୍ଡାର ରବି ନାୟକ ଏବଂ ଦେବଗଡର ସୁବାସ ପାଣିଗ୍ରାହୀ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ସମ୍ବଲପୁର ଜିଲା ଭାଜପା ସଭାପତି ଗିରୀଶ ପଟେଲଙ୍କ ସମେତ ବହୁ ରାଜ୍ୟସ୍ତରୀୟ ନେତୃବୃନ୍ଦ ଶୋଭାଯାତ୍ରାରେ ଥିବା ଦେଖିବାକୁ ମିଳିଥିଲା।

ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଧର୍ମେନ୍ଦ୍ର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିକଟରେ ୪ସେଟ ପ୍ରାର୍ଥୀପତ୍ର ଦାଖଲ କରିବା ସହ ଶପଥପାଠ କରିଥିଲେ। ତାଙ୍କ ପ୍ରାର୍ଥୀପତ୍ରରେ ବିଶିଷ୍ଟ ଦଳିତ ନେତା ଦିଲୀପ ବେହେରା, ଆଠମଲ୍ଲିକ ବିଧାୟକ ରମେଶ ସାଏ, ଦେବଗଡ଼ର ସାମାଜିକ କର୍ମୀ ପ୍ରଣବ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କୁମକୁମ ନନ୍ଦ ପ୍ରସ୍ତାବକ ରହିଛନ୍ତି।

ନାମାଙ୍କନ ଦାଖଲ ପରେ ପ୍ରଧାନ କହିଥିଲେ, ସମ୍ବଲପୁର ତାଙ୍କର ଘର ଏବଂ ସମ୍ବଲପୁରର ସୁଖଦୁଃଖରେ ସେ ସବୁଦିନେ ରହିବେ। ଦେଶରେ ତୃତୀୟ ଥର ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଦେଶବାସୀ ଆଶୀର୍ବାଦ କରିବେ ବୋଲି ସେ କହିଥିଲେ। ଆଗାମୀ ୨୫ ତାରିଖରେ ସମ୍ବଲପୁର ଲୋକ ସଭା କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ବିଜେଡିରୁ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗତ ୩୦ତାରିଖରେ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି। ତେବେ କଂଗ୍ରେସ ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିଛି।

# 'ଆଶିଷ ସିଂଙ୍କ ଫୋନ୍ ଜବତକରି ତଦନ୍ତ କରାଯାଉ'

**ଭୁବନେଶ୍ୱର, ୨।୫(ସୁନିତ୍ ମିଶ୍ର)**

**ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା**

ନିର୍ବାଚନ ହାରିଯିବାର ଭୟ ବିଜେଡିକୁ ଘାରିଛି। ନୀତିନିୟମକୁ ମୋଡ଼ିମକଚି ପ୍ରଶାସନିକ ଅଧିକାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ଲଗାଇବା ବିଜେଡିର ଚିରାଚରିତ ଢଙ୍ଗ। ସେହିପରି ବିଜେଡି ବିରୋଧରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନର ଯେତେ ପ୍ରମାଣ ସାମ୍ନାକୁ ଆସିଲେ ମଧ୍ୟ ଏହି ଦଳ ପୁରୁଣା ଅଭ୍ୟାସକୁ ପରିବର୍ତ୍ତନ କରିପାରୁନାହିଁ। ଉଦାହରଣ ସ୍ୱରୂପ ସର୍ବଭାରତୀୟ ପୋଲିସ ସେବା ଅଧିକାରୀ ଆଶିଷ ସିଂହଙ୍କୁ ତାଙ୍କ ପୂର୍ବ ପଦବୀରୁ କେନ୍ଦ୍ରୀୟ ନିର୍ବାଚନ କମିଶନର ହଟାଇ ଦେଇଥିଲେ। ତଥାପି ସେ ସୁଧୁରିଲେ ନାହିଁ। ଅର୍ଥନୈତିକ ଅପରାଧ ଶାଖା କାର୍ଯ୍ୟାଳୟ ଷଷ୍ଠ ମହଲାରୁ ସେ ନିଜର ରାଜନୈତିକ କାର୍ଯ୍ୟକଳାପ ଜାରି ରଖିଥିବା ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଏହା ବିରୋଧରେ ଅଭିଯୋଗ କରିଛନ୍ତି। ଭାଜପା ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି ଯେ, ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଉର୍ଦ୍ଧ୍ୱତନ ବିଜେଡିର ନଗଦ କଳାଟଙ୍କା ରାଜ୍ୟର ବିଭିନ୍ନ ସ୍ଥାନରେ ପହଞ୍ଚାଇବା ନିମନ୍ତେ ପୋଲିସ କଳର ଦୁରୁପଯୋଗ ତାଙ୍କ ହେପାଜତରେ ଚାଲିଛି। ଟେଲିଫୋନ ଯୋଗେ ପ୍ରତିପକ୍ଷଙ୍କୁ ଧମକ ଚମକ ଦେଉଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ କାର୍ଯ୍ୟରତ ଥିଲାବେଳେ ରାଜନୈତିକ ହତ୍ୟାକାଣ୍ଡ ଓ ବିରୋଧୀ ଦଳ ନେତାଙ୍କ ବିରୋଧରେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଏକ ନିୟମିତ ଘଟଣାରେ ପରିଣତ ହୋଇଥିଲା। ଏଭଳି ପରିସ୍ଥିତିରେ ତାଙ୍କ ଫୋନ୍‌କୁ ଜବତ କରି ନିର୍ବାଚନରେ ତାଙ୍କ ସମ୍ପୃକ୍ତିର ବିଧିବଦ୍ଧ ତଦନ୍ତ ପାଇଁ ଭାଜପା ଦାବି କରିଛି।

# ମାରାଥନ ପ୍ରଚାରରେ ଦିଲୀପ ରାୟ

**ରାଉରକେଲା, ୨।୫(ବିପ୍ଲବ ରଞ୍ଜନ ଦାଶ)**



ରାଉରକେଲା ଭାଜପା ବିଧାୟକ ପ୍ରାର୍ଥୀ ଦିଲୀପ ରାୟ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ରାଉରକେଲା ବିଧାନସଭା ଆସନ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରି ସାରିଛନ୍ତି। ଏବେ ୩ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରୟାସ କରୁଛନ୍ତି। ତେବେ ବରିଷ୍ଠ ରାଜନୈତିକ ସମୀକ୍ଷକଙ୍କ କହିବା ମୁତାବକ, ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ପ୍ରଚାର ଜୋରଦାର କରୁଛନ୍ତି। ଦିଲ୍ଲୀପ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ମନୋନୀତ ହେବା ଦିନଠାରୁ ତାଙ୍କର ମାରାଥନ ପ୍ରଚାର ଜାରି ରଖିଛନ୍ତି। ଏଥିସହ ୪୦ରୁ ଊର୍ଦ୍ଧ୍ୱ ମିଶ୍ରଣ ପର୍ବରେ ଦିଲ୍ଲୀପଙ୍କୁ ସ୍ଥାନୀୟ ନିର୍ବାଚନମଣ୍ଡଳୀର ବିଭିନ୍ନ ନେତା, ସଂଗଠନ ଏବଂ ଅନୁଷ୍ଠାନ ମଧ୍ୟ ସମର୍ଥନ ଦେଇ ସାରିଛନ୍ତି। ଏହାସହ ଗତ ୨୯ରେ ଦିଲ୍ଲୀପଙ୍କ ପ୍ରାର୍ଥୀପତ୍ର ଦାଖଲ ଶୋଭାଯାତ୍ରାରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼ ହୋଇଥିବାରୁ ଦିଲ୍ଲୀପ ବିରୋଧିଙ୍କ ମଧ୍ୟରେ ନିର୍ବାଚନୀ ଛନକା ପଶିଯାଇଛି। ଦିଲ୍ଲୀପଙ୍କ ସହଧର୍ମୀଣୀ ପୂଜା ରାୟ ମହିଳା ବର୍ଗଙ୍କ ବିକାଶ ସ୍ଲୋଗାନ ଦେଇ ସ୍ଥାନୀୟ କ୍ଷେତ୍ର ମହିଳା ଗୋଷ୍ଠୀଙ୍କୁ ଏକଜୁଟ କରି ଚାଲିଛନ୍ତି। ଅନ୍ୟପଟେ ବିଜେଡି ବିଧାୟକ ପ୍ରାର୍ଥି ତଥା ଶ୍ରମମନ୍ତ୍ରୀ ସାରଦା ନାୟକଙ୍କ ଲୋକପ୍ରୀୟତା ବି ଚର୍ଚ୍ଚାରେ ରହିଛି। ଶ୍ରମ ଦିବସ ଉପଲକ୍ଷେ ବୁଧବାର ସାରଦା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏନେଇ ଏକ ଶୋଭାଯାତ୍ର ମଧ୍ୟ ହୋଇଥିଲା। ଶୋଭାଯାତ୍ରାରେ ବହୁ ସଂଖ୍ୟକ ଲୋକ ସାମିଲ ଥିବା ଦେଖିବାକୁ ମିଳିଥିଲା। ଏହିଭଳିଭାବେ କଂଗ୍ରେସ ବିଧାୟକ ପ୍ରାର୍ଥି ବୀରେନ୍ଦ୍ରନାଥ ପଟ୍ଟନାୟକ ଚର୍ଚ୍ଚାରେ ମଧ୍ୟ ଅଛନ୍ତି। ଆସନ୍ତା ୫ତାରିଖ ପରେ ରାଉରକେଲା ବିଧାନସଭା କ୍ଷେତ୍ରରେ ଉପରୋକ୍ତ ୩ରାଜନୈତିକ ଦଳୀୟ ପ୍ରାର୍ଥି ଓ ନେତାଏଁ ଅଧିକ ଲୋକପ୍ରୀୟତା ହାସଲ ନିମନ୍ତେ କ'ଣ କ'ଣ ସବୁ ରାଜନିତୀ ଗୋଟି ଚାଳନା କରିବେ ତାହା ଦେଖିବାକୁ ବାକି ରହିଲା। ଏଥିସହ ଆଗକୁ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀର ୩ଟି ପ୍ରମୁଖ ରାଜନୈତିକ ଦଳ ବିଧାୟକ ପ୍ରାର୍ଥିଙ୍କ ଲୋକପ୍ରିୟତା ବୃଦ୍ଧି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସ୍ତରରୁ ବହୁ ଷ୍ଟାର ପ୍ରଚାରକ ମଧ୍ୟ ଆସିପାରନ୍ତି ବୋଲି କୁହାଯାଉଛି।

# ଘସିପୁରାରୁ ଶମ୍ଭୁନାଥ ଭାଜପା ପ୍ରାର୍ଥୀ

**କେନ୍ଦୁଝର, ୨।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ବହୁ ପ୍ରତୀକ୍ଷିତ କେନ୍ଦୁଝର ଜିଲା ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଡ. ଶମ୍ଭୁନାଥ ରାଉତଙ୍କୁ ଭାଜପା କରିଛି। ସରକାରୀ ଚାକିରିରୁ ଅବସର ନେଇ ଦଳରେ ଯୋଗ ଦେଇଥିବା ଶମ୍ଭୁନାଥ ପୂର୍ବରୁ ଆର୍‌ଏସ୍‌ଏସ୍ ଓ ବିଶ୍ୱ ହିନ୍ଦୁ ପରିଷଦ ସହିତ ଜଡ଼ିତ ଥିଲେ। ଏହି ସିଟ୍ ପାଇଁ ବହୁ ଆଶାୟୀ ଥିଲେ। ଏପରି କି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ଆସନରୁ ଲଢ଼ିବା ନେଇ ଆଶାୟୀ ଥିଲେ। କିଛିଦିନ ତଳେ ମା' ତାରିଣୀ ପୀଠକୁ ଆସି ମା'ଙ୍କ ଆଶୀର୍ବାଦ ନେଇ ଫେରିଥିଲେ। ସେ ଦଳରେ ଯୋଗଦେବା ଓ ଟିକେଟ ପାଇବେ ବୋଲି ଭାଜପା ଦଳର ନେତାମାନେ ଆଶାବାଦୀ ଥିଲେ। ସେହିପରି ଅନ୍ୟତମ ଦାବିଦାର ଓ ପୂର୍ବରୁ ନିର୍ବାଚନ ଲଢ଼ି ହାରିଥିବା ପୃଥ୍ୱୀରାଜ କୁଅଁରଙ୍କ ଆଶା ମଉଳିଯାଇଛି। ଶମ୍ଭୁନାଥଙ୍କ ଘର ଆନନ୍ଦପୁର ବ୍ଲକର ପୁରୁଣିୟା ଗ୍ରାମରେ ହୋଇଥିବା ବେଳେ ବିଜେଡିର ବରିଷ୍ଠ ନେତା ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ରଙ୍କ ସହିତ ତାଙ୍କର ସିଧାସଳଖ ମୁକାବିଲା ହେବ ବୋଲି କୁହାଯାଉଛି।

# ପ୍ରାର୍ଥୀ ବଦଳ ପରମ୍ପରା ବଜାୟ ରହିଲା

**ଯାଜପୁର/ରସୁଲପୁର(ହର୍ଷବର୍ଦ୍ଧନ ବେହେରା/ରଞ୍ଜିତ ରାଉତ), ୨।୫**

**କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ**
- **ବିଜେଡିରୁ ସନ୍ଧ୍ୟାରାଣୀ ଦାସ ପ୍ରାର୍ଥୀ**
- **ପରିବାରବାଦ ରାଜନୀତିକୁ ନେଇ ଚର୍ଚ୍ଚା**

ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ପ୍ରାର୍ଥୀ ବଦଳ ପରମ୍ପରାକୁ ବଜାୟ ରଖିଛନ୍ତି। ଏହାବାଦ ଗୁରୁବାର ଏହି ଆସନ ପାଇଁ ବିଜେଡିରୁ ସନ୍ଧ୍ୟାରାଣୀ ଦାସ ତଥା ବିଜେଡିର ସାଂଗଠନିକ ସାଧାରଣ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ମା'ଙ୍କୁ ଟିକେଟ ମିଳିବା ପରେ ପରିବାରବାଦ ରାଜନୀତିକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି।

ଅଶୋକ ଦାସଙ୍କ ତିରୋଧାନ ପରେ କୋରେଇ ରାଜନୀତିରେ ନବ ନେତୃତ୍ୱ ମୁଣ୍ଡ ଟେକିଛି। ପ୍ରଥମେ ଭାଜପା ଓ ବିଜେଡି ମେଣ୍ଟର ଅଂଶୀଦାର ଭାବେ କୋରେଇ ଆସନ ଭାଜପା ଭାଗରେ ପଡିଥିଲା। ୨୦୦୦ ଓ ୨୦୦୪ରେ ଭାଜପାରୁ ସଞ୍ଚିତା ମହାନ୍ତି ପ୍ରାର୍ଥୀ ହୋଇଥିଲେ। ତେବେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ୨୦୦୯ରେ ବିଜେଡି ଏକକ ଭାବେ ଲଢି ଏଠାରେ ବିଜୟୀ ହୋଇଥିଲା। ଏହାପରେ ୨୦୧୪ରେ ବିଜେଡି ପ୍ରାର୍ଥୀ ବଦଳ କରି ଆକାଶ ଦାସନାୟକ, ୨୦୧୯ରେ ଅଶୋକ ବଳ ଓ ୨୦୨୪ରେ ସନ୍ଧ୍ୟାରାଣୀଙ୍କୁ ପ୍ରାର୍ଥୀ କରିଛି। ବିଜେଡି ପ୍ରାର୍ଥୀ ବଦଳ କରି ସଫଳତା ସାଉଁଟୁଥିବାବେଳେ ବିରୋଧୀ କଂଗ୍ରେସ ଓ ଭାଜପା ମଧ୍ୟ ଏହି ପ୍ରଥାକୁ ଆପଣାଇଛନ୍ତି। ୨୦୦୯, ୨୦୧୪ ଓ ୨୦୧୯ରେ କଂଗ୍ରେସ କ୍ରମାଗତ ପ୍ରାର୍ଥୀ ବଦଳ କରିଥିଲା। ଏହାବାଦ ୨୦୧୪, ୨୦୧୯ ଓ ୨୦୨୪ରେ ଭାଜପା ମଧ୍ୟ ପ୍ରାର୍ଥୀ ବଦଳ ପ୍ରକ୍ରିୟାରେ ସାମିଲ ହୋଇଛି। ତେବେ ଏଠାରେ ବିଜେଡି ପୁଣି ଏକ ନୂତନ ଚେହେରାକୁ ପ୍ରାର୍ଥୀ ଘୋଷଣା କରିବା ପରେ ଅନେକ ଚର୍ଚ୍ଚା ଲାଗି ରହିଛି। କେତେଜଣ ବିଜେଡି ସମର୍ଥକ ବାଣ ଫୁଟାଇ ଖୁସି ମନାଇ ଥିବାବେଳେ ଟିକେଟ୍ ଆଶାୟୀ କୋରେଇ ବିଧାୟକ ଅଶୋକ କୁମାର ବଳ ସମର୍ଥକଙ୍କ ଶିବିରରେ ଏକ ପ୍ରକାର ଦୁଃଖ ଓ ନୀରବତା ଦେଖିବାକୁ ମିଳିଛି। ବିଜେଡି ପରିବାରବାଦ ରାଜନୀତିଠାରୁ ଦୂରରେ ରହିଆସୁଛି ବୋଲି ଉଚ୍ଚସ୍ତରର ନେତାମାନେ ବିଭିନ୍ନ ସଭାସମିତିରେ ଭାଷଣ ଦେଉଥିବାବେଳେ କୋରେଇରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସମ୍ବଲପୁରରେ ପୁଅ ଲୋକ ସଭା ଏବଂ କୋରେଇରେ ମା' ବିଧାନସଭା ଆସନ ପାଇ ଟିକେଟ୍ ନେଇ ବିଜେଡିର ପରିବାରବାଦ ବିରୋଧୀ ନାରାକୁ ପୂର୍ଣ୍ଣଚ୍ଛେଦ ପଡିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସବୁ ପରେ କୋରେଇରେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଉପରେ ନଜର ପକାଲେ ଲଢେଇ ତ୍ରିମୁଖୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

ବିଜେଡି ପ୍ରାର୍ଥୀ ସନ୍ଧ୍ୟାରାଣୀ ରାଜନୀତିରେ କେବେ ପ୍ରବେଶ କରି ନ ଥିଲେ ବି ପରୋକ୍ଷ ରାଜନୀତିରେ ତାଙ୍କର ୪୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ତାଙ୍କ ସ୍ୱାମୀ ଅଶୋକ ଦାସ କୋରେଇରୁ ୫ ଥର ବିଧାୟକ ହୋଇଥିଲେ। ତେଣୁ ଅଶୋକଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ରାଜନୀତିକୁ ଅତି ପାଖରୁ ଦେଖିଛନ୍ତି। ତା'ପରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମା'ହୋଇଥିବାରୁ ତାଙ୍କ ପାଇଁ ନିର୍ବାଚନ ବୈତରଣୀ ପାରହେବା ସେତେଟା କଷ୍ଟକର ହେବ ନାହିଁ ବୋଲି କୁହାଯାଉଛି। ମାତ୍ର ପ୍ରତିପକ୍ଷ ଭାଜପାରୁ ପୂର୍ବତନ ବିଧାୟକ ଆକାଶ ଦାସନାୟକ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସର ଟାଣୁଆ ନେତ୍ରୀ ବନ୍ଦିତା ପରିଡ଼ା ପ୍ରାର୍ଥୀ ହୋଇଛନ୍ତି। ତିନି ପ୍ରାର୍ଥୀଙ୍କ ମଧ୍ୟରେ ରାଜନୈତିକ ଅଭିଜ୍ଞତା ଭରପୂର ରହିଛି। ଏମିତି ଦେଖିଲେ ଏଥର ବିଜେଡି ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରିଥିବାରୁ ଉଭୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ପ୍ରଚାରରେ ଆଗୁଆ ରହିଛନ୍ତି।


କନ୍ଧମାଳ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଗୁରୁବାର ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଜୁଏଲ୍ ଓରାମ ଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ପୁରୀ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ବରଗଡ଼ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପରିଣୀତା ମିଶ୍ର ଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ୩ ପ୍ରମୁଖ ଦଳର ବିଧାନସଭା ପ୍ରାର୍ଥୀ

| | ବିଧାନସଭା ନିର୍ବାଚନମଣ୍ଡଳୀ | ବିଜେଡି | ଭାଜପା | କଂଗ୍ରେସ |
|---|---|---|---|---|
| ୧ | ପଦ୍ମପୁର | ବର୍ଷା ସିଂ ବରିହା | ଗୋବର୍ଦ୍ଧନ ଭୁଏ | ଟଙ୍କଧର ସାହୁ |
| ୨ | ବିଜେପୁର | ରୀତା ସାହୁ | ସନତ୍ କୁମାର ଗର୍ଡିଆ | କିଶୋର ଦଫାଦାର |
| ୩ | ବରଗଡ଼ | ଦେବେଶ ଆଚାର୍ଯ୍ୟ | ଅଶ୍ୱିନୀ କୁମାର ଷଡ଼ଙ୍ଗୀ | ନିପନ କୁମାର ଦାଶ |
| ୪ | ଅତାବିରା | ସ୍ନେହାଙ୍ଗିନୀ ଛୁରିଆ | ନୀହାର ରଞ୍ଜନ ମହାନନ୍ଦ | ଅଭିଶେଖ ସେଠ |
| ୫ | ଭଟ୍ଲି | ସୁଶାନ୍ତ ସିଂ | ଇରାଶିଷ୍ ଆଚାର୍ଯ୍ୟ | ବ୍ରହ୍ମା ମହାକୁଡ଼ |
| ୬ | ବ୍ରଜରାଜନଗର | ଅଳକା ମହାନ୍ତି | ସୁରେଶ ପୂଜାରୀ | କିଶୋର ଚନ୍ଦ୍ର ପଟେଲ |
| ୭ | ଝାରସୁଗୁଡ଼ା | ଦୀପାଳି ଦାସ | ଟଙ୍କଧର ତ୍ରିପାଠୀ | ଅମିତା ବିଶ୍ୱାଳ |
| ୮ | ତଳସରା | ବିନୟ କୁମାର ଟପ୍ପୋ | ଭବାନୀ ଶଙ୍କର ଭୋଇ | ଦେବେନ୍ଦ୍ର ଭିତରିଆ |
| ୯ | ସୁନ୍ଦରଗଡ଼ | ଯୋଗେଶ ସିଂ | କୁସୁମ ଟେଟେ | ସୁଧାରାଣୀ ରାଉଡ଼ିଆ |
| ୧୦ | ବୀରମିତ୍ରପୁର | ରୋହିତ ଯୋଶେଫ ତିର୍କୀ | ଶଙ୍କର ଓରାମ | ନୀହାର ସୋରେନ |
| ୧୧ | ରଘୁନାଥପାଲି | ଅର୍ଚ୍ଚନାରେଖା ବେହେରା | ଦୁର୍ଗା ଚରଣ ତନ୍ତି | ଗୋପାଳ ଦାସ |
| ୧୨ | ରାଉରକେଲା | ସାରଦା ପ୍ରସାଦ ନାୟକ | ଦିଲୀପ ରାୟ | ବୀରେନ୍ଦ୍ର ନାଥ ପଟ୍ଟନାୟକ |
| ୧୩ | ରାଜଗାଙ୍ଗପୁର | ଅନିଲ ବରୁଆ | ନରସିଂହ ମିଞ୍ଜ୍ | ସିଏସ୍ ରାଜନ ଏକ୍କା |
| ୧୪ | ବଣାଇ | ଭୀମସେନ ଚୌଧୁରୀ | ସେବତୀ ନାୟକ | ଲକ୍ଷ୍ମଣ ମୁଣ୍ଡା(ମେଣ୍ଟ) |
| ୧୫ | କୁଚିଣ୍ଡା | ରାଜେନ୍ଦ୍ର କୁମାର ଛତ୍ରିଆ | ରବିନାରାୟଣ ନାଏକ | କେଦାର ନାଥ ବରିହା |
| ୧୬ | ରେଙ୍ଗାଲି | ସୁଦର୍ଶନ ହରିପାଲ୍ | ନାଉରୀ ନାୟକ | ଦିଲୀପ କୁମାର ଦୁରିଆ |
| ୧୭ | ସମ୍ବଲପୁର | ରୋହିତ ପୂଜାରୀ | ଜୟନାରାୟଣ ମିଶ୍ର | ଦୁର୍ଗା ପ୍ରସାଦ ପାଢ଼ୀ |
| ୧୮ | ରେଢ଼ାଖୋଲ | ପ୍ରସନ୍ନ ଆଚାର୍ଯ୍ୟ | ଦେବେନ୍ଦ୍ର ମହାପାତ୍ର | ଅସାଫ ଅଲ୍ଲୀ ଖାନ୍ |
| ୧୯ | ଦେବଗଡ଼ | ରୋମାଞ୍ଚ ରଞ୍ଜନ ବିଶ୍ୱାଳ | ସୁବାସ ଚନ୍ଦ୍ର ପାଣିଗ୍ରାହୀ | ସେମ୍ ହେମ୍ବ୍ରମ |
| ୨୦ | ତେଲକୋଇ | ମାଧବ ସର୍ଦ୍ଦାର | ଫକୀରଚରଣ ନାୟକ | ନିର୍ମଳ ଚନ୍ଦ୍ର ନାୟକ |
| ୨୧ | ଘସିପୁରା | ବଦ୍ରିନାରାୟଣ ପାତ୍ର | ଶମ୍ଭୁନାଥ ରାଉତ | ସୁବ୍ରତ ଚକ୍ର |
| ୨୨ | ଆନନ୍ଦପୁର | ଅଭିମନ୍ୟୁ ସେଠୀ | ଆଲୋକ କୁମାର ସେଠୀ | ଜୟଦେବ ଜେନା |
| ୨୩ | ପାଟଣା | ଜଗନ୍ନାଥ ନାୟକ | ଅଖିଳ ଚନ୍ଦ୍ର ନାଏକ | ହୃଷୀକେଶ ନାଏକ |
| ୨୪ | କେନ୍ଦୁଝର | ମୀନା ମାଝୀ | ମୋହନ ଚରଣ ମାଝୀ | ପ୍ରତିଭା ମଞ୍ଜରୀ ନାଏକ |
| ୨୫ | ଚମ୍ପୁଆ | ସନାତନ ମହାକୁଡ଼ | ମୁରଲୀ ଶର୍ମା | ଯଶବନ୍ତ ଲାଗୁରି |
| ୨୬ | ଯଶୀପୁର | ଚକ୍ରଧର ହେମ୍ବ୍ରମ୍ | ଗଣେଶରାମ ସିଂହ ଖୁଣ୍ଟିଆ | ଶ୍ୱେତା ଛତର |
| ୨୭ | ସାରସକଣା | ଦେବାଶିଷ ମାରାଣ୍ଡି | ଭାଦବ ହାଁସଦା | ରାମକୁମାର ସୋରେନ |
| ୨୮ | ରାଇରଙ୍ଗପୁର | ରାଇସିଂ ମୁର୍ମୁ | ଜୋଲେନ ବଦ୍ରା | ଯୋଗେନ୍ଦ୍ର ବାଆଁରା |
| ୨୯ | ବାଙ୍ଗିରିପୋଷୀ | ରଞ୍ଜିତା ମାରାଣ୍ଡି | ସଞ୍ଜଲି ମୁର୍ମୁ | ମୁରଲୀଧର ନାୟକ |
| ୩୦ | କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ | ପଦ୍ମଚରଣ ହାଇବ୍ରୁ | ଲକ୍ଷ୍ମୀଧର ସିଂ |
| ୩୧ | ଉଦଳା | ଶ୍ରୀନାଥ ସୋରେନ୍ | ଭାସ୍କର ମଢ଼େଇ | ଦୁର୍ଗାଚରଣ ଟୁଡୁ |
| ୩୨ | ବଡ଼ସାହି | ଅନସୂୟା ପାତ୍ର | ସନାତନ ବିଜୁଳି | କ୍ଷୀରୋଦ ଚନ୍ଦ୍ର ପାତ୍ର |
| ୩୩ | ବାରିପଦା | ସାନନ୍ଦ ମାର୍ଣ୍ଡି | ପ୍ରକାଶ ସୋରେନ | ପ୍ରମୋଦ କୁମାର ହେମ୍ବ୍ରମ |
| ୩୪ | ମୋରଡ଼ା | ପ୍ରୀତିନନ୍ଦା କାନୁନ୍‌ଗୋ | କୃଷ୍ଣଚନ୍ଦ୍ର ମହାପାତ୍ର | ପୟାସକର ମହାପାତ୍ର |
| ୩୫ | ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର | ବ୍ରଜ ପ୍ରଧାନ | ଦେବୀପ୍ରସନ୍ନ ଚାନ୍ଦ |
| ୩୬ | ଭୋଗରାଇ | ଗୌତମ ବୁଦ୍ଧ ଦାସ | ଆଶିଷ ପାତ୍ର | ସତ୍ୟଶିବ ଦାସ |
| ୩୭ | ବସ୍ତା | ସୁବାସିନୀ ଜେନା | ରବୀନ୍ଦ୍ର ଅଣ୍ଡିଆ | ବିଜନ ନାୟକ |
| ୩୮ | ବାଲେଶ୍ୱର | ସ୍ୱରୂପ କୁମାର ଦାସ | ମାନସ କୁମାର ଦତ୍ତ | ମୋନାଲିସା ଲେଙ୍କା |
| ୩୯ | ରେମୁଣା | ବିଦ୍ୟାସ୍ମିତା ମହାଲିକ | ଗୋବିନ୍ଦ ଚନ୍ଦ୍ର ଦାସ | ସୁଦର୍ଶନ ଜେନା |
| ୪୦ | ନୀଳଗିରି | ସୁକାନ୍ତ ନାୟକ | ଅଘୋଷିତ | ଅଘୋଷିତ |
| ୪୧ | ସୋର | ମାଧବ ଧଡ଼ା | ରାଜେନ୍ଦ୍ର ଦାସ | ସୁବ୍ରତ ଧଡ଼ା |
| ୪୨ | ସିମୁଳିଆ | ସୁଭାଷିନୀ ସାହୁ | ପଦ୍ମଲୋଚନ ପଣ୍ଡା | ହିମାଂଶୁ ଶେଖର ବେହେରା |
| ୪୩ | ଭଣ୍ଡାରିପୋଖରୀ | ସଞ୍ଜୀବ ମଲ୍ଲିକ | ସୁଧାଂଶୁ ନାୟକ | ନିରଞ୍ଜନ ପଟ୍ଟନାୟକ |
| ୪୪ | ଭଦ୍ରକ | ପ୍ରଫୁଲ୍ଲ ସାମଲ | ସିତାଂଶୁ ଶେଖର ମହାପାତ୍ର | ଅସିତ ପଟ୍ଟନାୟକ |
| ୪୫ | ବାସୁଦେବପୁର | ବିଷ୍ଣୁବ୍ରତ ରାଉତରାୟ | ବାଣୀକଲ୍ୟାଣ ମହାନ୍ତି | ଅଶୋକ କୁମାର ଦାସ |
| ୪୬ | ଧାମନଗର | ସଞ୍ଜୟ କୁମାର ଦାସ | ସୂର୍ଯ୍ୟବଂଶୀ ସୂରଜ | ରଞ୍ଜନ କୁମାର ବେହେରା |
| ୪୭ | ଚାନ୍ଦବାଲି | ବ୍ୟୋମକେଶ ରାୟ | ମନମୋହନ ସାମଲ | ଅମୀୟ କୁମାର ମହାପାତ୍ର |
| ୪୮ | ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ବବିତା ମଲ୍ଲିକ | କନକଲତା ମଲ୍ଲିକ |
| ୪୯ | ବରୀ | ବିଶ୍ୱରଞ୍ଜନ ମଲ୍ଲିକ | ଉମେଶ ଚନ୍ଦ୍ର ଜେନା | ଆରତି ଦେଓ |
| ୫୦ | ବଡ଼ଚଣା | ବର୍ଷା ପ୍ରିୟଦର୍ଶିନୀ | ଅମର କୁମାର ନାୟକ | ଅଜୟ ସାମଲ |
| ୫୧ | ଧର୍ମଶାଳା | ପ୍ରଣବ ବଳବନ୍ତରାୟ | ସ୍ମୃତିରେଖା ପହି | କିଷନ ପଣ୍ଡା |
| ୫୨ | ଯାଜପୁର | ସୁଜାତା ସାହୁ | ଗୌତମ ରାୟ | ସୁଦୀପ କୁମାର କର |
| ୫୩ | କୋରେଇ | ସନ୍ଧ୍ୟାରାଣୀ ଦାସ | ଆକାଶ ଦାସ ନାୟକ | ବନ୍ଦିତା ପରିଡ଼ା |
| ୫୪ | ସୁକିନ୍ଦା | ପ୍ରୀତିରଞ୍ଜନ ଘଡ଼ାଇ | ପ୍ରଦୀପ ବଳସାମନ୍ତ | ବିଭୁଭୂଷଣ ରାଉତ |
| ୫୫ | ଢେଙ୍କାନାଳ | ସୁଧୀର କୁମାର ସାମଲ | କୃଷ୍ଣ ଚନ୍ଦ୍ର ପାତ୍ର | ସୁସ୍ମିତା ସିଂଦେଓ |
| ୫୬ | ହିନ୍ଦୋଳ | ମହେଶ ସାହୁ | ସୀମାରାଣୀ ନାୟକ | ଗୋବର୍ଦ୍ଧନ ଶେଖର ନାୟକ |
| ୫୭ | କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ | ଶତ୍ରୁଘ୍ନ ଜେନା | ବିପ୍ରବର ସାହୁ |
| ୫୮ | ପରଜଙ୍ଗ | ନୃସିଂହ ସାହୁ | ବିଭୂତି ଭୂଷଣ ପ୍ରଧାନ | ରଞ୍ଜିତ କୁମାର ସାହୁ |
| ୫୯ | ପାଲଲହଡ଼ା | ମୁକେଶ ପାଲ | ଅଶୋକ ମହାନ୍ତି | ଫକୀର ସାମଲ |
| ୬୦ | ତାଳଚେର | ବ୍ରଜକିଶୋର ପ୍ରଧାନ | କାଳନ୍ଦି ଚରଣ ସାମଲ | ପ୍ରଫୁଲ୍ଲ ଚନ୍ଦ୍ର ଦାସ |
| ୬୧ | ଅନୁଗୋଳ | ସଂଯୁକ୍ତା ସିଂହ | ପ୍ରତାପ ଚନ୍ଦ୍ର ପ୍ରଧାନ | ଅମ୍ବିକା ପ୍ରସାଦ ଭଟ |
| ୬୨ | ଛେଣ୍ଡିପଦା | ସୁଶାନ୍ତ କୁମାର ବେହେରା | ଅଗସ୍ତି ବେହେରା | ନରୋତ୍ତମ ନାୟକ |
| ୬୩ | ଆଠମଲ୍ଲିକ | ନଳିନୀକାନ୍ତ ପ୍ରଧାନ | ସଞ୍ଜୀବ ସାହୁ | ବିଜୟାନନ୍ଦ ଚାଉଳିଆ |
| ୬୪ | ବୀରମହାରାଜପୁର | ପଦ୍ମନାଭ ବେହେରା | ରଘୁନାଥ ଜଗଦଲା | ପ୍ରଦୀପ ସେଠୀ |
| ୬୫ | ସୋନପୁର | ନିରଞ୍ଜନ ପୂଜାରୀ | ପ୍ରମୋଦ ମହାପାତ୍ର | ପ୍ରିୟବ୍ରତ ସାହୁ |
| ୬୬ | ଲୋଇସିଂହା | ନୀହାର ରଞ୍ଜନ ବେହେରା | ମୁକେଶ ମହାଲିଙ୍ଗ | ଓମ୍‌ପ୍ରକାଶ କୁମ୍ଭାର |
| ୬୭ | ପାଟଣାଗଡ଼ | ସରୋଜ କୁମାର ମେହେର | କନକ ବର୍ଦ୍ଧନ ସିଂହଦେଓ | ଅନୀଲ ମେହେର |
| ୬୮ | ବଲାଙ୍ଗୀର | କଳିକେଶ ନାରାୟଣ ସିଂହଦେଓ | ଗୋପାଳଜୀ ପାଣିଗ୍ରାହୀ | ସମରେନ୍ଦ୍ର ମିଶ୍ର |
| ୬୯ | ଟିଟିଲାଗଡ଼ | ଟୁକୁନି ସାହୁ | ନବୀନ ଜୈନ | ବୀରେନ୍ଦ୍ର ବାଗ |
| ୭୦ | କଣ୍ଟାବାଞ୍ଜି | ନବୀନ ପଟ୍ଟନାୟକ | ଲକ୍ଷଣ ବାଗ୍ | ସନ୍ତୋଷ ସିଂ ସାଲୁଜା |
| ୭୧ | ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ | ଅଭିନନ୍ଦନ କୁମାର ପଣ୍ଡା | ଶରତ ପଟ୍ଟନାୟକ |
| ୭୨ | ଖଡ଼ିଆଳ | ଅଧିରାଜ ପାଣିଗ୍ରାହୀ | ହିତେଶ କୁମାର ବଗର୍ତ୍ତୀ | କଳମ ଚରଣ ତାଣ୍ଡି |
| ୭୩ | ଉମରକୋଟ | ନବୀନା ନାୟକ | ନିତ୍ୟାନନ୍ଦ ଗଣ୍ଡ | ସନରାଜ ଗଣ୍ଡ |

| | ବିଧାନସଭା ନିର୍ବାଚନମଣ୍ଡଳୀ | ବିଜେଡି | ଭାଜପା | କଂଗ୍ରେସ |
|---|---|---|---|---|
| ୭୪ | ଝରିଗାଁ | ରମେଶ ଚନ୍ଦ୍ର ମାଝୀ | ନରସିଂହ ଭତ୍ରା | ହାରାବତୀ ଗଣ୍ଡ |
| ୭୫ | ନବରଙ୍ଗପୁର | କୌଶଲ୍ୟା ପ୍ରଧାନୀ | ଗୌରୀଶଙ୍କର ମାଝୀ | ଦିଲୀପ ପ୍ରଧାନୀ |
| ୭୬ | ଡାବୁଗାଁ | ମନୋହର ରନ୍ଧାରୀ | ସୋମନାଥ ପୂଜାରୀ | ଲିପିକା ମାଝୀ |
| ୭୭ | ଲାଞ୍ଜିଗଡ଼ | ପ୍ରଦୀପ କୁମାର ଦିଶାରୀ | ରମେଶ ମାଝି | ବଳଭଦ୍ର ମାଝୀ |
| ୭୮ | ଜୁନାଗଡ଼ | ଦିବ୍ୟଶଙ୍କର ମିଶ୍ର | ମନୋଜ କୁମାର ମେହେର | ଟୁଲେଶ୍ୱର ନାଏକ |
| ୭୯ | ଧର୍ମଗଡ଼ | ପୁଷ୍ପେନ୍ଦ୍ର ସିଂହଦେଓ | ସୁଧୀର ପାଟଜୋଶୀ | ରଶ୍ମିରେଖା ରାଉତ |
| ୮୦ | ଭବାନୀପାଟଣା | ଲତିକା ନାଏକ | ପ୍ରଦୀପ୍ତ କୁମାର ନାୟକ | ସାଗରଚରଣ ଦାସ |
| ୮୧ | ନର୍ଲା | ମନୋରମା ମହାନ୍ତି | ଅନିରୁଦ୍ଧ ପ୍ରଧାନ | ଭକ୍ତଚରଣ ଦାସ |
| ୮୨ | ବାଲିଗୁଡ଼ା | ଚକ୍ରମଣି କହଁର | କଳ୍ପନା କଅଁର | ଉପେନ୍ଦ୍ର ପ୍ରଧାନ |
| ୮୩ | ଜି. ଉଦୟଗିରି | ସାଲୁଗା ପ୍ରଧାନ | ମାନଗୋବିନ୍ଦ ପ୍ରଧାନ | ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ |
| ୮୪ | ଫୁଲବାଣୀ | ଜୟଶ୍ରୀ କହଁର | ଉମାଚରଣ ମଲ୍ଲିକ | ପ୍ରତିଭା କହଁର |
| ୮୫ | କନ୍ଧମାଳ | ମହୀଧର ରଣା | କହ୍ନେଇ ଚରଣ ଡାଙ୍ଗ | ଶରତ କୁମାର ପ୍ରଧାନ |
| ୮୬ | ବୌଦ୍ଧ | ପ୍ରଦୀପ କୁମାର ଅମାତ | ସରୋଜ ପ୍ରଧାନ | ନବକୁମାର ମିଶ୍ର |
| ୮୭ | ବଡ଼ମ୍ବା | ଦେବୀ ପ୍ରସାଦ ମିଶ୍ର | ସମ୍ବିତ ତ୍ରିପାଠୀ | ସଞ୍ଜୟ କୁମାର ସାହୁ |
| ୮୮ | ବାଙ୍କୀ | ଦେବୀ ରଞ୍ଜନ ତ୍ରିପାଠୀ | ତୁଷାରକାନ୍ତ ଚକ୍ରବର୍ତ୍ତୀ | ଦେବାଶିଷ ପଟ୍ଟନାୟକ |
| ୮୯ | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ଅଭୟ ବାରିକ | ପ୍ରାର୍ଥୀ ଟିକେଟ୍ ଫେରାଇଛନ୍ତି |
| ୯୦ | ବାରବାଟୀ–କଟକ | ପ୍ରକାଶ ଚନ୍ଦ୍ର ବେହେରା | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ସୋଫିଆ ଫିର୍‌ଦୋସ |
| ୯୧ | କଟକ–ଚୌଦ୍ୱାର | ସୌଭିକ ବିଶ୍ୱାଳ | ନୟନ କିଶୋର ମହାନ୍ତି | ମୀରା ମଲ୍ଲିକ |
| ୯୨ | ନିଆଳି | ପ୍ରମୋଦ କୁମାର ମଲ୍ଲିକ | ଛବି ମଲ୍ଲିକ | ଜ୍ୟୋତିରଞ୍ଜନ ମଲ୍ଲିକ |
| ୯୩ | କଟକ–ସଦର | ଚନ୍ଦ୍ରସାରଥୀ ବେହେରା | ପ୍ରକାଶ ଚନ୍ଦ୍ର ସେଠୀ | ରାମଚନ୍ଦ୍ର ଗୋଛାୟତ |
| ୯୪ | ସାଲେପୁର | ପ୍ରଶାନ୍ତ ବେହେରା | ଅରିନ୍ଦମ ରାୟ | ଆକ୍ୟୁବ୍ ଉଜ୍‌ମାନ ଖାନ୍ |
| ୯୫ | ମାହାଙ୍ଗା | ଅଙ୍କିତ ପ୍ରତାପ ଜେନା | ସୁମନ୍ତ କୁମାର ଘଡ଼େଇ | ଦେବେନ୍ଦ୍ର କୁମାର ସାହୁ |
| ୯୬ | ପାଟକୁରା | ଅରବିନ୍ଦ ମହାପାତ୍ର | ତେଜେଶ୍ୱର ପରିଡ଼ା | ରତିକାନ୍ତ କାନୁନଗୋ |
| ୯୭ | କେନ୍ଦ୍ରାପଡ଼ା | ଗଣେଶ୍ୱର ବେହେରା | ଗୀତାଞ୍ଜଳି ସେଠୀ | ସିପ୍ରା ମଲ୍ଲିକ |
| ୯୮ | ଆଳି | ପ୍ରତାପ କେଶରୀ ଦେବ | କୃଷ୍ଣ ଚନ୍ଦ୍ର ପଣ୍ଡା | ଦେବସ୍ମିତା ଶର୍ମା |
| ୯୯ | ରାଜନଗର | ଧ୍ରୁବଚରଣ ସାହୁ | ଲଳିତ ବେହେରା | ଅଶୋକ ପ୍ରତିହାରୀ |
| ୧୦୦ | ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ | ଦୁର୍ଗା ପ୍ରସନ୍ନ ନାୟକ | ଲୋକନାଥ ମହାରଥୀ |
| ୧୦୧ | ପାରାଦୀପ | ଗୀତାଞ୍ଜଳି ରାଉତରାୟ | ସମ୍ପଦ ସ୍ୱାଇଁ | ନିରଞ୍ଜନ ନାୟକ |
| ୧୦୨ | ତିର୍ତ୍ତୋଲ | ରମାକାନ୍ତ ଭୋଇ | ରାଜକିଶୋର ବେହେରା | ହିମାଂଶୁ ଭୂଷଣ ମଲ୍ଲିକ |
| ୧୦୩ | ବାଲିକୁଦା–ଏରସମା | ସାରଦା ପ୍ରସନ୍ନ ଜେନା | ସତ୍ୟସାରଥି ମହାନ୍ତି | ନଳିନୀ ସ୍ୱାଇଁ |
| ୧୦୪ | ଜଗତ୍‌ସିଂହପୁର | ପ୍ରଶାନ୍ତ କୁମାର ମୁଦୁଲି | ଅମରେନ୍ଦ୍ର ଦାସ | ପ୍ରତିମା ମଲ୍ଲିକ |
| ୧୦୫ | କାକଟପୁର | ତୁଷାରକାନ୍ତି ବେହେରା | ବାଇଧର ମଲ୍ଲିକ | ବିଶ୍ୱଭୂଷଣ ଦାସ |
| ୧୦୬ | ନିମାପଡ଼ା | ଦିଲୀପ କୁମାର ନାୟକ | ପ୍ରଭାତୀ ପରିଡ଼ା | ସିଦ୍ଧାର୍ଥ ରାଉତରାୟ |
| ୧୦୭ | ପୁରୀ | ସୁନୀଲ ମହାନ୍ତି | ଜୟନ୍ତ ଷଡ଼ଙ୍ଗୀ | ସୁଜିତ ମହାପାତ୍ର |
| ୧୦୮ | ବ୍ରହ୍ମଗିରି | ଉମାକାନ୍ତ ସାମନ୍ତରାୟ | ଉପାସନା ମହାପାତ୍ର | ମିତ୍ରଭାନୁ ମହାପାତ୍ର |
| ୧୦୯ | ସତ୍ୟବାଦୀ | ସଞ୍ଜୟ ଦାସବର୍ମା | ଓମ୍ ପ୍ରକାଶ ମିଶ୍ର | ମନୋଜ ରଥ |
| ୧୧୦ | ପିପିଲି | ରୁଦ୍ରପ୍ରତାପ ମହାରଥୀ | ଆଶ୍ରିତ ପଟ୍ଟନାୟକ | ଜ୍ଞାନରଞ୍ଜନ ପଟ୍ଟନାୟକ |
| ୧୧୧ | ଜୟଦେବ | ନବକିଶୋର ମଲ୍ଲିକ | ଅରବିନ୍ଦ ଢାଲି | କୃଷ୍ଣଚନ୍ଦ୍ର ସଗରିଆ |
| ୧୧୨ | ଭୁବନେଶ୍ୱର ମଧ୍ୟ | ଅନନ୍ତନାରାୟଣ ଜେନା | ଜଗନ୍ନାଥ ପ୍ରଧାନ | ପ୍ରକାଶ ଚନ୍ଦ୍ର ଜେନା |
| ୧୧୩ | ଭୁବନେଶ୍ୱର ଉତ୍ତର | ସୁଶାନ୍ତ କୁମାର ରାଉତ | ପ୍ରିୟଦର୍ଶୀ ମିଶ୍ର | ଅଶୋକ କୁମାର ଦାସ |
| ୧୧୪ | ଭୁବନେଶ୍ୱର ଏକାମ୍ର | ଅଶୋକ ଚନ୍ଦ୍ର ପଣ୍ଡା | ବାବୁ ସିଂହ | ପ୍ରଶାନ୍ତ କୁମାର ଚମ୍ପତି |
| ୧୧୫ | ଜଟଣୀ | ବିଭୂତି ବଳବନ୍ତରାୟ | ବିଶ୍ୱରଞ୍ଜନ ବଡ଼ଜେନା | ସନ୍ତୋଷ ଜେନା |
| ୧୧୬ | ବେଗୁନିଆ | ପ୍ରଶାନ୍ତ କୁମାର ସାହୁ | ପ୍ରକାଶ ଚନ୍ଦ୍ର ରଣବିଜୁଳି | ପୃଥ୍ୱୀବଲ୍ଲଭ ପଟ୍ଟନାୟକ |
| ୧୧୭ | ଖୋର୍ଦ୍ଧା | ରାଜେନ୍ଦ୍ର କୁମାର ସାହୁ | ପ୍ରଶାନ୍ତ ଜଗଦ୍ଦେବ | ସୋନାଲି ସାହୁ |
| ୧୧୮ | ଚିଲିକା | ରଘୁନାଥ ସାହୁ | ପୃଥ୍ୱୀରାଜ ହରିଚନ୍ଦନ | ପ୍ରଦୀପ କୁମାର ସ୍ୱାଇଁ |
| ୧୧୯ | ରଣପୁର | ସତ୍ୟନାରାୟଣ ପ୍ରଧାନ | ସୁରମା ପାଢ଼ୀ | ବିଭୁପ୍ରସାଦ ମିଶ୍ର |
| ୧୨୦ | ଖଣ୍ଡପଡ଼ା | ସାବିତ୍ରୀ ପ୍ରଧାନ | ଦୁଷ୍ମନ୍ତ ସ୍ୱାଇଁ | ବୈଜୟନ୍ତୀମାଳା ମହାନ୍ତି |
| ୧୨୧ | ନୟାଗଡ଼ | ଅରୁଣ କୁମାର ସାହୁ | ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ | ରଞ୍ଜିତ ଦାଶ |
| ୧୨୨ | ଦଶପଲ୍ଲା | ରମେଶ ଚନ୍ଦ୍ର ବେହେରା | ରାଘବ ମଲ୍ଲିକ | ନକୁଳ ନାୟକ |
| ୧୨୩ | ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ | ପ୍ରଦ୍ୟୁମ୍ନ କୁମାର ନାୟକ | ପ୍ରଶାନ୍ତ କୁମାର ବିଶୋଇ |
| ୧୨୪ | ପୋଲସରା | ଶ୍ରୀକାନ୍ତ ସାହୁ | ଗୋକୁଳାନନ୍ଦ ମଲ୍ଲିକ | ଅଗସ୍ତି ବରାଡ଼ |
| ୧୨୫ | କବିସୂର୍ଯ୍ୟନଗର | ଲତିକା ପ୍ରଧାନ | ପ୍ରତାପ ଚନ୍ଦ୍ର ନାୟକ | ସଞ୍ଜୟ କୁମାର ମଣ୍ଡଳ |
| ୧୨୬ | ଖଲ୍ଲିକୋଟ | ସୂର୍ଯ୍ୟମଣି ବୈଦ୍ୟ | ପୂର୍ଣ୍ଣଚନ୍ଦ୍ର ସେଠୀ | ଚିତ୍ରସେନ ବେହେରା |
| ୧୨୭ | ଛତ୍ରପୁର | ସୁବାସ ଚନ୍ଦ୍ର ବେହେରା | କୃଷ୍ଣ ଚନ୍ଦ୍ର ନାୟକ | |
| ୧୨୮ | ଆସ୍କା | ମଞ୍ଜୁଳା ସ୍ୱାଇଁ | ସରୋଜ ପାଢ଼ୀ | ସୌରଭ ବିଶୋଇ |
| ୧୨୯ | ସୋରଡ଼ା | ସଂଘମିତ୍ରା ସ୍ୱାଇଁ | ନୀଳମଣି ବିଷୋଇ | ହରେକୃଷ୍ଣ ରଥ |
| ୧୩୦ | ସାନଖେମୁଣ୍ଡି | ସୁଲକ୍ଷଣା ଗୀତାଞ୍ଜଳି ଦେବୀ | ଉତ୍ତମ କୁମାର ପାଣିଗ୍ରାହୀ | ରମେଶ ଚନ୍ଦ୍ର ଜେନା |
| ୧୩୧ | ହିଞ୍ଜିଳି | ନବୀନ ପଟ୍ଟନାୟକ | ଶିଶିର ମିଶ୍ର | ରଜନୀକାନ୍ତ ପାଢ଼ୀ |
| ୧୩୨ | ଗୋପାଳପୁର | ବିକ୍ରମ କୁମାର ପଣ୍ଡା | ବିଭୂତି ଭୂଷଣ ଜେନା | ଶ୍ୟାମସୁନ୍ଦର ସାହୁ |
| ୧୩୩ | ବ୍ରହ୍ମପୁର | ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ | କେ. ଅନିଲ କୁମାର | ଦୀପକ ପଟ୍ଟନାୟକ |
| ୧୩୪ | ଦିଗପହଣ୍ଡି | ବିପ୍ଳବ ପାତ୍ର | ସିଦ୍ଧାନ୍ତ ମହାପାତ୍ର | ଶ୍ରୀଧର ଦେବ |
| ୧୩୫ | ଚିକିଟି | ଚିନ୍ମୟାନନ୍ଦ ଶ୍ରୀରୂପ ଦେବ | ମନୋରଞ୍ଜନ ଦ୍ୟାନସାମନ୍ତରାୟ | ରବୀନ୍ଦ୍ର ନାଥ ଦ୍ୟାନସାମନ୍ତରାୟ |
| ୧୩୬ | ମୋହନା | ଅନ୍ତର୍ଯ୍ୟାମୀ ଗମାଙ୍ଗ | ପ୍ରଶାନ୍ତ ମଲ୍ଲିକ | ଦାଶରଥି ଗମାଙ୍ଗ |
| ୧୩୭ | ପାରଳାଖେମୁଣ୍ଡି | ରୂପେଶ ପାଣିଗ୍ରାହୀ | କେ. ନାରାୟଣ ଦେଓ | ବିଜୟ ପଟ୍ଟନାୟକ |
| ୧୩୮ | ଗୁଣପୁର | ରଘୁନାଥ ଗମାଙ୍ଗ | ତ୍ରିନାଥ ଗମାଙ୍ଗ | ସତ୍ୟଜିତ ଗମାଙ୍ଗ |
| ୧୩୯ | ବିଷମକଟକ | ଜଗନ୍ନାଥ ସାରକା | ଜଗନ୍ନାଥ ନନ୍ଦ୍ରକା | ନୀଳମାଧବ ହିକ୍କା |
| ୧୪୦ | ରାୟଗଡ଼ା | ଅନସୂୟା ମାଝୀ | ବସନ୍ତ କୁମାର ଉଲ୍ଲାକା | କାଦ୍ରାକା ଆଲାପାସ୍ୱାମୀ |
| ୧୪୧ | ଲକ୍ଷ୍ମୀପୁର | ପ୍ରଭୁ ଜାନି | କୈଳାସ କୁଲେସିକା | ପବିତ୍ର ସାଉଁଟା |
| ୧୪୨ | କୋଟପାଡ଼ | ଚନ୍ଦ୍ରଶେଖର ମାଝୀ | ରୂପୁ ବାତ୍ରା | ଅନାମ ଦିଆନ |
| ୧୪୩ | ଜୟପୁର | ଡ. ଇନ୍ଦିରା ନନ୍ଦ | ଗୌତମ ସାମନ୍ତରାୟ | ତାରାପ୍ରସାଦ ବାହିନୀପତି |
| ୧୪୪ | କୋରାପୁଟ | ରଘୁରାମ ପୋଡ଼ାଲ | ରଘୁରାମ ମାଛ | କୃଷ୍ଣଚନ୍ଦ୍ର କୁଲଦିପ |
| ୧୪୫ | ପଟ୍ଟାଙ୍ଗୀ | ପ୍ରଫୁଲ୍ଲ କୁମାର ପାଙ୍ଗୀ | ଚୈତନ୍ୟ ନନ୍ଦିବାଲି | ରାମଚନ୍ଦ୍ର କାଡ଼ାମ |
| ୧୪୬ | ମାଲକାନଗିରି | ମାନସ ମାଡ଼କାମୀ | ନରସିଂହ ମାଡ଼କାମୀ | ମାଲା ମାଢ଼ୀ |
| ୧୪୭ | ଚିତ୍ରକୋଣ୍ଡା | ଲକ୍ଷ୍ମୀପ୍ରିୟା ନାୟକ | ଡମ୍ବରୁ ଶିଶା | ମଙ୍ଗୁ ଖିଲା |

# ୩ ପ୍ରମୁଖ ଦଳର ଲୋକ ସଭା ପ୍ରାର୍ଥୀ

| | ଲୋକ ସଭା ନିର୍ବାଚନମଣ୍ଡଳୀ | ବିଜେଡି | ଭାଜପା | କଂଗ୍ରେସ |
|---|---|---|---|---|
| ୧ | କଳାହାଣ୍ଡି | ଲମ୍ବୋଦର ନିଆଲ | ମାଳବିକା କେଶରୀ ଦେଓ | ଦ୍ରୌପଦୀ ମାଝୀ |
| ୨. | ସମ୍ବଲପୁର | ପ୍ରଣବ ପ୍ରକାଶ ଦାସ | ଧର୍ମେନ୍ଦ୍ର ପ୍ରଧାନ | ନଗେନ୍ଦ୍ର ପ୍ରଧାନ |
| ୩. | ସୁନ୍ଦରଗଡ଼ | ଦିଲ୍ଲୀପ ତିର୍କୀ | ଜୁଏଲ ଓରାମ | ଜନାର୍ଦ୍ଦନ ଦେହୁରୀ |
| ୪. | ମୟୂରଭଞ୍ଜ | ସୁଦାମ ମାର୍ଣ୍ଡି | ନବଚରଣ ମାଝୀ | ଅଞ୍ଜନୀ ସୋରେନ(ମେଣ୍ଟ) |
| ୫. | କେନ୍ଦ୍ରାପଡ଼ା | ଅଂଶୁମାନ ମହାନ୍ତି | ବୈଜୟନ୍ତ ପଣ୍ଡା | ସିଦ୍ଧାର୍ଥ ସ୍ୱରୂପ ଦାସ |
| ୬. | ନବରଙ୍ଗପୁର | ପ୍ରଦୀପ କୁମାର ମାଝୀ | ବଳଭଦ୍ର ମାଝୀ | ଭୁଜବଳ ମାଝୀ |
| ୭. | ଭୁବନେଶ୍ୱର | ମନ୍ମଥ ରାଉତରାୟ | ଅପରାଜିତା ଷଡ଼ଙ୍ଗୀ | ୱାସିର୍ ନୱାଜ |
| ୮. | କୋରାପୁଟ | କୌଶଲ୍ୟା ହିକକା | କାଳିରାମ ମାଝୀ | ସପ୍ତଗିରି ଉଲାକା |
| ୯. | ଆସିକା | କୁମାରୀ ରଞ୍ଜିତା ସାହୁ | ଅନିତା ଶୁଭଦର୍ଶିନୀ | ଦେବକାନ୍ତ ଶର୍ମା |
| ୧୦. | ପୁରୀ | ଅରୂପ ପଟ୍ଟନାୟକ | ସମ୍ବିତ ପାତ୍ର | ସୁଚିତ୍ରା ମହାନ୍ତି |
| ୧୧. | ଢେଙ୍କାନାଳ | ଅବିନାଶ ସାମଲ | ରୁଦ୍ରନାରାୟଣ ପାଣି | ସସ୍ମିତା ବେହେରା |
| ୧୨. | ଜଗତ୍‌ସିଂହପୁର | ରାଜଶ୍ରୀ ମଲ୍ଲିକ | ବିଭୁପ୍ରସାଦ ତରାଇ | ରବୀନ୍ଦ୍ର କୁମାର ସେଠୀ |
| ୧୩. | କନ୍ଧମାଳ | ଅଚ୍ୟୁତାନନ୍ଦ ସାମନ୍ତ | ସୁଶାନ୍ତ କୁମାର ପାଣିଗ୍ରାହୀ | ଅମୀର୍ ଚାନ୍ଦ ନାୟକ |
| ୧୪. | କଟକ | ସଂନ୍ତୃପ୍ତ ମିଶ୍ର | ଭର୍ତ୍ତୃହରି ମହତାବ | ସୁରେଶ ମହାପାତ୍ର |
| ୧୫. | ଯାଜପୁର | ଶର୍ମିଷ୍ଠା ସେଠୀ | ରବୀନ୍ଦ୍ର ନାରାୟଣ ବେହେରା | ଅଞ୍ଚଳ ଦାସ |
| ୧୬. | ବଲାଙ୍ଗୀର | ସୁରେନ୍ଦ୍ର ସିଂ ଭୋଇ | ସଙ୍ଗୀତା କୁମାରୀ ସିଂଦେଓ | ମନୋଜ ମିଶ୍ର |
| ୧୭. | ଭଦ୍ରକ | ମଞ୍ଜୁଲତା ମଣ୍ଡଳ | ଅଭିମନ୍ୟୁ ସେଠୀ | ଅନନ୍ତ ପ୍ରସାଦ ସେଠୀ |
| ୧୮. | ବରଗଡ଼ | ପରିଣୀତା ମିଶ୍ର | ପ୍ରଦୀପ ପୁରୋହିତ | ସଞ୍ଜୟ ଭୋଇ |
| ୧୯. | ବ୍ରହ୍ମପୁର | ଭୃଗୁ ବକ୍ସିପାତ୍ର | ପ୍ରଦୀପ ପାଣିଗ୍ରାହୀ | ରଶ୍ମୀରଞ୍ଜନ ପଟ୍ଟନାୟକ |
| ୨୦. | କେନ୍ଦୁଝର | ଧନୁର୍ଜୟ ସିଦ୍ଧୁ | ଅନନ୍ତ ନାୟକ | ବିନୋଦ ବିହାରୀ ନାୟକ |
| ୨୧. | ବାଲେଶ୍ୱର | ଲେଖାଶ୍ରୀ ସାମନ୍ତସିଂହାର | ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ | ଶ୍ରୀକାନ୍ତ ଜେନା |

## ସୁକାନ୍ତଙ୍କୁ ଟିକେଟ, ବିଜେଡି ଛାଡ଼ିଲେ ସନ୍ତୋଷ

**ନୀଳଗିରି ବିଧାନସଭା**


ସୁକାନ୍ତ ନାୟକ

**ନୀଳଗିରି,୨।୫(ପ୍ରଶାନ୍ତ ବିଶ୍ୱାଳ):** ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜୁଜନତା ଦଳ ନୀଳଗିରି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଶେଷରେ ବିଧାୟକ ସୁକାନ୍ତ ନାୟକଙ୍କ ଉପରେ ଭରସା କରିଛନ୍ତି ବିଜେଡି ସୁପ୍ରିମୋ। ଦୀର୍ଘଦିନ ଧରି ଉକ୍ତ ଆସନ ପାଇଁ ଦଳର ଦୁଇ ହେଭିୱେଟ୍ ଆଶାୟୀ ନେତାଙ୍କ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଥିଲା। ଶେଷରେ ସୁକାନ୍ତ ବାଜି ମାରିନେଇଛନ୍ତି।

ଗତ ମାର୍ଚ୍ଚ ୩୦ତାରିଖରେ ବର୍ତ୍ତମାନର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇଥିଲେ। ସେବେଠାରୁ ବିଜେଡିର ଟିକେଟ କିଏ ନେବ ସେନେଇ ଆଶା ଆଶଙ୍କାରେ ଥିଲେ ଉଭୟ ଗୋଷ୍ଠୀର ନେତା ଓ କର୍ମୀ। ୨୦୧୪ରେ ନୀଳଗିରି ନିର୍ବାଚନମଣ୍ଡଳୀରୁ ବିଜେଡିଟିକେଟରୁ ପ୍ରାର୍ଥୀ ହୋଇ ବିଧାୟକ ଆସନ ଅଳଙ୍କୃତ କରିଥିଲେ। ପରେ ୨୦୧୯ ନିର୍ବାଚନରେ ବିଜେଡିର ଅନ୍ତଃକନ୍ଦଳ ପାଇଁ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ପୁନର୍ବାର ନୀଳଗିରି ଆସନରୁ ବିଜୟୀ ହୋଇ ବିଧାୟକ ହୋଇଥିଲେ। ତେବେ ଗତ କିଛି ଦିନ ତଳେ ସୁକାନ୍ତ ପୁନର୍ବାର ଘରବାହୁଡ଼ା ହୋଇଥିଲେ। ସେବେଠାରୁ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଉପରେ ଆସ୍ଥା ରଖି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ନୀଳଗିରି ପାଇଁ ଟିକେଟ ପ୍ରଦାନ କରିଛନ୍ତି। ଫଳରେ ଆଶାୟୀ ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ନିରାଶ ହୋଇ ଦଳ ଛାଡିଛନ୍ତି। ସେ ନିଜର ଇସ୍ତଫାପତ୍ରକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏଥିସହିତ ଆଗାମୀ ନିର୍ବାଚନରେ ସେ କେଉଁ ଦଳରୁ ପ୍ରାର୍ଥୀ ହେବେ ସେନେଇ ନିଜର ସମର୍ଥକଙ୍କ ସହ ବିଚାରବିମର୍ଷ କରୁଥିବା ଦେଖିବାକୁ ମିଳିଛି।

## ଅଞ୍ଜନୀ ସୋରେନ ଜେଏମ୍‌ଏମ୍ ଏମ୍‌ପି ପ୍ରାର୍ଥୀ

**ମୟୂରଭଞ୍ଜ ଲୋକ ସଭା ଆସନ**

**ବାରିପଦା,୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)** ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ପୂର୍ବତନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭଉଣୀ ଅଞ୍ଜନୀ ସୋରେନଙ୍କୁ ଦଳ ପକ୍ଷରୁ ଦ୍ୱିତୀୟ ଥର ପାଇଁ ଏମ୍‌ପି ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ଅଞ୍ଜନୀଙ୍କୁ ମିଶାଇ ଜିଲାରେ ୪ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜିଲାରେ ଏମ୍‌ପି ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଥିବାରୁ ସମସ୍ତଙ୍କ ନଜର ଏହି ଆସନ ଉପରେ ରହିଛି। ବିଜେଡିରୁ ସୁଦାମ ମାର୍ଣ୍ଡି, ଭାଜପାରୁ ନବଚରଣ ମାଝୀ ଓ ଯୁବ ସଙ୍ଗଠନ ଭଞ୍ଜସେନାରୁ ବାଜୁନ ହାଁସଦା ପ୍ରାର୍ଥୀ ହୋଇଥିବା ବେଳେ ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଥିବାରୁ ଏଥର ଜୋରଦାର ଲଢ଼େଇ ହେବ ବୋଲି ଆଲୋଚନା ହେଉଛି।


ଅଞ୍ଜନୀ ସୋରେନ

୨୦୧୯ ସାଧାରଣ ନିର୍ବାଚନରେ ଅଞ୍ଜନୀ ମୟୂରଭଞ୍ଜ ଲୋକସଭା ଆସନରୁ ପ୍ରାର୍ଥୀ ହୋଇ ମୋଟ ୧ଲକ୍ଷ ୩୫ହଜାର ୫୫୨ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଭାଜପାର ଇଂ. ବିଶ୍ୱେଶ୍ୱର ଟୁଡୁ ୪ଲକ୍ଷ ୮୩ହଜାର ୮୧୨ ଓ ବିଜେଡିର ଡା.ଦେବାଶିଷ ମାରାଣ୍ଡି ୪ଲକ୍ଷ ୩୫ହଜାର ୫୫୬ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନ ଥିଲା। ତେବେ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୩ଟି ଜିଲାପରିଷଦ ଆସନ ଜେଏମ୍‌ଏମ୍ ଖାତାକୁ ଯାଇଥିଲା। ଜିଲାରେ ଜେଏମ୍‌ଏମ୍‌ର ଭଲ ସଙ୍ଗଠନ ରହିଥିବା ବେଳେ ପୂର୍ବରୁ ସୁଦାମ ଏହି ଦଳରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୧୪ରେ ଡା.ଦେବାଶିଷ ମାରାଣ୍ଡି ଜେଏମ୍‌ଏମ୍ ପକ୍ଷରୁ ଲୋକସଭା ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିଲେ।

# ନବୀନ ଇଞ୍ଜିନର ଶକ୍ତି ବହୁତ: ପାଣ୍ଡିଆନ

**ବାଲିଗୁଡ଼ା/ଜି.ଉଦୟଗିରି, ୨।୫(ସଞ୍ଜୟ କୁମାର ପାଣିଗ୍ରାହୀ/ଶିଶିର ପଟ୍ଟନାୟକ)**



ଜି.ଉଦୟଗିରିଠାରେ ଆୟୋଜିତ ନିର୍ବାଚନୀ ସଭାରେ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ଓଡ଼ିଶାରେ ଗୋଟିଏ ଇଞ୍ଜିନ, ତାହା ହେଉଛି ନବୀନ ଇଞ୍ଜିନ। ନବୀନ ଇଞ୍ଜିନର ଶକ୍ତି ବହୁତ, କେବେ ବି ଖରାପ ହେବ ନାହିଁ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। କନ୍ଧମାଳ ଜିଲା ବାଲିଗୁଡ଼ା ଓ ଜି.ଉଦୟଗିରିଠାରେ ଗୁରୁବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରି ସେମାନଙ୍କୁ ବିପୁଳ ଭୋଟରେ ଜିତାଇବାକୁ ଅନୁରୋଧ କରିଛନ୍ତି। କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଏବଂ ବାଲିଗୁଡ଼ା ବିଧାନସଭା ଆସନ ପ୍ରାର୍ଥୀ ଚକ୍ରମଣି କହଁରଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ବିଜୟୀ କରିବାକୁ ପାଣ୍ଡିଆନ୍ କହିଛନ୍ତି। ବିରୋଧୀ ଦଳଙ୍କୁ ସିଧାସଳଖ ଆକ୍ରମଣ କରି କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନରେ ସବୁ ଜିଲାରେ ବିରୋଧୀ ହାରିଥିଲେ, ତେଣୁ ତାଙ୍କ ମନୋବଳ ପୂରା ଭାଙ୍ଗିଯାଇଛି। ତାଙ୍କ ପାଖରେ କହିବାକୁ କିଛି ନାହିଁ। ସେମାନେ କହୁଛନ୍ତି ବିଧାନସଭାରେ ୧୨୦ ଓ ଲୋକ ସଭାରେ ୧୬ ଆସନରେ ଜିତିବେ। କିନ୍ତୁ ପ୍ରାର୍ଥୀ ଦେବା ପାଇଁ ଭାଜପା ପାଖରେ ଲୋକ ନାହାନ୍ତି। ବିଜେଡି ପ୍ରାର୍ଥୀ ତାଲିକାକୁ ଚାହିଁ ବସୁଛନ୍ତି।

ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଓ ଭାଜପାର କିଛି ନେତା ବିଜେଡିରେ ଯୋଗ ଦେଇଥିଲେ। ଏହି ସଭା ସ୍ଥଳରେ ଏମ୍‌ପି ଅଚ୍ୟୁତ ସାମନ୍ତ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ସଂଯୋଜକ ଅଜୟ ମହାରଣା, ଚୁନା ଦାସ, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ନନ୍ଦିନୀ ମଲ୍ଲିକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଇସ୍ତଫାଦେଲେ ଅନୁଭବ

**ଖଣ୍ଡପଡ଼ା, ୨।୫ (ଅଜୟ କୁମାର ମହାରଣା)**

ଦୀର୍ଘଦିନର ପ୍ରତୀକ୍ଷା ପରେ ଗୁରୁବାର ବିଜେଡି ନୟାଗଡ଼ ଜିଲା ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସାବିତ୍ରୀ ପ୍ରଧାନଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛି। ବ୍ଲକ୍ ଅଧ୍ୟକ୍ଷାରୁ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଛନ୍ତି ସାବିତ୍ରୀ। ଫଳରେ ଦୀର୍ଘବର୍ଷରୁ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଥିବା ତଥା ଟିକେଟ୍ ଆଶାୟୀ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ନିରାଶ ହେବା ପରେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସାବିତ୍ରୀଙ୍କ ନାମ ଘୋଷଣା ପରେ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିଛି। ସୂଚନାଯୋଗ୍ୟ, ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସାବିତ୍ରୀ ଭାପୁର ବ୍ଲକ୍ ଅଧୀନ ଧାନଚାଙ୍ଗଡ଼ା ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ପରେ ଭାପୁର ବ୍ଲକ୍ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ପ୍ରାର୍ଥୀପତ୍ର ଦାଖଲ ବେଳେ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ



ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଜେଡି-ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି।

**ଖୋର୍ଦ୍ଧା, ୨।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ପ୍ରାର୍ଥୀପତ୍ର ଦାଖଲ ବେଳେ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ନାମାଙ୍କନ ଶୋଭାଯାତ୍ରାରେ ଆସିଥିବା ଭାଜପା ଓ ବିଜେଡି କର୍ମୀ ପରସ୍ପର ମହାଁମୁହିଁ ହୋଇଥିଲେ। ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିନ୍ଦାବାଦ କହୁଥିବା ବେଳେ ଭାଜପା କର୍ମୀମାନେ ଜୟ ଶ୍ରୀରାମ, ମୋଦି-ମୋଦି ବୋଲି କହିଥିଲେ। ଏହି ସମୟରେ ଉଭୟ ଦଳର କର୍ମୀ ମୁହାଁମୁହିଁ ହେବା ସହ ଧସ୍ତାଧସ୍ତି ହୋଇଥିଲେ। କିଛି ସମୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ହୋହଲ୍ଲା, ଏକପ୍ରକାର ରଣକ୍ଷେତ୍ର ପାଲଟି ଯାଇଥିଲା। ଖବରପାଇ ଡିଆଇଜି (ଏସ୍‌ପି ଦାୟିତ୍ୱରେ ଥିବା) ଅବିନାଶ କୁମାର ପହଞ୍ଚି ଉଭୟ ଦଳର କର୍ମୀଙ୍କୁ ବୁଝାଶୁଝା କରି କାର୍ଯ୍ୟାଳୟ ପରିସରରୁ ବାହାର କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, ନାମାଙ୍କନର ଚତୁର୍ଥ ଦିବସ ହୋଇଥିବାରୁ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ସମର୍ଥକଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସିଥିଲେ। ସେହିପରି ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ସମର୍ଥକଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିଲେ। ଏହି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉଭୟ ଦଳର କର୍ମୀ ମୁହାଁମୁହିଁ ହୋଇଥିଲେ। ପରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ଓଡ଼ିଶା ଚାଷୀ ମାସକୁ ୫ ହଜାର ରୋଜଗାର କରୁଛନ୍ତି: ମନମୋହନ



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ନେତୃବୃନ୍ଦ।

**ଭୁବନେଶ୍ୱର, ୨।୫(ସୁନିତ୍ ମିଶ୍ର)**

ବିଜେଡି ସରକାର ସଙ୍କଟ ଦେଇ ଗତି କରୁଛି। ଦଳ ଓ ସରକାରର ନେତୃତ୍ୱ ଅଭାବ ରହିଛି। ରାଜ୍ୟ ସରକାର ସବୁ ଦୃଷ୍ଟିରୁ ବିଫଳ। ଓଡ଼ିଶାର ଚାଷୀ ମାସକୁ ୫ ହଜାର ଟଙ୍କା ରୋଜଗାର କରୁଥିବାବେଳେ ପଞ୍ଜାବର ଚାଷୀ ଦେଢ଼ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଓଡ଼ିଶାରେ ମାତ୍ର ୧୭ ଭାଗ ଜମିରେ ଜଳସେଚନ ହୋଇଛି। ଭାଜପା ଓଡ଼ିଶାରେ କ୍ଷମତାକୁ ଆସିଲେ ଧାନ କିଣାରେ ସ୍ୱଚ୍ଛତା ରହିବ। ସବୁ ଧାନ ସରକାର କିଣିବେ। କୌଣସି କଟ୍‌ନି ଛଟ୍‌ନି ହେବ ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା ହେବ। ଚାଷୀର ରୋଜଗାର ୩ ଗୁଣା ବୃଦ୍ଧି ହେବ। ଡିବିଟି ମାଧ୍ୟମରେ ୪୮ ଘଣ୍ଟାରେ ଚାଷୀ ଟଙ୍କା ପାଇବେ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ ସରକାରଙ୍କ ଆଳୁ ମିଶନ, ପିଆଜ ମିଶନ ଫେଲ୍ ହୋଇଛି। ଏପରିକି ସବୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ବନ୍ଦ ହୋଇଗଲାଣି ବୋଲି ମନମୋହନ କହିଛନ୍ତି।

# ଜୋରଦାର ହେବ ବାରବାଟୀ-କଟକ ନିର୍ବାଚନ ଲଢ଼େଇ

**କଟକ, ୨।୫(ଶିଳ୍ପା ପ୍ରିୟଦର୍ଶିନୀ)**



ପ୍ରକାଶ ବେହେରା



ସୋଫିଆ ଫିର୍‌ଦୋସ



ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ନିର୍ବାଚନକୁ ମାତ୍ର ଅଳ୍ପଦିନ ବାକି ରହିଥିବାବେଳେ ସରଗରମ ହେବାରେ ଲାଗିଛି କଟକ ରାଜନୀତି। ଏପରି କି ସମସ୍ତ ନିର୍ବାଚନମଣ୍ଡଳୀ ଅପେକ୍ଷା ଏବେ ରୋଚକ ହୋଇଛି ବାରବାଟୀ-କଟକ। ଏହି ଆସନକୁ ନେଇ ୩ ପ୍ରମୁଖ ଦଳ ମଧ୍ୟରେ ଅଙ୍କକଷା ଜାରିରହିଥିଲା। ପ୍ରଥମେ ବିଜେଡି ବାରବାଟୀ-କଟକ ଆସନ ପାଇଁ ପ୍ରକାଶ ବେହେରାଙ୍କ ନାଁ ଘୋଷଣା କରିଥିଲା। କିଛିଦିନ ତଳେ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍‌ଦୋସଙ୍କ ନାମ କଂଗ୍ରେସ ଘୋଷଣା କରିଥିଲା। ଏପରି କି ବିଜେଡି ପ୍ରାର୍ଥୀ ପ୍ରକାଶ ବୁଧବାର ନାମାଙ୍କନପତ୍ର ଦାଖଲ କରିବାର ଗୋଟିଏ ଦିନ ପରେ ଅର୍ଥାତ୍ ଗୁରୁବାର ଭାଜପା ପ୍ରାର୍ଥୀ ଘୋଷଣା କରିଛି। ଭାଜପାର ରାଜ୍ୟ ଉପସଭାପତି ଦାୟିତ୍ୱରେ ଥିବା ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ପ୍ରାର୍ଥୀ ଭାବେ ଦଳ ସାମ୍ନାକୁ ଆଣିଛି। ଏବେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ୨ ପୁରୁଷ ଓ ଜଣେ ମହିଳାଙ୍କ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବା ନେଇ ଲୋକେ ଆଲୋଚନା କରୁଛନ୍ତି। ପ୍ରାର୍ଥୀ ଘୋଷଣା ପରେ ନିର୍ବାଚନ ପାଇଁ ବିଜେଡି ପ୍ରଥମେ ପ୍ରସ୍ତୁତି କରିଥିବାବେଳେ ପରେ ସେହି ଦୌଡରେ ସୋଫିଆ ସାମିଲ ହୋଇଛନ୍ତି। ହେଲେ ଭାଜପା ବିଳମ୍ବରେ ପ୍ରାର୍ଥୀ ଘୋଷଣା କରିବା ଯେପରି କଟକ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ପୂର୍ବରୁ ଲୋକ ସଭା ଟିକେଟ ପାଇଁ ଆଶାୟୀ ଥିଲେ। ହେଲେ ଭର୍ତ୍ତୃହରି ମହତାବ ଭାଜପାରେ ଯୋଗଦେବା ପରେ ଦଳ ତାଙ୍କୁ ଟିକେଟ ଦେଇଥିଲା। ପରେ ଦଳ ପୂର୍ଣ୍ଣଚନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବା ପାଇଁ ବାରବାଟୀ-କଟକ ବିଧାନସଭା ଟିକେଟ ଦେବା ନେଇ ପ୍ରସ୍ତାବ ଦେଇଥିଲା। ହେଲେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପୂର୍ଣ୍ଣଚନ୍ଦ୍ର ଏଥିପାଇଁ ସ୍ପଷ୍ଟ ଭାବେ ମନା କରିଥିଲେ। ହେଲେ ଦଳ ଏପରି ଭାବେ ପୂର୍ଣ୍ଣଚନ୍ଦ୍ରଙ୍କ ନାଁ ଘୋଷଣା କରି ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରିଥିଲା। ଏପରି କି ପୂର୍ଣ୍ଣଚନ୍ଦ୍ର ସ୍ତ୍ରୀ ଓ ପ୍ରସୂତିରୋଗ ଚିକିତ୍ସକ ଥିବାବେଳେ ରାଜ୍ୟତମାମ ସେ ସେବା ଯୋଗାଇଛନ୍ତି। ତେଣୁ ଭାଜପା ତାଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରି ମହିଳା ଭୋଟ ହାତେଇବା ନେଇ ଯୋଜନା କରିଥିବା ଆଲୋଚନା ହେଉଛି। ପୂର୍ଣ୍ଣଚନ୍ଦ୍ର ଓ ସୋଫିଆ ପ୍ରଥମଥର ବାରବାଟୀ-କଟକରୁ ନିଜ ଭାଗ୍ୟ ପରୀକ୍ଷା କରୁଥିବାବେଳେ ନିର୍ବାଚନ ଲଢ଼ିବାରେ ନୂଆ ନ ହୋଇଥିଲେ ମଧ୍ୟ ବିଜେଡିରେ ଯୋଗଦେବା ପରେ ବାରବାଟୀ-କଟକରୁ ପ୍ରଥମକରି ଟିକେଟ ପାଇଛନ୍ତି ପ୍ରକାଶ। ୩ ଦଳ ତିନୋଟି ନୂଆ ଚେହେରାଙ୍କୁ ସୁଯୋଗ ଦେଇଛି ସତ, ହେଲେ କିଏ ବିଜୟ ମୁକୁଟ ପିନ୍ଧିବ ତାହା ଦେଖିବାକୁ ବାକି ରହିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା ବୁଲାଇଲେ ଜଗଦ୍ଦେବ



ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଗଦା ବୁଲାଉଛନ୍ତି।

**ଖୋର୍ଦ୍ଧା, ୨।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବିଧାନସଭା ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଗୁରୁବାର ନାମାଙ୍କନପତ୍ର ଦାଖଲ ପାଇଁ ୧୬ନଂ. ରାଜପଥ ପାର୍ଶ୍ୱରେ ଥିବା ପଞ୍ଚପାଇକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶୋଭାଯାତ୍ରାରେ ବାହାରିଥିଲେ। ସେ ପାଇକ ବେଶରେ ଘୋଡ଼ାଗାଡ଼ିରେ ଆସି ସାମନ୍ତରାପୁର, ଗୋଡ଼ିପୋଖରୀ, ଟ୍ରାଫିକ ଛକ ଦେଇ ବ୍ୟାଙ୍କ ଛକଠାରେ ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେ ଗଦା ଧରି ବୁଲାଉଥିବା ଦେଖିବାକୁ ମିଳିଥିଲା। ପରେ ଅପରାଜିତାଙ୍କ ନାମାଙ୍କନରେ ଉପସ୍ଥିତ ଥିଲେ। ତେବେ ନାମାଙ୍କନ ସମୟ ସରିଯାଇଥିବାରୁ ଜଗଦ୍ଦେବ ନାମାଙ୍କନପତ୍ର ଦାଖଲ କରିପାରି ନ ଥିଲେ। ଶୁକ୍ରବାର ସେ ନାମାଙ୍କନ ଭରିବେ ବୋଲି ଜଣାପଡ଼ିଛି।

# ସୁଧାଂଶୁଙ୍କ ଉପରେ ଭରସା କଲା ଭାଜପା

**ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର**

**ଭଦ୍ରକ, ୨।୫(ସନାତନ ରାଉତ)**



ସୁଧାଂଶୁ ଶେଖର ନାୟକ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଡ. ସୁଧାଂଶୁ ଶେଖର ନାୟକଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଗୁରୁବାର ଘୋଷଣା କରିଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ଗତ ଥର ଦଳୀୟ ପ୍ରାର୍ଥୀ ରହିଥିବା ବଦ୍ରିନାରାୟଣ ଧଳଙ୍କ ସହ ପଞ୍ଚାନନ ରାଉତ ଓ ସଂଘମିତ୍ରା ପଣ୍ଡା ଆଶାୟୀ ଥିଲେ। ହେଲେ ସୁଧାଂଶୁ ଟିକେଟ ପାଇବାରେ ସଫଳ ହୋଇଛନ୍ତି। ସୁଧାଂଶୁ ଜଣେ ଅବସରପ୍ରାପ୍ତ ଅଧ୍ୟାପକ ତଥା ନାଟ୍ୟକାର ଭାବେ ଜଣାଶୁଣା। ସାଙ୍ଗଠନିକ ଦକ୍ଷତା ଯୋଗୁ ତାଙ୍କ ସ୍ତ୍ରୀ ରେବତୀ ନାୟକ ବନ୍ତ ବ୍ଲକରେ ଦୁଇଥର ଅଧ୍ୟକ୍ଷା ପଦରେ ରହିଥିବା ବେଳେ ୧୫ ନଂ. ଜୋନ୍‌ରୁ ଜିଲା ପରିଷଦ ସଭ୍ୟା ମଧ୍ୟ ଥିଲେ। ବନ୍ତ ବ୍ଲକର ବିଜେଡି ସଙ୍ଗଠନର ମୁଖ୍ୟ କାର୍ପଟଦାର ଥିବାବେଳେ ୨୦୨୩ରେ ଦଳୀୟ ବିଧାୟକ ଓ ତାଙ୍କ ପ୍ରତିନିଧିଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରି ସୁଧାଂଶୁ ଏକ ବୈଠକ କରିଥିଲେ। ପରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ସମେତ ତାଙ୍କ ସ୍ତ୍ରୀ ରେବତୀ ଓ ସେତେବେଳର ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ପରେ ସେ ତାଙ୍କର ସମର୍ଥକଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିଲେ। ବନ୍ତ ବ୍ଲକର ସମସ୍ତ ପଞ୍ଚାୟତରେ ସୁଧାଂଶୁଙ୍କର ସ୍ୱତନ୍ତ୍ର ସଙ୍ଗଠନ ରହିଥିବାରୁ ଏଥର ନିର୍ବାଚନରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# କଳାହାଣ୍ଡିରେ ଭାଜପାର ଶକ୍ତି ପ୍ରଦର୍ଶନ




ଉଦେଶୃଙ୍ଗଠାରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ ଉଦ୍‌ବୋଧନ ଦେଉଛନ୍ତି।

**ଭବାନୀପାଟଣା, ୨।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିରେ ବୁଧବାର ଭାଜପା ନିଜର ଶକ୍ତି ପ୍ରଦର୍ଶନ କରିଛି। ଗୋଟିଏ ଦିନରେ ଜୁନାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକର ଉଦେଶୃଙ୍ଗଠାରେ ବିଶାଳ ମିଶ୍ରଣ ପର୍ବ ଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଠେମରାଠାରେ ବିଜୟ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ ଯୋଗଦେଇ ଦଳୀୟ ଲୋକ ସଭା ପ୍ରାର୍ଥିନୀ ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି।

ମଧ୍ୟାହ୍ନ ୧୧ଟା ୫୦ରେ ହେଲିକପ୍ଟର ଯୋଗେ କେନ୍ଦ୍ରମନ୍ତ୍ରୀ ଯାଦବ ଉଦେଶୃଙ୍ଗଠାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେଡି ଓ କଂଗ୍ରେସ ଉପରେ ବର୍ଷିଥିଲେ। ବର୍ତ୍ତମାନ ଦେଶରେ ମୋଦି ହାୱା ଚାଲିଛି। ଏଥର କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେବ। ଓଡ଼ିଶାରେ ଭାଜପା ସରକାର ଆସିଲେ ଓଡ଼ିଆ ଲୋକ ମୁଖ୍ୟମନ୍ତ୍ରୀ ହେବେ। ଏହାସହ ଧାନ କୁଇଣ୍ଟାଲ ୩୧ଶହ, ପ୍ରତି ମହିଳାଙ୍କୁ ମାସକୁ ୧ହଜାର, ବାର୍ଦ୍ଧକ୍ୟ ଭତ୍ତା ୨୫ଶହ, ମାଗଣା ରାଶନ, ୩ଶହ ୟୁନିଟ୍ ବିଜୁଳି ମାଗଣା ଦିଆଯିବ ବୋଲି କହିଥିଲେ। ଦଳିତ ଯୁବକ ପୂର୍ବତନ ଗୋଲାମୁଣ୍ଡା ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ବିନା ଦୋଷରେ ୨ ଥର ଜେଲ ପଠାଇବା ଘଟଣାକୁ ନିନ୍ଦା କରିଥିଲେ। ଭାଜପା ସରକାର ଆସିଲେ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେହିପରି ମମିତା ମେହେର ହତ୍ୟା ଘଟଣା ଓ ଜେଲରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ମାମଲାକୁ ତଦନ୍ତ ପାଇଁ ସିବିଆଇକୁ ଦିଆଯିବ ବୋଲି କହିଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, କଳାହାଣ୍ଡି ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ, ଜୁନାଗଡ ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭୋଗରାଇରେ ଆଶିଷ ଭାଜପା ପ୍ରାର୍ଥୀ

**ଭୋଗରାଇ, ୨।୫(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଆଶିଷ କୁମାର ପାତ୍ରଙ୍କୁ ଭାଜପା ପ୍ରାର୍ଥୀ କରିଛି। ନିକଟରେ ସେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଶେଷ ମୁହୂର୍ତ୍ତରେ ଦଳ ତାଙ୍କୁ ଭରସା କରି ପ୍ରାର୍ଥୀ ଘୋଷଣା କରିଛି। ୨୦୧୭ରୁ ଯୁବ ବ୍ୟବସାୟୀ ଅଂଶୁମାନ ମହାନ୍ତି ଦଳୀୟ ନେତୃତ୍ୱ ନେଇ ଆସୁଥିବା ବେଳେ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ବିରୋଧ କରିଆସୁଥିଲେ। ଏନେଇ ଦଳରେ ଅଦ୍ୟାବଧି ଅସନ୍ତୋଷ ଲାଗି ରହିଥିବା ବେଳେ ନେତୃତ୍ୱ ପରିବର୍ତ୍ତନ ନେଇ ଦାବି ହୋଇ ଆସୁଥିଲା। ଭାଜପା ଦଳୀୟ ଆଶାୟୀ ପ୍ରାର୍ଥୀ ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ପରେଶ କୁମାର ନାୟକ, ଭୋଗରାଇ ଏମ୍‌ପି ପ୍ରତିନିଧି ଆଶିଷ କୁମାର ମହାନ୍ତି, ସଞ୍ଜୀବ କୁମାର ସାହୁ, ରାଜ୍ୟ କୃଷକମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତିପଦ ପାଣ୍ଡେ, ଅଖଣ୍ଡ ଭାରତ ରାଜ୍ୟ ସଭାପତି କୌଶିକ ଚାନ୍ଦ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସୁନୀଲ କୁମାର କର, ଅଂଶୁମାନ ମହାନ୍ତି ପ୍ରମୁଖ କସରତ କରୁଥିଲେ।

# ଫେସ୍‌ବୁକ୍‌ରେ ପୁତନା ବଧ ଶେୟାର କରି ଜେଲ୍ ଗଲେ ଯୁବକ

**ନୟାଗଡ଼, ୨।୫(ଲୋକନାଥ ମିଶ୍ର)**

ଫେସ୍‌ବୁକ୍‌ର ଆମ ପାଇଁ ବଡ଼ ଆମ ନୟାଗଡ଼ ଚ୍ୟାନେଲରେ ପୁତନା ବଧ ଫଟୋ ଶେୟାର କରି ନୟାଗଡ଼ ସଦର ଥାନା ହରିପୁର ଗାଁର ରମାକାନ୍ତ ପଣ୍ଡା ଫସିଛନ୍ତି। ନୟାଗଡ଼ ଟାଉନ ଥାନା ପୋଲିସ ନୟାଗଡ଼ରୁ ରମାକାନ୍ତଙ୍କୁ ଗିରଫ କରି ଗତ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ରମାକାନ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଭାଜପାର ନୟାଗଡ଼ ବିଧାୟକ ପ୍ରାର୍ଥିନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ମୁଣ୍ଡର ଫଟୋକୁ ଅନ୍ୟ ଜଣେ ନାରୀର ଫଟୋରେ ଏଡିଟିଂ କରି ସେଥିରେ ଭଗବାନ ଶ୍ରୀକୃଷ୍ଣଙ୍କୁ ରଖାଯାଇଛି। ପୁଣି ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ସ୍କ୍ରିନ ଫଟୋ ଏଥିରେ ସ୍ଥାନ ପାଇଛି।

ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ଅଭିଯୋଗ ଅନୁସାରେ ନୟାଗଡ଼ ଭାଜପା ବିଧାୟକ ପ୍ରାର୍ଥିନୀ ଓ ମୋତେ ବଦନାମ କରିବା ପାଇଁ ଆମ ପାଇଁ ବଡ଼ ଆମ ନୟାଗଡ଼ ଚ୍ୟାନେଲରେ ହରିପୁରର ରମାକାନ୍ତ ପଣ୍ଡା ପୁତନା ବଧ ହିନ୍ଦୀରେ ଲେଖି ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ଏଭଳିଆ ଶେୟାରରେ ନୟାଗଡ଼ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନାଙ୍କ ସହ ୩୮ ଜଣଙ୍କୁ ଟ୍ୟାଗ୍ କରି ଶେୟାର କରିଥିଲେ। ଗତ ୩୦ରେ ଏହି ଶେୟାର ନଜରକୁ ଆସିବା ପରେ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୦୬/୨୪)ରୁଜୁ କରିଥିଲା। ମାମଲା ପରେ ପୋଲିସ ଶେୟାର କରିଥିବା ଯୁବକ ରମାକାନ୍ତ ପଣ୍ଡାଙ୍କୁ କେବଳ ଗିରଫ କରିଛି। ଆମ ପାଇଁ ବଡ଼ ଆମ ନୟାଗଡ଼ର ଆଡ୍‌ମିନଙ୍କୁ ଗିରଫ ନ କରି ପୋଲିସ ପ୍ରସଙ୍ଗକୁ ଏଡାଇବାକୁ ଉଦ୍ୟମ କରୁଛି। ଅନ୍ୟପକ୍ଷେ ରମାକାନ୍ତ ହେଉଛନ୍ତି ଗଦାଧରପ୍ରସାଦ ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଅର୍ଜୁନ ପଣ୍ଡାଙ୍କ ଭାଇ। ରମାକାନ୍ତ ହରି ଅର୍ଜୁନ ଡାବା ନିକଟରେ ମୋତେ ଗାଳିଗୁଲଜ କରି ଗାଡ଼ି ଚଢ଼ାଇ ଦେବାକୁ ଧମକ ଦେଇଥିଲେ। ଏପରିକି ଏସିଡ୍ ଫୋପାଡିବେ ବୋଲି କହିଥିଲେ ବୋଲି ଏତଲାରେ ଦର୍ଶାଯାଇଛି।

## ଭାଜପାରେ ଯୋଗଦେଲେ ଶ୍ରଦ୍ଧାଞ୍ଜଳି ରାୟ

**ଭୁବନେଶ୍ୱର, ୨।୫(ସୁନିତ୍ ମିଶ୍ର)**

ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ଶ୍ରଦ୍ଧାଞ୍ଜଳୀ ରାୟ ଗୁରୁବାର ନିଜ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ଶ୍ରଦ୍ଧାଞ୍ଜଳୀଙ୍କ ସହ ଶିଳ୍ପପତି ରଞ୍ଜିତାଭ ମହାନ୍ତି, ପ୍ରିୟବ୍ରତ ବିଶ୍ୱାଳ, ବ୍ୟବସାୟୀ ଆଶିଷ କୁମାର ନାୟକ, ସାମାଜିକ କର୍ମୀ ଅନୁପମା ପାଢ଼ୀ ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ବାଲିକୁଦା ଏରସମାର ମାନସ କର ନିଜ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ଧାମନଗର ନିର୍ବାଚନମଣ୍ଡଳୀର କରଦା ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ତଥା ବିଜେଡି ସାଧାରଣ ସମ୍ପାଦକ କୁଳମଣି ବେହେରା ନିଜ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ ଦଳରେ ମିଶିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ ଜଣାଇଛନ୍ତି।

# ପ୍ରାର୍ଥୀପତ୍ର ଦାଖଲ ନ କରି ଫେରିଗଲେ ନଳିନୀକାନ୍ତ

**ଆଠମଲ୍ଲିକ, ୨।୫(ଉଦୀପ୍ତ ପୁରୋହିତ)/ ଅନୁଗୋଳ (ଅମିତ କୁମାର ସାମଲ)**



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ।

ଅନୁଗୋଳ ଜିଲା ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଗୁରୁବାର ପ୍ରାର୍ଥୀପତ୍ର ଦାଖଲ ପାଇଁ ବିରାଟ ଶୋଭାଯାତ୍ରାରେ ଆସିଥିଲେ ହେଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଫେରିଯାଇଛନ୍ତି। କେଉଁ କାରଣରୁ ନଳିନୀ ପ୍ରାର୍ଥୀପତ୍ର ଦାଖଲ ନ କରି ଫେରିଲେ ତାହାକୁ ନେଇ ଜିଲାରେ ନାନା ଆଲୋଚନା ଚାଲିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୯ଟା ବେଳେ ବିଧାୟକ ପ୍ରାର୍ଥୀ ପ୍ରଧାନ ସ୍ଥାନୀୟ ମା' ମାହେଶ୍ୱରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଏକ ସୁସଜ୍ଜିତ ଗାଡ଼ିରେ ବିରାଟ ପଟୁଆରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ତାଙ୍କ ସହିତ ବରିଷ୍ଠ ନେତା ଭାଗୀରଥି ପ୍ରଧାନ, କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ପ୍ରମୁଖ ଶୋଭଯାତ୍ରରେ ଆସିଥିଲେ। ସହର ପରିକ୍ରମା ସାରି ନଳିନୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲେ। ନଳିନୀଙ୍କ ପ୍ରାର୍ଥୀପତ୍ର ଦାଖଲ ସମ୍ପର୍କରେ ପୂର୍ବ ଦିନରୁ ଘୋଷଣା ହୋଇଥିବାରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଭିଡ଼ ଲାଗିଥିଲା। ହେଲେ ଶୋଭାଯାତ୍ରାରେ ଆସିଥିବା ନଳିନୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ନ ପଶି ଫେରିଯାଇଥିଲେ। ଏପରି କି କିଛି ସମୟ ପରେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ସେ ଆସିପାରନ୍ତି ବୋଲି ଆଲୋଚନା ହେଉଥିବାରୁ ଗଣମାଧ୍ୟମ ପ୍ରତିନିଧିମାନେ ଧାର୍ଯ୍ୟ ସମୟ ତଥା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ମଧ୍ୟ ନଳିନୀ ଆସି ନ ଥିଲେ। ଏ ସମ୍ପର୍କରେ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ର କହିଛନ୍ତି, ଧାର୍ଯ୍ୟ ସମୟ ଭିତରେ କେହି ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ବିଧାୟକ ପ୍ରାର୍ଥୀ ନଳିନୀ କହିଛନ୍ତି, ଗୁରୁବାର ନାମାଙ୍କନ କରିବାର କୌଣସି ଯୋଜନା ନ ଥିଲା। କେବଳ କର୍ମୀମାନେ ସେମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଲୋକଙ୍କୁ ଦେଖାଇବାକୁ ଏକ ରୋଡ୍ ଶୋ କରିଥିଲେ। ବିଜେଡି ଏଠାରେ ଶକ୍ତି ପ୍ରଦର୍ଶନ କରିଛି। ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରାଯିବ।

# ୫୪୦୦ କୋଟି ନିବେଶ କରିବ ଜେଏସ୍ଏଲ୍

ଭୁବନେଶ୍ୱର,୨।୫ (ଅଭୟ ଦାଶ)


ଅଭ୍ୟୁଦୟ ଜିନ୍ଦଲ

■ବାର୍ଷିକ ୪.୨ ମିଲିୟନ ଟନ୍‌କୁ କ୍ଷମତା ବୃଦ୍ଧି
■ଇଣ୍ଡୋନେସିଆରେ ୧.୨ ଏମ୍‌ଟିପିଏ ଷ୍ଟେନ୍‌ଲେସ୍ ଷ୍ଟିଲ୍ ମେଲ୍ଟ୍ ଶପ୍ ପାଇଁ ମିଳିତ ଉଦ୍ୟୋଗରେ ୪୯% ଭାଗୀଦାରି
■ଓଡ଼ିଶାର ଯାଜପୁରରେ ଡାଉନଷ୍ଟ୍ରିମ୍ କ୍ଷମତା ସମ୍ପ୍ରସାରଣ
■ଗୁଜରାଟର ମୁନ୍ଦ୍ରା ସ୍ଥିତ କ୍ରୋମେନି ଷ୍ଟିଲ୍ସରେ ୫୪% ଇକ୍ୱିଟି ଅଂଶଧନ ଅଧିଗ୍ରହଣ

ଦେଶର ପ୍ରମୁଖ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ମେଲ୍ଟିଂ ଏବଂ ଡାଉନଷ୍ଟ୍ରିମ କ୍ଷମତାକୁ ବୃଦ୍ଧି କରିବା ସହ ବିଶ୍ୱରେ ଏକ ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ ଉତ୍ପାଦନକାରୀ ଭାବେ ପରିଗଣିତ ହେବାର ଉଦ୍ଦେଶ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଏବଂ ଅଧିଗ୍ରହଣ ଯୋଜନା ସମ୍ପର୍କରେ ଘୋଷଣା କରିଛି। ଏପରିକି ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ବିଶ୍ୱସ୍ତରୀୟ ନେତୃତ୍ୱ ହାସଲ କରିବା ପାଇଁ କମ୍ପାନୀ ପ୍ରାୟ ୫,୪୦୦ କୋଟି ଟଙ୍କାର ଏକ ତ୍ରିସ୍ତରୀୟ ନିବେଶ ରଣନୀତି ଆପଣାଇଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଇଣ୍ଡୋନେସିଆରେ ବାର୍ଷିକ ୧.୨ମିଲିୟନ୍ ଟନ୍ ଉତ୍ପାଦନ କ୍ଷମତା ଥିବା ଏକ ଷ୍ଟେନଲେସ୍ ଷ୍ଟିଲ୍ ମେଲ୍ଟିଂ ଶପ୍ ବିକାଶ ଏବଂ ପରିଚାଳନା ପାଇଁ ଯୌଥ ଉଦ୍ୟୋଗ ଆରମ୍ଭ କରିଛି। ଏଥିରେ ୭୦୦କୋଟି ଟଙ୍କାରୁ ଅଧିକ ନିବେଶ ହେବା ସହ କମ୍ପାନୀର ମେଲ୍ଟିଂ କ୍ଷମତା ୪୦% ବୃଦ୍ଧି ପାଇ ବାର୍ଷିକ ୪.୨ମିଲିୟନ ଟନ୍ ହେବ ବୋଲି ଆକଳନ କରାଯାଇଛି। ବିଶେଷକରି ଯାଜପୁରରେ କମ୍ପାନୀର ଡାଉନଷ୍ଟ୍ରିମ ଲାଇନର ସମ୍ପ୍ରସାରଣ ପାଇଁ ଜେଏସ୍ଏଲ୍ ପ୍ରାୟ ୧୯୦୦କୋଟି ଟଙ୍କାର ବ୍ୟୟ ବରାଦ କରିଛି। ଏହା ବ୍ୟତୀତ ରେଲୱେ ସାଇଡିଂ, ସଷ୍ଟେନେବିଲିଟି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଅକ୍ଷୟ ଶକ୍ତି ଉତ୍ପାଦନ ଭଳି ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ ପାଇଁ ମଧ୍ୟ କମ୍ପାନୀ ପ୍ରାୟ ୧୪୫୦ କୋଟି ଟଙ୍କାର ନିବେଶ ଆକଳନ କରିଛି, ତୃତୀୟତଃ କମ୍ପାନୀ ଏକ ଗଠନମୂଳକ ପରୋକ୍ଷ ଅଧିଗ୍ରହଣ ଚୁକ୍ତି ମାଧ୍ୟମରେ ଗୁଜରାଟର ମୁନ୍ଦ୍ରାଠାରେ ଥିବା ୦.୬ଏମ୍‌ଟିପିଏ କୋଲ୍ଡ ରୋଲିଂ ମିଲ, କ୍ରୋମେନି ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ସିଏସ୍‌ପିଏଲ୍)ର ୫୪% ଇକ୍ୱିଟି ଅଂଶଧନ ଅଧିଗ୍ରହଣ କରିବ। ଏହି କାରବାର ଜରିଆରେ ପ୍ରାୟ ୧,୩୪୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି,ଯେଉଁଥିରେ ୧,୨୯୫ କୋଟି ଟଙ୍କାର ଋଣ ଏବଂ ଇକ୍ୱିଟି କ୍ରୟ ବାବଦରେ ଅବଶିଷ୍ଟ ୪୫ କୋଟି ଟଙ୍କା ସାମିଲ ରହିଛି।

ଏ ସମ୍ପର୍କରେ ଜେଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଏହି ଅଧିଗ୍ରହଣ ଏବଂ ପୁଞ୍ଜିନିବେଶ ସହ ଆମେ ବିଶ୍ୱର ଅନ୍ୟତମ ଅଗ୍ରଣୀ କମ୍ପାନୀ ହେବା ପାଇଁ ଏକ ସ୍ପଷ୍ଟ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରିଛୁ। ଏପରିକି ଇଣ୍ଡୋନେସିଆର ଯୌଥ ଉଦ୍ୟୋଗ ଆମକୁ ସର୍ବୋତ୍ତମ ଗତି ଏବଂ କଞ୍ଚାମାଲ ସୁରକ୍ଷା ପ୍ରଦାନ କରିବ ଏବଂ କମ୍ପାନୀର ଯାଜପୁର ଲାଇନର ମଧ୍ୟ ଉନ୍ନତୀକରଣ ସହ ଘରୋଇ ଏବଂ ବିଦେଶୀ ଗ୍ରାହକଙ୍କ ପାଇଁ ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରିବ। ବିଶେଷକରି କ୍ରୋମେନିର କୋଲ୍ଡ ରୋଲିଂ ମିଲ୍ ଉଭୟ ଭାରତ ତଥା ବିଦେଶରେ ଆମର ପ୍ରସାରକୁ ବିସ୍ତାର କରିବ ଏବଂ ଦୀର୍ଘକାଳୀନ ମୂଲ୍ୟଯୁକ୍ତ ବିଭାଗରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨।୫

ଦିନକ ପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୨୮ (୧୨୮.୩୩) ପଏଣ୍ଟ ବଢି ୭୪,୬୧୧(୭୪,୬୧୧.୧୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୪୩ (୪୩.୩୫) ପଏଣ୍ଟ ବୃଦ୍ଧି ଘଟି ୨୨,୬୪୮(୨୨,୬୪୮.୨୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଲାଲ୍‌ଚାନ୍ଦ୍‌ର ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର,୨।୫


ସଞ୍ଜୟ ହଂସ

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଅକ୍ଷୟ ତୃତୀୟା ଉପଲକ୍ଷେ ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହ ଉପରେ ଆକର୍ଷଣୀୟ ରିହାତି ଆଣିଛି। ଏହି କ୍ରମରେ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୭୯୯ ଟଙ୍କା ଥିବାବେଳେ ହୀରା ଗହଣା ଉପରେ ଶୂନ୍ୟ (୦) ଗଢ଼ା ମଜୁରି ରଖାଯାଇଛି, ଅର୍ଥାତ୍ ବିନା ଗଢ଼ା ମଜୁରିରେ ଆପଣ ହୀରା ଗହଣା କ୍ରୟ କରିପାରିବେ। ଏଥିସହ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ପ୍ରତି ଗ୍ରାମକୁ ଫ୍ଲାଟ୍ ୧୩ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ସମସ୍ତ ଅଫର ୨୦୨୪ ମେ ୧୨ ପର୍ଯ୍ୟନ୍ତ ଉପଲବ୍ଧ।

ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋରରେ ଏସ୍‌ବିଆଇ କାର୍ଡ ଉପଭୋକ୍ତାଙ୍କ ପାଇଁ ବିଶେଷ ଅଫର୍ ରଖାଯାଇଛି। ସର୍ବନିମ୍ନ ୩୦ହଜାର ଟଙ୍କାର ନେଣଦେଣ ଉପରେ ସର୍ବାଧିକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଅଫର ରଖାଯାଇଛି। ଏହି ଅଫର ୨୦୨୪ ମେ ୫ରୁ ୧୨ ପର୍ଯ୍ୟନ୍ତ ବୈଧ ରହିଛି। ଏଥିସହ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ୍ ଉପରେ ୧୦୦% ସୁନା ମୂଲ୍ୟ ପ୍ରଦାନ କରାଯାଉଥିବା ଲାଲଚାନ୍ଦ୍ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପ୍ରତି ଦେଶରେ ସୁନାର ଦର ଅଧିକ ରହିଛି।

ଏ ନେଇ ଲାଲଚାନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ ଆଗାମୀ ଅକ୍ଷୟ ତୃତୀୟା ଉପଲକ୍ଷେ ସଭିଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଏପ୍ରିଲ ଜିଏସ୍‌ଟି ୨.୧୦ ଲକ୍ଷ କୋଟିରୁ ଅଧିକ

ଭୁବନେଶ୍ୱର,୨।୫

ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ମାସ ବା ଏପ୍ରିଲ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ପ୍ରାୟ ୨.୧୦ (୨,୧୦,୨୬୭) ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧.୮୭ (୧,୮୭,୦୩୫) ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିଲାବେଳେ ୨୦୨୩-୨୪ଆର୍ଥିକ ବର୍ଷର ପ୍ରଥମ ମାସରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଟିକସ ପରିମାଣ ୧୨.୪% ଅଧିକ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଏପ୍ରିଲରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୨,୧୦,୨୬୭ ଲକ୍ଷ କୋଟି ରହିଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୪୩,୮୪୬ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୫୩,୫୩୮ କୋଟି ଟଙ୍କା ସାମିଲ ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୯୯,୬୨୩ କୋଟି (ସାମଗ୍ରୀ ଆମଦାନୀ ବାବଦରେ ୩୭,୮୨୬ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୩,୨୬୦ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୧୦୦୮ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ଅପରପକ୍ଷରେ ଓଡ଼ିଶାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ୫୯୦୨ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୫୦୩୬ କୋଟି ଟଙ୍କା ଥିଲା।

## ନନ୍ଦଘର ଆନ୍ଦୋଳନରେ ମନୋଜ ବାଜପେୟୀ

ଭୁବନେଶ୍ୱର,୨।୫




ବେଦାନ୍ତ ଗ୍ରୁପ୍‌ର ସ୍ୱତନ୍ତ୍ର ପ୍ରକଳ୍ପ 'ନନ୍ଦଘର' ଆନ୍ଦୋଳନରେ ବଲିଉଡ୍ ଅଭିନେତା ମନୋଜ ବାଜପେୟୀ ସାମିଲ ହୋଇଛନ୍ତି। ଏପରିକି ସମଗ୍ର ଭାରତରେ ପ୍ରାୟ ୧୪ ଲକ୍ଷ ଅଙ୍ଗନୱାଡି କେନ୍ଦ୍ରକୁ ପରିବର୍ତ୍ତନ କରିବାକୁ ନନ୍ଦଘର ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ ବାଜପେୟୀଙ୍କ ସହ ନନ୍ଦଘର ଏକ ଜାତୀୟ ଆନ୍ଦୋଳନ 'ଅଗର ବଚ୍‌ପନ ସେ ପୁଛା ଖାନା ଖାୟା ତୋ, ଦେଶ୍‌କା କଲ୍ ବନେଗା' ଉନ୍ମୋଚନ କରିଛି। ନନ୍ଦଘରର ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ସାମଗ୍ରିକ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ପୋଷଣ ଏବଂ ପିଲାମାନଙ୍କ ପାଇଁ ସର୍ବୋତ୍ତମ ପ୍ରାଥମିକ ଶିକ୍ଷା ସୁନିଶ୍ଚିତ କରି ଭାରତର ଭବିଷ୍ୟତ ପିଢ଼ିକୁ ପୋଷଣ ଦେବା।

ଏ ସମ୍ପର୍କରେ ବେଦାନ୍ତ ଗ୍ରୁପ୍‌ର ଚେୟାରମ୍ୟାନ (ଅଧ୍ୟକ୍ଷ) ଅନୀଲ ଅଗ୍ରୱାଲ କହିଛନ୍ତି, ପ୍ରକଳ୍ପ ନନ୍ଦଘର ହେଉଛି ଏକ ଜାତୀୟ ଆନ୍ଦୋଳନ, ଯାହା ଶିଶୁ ଏବଂ ମହିଳାଙ୍କ ସାମଗ୍ରିକ କଲ୍ୟାଣକୁ ସମର୍ଥନ ସହ ସ୍ୱାସ୍ଥ୍ୟ ଏବଂ ପୋଷଣ ଉପରେ ବିଶେଷ ଧ୍ୟାନ ଦେଇଥାଏ। ଏପରିକି ମନୋଜ ଏହି ବଢୁଥିବା ଆନ୍ଦୋଳନକୁ ସମର୍ଥନ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ତାଙ୍କ ବ୍ୟକ୍ତିଗତ ଜୀବନ କାହାଣୀ ନନ୍ଦଘରର ଉଦ୍ଦେଶ୍ୟ 'ଭବିଷ୍ୟତ ପିଢ଼ିର ଜୀବନକୁ ପୋଷଣ ଓ ପରିବର୍ତ୍ତନ'କୁ ଗଭୀର ଭାବେ ପ୍ରତିଧ୍ୱନିତ କରୁଛି।

## ଅରୁନ୍ଧତୀ ରାଉରକେଲା ଷ୍ଟୋରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨।୫




ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଅରୁନ୍ଧତୀ ଜୁଏଲର୍ସର ରାଉରକେଲା ଷ୍ଟୋର ପରିସରରେ 'ଅରୁନ୍ଧତୀ ରାଉରକେଲା ଷ୍ଟୋର'ର ୨ୟ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଅରୁନ୍ଧତୀ ରାଉରକେଲା ଷ୍ଟୋରର ଏହି ସଫଳ ଯାତ୍ରାରେ ସାମିଲ ସମସ୍ତ ଗ୍ରାହକ ଓ ଶୁଭେଚ୍ଛୁଙ୍କ ଭଲ ପାଇବା ଓ ସ୍ନେହ, ଶ୍ରଦ୍ଧା ଏବଂ ଅରୁନ୍ଧତୀ ଜୁଏଲର୍ସ ଉପରେ ଥିବା ଅତୁଟ ବିଶ୍ୱାସ ପାଇଁ ଅରୁନ୍ଧତୀ ଆଜି ରାଜ୍ୟର ସର୍ବବୃହତ୍ ତଥା ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ୍ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଉଲ୍ଲେଖଯୋଗ୍ୟ, ଅରୁନ୍ଧତୀ ରାଉରକେଲା ଷ୍ଟୋରର ୨ୟ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ସର୍ବୋତ୍ତମ ଡିଜାଇନର ସମ୍ପୂର୍ଣ୍ଣ ଏଚ୍‌ୟୁଆଇଡି ହଲ୍‌ମାର୍କ ଶୁଦ୍ଧତାପୂର୍ଣ୍ଣ ସୁନାଗହଣା,ହୀରା ଗହଣା ଓ ରୁପା ଗହଣା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି କରାଯାଇଥିବାବେଳେ ସୁନା ଗହଣାର ପ୍ରତି ଗ୍ରାମ ଗଢ଼ା ମଜୁରି ପିଛା ଫ୍ଲାଟ୍ ୭୯୯ ଟଙ୍କାର ରହିତା ଥିଲାବେଳେ ପ୍ରତ୍ୟେକ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ସହ ୩୫ ଜଣ ଗ୍ରାହକ ଲକ୍ଷପତି ହେବାର ସୁଯୋଗ ରହିଛି।

**ରାଜ୍ୟ ଖବର**

# କୁଆପଥର ମାଡ଼ରେ ବିମାନ ୱିଣ୍ଡ୍‌ଶିଲ୍ଡ ଭାଙ୍ଗିଲା

### ପାଇଲଟଙ୍କ ଉଚିତ ପଦକ୍ଷେପ ଯୋଗୁ ବିପଦ ଟଳିଗଲା

ଭୁବନେଶ୍ୱର, ୨।୫(ଅସମାପିକା ସାହୁ)



କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ବିମାନର ସମ୍ମୁଖ ଭାଗ ଓ ଭାଙ୍ଗିଯାଇଥିବା ୱିଣ୍ଡ୍‌ଶିଲ୍ଡ।

କୁଆପଥର ମାଡ଼ରେ ଭାଙ୍ଗିଗଲା ବିମାନର ୱିଣ୍ଡ୍‌ଶିଲ୍ଡ। ସମ୍ମୁଖ ଭାଗର ଅନେକ ସ୍ଥାନ ବି ଚେପା ହୋଇଯାଇଥିଲା। ଏପରି ବିପଜ୍ଜନକ ସ୍ଥିତିରେ ବିମାନଟିକୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଜରୁରୀ ଅବତରଣ କରିଥିଲେ ପାଇଲଟ୍। ଫଳରେ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯାତ୍ରୀ, କ୍ରିଉ ମେମ୍ବରଙ୍କ ସହ ବିମାନ କର୍ମଚାରୀ।

ବୁଧବାର ଅପରାହ୍ନ ୧ଟା ୪୫ ହେବ। ଭିସ୍ତାରା ଏୟାରଲାଇନ୍ସର ଏକ ବିମାନ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଉଡ଼ାଣ କରିଥିଲା। ଟେକଅପ୍ କରିବାର ମାତ୍ର ୧୦ ମିନିଟ୍ ପରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ପବନ ସାଙ୍ଗକୁ କୁଆପଥର ବର୍ଷା ହୋଇଥିଲା। କୁଆପଥର ଆକାର ବଡ଼ ଥିବାରୁ ଏହା ମାଡ଼ରେ ବିମାନର ୱିଣ୍ଡଶିଲ୍ଡ ଭାଙ୍ଗି ଯାଇଥିଲା। ଏଥିସହ ବିମାନର ସମ୍ମୁଖ ଭାଗର ଅନେକ ସ୍ଥାନ ଚେପା ହୋଇଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ପାଇଲଟ ବିମାନକୁ ଆଗକୁ ନେବା ପରିବର୍ତ୍ତେ ଜରୁରୀ ଅବତରଣ ପାଇଁ ବିଜୁ ପଟ୍ଟନାୟକ ବିମାନବନ୍ଦର ସହିତ ଯୋଗାଯୋଗ କରିଥିଲେ। ତା'ପରେ ବିମାନ ଜରୁରୀ ଅବତରଣ କରିଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବାବେଳେ ସେମାନଙ୍କୁ ଅନ୍ୟଏକ ବିମାନରେ ଭିସ୍ତାରା ଏୟାରଲାଇନ୍ସ କର୍ତ୍ତୃପକ୍ଷ ନୂଆଦିଲ୍ଲୀ ପଠାଇଥିଲେ। ଅନ୍ୟପକ୍ଷରେ ଏୟାରପୋର୍ଟରେ ଅବତରଣ କରିଥିବା ଭିସ୍ତାରା ବିମାନକୁ ଟେକ୍ନିକାଲ ଟିମ୍ ଯାଞ୍ଚ କରିଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିମାନଟି ବିନା କୌଣସି ବାହ୍ୟ ସହାୟତାରେ ଅବତରଣ କରିଥିଲା ଏବଂ ସେଥିରେ ଥିବା ସମସ୍ତ ଯାତ୍ରୀ ଓ କ୍ରିଉ ମେମ୍ବର ସୁରକ୍ଷିତ ଥିଲେ। ସୂଚନାଯୋଗ୍ୟ, ବୁଧବାର ରାଜ୍ୟରେ ଅନେକ ସ୍ଥାନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। କିଛି ସ୍ଥାନରେ କୋହଲା ପାଗ ସହ କୁଆପଥର ମାଡ଼ ଓ ଝିପିଝିପି ବର୍ଷା ହୋଇଥିଲା। ତେବେ କୁଆପଥର ମାଡ଼ ହେଲେ ପ୍ରଥମେ ରାଡୋମ ବା ନୋଜ୍ କୋନ କୁହାଯାଉଥିବା ବିମାନର ଅଗ୍ରଭାଗ କ୍ଷତିଗ୍ରସ୍ତ ହୁଏ। ଏହା ଭିତରେ ରାଡାର୍ ଓ କମ୍ୟୁନିକେଶନ ସିଷ୍ଟମ ରହୁଥିବାରୁ ବିମାନର ଯୋଗାଯୋଗ କ୍ଷମତା ବାଧାପ୍ରାପ୍ତ ହୋଇପାରେ। କକ୍‌ପିଟ୍ ୱିଣ୍ଡଶିଲ୍ଡ କ୍ଷତିଗ୍ରସ୍ତ ହେଲେ ପାଇଲଟଙ୍କ ଭିଜିବିଲିଟି ପ୍ରଭାବିତ ହୁଏ। ଅତି ଜଟିଳ ସ୍ଥିତିରେ ଇଞ୍ଜିନ ଫେଲ୍ୟୁଅର ସମସ୍ୟା ବି ଉପୁଜିପାରେ।

## ବିମାନବନ୍ଦରରୁ ହରିଣ ଶିଙ୍ଗ ଜବତ

ଭୁବନେଶ୍ୱର,୨।୫(ଅସମାପିକା ସାହୁ)



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର କଷ୍ଟମ ବିଭାଗ ପକ୍ଷରୁ ଯାଞ୍ଚ ସମୟରେ ଦୁବାଇରୁ ଆସିଥିବା ଜଣେ ଯାତ୍ରୀଙ୍କ ପାଖରୁ ୩ଖଣ୍ଡ ହରିଣ ଶିଙ୍ଗ ମିଳିଛି। ସିଟି ଡିଏଫ୍ଓଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ରେଞ୍ଜ୍‌ର ଏକ ଟିମ୍ ବିମାନବନ୍ଦରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କଷ୍ଟମ ବିଭାଗ ପକ୍ଷରୁ ଶିଙ୍ଗ ସହ ସମ୍ପୃକ୍ତ ଯାତ୍ରୀଙ୍କୁ ବନ ବିଭାଗକୁ ହସ୍ତାନ୍ତର କରାଯିବା ପରେ ଭୁବନେଶ୍ୱର ରେଞ୍ଜ ଅଫିସ୍‌ରେ ତାଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲା କାକଟପୁର ବ୍ଲକ୍ ରସୁଲପୁର ଗ୍ରାମର ଶେଖ ଜନାବଙ୍କ ପୁଅ ଶେଖ ଆଫତାବ ଆଲାମ(୩୬)। ଜବତ ୩ଟି ହରିଣ ଶିଙ୍ଗର ଲମ୍ବ ଯଥାକ୍ରମେ ୪୦ ସେମି, ୩୮ ସେମି ଓ ୩୧ ସେମି ରହିଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ହରିଣ ବା ସ୍ୱଟେଡ୍ ଡିଅର ତଫସିଲ-୨ ତାଲିକାଭୁକ୍ତ ବନ୍ୟପ୍ରାଣୀ। କୌଣସି ମୃତ ବନ୍ୟପ୍ରାଣୀର ଅଙ୍ଗ ପ୍ରତ୍ୟଙ୍ଗର ବେପାର ବା ଘରେ ରଖିଲେ ୭ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଏକ ଲକ୍ଷ ଟଙ୍କା ଯାଏ ଜରିମାନାର ପ୍ରାବଧାନ ରହିଛି। ଆଫ୍‌ତାବ ଦୁବାଇରୁ କିପରି ହରିଣ ଶିଙ୍ଗ ଆଣିବା ପାଇଁ ସକ୍ଷମ ହେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ମୃତ ଅଙ୍ଗ ପ୍ରତ୍ୟଙ୍ଗ ଦ୍ୱାରା ରୋଗ ଜୀବାଣୁ ଯେମିତି ଦେଶ ଭିତରକୁ ଆସି ନ ପାରିବ, ଏଥିପାଇଁ ସବୁ ବିମାନ ବନ୍ଦରରେ କ୍ୱାରାଣ୍ଟାଇନ ବ୍ୟବସ୍ଥା ମଧ୍ୟ ରହିଛି। ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏହା ସମ୍ଭବତଃ ପ୍ରଥମ ଘଟଣା। ତେବେ ହରିଣ ଶିଙ୍ଗଗୁଡ଼ିକର ଭଲ ଭାବରେ ଲବୋରେଟୋରି ପରୀକ୍ଷା କରି କୌଣସି ରୋଗ ଜୀବାଣୁ ଅଛି କି ନାହିଁ, ତାହା ସୁନିଶ୍ଚିତ କରିବା ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଣ ନାଶ କରେ ବାଉଁଶ,**
**ବାଟ ନାଶ କରେ ଟୁପୁରୁ ପାଣି,**
**ଘର ନାଶ କରେ ପୁରୁଷ।**

ବାଉଁଶ ଗଛ ବୁଦା ବୁଦା ହୋଇ ବଢ଼ିଥାଏ। ଫଳସ୍ୱରୂପ ତା'ରି ମୂଳରେ ଅନ୍ୟ କିଛି ଗଛ ଉଧାଇ ପାରି ନ ଥାଏ। ଝିପି ଝିପି ବର୍ଷାରେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଜାର ପୁରୁଷ ଯୋଗୁ ଘରର ପତନ ଘଟିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବ୍ରାହ୍ମଣ ରାଜା, ଖଣ୍ଟ ପରଜା,**
**ଡହ ଡହ ଆମ୍ବିଳ, ଶୀତଳ ଭଜା।**

ବ୍ରାହ୍ମଣ ରାଜ୍ୟର ଶାସନ ଭାର ତୁଲାଇବାରେ ସେତେ ସକ୍ଷମ ହୋଇ ନ ଥାନ୍ତି, ଫଳରେ ଦେଶରେ ନାନା ଅରାଜକତା ଦେଖାଦିଏ। ପ୍ରଜା ଚୋର ବା ଖଣ୍ଟ ହେଲେ ନାନା ବିଶୃଙ୍ଖଳା ସୃଷ୍ଟି ହେବା ସହ ଲୋକଙ୍କ ଧନଜୀବନ ଅସୁରକ୍ଷିତ ହୋଇଯାଏ। ଗରମ ଆମ୍ବିଳ ଖାଇବାକୁ ଭଲ ଲାଗି ନ ଥାଏ। ସେହିପରି ଭଜା ଶୀତଳ ହେଲେ ପାଟିକୁ ରୁଚୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରସବ ବେଳେ ମାଈହାତୀର ମୃତ୍ୟୁ

ଯୋଡ଼ା,୨।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ତଥା ବାମେବାରି ଫରେଷ୍ଟ ସେକ୍ସନ ବସନ୍ତପୁର ନିକଟ ରେଣ୍ଟାସାହି ବନାଞ୍ଚଳରେ ମାଈହାତୀର ମୃତଦେହ ବନ ବିଭାଗ ଜବତ କରିଛି। ହାତୀଟି ମଧ୍ୟବୟସ୍କା ବୋଲି ଜଣାପଡ଼ିଛି। ପ୍ରସବ ବେଦନାରେ ମାଈହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ବୁଧବାର ରାତି ୧୧ଟାରୁ ମାଈହାତୀର ପ୍ରସବ ବେଦନା ଆରମ୍ଭ ହୋଇଥିଲା। ଶାବକ ଜନ୍ମ ହୋଇ ନ ପାରିବା କାରଣରୁ ବନ ବିଭାଗ ସହାୟତାରେ ଏକ ମୃତ ଶାବକ ଗୁରୁବାର ସକାଳ ୯ଟାରେ ଜନ୍ମ ହୋଇଥିଲା। ଏହା ପରେ ମାଈହାତୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ମଧ୍ୟାହ୍ନ ୧୨ଟାରେ ମାଈ ହାତୀର ମୃତ୍ୟୁ ଘଟିଥିଲା। ଡିଏଫ୍ଓ ଏଚ୍. ଡି. ଧନରାଜ କହିଛନ୍ତି, ମୃତ ହାତୀଟି ମଧ୍ୟବୟସ୍କା ହୋଇଥିବା ବେଳେ ଡିଷ୍ଟୋଶିଆ ବା ସ୍ୱାଭାବିକ ପ୍ରସବ ହୋଇ ନ ପାରିବାରୁ ମୃତ୍ୟୁ ଘଟିଛି। ଏହାର ସମ୍ପୂର୍ଣ୍ଣ ବିବରଣୀ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ଗତ ୩ ବର୍ଷ ମଧ୍ୟରେ ଜିଲାରେ ପ୍ରାୟ ୨୪ ହାତୀ ମୃତ୍ୟୁକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିବେଶବିତ୍ ନୀଳାଦ୍ରି ମିଶ୍ର କହିଛନ୍ତି, ଗଜସାଥୀ ଗର୍ଭିଣୀ ହାତୀର ଗତିବିଧି କାହିଁକି ଜାଣି ପାରିଲେ ନାହିଁ। ଚିକିତ୍ସାରେ ବିଳମ୍ବ ମୃତ୍ୟୁର କାରଣ ହୋଇଥାଇ ପାରେ। ରକ୍ଷଣାବେକ୍ଷଣ ନ କଲେ ଗଜବଂଶ ମଧ୍ୟ ବିଲୁପ୍ତ ହୋଇଯିବେ। ଖଣି କମ୍ପାନୀ ପକ୍ଷରୁ ୱାଇଲ୍ଡ ଲାଇଫ୍ କଞ୍ଜରଭେଶନକୁ ଦିଆଯାଉଥିବା ଅର୍ଥ ଏବଂ ଜିଲାରେ ରହିଥିବା ଡିଏମ୍ଏଫ୍ ଅର୍ଥ ବିନିଯୋଗ କରି ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦିଆଯାଇପାରନ୍ତା ବୋଲି ସେ କହିଛନ୍ତି।



ଟି୨୦ ବିଶ୍ୱକପ୍

# ଭାରତର ସମ୍ଭାବନା

ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଆନୁକୂଲ୍ୟରେ ଟି୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆସନ୍ତା ଜୁନ୍ ୨ରୁ ୨୯ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଅନୁଷ୍ଠିତ ହେବ। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏହାର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୦୯ରେ ପାକିସ୍ତାନ ଚାମ୍ପିୟନ ହୋଇଥିବା ବେଳେ ୨୦୧୦ରେ ଇଂଲଣ୍ଡ, ୨୦୧୨ରେ ୱେଷ୍ଟଇଣ୍ଡିଜ, ୨୦୧୪ରେ ଶ୍ରୀଲଙ୍କା, ୨୦୧୬ରେ ପୁନର୍ବାର ୱେଷ୍ଟଇଣ୍ଡିଜ, ୨୦୨୧ରେ ଅଷ୍ଟ୍ରେଲିଆ ଏବଂ ୨୦୨୨ରେ ଇଂଲଣ୍ଡ ଟାଇଟଲ ହାସଲ କରିଥିଲା। ସବୁଠାରୁ ସଫଳ ଟିମ୍ ରୂପେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ୨ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି। ସଫଳ ବ୍ୟାଟର ରୂପେ କିନ୍ତୁ ଭାରତର ବିରାଟ କୋହଲି ସର୍ବାଧିକ ୧୧୪୧ରନ୍ ସଂଗ୍ରହ କରିଛନ୍ତି। ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହାସନ ୪୭ଟି ଉଇକେଟ ନେଇ ବୋଲରଙ୍କ ତାଲିକାରେ ଆଗରେ ରହିଛନ୍ତି। ପ୍ରଥମ ଥର ପାଇଁ ୟୁଏସ୍‌ରେ କୌଣସି ଆଇସିସି ଟୁର୍ନାମେଣ୍ଟ ଆୟୋଜକ ହେବ। ଇଂଲଣ୍ଡ ୮ମ ସଂସ୍କରଣର ଚାମ୍ପିୟନ ରହିଛି। ୩ଟି ପର୍ଯ୍ୟାୟରେ ଏହି ଟୁର୍ନାମେଣ୍ଟ ଖେଳାଯିବ ଯାହାକି ଗ୍ରୁପ ପର୍ଯ୍ୟାୟ, ସୁପର-୮ ଓ ନକ୍‌ଆଉଟ। ଆଗାମୀ ସଂସ୍କରଣରେ ମୋଟ ୨୦ଟି ଟିମ୍ ଭାଗନେଉଥିବା ବେଳେ ୫୫ଟି ମ୍ୟାଚ ଖେଳାଯିବ। ଗତ ସଂସ୍କରଣରେ ୧୬ଟି ଦଳ ଭାଗନେଇଥିଲେ। ଏଥର କାନାଡା, ୟୁଏସ୍‌ଏ, ଉଗାଣ୍ଡା ଓ ପପୁଆ ନ୍ୟୁଗିନି ନୂତନ ଟିମ୍ ଭାବେ ଅଂଶଗ୍ରହଣ କରିବେ।



ରୋହିତ ଶର୍ମା

୨୦୧୩ପରଠାରୁ ଭାରତ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇନାହିଁ। ମାତ୍ର ଆଇସିସି ର୍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ଅନେକ ଥର ହାସଲ କରିଛି ଏପରିକି ୩ଟି ଫର୍ମାଟ୍‌ରେ ମଧ୍ୟ ୧ନଂ ସ୍ଥାନରେ ରହିଛି। ଭାରତୀୟ ବ୍ୟାଟର୍ସ ଓ ବୋଲରମାନେ ଅନେକ ସମୟରେ ଶ୍ରେଷ୍ଠ ୧୦ଜଣ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି। ଅନେକ ଥର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ପ୍ରତିପକ୍ଷ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡଠାରୁ ହାରିବାକୁ ପଡିଛି। ବର୍ତ୍ତମାନ ବିଶ୍ୱ କ୍ରିକେଟର ସବୁଠାରୁ ଲୋକପ୍ରିୟ ଫ୍ରାଞ୍ଚାଇଜଭିତ୍ତିକ ପ୍ରଫେଶନାଲ ଲିଗ୍ ଆଇପିଏଲ୍‌ର ୧୭ତମ ସଂସ୍କରଣ ଚାଲିଛି। ଏଥିମଧ୍ୟରେ ଟି୨୦ ବିଶ୍ୱକପ ପାଇଁ ଭାରତୀୟ କ୍ରିକେଟ ଦଳ ମଧ୍ୟ ଘୋଷଣା କରାଯାଇଛି। ବିସିସିଆଇ ଓ ଚୟନ କମିଟିର ସଦସ୍ୟମାନେ ଅଭିଜ୍ଞ ଓ ଆକ୍ରମଣାତ୍ମକ ରୋହିତ ଶର୍ମାଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ଆଇପିଏଲ୍‌ରେ ପ୍ରଭାବି ପ୍ରଦର୍ଶନ କରି ପାରି ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଅଧିନାୟକ କରିଛନ୍ତି। ମାତ୍ର ହାର୍ଦ୍ଦିକଙ୍କୁ ଉପଅଧିନାୟକ ପଦ ଦେଇଥିବାରୁ ଚୟନ କର୍ତ୍ତାମାନଙ୍କୁ କ୍ରିକେଟପ୍ରେମୀମାନେ ସୋସିଆଲ ମିଡିଆରେ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଖରାପ ପ୍ରଦର୍ଶନ କରିଛି ଏବଂ ପ୍ଲେ ଅଫ୍‌ରୁ ବାଦ୍‌ପଡିବା ଏକପ୍ରକାର ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ମନୋନୟନ କମିଟି ଆଘାତ ସମସ୍ୟାରୁ ମୁକୁଳି ବର୍ତ୍ତମାନ ଚମତ୍କାର ଫର୍ମରେ ଥିବା ଏବଂ ଭଲ ଉଇକେଟ କିପିଂ କରୁଥିବା ରିଷଭ ପନ୍ତ କିମ୍ବା ପର୍ପଲ କ୍ୟାପ ଦୌଡ଼ରେ ଥିବା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପେସ୍ ବୋଲର ଯଶପ୍ରୀତ ବୁମରା କିମ୍ବା ସୂର୍ଯ୍ୟକୁମାର ଯାଦବଙ୍କୁ ଉପଅଧିନାୟକ ଦାୟିତ୍ୱ ଦେଇଥିଲେ ଭଲ ହୋଇଥାନ୍ତା ବୋଲି କ୍ରିକେଟ ସମୀକ୍ଷକମାନେ ମତ ଦେଇଛନ୍ତି।



ନିର୍ମଳ କୁମାର ମିଶ୍ର

ଭାରତୀୟ ଦଳରେ ୪ ଅଲରାଉଣ୍ଡର, ୪ ସ୍ପିନର ଓ ୩ ପେସ୍ ବୋଲର ରହିଛନ୍ତି। ରିଜର୍ଭ ତାଲିକାରେ ଅଛନ୍ତି ଶୁବମନ୍ ଗିଲ୍, ଫିନିସର ରିଙ୍କୁ ସିଂ, ଆଇପିଏଲରେ ଭଲ ବୋଲିଂ କରିଥିବା ଖଲିଲ ଅହମଦ ଓ ପେସ ବୋଲର ଆଭେଶ ଖାନ୍। ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ଚୟନ କର୍ତ୍ତାମାନେ ଅଣଦେଖା କରିଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ସ୍ପିନର ରବି ବିଷ୍ଣୋଇ, ଶ୍ରେୟସ ଆୟର, ଲୋକେଶ ରାହୁଲ, ରବିଚନ୍ଦ୍ରନ ଅଶ୍ୱିନ। ବିଷ୍ଣୋଇଙ୍କୁ ଦଳରେ ସାମିଲ କରି ନ ଥିବାରୁ ଇର୍‌ଫାନ୍ ପଠାନ୍ ଚୟନ କର୍ତ୍ତାଙ୍କୁ ସମାଲୋଚନା କରିଛନ୍ତି। ଆଇସିସି ଟି୨୦ ମାନ୍ୟତାରେ ଭଲ ପ୍ରଦର୍ଶନ ମାଧ୍ୟମରେ ସେ ୬ଷ୍ଠ ସ୍ଥାନରେ ଅଛନ୍ତି। ଟିମ୍ ଇଣ୍ଡିଆ ପାଇଁ ସାମ୍ପ୍ରତିକ ସ୍ଥିତିରେ ରିଙ୍କୁ ସିଂଙ୍କୁ ଅଣଦେଖା କରାଯିବା ଉଚିତ ନଥିଲା। ସେହିପରି ଚଳିତ ଆଇପିଏଲ ସିଜନରେ ମୟଙ୍କ ଯାଦବ ଅଗ୍ନିବର୍ଷୀ ବୋଲିଂ କରୁଥିବା ବେଳେ ଆଭେଶ ଖାନ୍‌ଙ୍କୁ ରିଜର୍ଭ ଖେଳାଳି ତାଲିକାରେ ରଖାଯିବାକୁ ଅନେକ ପୂର୍ବତନ କ୍ରିକେଟର ସମାଲୋଚନା କରିଛନ୍ତି। ଓପନର ଭାବେ ଯଶସ୍ୱୀ ଜୟସ୍ୱାଲ ବାମହାତୀ ବ୍ୟାଟିଂ କରୁଥିବାରୁ ଶୁଭମନ ଗିଲ୍ ସୁଯୋଗ ପାଇ ନାହାନ୍ତି। ପାୱାର ହିଟିଂ ପାଇଁ ସୂର୍ଯ୍ୟକୁମାର ଯାଦବ ଅଭିଜ୍ଞ ବିରାଟ କୋହଲିଙ୍କ ପରେ ଆସିବେ। ଚଳିତ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସର ଶିବମ୍ ଦୁବେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇବାକୁ ହକଦାର ବୋଲି ପ୍ରମାଣ କରିଛନ୍ତି। ସେହିପରି ସ୍ପିନ ଅଲରାଉଣ୍ଡର ରୂପେ ଜାଡେଜା ଓ ଅକ୍ଷର ପଟେଲ ଦଳରେ ସ୍ଥାନ ପାଇବା ଯଥାର୍ଥ। ଯଦିଓ ପେସ୍ ବୋଲର ମହମ୍ମଦ ସିରାଜ ଚଳିତ ଆଇପିଏଲ୍‌ରେ ଫର୍ମରେ ନାହାନ୍ତି ତଥାପି ଅଭିଜ୍ଞତା ଦୃଷ୍ଟିରୁ ଆଘାତପ୍ରାପ୍ତ ମହମ୍ମଦ ଶାମିଙ୍କ ସ୍ଥାନରେ ତାଙ୍କୁ ନିଆଯାଇଛି। ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ଏର ଜଳବାୟୁ, ଶର୍ଟ ବାଉଣ୍ଡାରୀ ଓ ପିଚକୁ




ଦେଖି ଖେଳାଳି ଚୟନ କରାଯାଇଛି। ଅନ୍ୟପକ୍ଷରେ ସଞ୍ଜୁ ସାମସଙ୍ଗଙ୍କୁ ଦଳରେ ସାମିଲ କରିବା ଯଥାର୍ଥ ଅଟେ କାରଣ ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପାଇଁ ଅନେକ ଭଲ ଇନିଂସ ଖେଳିଛନ୍ତି ଓ ଭଲ ଉଇକେଟ କିପିଂ କରିଛନ୍ତି।

ଗତ ଦିନିକିଆ ବିଶ୍ୱକପରେ କମାଲ ପ୍ରଦର୍ଶନ କରିଥିବା ଅଭିଜ୍ଞ ପେସ୍ ବୋଲର ମହମ୍ମଦ ଶାମିଙ୍କୁ ଦଳ ନିଶ୍ଚିତ ରୂପେ ମିସ୍ କରିବ। ଅର୍ଶଦୀପ ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଆଗାମୀ ବିଶ୍ୱକପ୍‌ରେ ଭାରତ ୩ ସ୍ପିନର ଓ ୨ ପେସ୍ କମ୍ବିନେଶନରେ ପଡ଼ିଆକୁ ଓହ୍ଲାଇବା ସମ୍ଭବନା ରହିଛି। ହାର୍ଦ୍ଦିକ ପାଣ୍ଡ୍ୟା ୫ମ କିମ୍ବା ୬ଷ୍ଠ ବୋଲର ଦାୟିତ୍ୱ ସମ୍ଭାଳିବେ। ୟୁଏସ୍‌ଏରେ ଭାରତ ତା'ର ପ୍ରାଥମିକ ମ୍ୟାଚଗୁଡିକ ଖେଳିବା କାର୍ଯ୍ୟକ୍ରମ ରହିଛି। ତେଣୁ ସ୍ଲୋ ଏବଂ ଲୋ ପିଚ୍‌ରେ ସ୍ପିନରମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା। ଚଳିତ ଆଇପିଏଲ୍‌ରେ କେତେଜଣ ଭାରତୀୟ ବ୍ୟାଟର୍ସ ସଫଳ ହୋଇଥିବା ବେଳେ ପେସ୍ ବୋଲର ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି। ଏଭଳି ସ୍ଥିତିରେ ଦ୍ରୁତ ବୋଲର ଚୟନ କରିବାରେ ବେଶ୍ ସମସ୍ୟା ରହିଥିଲା। ରୋହିତ ଶର୍ମାଙ୍କ ପାଇଁ ବ୍ୟାଟିଂରେ କୌଣସି ସମସ୍ୟା ନ ଥିବା ବେଳେ ସ୍ପିନ ଓ ପେସ୍ ବୋଲରମାନେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାର ଅଛି। ଅଧିନାୟକ ଭାବରେ ଭଲ ପ୍ରଦର୍ଶନ ମାଧ୍ୟମରେ ଭାରତକୁ ଏକଦିବସୀୟ ବିଶ୍ୱକପ୍ ଫାଇନାଲ, ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପହଞ୍ଚାଇଥିବା ଏବଂ ୨୦୨୨-୨୩ରେ ଅନେକ ଘରୋଇ ଦ୍ୱିପାକ୍ଷିକ ସିରିଜରେ ବିଜୟୀ କରାଇଥିବା ରୋହିତଙ୍କ ପାଇଁ ଆଇସିସି ଟ୍ରଫି ଜିତିବା ଲାଗି ଏହା ଶେଷ ସୁଯୋଗ ହୋଇପାରେ। କାରଣ ଏହି ଆକ୍ରମଣାତ୍ମକ ବ୍ୟାଟର ତଥା ବର୍ତ୍ତମାନର ଭାରତୀୟ ଦଳର ନେତୃତ୍ୱ ନେଉଥିବା ରୋହିତ ୩୭ ବର୍ଷରେ ପଦାର୍ପଣ କରିସାରିଛନ୍ତି। ଏବେ ଭାରତୀୟ ଦଳ ଜଣେ ଯୁବ ଅଧିନାୟକ ସନ୍ଧାନରେ ରହିଛି। ଏଫରି ସ୍ଥିତିରେ ରୋହିତ ଭାରତପାଇଁ ଆଇସିସି ଟ୍ରଫି ଜିତି ନିଜ କ୍ୟାରିୟରକୁ ସ୍ମରଣୀୟ କରିବାକୁ ଚାହିଁବେ ନିଶ୍ଚିତ।

**ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ୯ମ ସଂସ୍କରଣ ଜୁନ୍ ୨ରୁ ୨୯ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଅନୁଷ୍ଠିତ ହେବ। ଏଥିପାଇଁ ରୋହିତ ଶର୍ମାଙ୍କ ନେତୃତ୍ୱରେ ୧୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ୨୦୧୩ ପରଠାରୁ ଭାରତ ଆଇସିସି ଟ୍ରଫି ଜିତି ନାହିଁ। ତେଣୁ ଟିମ୍ ଇଣ୍ଡିଆ ଏଥର ସେହି ଶୂନ୍ୟତାକୁ ପୂରଣ କରିବା ଆଶା...**



# ଶରଥ କମଲଙ୍କୁ ବଡ଼ ସମ୍ମାନ

**ଭାରତର ଟେବୁଲ ଟେନିସ ତାରକା ଅଚନ୍ତ ଶରଥ କମଲଙ୍କୁ ମିଳିଛି ବଡ଼ ସମ୍ମାନ। ଆସନ୍ତା ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହରେ ସେ ତ୍ରିରଙ୍ଗା ଧରି ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ। ଅଲିମ୍ପିକ୍ସ ଇତିହାସରେ ଏକ ନୂଆ ଅଧ୍ୟାୟ ମଧ୍ୟ ଯୋଡ଼ି ହେବାକୁ ଯାଉଛି। ପ୍ୟାରିସ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତାମାନେ ପ୍ରଥମଥରପାଇଁ ଆର୍ଥିକ ପୁରସ୍କାରରେ ସମ୍ମାନିତ ହେବେ...**

ପ୍ୟାରିସ ଅଲିମ୍ପିକ୍ସରେ ତ୍ରିରଙ୍ଗା ଧରି ଭାରତୀୟ ପ୍ରତିଯୋଗୀ ଦଳର ନେତୃତ୍ୱ ନେବେ ଟେବୁଲ ଟେନିସ ତାରକା ଅଚନ୍ତ ଶରଥ କମଲ। ସେ ଭାରତର ୧୦ଥର ଟେବୁଲ ଟେନିସ ଚାମ୍ପିୟନ୍ ରହିଥିବା ବେଳେ ବିଶ୍ୱ ମାନ୍ୟତାର ୩୭ ନଂ. ଖେଳାଳି। ପ୍ୟାରିସ ହେବ ତାଙ୍କର ୫ମ ତଥା ଶେଷ ଅଲିମ୍ପିକ୍ସ। ଶରଥ ୨୦୨୪ବର୍ଷର ଖେଳରତ୍ନ ପୁରସ୍କାର ବିଜେତା। ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ହାସଲ କରିଥିଲେ। ସେଇ ବର୍ମିଂହାମ୍ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଶରଥ ଓ ଅନ୍ୟତମ ପଦକ ବିଜୟିନୀ ମହିଳା ବକ୍ସର ନିଖତ୍ ଜରିନ୍ ତ୍ରିରଙ୍ଗା ଧରି ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ତେବେ ଶରଥଙ୍କ ପାଇଁ ୨୦୦୮ ବେଜିଂ ଅଲିମ୍ପିକ୍ସ ତାତ୍ପର୍ଯ୍ୟପୂର୍ଣ୍ଣ। ସେଥର ବେଜିଂରେ ଶୁଟର ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କ ହାତରେ ତ୍ରିରଙ୍ଗା ପତାକା ଥିଲା। ସେଦିନ କିନ୍ତୁ ରାଠୋରଙ୍କ ପିଠିରେ କୌଣସି କାରଣରୁ ଯନ୍ତ୍ରଣା ଥିଲା। ପ୍ରତିଯୋଗୀ ଦଳର ସମ୍ମୁଖରେ ରାଠୋର ଥିଲାବେଳେ ତାଙ୍କ ପଛରେ ଶରଥ ଛିଡ଼ା ରହିଥିଲେ। ରାଠୋର ପଛକୁ ବୁଲିପଡ଼ି ଶରଥଙ୍କୁ ତାଙ୍କ ପାଖକୁ ଯିବା ଲାଗି ଇଙ୍ଗିତ କଲେ। ରାଠୋର ସାହାଯ୍ୟ ଚାହୁଁଥିବା ଜାଣି ଶରଥ ଧାଡ଼ି ଭାଙ୍ଗି ତାଙ୍କ ପାଖକୁ ଯାଇଥିଲେ। ବେଜିଂ ଅଲିମ୍ପିକ୍ସ ମୁଖ୍ୟ ଷ୍ଟାଡିୟମରେ ଭାରତୀୟ ଦଳ ପ୍ରବେଶ କଲାବେଳେ ଦୁହିଁଙ୍କ ହାତରେ ତ୍ରିରଙ୍ଗା ପତାକା ଉଡୁଥିଲା। ରାଜ୍ୟବର୍ଦ୍ଧନଙ୍କ ପରି ଜଣେ ଖ୍ୟାତନାମା ଶୁଟରଙ୍କ ସହ ମିଳିତ ହୋଇ ପରେଡ କରିବା ଶରଥଙ୍କ ପାଇଁ ଅପ୍ରତ୍ୟାଶିତ ଘଟଣା ଥିଲା। ୨୦୦୮ବେଜିଂ ଅଲିମ୍ପିକ୍ସ ଥିଲା ତାଙ୍କର ଦ୍ୱିତୀୟ ଅଲିମ୍ପିକ୍ସ। ତାଙ୍କୁ ସେତେବେଳେ ୨୫ବର୍ଷ। ଏବେ ଶରଥଙ୍କୁ ୪୧ବର୍ଷ। ପ୍ୟାରିସରେ ଭାରତ ପ୍ରଥମ ଥର ଦଳଗତ ଟେବୁଲ ଟେନିସରେ ଅଂଶଗ୍ରହଣ କରିବ। ୧୬ଟି ଦଳ ଏବଂ ସେଇ ସଂଖ୍ୟକ ମିଶ୍ରିତ ଯୁଗଳ ଦଳ ପ୍ରତିଯୋଗିତାରେ ରହିବେ। ଦଳଗତ ଇଭେଣ୍ଟରେ ଭାରତ ପଦକ ଜିତିବ ବୋଲି ଆଶା କରାଯାଉଛି। ଭାରତୀୟ ଟେବୁଲ ଟେନିସ ଦଳର କେହି ପ୍ରଶିକ୍ଷକ ନାହାନ୍ତି। ଚଳିତ ମାସ ସୁଦ୍ଧା ଜାତୀୟ ପ୍ରଶିକ୍ଷକ ନିଯୁକ୍ତି ଦେବାକୁ ଭାରତୀୟ ଟେବୁଲ ଟେନିସ ମହାସଂଘ ଚେଷ୍ଟା ଚଳାଇଛି। ଇଟାଲୀର ମାସିମୋ କନଷ୍ଟାଣ୍ଟିନିଙ୍କ ସହିତ ଚୁକ୍ତି ହେବା ସମ୍ଭାବନା ଅଛି।

**ପରମ୍ପରାରେ ବ୍ୟତିକ୍ରମ**

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ୧୨୮ ବର୍ଷର ଇତିହାସରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ଅଲିମ୍ପିକ୍ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତୁଥିବା କ୍ରୀଡ଼ାବିତ୍‌ମାନେ ଏଣିକି ୫୦ ହଜାର ଡଲାର ଲେଖାଏ ଅର୍ଥ ପୁରସ୍କାର ପାଇବେ। ସିଙ୍ଗଲ୍ସ କ୍ରୀଡ଼ାରେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିବାକୁ ଥିବା ୪୮ ଜଣ ଚାମ୍ପିୟନ୍ ଅର୍ଥ ପୁରସ୍କାର ପାଇବେ। ୨୦୨୮ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସରୁ ସ୍ୱର୍ଣ୍ଣ ସମେତ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜେତାମାନେ ମଧ୍ୟ ଅର୍ଥ ପୁରସ୍କାର ପାଇବେ। ୧୮୯୬ ମସିହାରେ ଗ୍ରୀସ୍ ରାଜଧାନୀ ଏଥେନ୍ସରେ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ଆରମ୍ଭ ହେବା ଦିନଠାରୁ ୨୦୨୦ଟୋକିଓ ଅଲିମ୍ପିକ୍ସ ଯାଏ ଅର୍ଥ ପୁରସ୍କାର ବ୍ୟବସ୍ଥା ହୋଇ ନ ଥିଲା। ୨୦୧୫ରେ ୱାର୍ଲ୍ଡ ଆଥଲେଟିକ୍ସ ସଂଗଠନ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତାମାନଙ୍କ ପାଇଁ ଅର୍ଥ ପୁରସ୍କାର କାର୍ଯ୍ୟକ୍ରମ ପ୍ରସ୍ତୁତ କରି ୨୦୧୬ ରିଓ ଅଲିମ୍ପିକ୍ସରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏହି ବ୍ୟବସ୍ଥା ଆନୁଷ୍ଠାନିକ ହୋଇପାରି ନ ଥିଲା। ଅଲିମ୍ପିକ୍ ପଦକ ହାସଲର ପ୍ରକୃତ ବଜାର ମୂଲ୍ୟ ନିରୂପଣ ସମ୍ଭବ ନୁହେଁ। ଜଣେ ପ୍ରତିଯୋଗୀ ଅଲିମ୍ପିକ୍ ଲାଗି ଗ୍ରହଣ କରିଥିବା ପ୍ରତିବଦ୍ଧତା ଏବଂ ତାଙ୍କ ଏକାଗ୍ରତାର ବି ମୂଲ୍ୟାୟନ ସମ୍ଭବ ନୁହେଁ। ପ୍ରତିଯୋଗୀମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନକୁ ପୁଞ୍ଜି କରି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ରାଜସ୍ୱ ଅର୍ଜନ କରୁଛି। ଏହାର ଠିକ୍ ବିନିଯୋଗ ପାଇଁ ୱାର୍ଲ୍ଡ ଆଥଲେଟିକ୍ସ ଗୁରୁତ୍ୱ ଦେଉଛି। ଏହାର ଅଧ୍ୟକ୍ଷ ସେବାଷ୍ଟିଆନ୍ କୋ ଦୁଇଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା। ଟୋକିଓ ଜାଭେଲିନ୍ ଥ୍ରୋ ଚାମ୍ପିୟନ ଭାରତର ନୀରଜ ଚୋପ୍ରା ୱାର୍ଲ୍ଡ ଆଥଲେଟିକ୍ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସୌଖୀନସ୍ତରୀୟ ଖେଳାଳିଙ୍କ ସକାଶେ ଅଲିମ୍ପିକ୍ କ୍ରୀଡ଼ା ଆରମ୍ଭ ହୋଇଥିଲେ ସୁଦ୍ଧା ୧୯୮୮ ସିଓଲ ଅଲିମ୍ପିକ୍ସରେ ପରିବର୍ତ୍ତନ ହୋଇଥିଲା। ସେଥର ଅଲିମ୍ପିକ୍ସ ଟେନିସ, ଫୁଟବଲ ଓ ଆଇସ ହକି ଇଭେଣ୍ଟରେ ପେସାଦାର ଖେଳାଳିମାନଙ୍କୁ ଅନୁମତି ମିଳିଥିଲା। ପରବର୍ତ୍ତୀ ଅଲିମ୍ପିକ୍ସର ଆଉ କେତୋଟି ଇଭେଣ୍ଟରେ ଏହି ନିୟମ ଲାଗୁ ହୋଇଥିଲା। ଦୌଡ଼କୁଦ ଇଭେଣ୍ଟଗୁଡ଼ିକ ଅଲିମ୍ପିକ୍ କ୍ରୀଡ଼ାର ପ୍ରମୁଖ ବିଭାଗ। ଏହି କ୍ରୀଡ଼ାଗୁଡ଼ିକରେ ଅଧିକ ସଂଖ୍ୟକ ପ୍ରତିଯୋଗୀ ରହୁଥିଲା ବେଳେ ଏହାର ଟିଭି ଦର୍ଶକ ସଂଖ୍ୟା ମଧ୍ୟ ଅଧିକ। ଏହାସତ୍ତ୍ୱେ ଅଲିମ୍ପିକ୍ ପଦକ ବିଜେତାମାନେ ଅର୍ଥ ଅଭାବର ସାମ୍ନା କରୁଛନ୍ତି।

–ସ୍ୱାଗତ ସମ୍ପଦ



## ଓମେନ ପାୱାର

ଆଥଲେଟିକ୍ସ ଜଗତରେ ରାଜ୍ କରି
କୁଇନ୍ ପାର୍ବତୀ ସେଠୀ
ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସରେ ପୁଣି
ଗୋଲ୍ଡେନ ଜିତିଛି ବେଟୀ
ତା' ପାଇଁ ଓଡ଼ିଶା ମାଟି
ଧନ୍ୟ ଆଜି ସିଏ ଗର୍ବ ଓ ଗୌରବ
ଦେଶ ପାଇଁ ରଚି କିର୍ତ୍ତୀ।



ଜାପାନ ଏୟାରଲାଇନ୍ସ ଚିଫ କାର୍ଯ୍ୟନିର୍ବାହୀ
ଅଧିକାରୀ ଷ୍ଟୋରି ଶୁଣ
ମିସୁକୋ ଟୋଟୋରୀ ନାମ୍ନୀ ଏହି ନାରୀ
ପରି କେହି ନାହିଁ ଜାଣ
ଦୃଢ଼ ନିଷ୍ଠା କର୍ମ ପଣ
ପାଇଁ ଆଟେଣ୍ଡାଣ୍ଟ, କ୍ୟାବିନ କ୍ରିଓ ପରେ
ସିଇଓ ଦେଖୁଥା ଗୁଣ।

ୱାର୍ଲ୍ଡ ସ୍ପୋର୍ଟ୍ସ ଓମେନ ଅଫ୍ ଦି ଓୟର
ସ୍ପେନିସର ଆଇଟାନା
ଲୌରିୟସ ପୁରସ୍କାର ପାଇ ଖୁସି
ଏରିସା ତ୍ରିଓକୁ ଅନା
ଯେଉଁ ଦେଶ ଯାଆ ନନା
ଓମେନ ପାୱାର ପାଇଁ ସେ ଦେଶ ସମୃଦ୍ଧ
ବ୍ୟାକ୍ ରହେ ନାରୀ ବିନା।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୩/୨୦୨୪ Bhubaneswar, Friday, May 3/ 2024

# ବର୍ତ୍ତମାନ ହାର୍ଦ୍ଦିକଙ୍କ ବିକଳ୍ପ ନାହାନ୍ତି: ଅଗରକର



ଖବରଦାତା ସମ୍ମିଳନୀରେ ରୋହିତ ଶର୍ମା ଓ ଅଜିତ୍ ଅଗରକର।

**ମୁମ୍ବାଇ,୨।୫(ପି.ଟି.)**

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁ ଥିବା ଟି ୨୦ କ୍ରିକେଟ ବିଶ୍ୱକପ୍ ପାଇଁ ୧୫ ଜଣିଆ ଭାରତୀୟ ଦଳ ମଙ୍ଗଳବାର ଘୋଷଣା କରାଯାଇଥିଲା। ଏହି ଦଳକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଗୁରୁବାର ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏକ ଖବରଦାତା ସମ୍ମିଳନୀ କରିଥିଲେ। ଫର୍ମରେ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପ ଅଧିନାୟକ ଘୋଷଣା କରାଯିବାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ତେବେ ଅଗରକର ଏହାକୁ ଠିକ୍ ନିଷ୍ପତ୍ତି ବୋଲି କହିଛନ୍ତି। ହାର୍ଦ୍ଦିକ ଯାହା କରନ୍ତି ଅନ୍ୟ କୌଣସି ଖେଳାଳି ଏହା କରିବା ସମ୍ଭବ ନୁହେଁ। ତେଣୁ ବର୍ତ୍ତମାନ ହାର୍ଦ୍ଦିକଙ୍କ ବିକଳ୍ପ ମିଳିବା ଅସମ୍ଭବ ବୋଲି କହିଛନ୍ତି ଅଗରକର। ସେହିପରି ଫିଟ୍ ଥିବାରୁ ହାର୍ଦ୍ଦିକ ସ୍ୱତଃସ୍ଫୂର୍ତ୍ତ ଭାବରେ ଚୟନ ହୋଇଥିବା ସେ କହିଛନ୍ତି। ଏପରି କି ବିନା ଆଲୋଚନାରେ ହିଁ ହାର୍ଦ୍ଦିକଙ୍କୁ ଉପ ଅଧିନାୟକ ଘୋଷଣା କରାଯାଇଥିଲା। ସେ ଶେଷ ଥର ପାଇଁ ୨୦୨୩ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ହାର୍ଦ୍ଦିକ ଖେଳୁଥିବା ବେଳେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ହାର୍ଦ୍ଦିକଙ୍କ ଉପସ୍ଥିତି ରୋହିତଙ୍କୁ ସନ୍ତୁଳନ ପ୍ରଦାନ କରିବ ବୋଲି ଅଗରକର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଇପିଏଲ୍ ୨୦୨୪ରେ ରୋହିତ ଶର୍ମାଙ୍କ ସ୍ଥାନରେ ମୁମ୍ବାଇ ଇଣ୍ଡିଆନ୍ସ ହାର୍ଦ୍ଦିକଙ୍କୁ ଅଧିନାୟକ ଦାୟିତ୍ୱ ଦେଇଥିଲା।

ସେହିପରି ଦ୍ୱିତୀୟ ଉଇକେଟକିପର ଭାବରେ ମଧ୍ୟକ୍ରମରେ ଜଣେ ବ୍ୟାଟର ଆବଶ୍ୟକ ଥିବାରୁ ଲୋକେଶ ରାହୁଲଙ୍କ ବଦଳରେ ସଞ୍ଜୁ ସାମସନଙ୍କୁ ସୁଯୋଗ ମିଳିଲା ବୋଲି କହିଛନ୍ତି ଅଗରକର। ରାହୁଲ ନିଃସନ୍ଦେହରେ ଜଣେ ଚମତ୍କାର ଖେଳାଳି। ତେବେ ସଞ୍ଜୁ ସାମସନ ମଧ୍ୟକ୍ରମରେ ଖେଳିବାର ଦକ୍ଷତା ରଖୁଥିବାରୁ ତାଙ୍କୁ ପ୍ରାଥମିକତା ଦିଆଗଲା ବୋଲି ଅଗରକର କହିଛନ୍ତି। ସେହିପରି ରିଙ୍କୁ ସିଂ ଓ ଶୁବମନ ଗିଲ୍‌ଙ୍କୁ ବାଦ୍ ଦେବା ଏକ କଷ୍ଟକର ନିଷ୍ପତ୍ତି ଥିଲା ବୋଲି କହିଥିଲେ ମୁଖ୍ୟ ଚୟନକର୍ତ୍ତା ଅଗରକର। ରୋହିତ ଶର୍ମାଙ୍କୁ ସ୍ପିନ୍ ବିକଳ୍ପ ପ୍ରଦାନ କରିବା ପାଇଁ ଏହି ୨ ଖେଳାଳିଙ୍କୁ ସାମିଲ କରିହେଲା ନାହିଁ ବୋଲି ଅଗରକର କହିଥିଲେ।

## ସନ୍ତୁଳନ ପାଇଁ ଆବଶ୍ୟକ ୪ ସ୍ପିନର: ରୋହିତ

ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ଦଳ ଚୟନକୁ ସମର୍ଥନ କରିଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା। ଗୁରବାର ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏକ ଖବରଦାତା ସମ୍ମିଳନୀରେ ଟିମ୍ ସମ୍ପର୍କରେ ସୂଚନା ଦେଇଥିଲେ। ଭାରତୀୟ ଦଳରେ ବିଶ୍ୱକପ ପାଇଁ ୪ ଜଣ ସ୍ପିନର ଓ ୩ ପେସରଙ୍କୁ ସାମିଲ କରାଯାଇଛି। ୱେଷ୍ଟଇଣ୍ଡିଜ ଓ ଆମେରିକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ରୋହିତ ସ୍ପଷ୍ଟ କରିଛନ୍ତି। ୱେଷ୍ଟଇଣ୍ଡିଜର ପିଚ୍ ଗୁଡିକ ଧୀମା ରହୁଥିବାରୁ ଦଳୀୟ ସନ୍ତୁଳନ ବଜାୟ ରଖିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ରୋହିତ ସ୍ପଷ୍ଟ କରିଛନ୍ତି। ଭାରତୀୟ ଦଳରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ରିଷ୍ଟ ସ୍ପିନର ଭାବରେ ରହିଥିବା ବେଳେ ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ଅଲରାଉଣ୍ଡର ଭାବେ ସ୍ଥାନ ପାଇଛନ୍ତି। ସମସ୍ତ ମ୍ୟାଚ୍ ଦିନରେ ଖେଳାଯିବ। ତେଣୁ କାକରର ସମ୍ଭାବନା ନ ଥିବାରୁ ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ରୋହିତ କହିଛନ୍ତି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଅଲରାଉଣ୍ଡର ଭୂମିକା ନିର୍ବାହ କରିବେ ବୋଲି କହିଛନ୍ତି ରୋହିତ।

# ସନରାଇଜର୍ସର ରୋମାଞ୍ଚକ ବିଜୟ

**ହାଇଦ୍ରାବାଦ,୨।୫**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁରୁବାର ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୧ ରନ୍‌ର ରୋମାଞ୍ଚକ ବିଜୟ ହାସଲ କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ପ୍ରଥମେ ବ୍ୟାଟିଂ କରି ସନରାଇଜର୍ସ ୨୦ ଓଭରରେ ୩ ଉଇକେଟ ହରାଇ ୨୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଜସ୍ଥାନ ୭ ଉଇକେଟ ହରାଇ ୨୦୦ ରନ୍ କରିପାରିଥିଲା।

ଟସ୍ ଜିତି ସନରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରିଥିଲା। ରାଜସ୍ଥାନ ଚମତ୍କାର ବୋଲିଂ କରି ହାଇଦ୍ରାବାଦକୁ ପାୱାର ପ୍ଲେରେ ୩୭/୨ରେ ସୀମିତ ରଖିଥିଲା। ୩୫ରନରେ ଦ୍ୱିତୀୟ ଉଇକେଟର ପତନ ଘଟିବା ପରେ ନୀତୀଶ ରେଡ୍ଡୀ(୭୬*) ଓ ଟ୍ରାଭିସ୍ ହେଡ୍(୫୮) ତୃତୀୟ ଉଇକେଟରେ ୯୬ ରନ୍ ଯୋଡ଼ିଥିଲେ। ହେଡ୍ ୪୪ ବଲ୍ ଖେଳି ୬ ଚୌକା ଓ ୩ ଛକା ମାରିଥିଲେ। ନୀତୀଶ ୪୨ ବଲ୍ ଖେଳି ୩ ଚୌକା ଓ ୮ ଛକା ମାରିଥିଲେ। ହେଡ୍ ଆଉଟ ହେବା ପରେ ହେନରିଚ୍ କ୍ଲାସେନ୍(୪୨*)ଙ୍କ ସହ ମିଶି ଚତୁର୍ଥ ଉଇକେଟରେ ୭୦ ରନ୍ ଯୋଡିଥିଲେ ନୀତୀଶ। ରାଜସ୍ଥାନ ପକ୍ଷରୁ ଆଭେଶ୍ ଖାନ୍ ୨ ଓ ସନ୍ଦୀପ ଶର୍ମା ୧ ଉଇକେଟ ନେଇଥିଲେ। ୨୦୨ ରନ୍‌ର ପିଛା କରି ରାଜସ୍ଥାନ ପ୍ରଥମ ଓଭରରେ ୨ ଉଇକେଟ ହରାଇଥିଲା। ତେବେ ରିୟାନ ପରାଗ(୭୭) ଓ ଯଶସ୍ୱୀ ଜୟସ୍ୱାଲ(୬୭) ତୃତୀୟ ଉଇକେଟରେ ୧୩୪ ରନ୍ ଯୋଡିଥିଲେ। ଉଭୟ ଖେଳାଳି ଆଉଟ ହେବା ପରେ ରାଜସ୍ଥାନ ଇନିଂସ ଦିଗହରା ହୋଇ ଯାଇଥିଲା। ଅନ୍ତିମ ଓଭରରେ ୧୩ ରନ୍ ଆବଶ୍ୟକ ଥିବା ବେଳେ ପ୍ରଥମ ୫ ବଲରୁ ରୋଭମାନ ପାୱେଲ ୧୧ ରନ୍ କରିଥିଲେ। ଶେଷ ବଲରେ ୨ ରନ୍ ଆବଶ୍ୟକ ଥିବା ବେଳେ ଏକ ଫୁଲଟସ୍ ବଲରେ ଲେଗ ବିଫୋର ହୋଇଥିଲେ ପାୱେଲ। ହାଇଦ୍ରାବାଦ ପକ୍ଷରୁ ଭୁବନେଶ୍ୱର କୁମାର ୩, ପ୍ୟାଟ୍ କୁମିନ୍ସ ଓ ଟି. ନଟରାଜନ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ କୋଲକାତା**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶଟ୍ ଖେଳିବା ଅବସରରେ ନୀତୀଶ ରେଡ୍ଡୀ।

**ସଂକ୍ଷିପ୍ତ ସ୍କୋର**

ହାଇଦ୍ରାବାଦ ୨୦ ଓଭରରେ ୨୦୧/୩ (ନୀତୀଶ ରେଡ୍ଡୀ-୭୬*, ଟ୍ରାଭିସ୍ ହେଡ୍-୫୮, ହେନରିଚ୍ କ୍ଲାସେନ୍-୪୨*, ଆଭେଶ୍ ଖାନ୍-୨/୩୯, ସନ୍ଦୀପ ଶର୍ମା-୧/୩୧)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୦୦/୭ (ରିୟାନ ପରାଗ-୭୭, ଯଶସ୍ୱୀ ଜୟସ୍ୱାଲ-୬୭, ରୋଭମାନ ପାୱେଲ-୨୭, ଭୁବନେଶ୍ୱର କୁମାର-୩/୪୧, ପ୍ୟାଟ କୁମିନ୍ସ-୨/୩୪, ଟି ନଟରାଜନ-୨/୩୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୧୦ | ୮ | ୨ | ୧୬ | +୦.୬୨୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୬ | ୩ | ୧୨ | +୧.୦୯୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୬ | ୪ | ୧୨ | +୦.୦୯୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୫ | ୧୦ | +୦.୬୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | -୦.୪୪୨ |
| ପଞ୍ଜାବ କିଙ୍ଗ୍ସ | ୧୦ | ୪ | ୬ | ୮ | -୦.୦୬୨ |
| ଗୁଜରାଟ ଟାଇଟନ୍ସ | ୧୦ | ୪ | ୬ | ୮ | -୧.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୩ | ୭ | ୬ | -୦.୨୭୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚାମ୍ପିୟନ

**ସଚିବାଳୟ ଅନ୍ତର୍ବିଭାଗୀୟ କ୍ରୀଡା**

**ଭୁବନେଶ୍ୱର,୨।୫**
**(ସରୋଜ ଜେନା)**



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ସଚିବାଳୟ ଅନ୍ତର୍ବିଭାଗୀୟ ଭଲିବଲ (ପୁରୁଷ) ଏବଂ ଥ୍ରୋ ବଲ (ମହିଳା) ପ୍ରତିଯୋଗିତାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସାଂସ୍କୃତିକ ସଂସଦ ଦ୍ୱାରା ଏପ୍ରିଲ ୩ରୁ ସଚିବାଳୟ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଏହି ପ୍ରତିଯୋଗିତା। ଏଥିରେ ୨୯ଟି ବିଭାଗ ଅଂଶଗ୍ରହଣ କରିଥିଲେ। ଭଲିବଲ (ପୁରୁଷ) ଫାଇନାଲ ମ୍ୟାଚରେ ଅଧିନାୟକ ଦେବରାଜ ନାୟକଙ୍କ ନେତୃତ୍ୱରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ହରାଇ ଚାମ୍ପିୟନ ହୋଇଥିଲା। ସେହିପରି ମହିଳା ଥ୍ରୋ ବଲ ଫାଇନାଲରେ ରେନବୋ ଦଳ ଚାମ୍ପିୟନ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ରନର ଅପ୍ ରହିଥିଲା।




# ଓଡ଼ିଶା ଏଫ୍‌ସି ମହିଳା ଦଳକୁ ଫିଫାର ଅଭିନନ୍ଦନ

**ଭୁବନେଶ୍ୱର, ୨।୫**
**(ତପନ ସ୍ୱାଇଁ)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ୨୦୨୩-୨୪ ଟାଇଟଲ ଜିତିଥିବାରୁ ଓଡ଼ିଶା ଏଫ୍‌ସିକୁ ଅଭିନନ୍ଦନ ଜଣାଇଛି ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା। ଏ ସମ୍ପର୍କରେ ଫିଫା ପକ୍ଷରୁ ଓଏଫ୍‌ସିକୁ ଏକ ଅଭିନନ୍ଦନ ପତ୍ର ପ୍ରେରଣ କରାଯାଇଛି। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ମାଧ୍ୟମରେ ଏହି ଅଭିନନ୍ଦନ ପତ୍ର ଦେଇଛନ୍ତି। ଓଡ଼ିଶା ଏଫ୍‌ସି ନିଜ ସଫଳତା ପଥରେ ଏକ ମାଇଲଖୁଣ୍ଟ ସ୍ଥାପନ କରି ଆସନ୍ତା ସିଜନର ଏଏଫ୍‌ସି ମହିଳା ଚାମ୍ପିୟନ୍ସ ଲିଗ୍‌ରେ ନିଜ ସ୍ଥାନ ସୁରକ୍ଷିତ କରିଛି। ୨୦୨୩-୨୪ ଆଇଡବ୍ଲ୍ୟୁଏଲ୍ ସିଜନରେ ଓଡ଼ିଶା ଏଫ୍‌ସି ପ୍ରଭାବୀ ପ୍ରଦର୍ଶନ କରିଥିଲା। ୧୦ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ମାତ୍ର ଗୋଟିଏରେ ପରାଜିତ ହୋଇଥିଲା। ଓଡ଼ିଶା ଏଫ୍‌ସିର ଏହି ସଫଳତା କେବଳ କ୍ଲବ ପାଇଁ ଗୌରବ ଆଣିନାହିଁ ଫୁଟବଲ ଖେଳୁଥିବା ଦେଶର ଅଗଣିତ ବାଳିକାଙ୍କ ସ୍ୱପ୍ନକୁ ସାକାର କରିବାକୁ ଉତ୍ସାହିତ କରିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ